ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଫେବୃଆରି ୨୦୨୬



## ଓଡ଼ିଆ ସାହିତ୍ୟର ନବଦିଗନ୍ତ

Vol-4 • Issue-12 • February 2026 • Monthly • Rs.50 • 72 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୧୨ • ଫେବ୍ରୁଆରି ୨୦୨୬ • ମାସିକ • ଟ.୫୦ • ୭୨ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**କମଳକୁମାରୀ ଦାଶ**
**ଦେବାଶିଷ ମୁଦୁଲି**

ପାଠ-ସଂଶୋଧକ
**ପ୍ରଭାତ ରଞ୍ଜନ ବେହୁରା**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୭୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୫୦/-**

## ।। ସୂଚୀ ।।


| | |
|---|---|
| ପାଠକଙ୍କ ମତାମତ | ୦୨ |
| ସାହିତ୍ୟରେ ଖୁଆଡ଼ (ସମ୍ପାଦକୀୟ) | ୦୩ |
| ପାଠକର କବି (ପ୍ରବନ୍ଧ) ସେନାପତି ପ୍ରଦ୍ୟୁମ୍ନ କେଶରୀ | ୦୫ |
| ମୁଁ କବିଙ୍କ ଘରଣୀ କହୁଛି (ରମ୍ୟରଚନା): ଡ. କୁଳାଙ୍ଗାର | ୧୦ |
| ଯତିପାତ (କବିତା): ନିଖିଳେଶ ମିଶ୍ର | ୧୩ |
| ଓଡ଼ିଆ ସାହିତ୍ୟରେ ପୁନର୍ଲିଖନ (ପ୍ରବନ୍ଧ): ରମାକାନ୍ତ ନାୟକ | ୧୪ |
| ମିଛ ସୋହାଗ (ଗଳ୍ପ): ଜୟନ୍ତୀ ସାହୁ | ୨୦ |
| ଶବ୍ଦାର୍ଥ ପ୍ରକରଣରେ ବିବିଧତା (ପ୍ରବନ୍ଧ): ଗୋପାଳକୃଷ୍ଣ ଆଚାର୍ଯ୍ୟ | ୨୩ |
| ଫର୍ଦ୍ଦେ ଜୀବନ (ଅନୁଭୂତି): ଶୈଳବାଳା ମହାପାତ୍ର | ୨୭ |
| ଏଜ୍‌ରା ପାଉଣ୍ଡଙ୍କ କାବ୍ୟଚିନ୍ତନ ଓ ଓଡ଼ିଆ କବିତା (ପ୍ରବନ୍ଧ): ଉଦୟନାଥ ସାହୁ | ୩୦ |
| ପରିତ୍ୟକ୍ତ ପାନ୍ଥଶାଳା (ଗଳ୍ପ): ସଚ୍ଚିଦାନନ୍ଦ କର | ୩୬ |
| ପ୍ରବୀଣ କଥାକାର ରବି ସ୍ୱାଇଁଙ୍କ ସହିତ ବାର୍ତ୍ତାଳାପ (ସାକ୍ଷାତକାର) | ୪୨ |
| ଘାସଟ୍ରଷ୍ଟ (ଧାରାବାହିକ ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୪୬ |
| ଅଭିମନ୍ୟୁ ଓ ଭଞ୍ଜଙ୍କ କାବ୍ୟମାନସରେ କିଂବଦନ୍ତୀ (ପ୍ରବନ୍ଧ): ନିଖିଳାନନ୍ଦ ପାଣିଗ୍ରାହୀ | ୫୦ |
| ମର୍ଣ୍ଣିଙ୍ଗ୍ ୱାକ୍ (ଅନୁବାଦ ଗଳ୍ପ): ଅଶୋକ କୁମାର ସା | ୫୬ |
| ଓଡ଼ିଆ ସାହିତ୍ୟରେ ବିବର୍ତ୍ତିତ ନାରୀର ସ୍ୱର (ପ୍ରବନ୍ଧ): ଗୀତାରାଣୀ ବିଶୋୟୀ | ୬୦ |
| ମାଟିର ମାୟା (ଗଳ୍ପ): ନିର୍ମଳ କୁମ୍ଭାର | ୬୪ |
| କବିତା ଲେଖା ସରିନାହିଁ (କବିତା) ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ | ୬୬ |
| ଦୁଇଟି ଅଣୁଗପ (ଗଳ୍ପ): ଲକ୍ଷ୍ମୀଧର ସାହୁ | ୬୭ |
| ତୋ'ର ବଳକୁ ମୋ'ର ବୁଦ୍ଧି (ଶିଶୁଗଳ୍ପ): ପ୍ରେମାନନ୍ଦ ନାୟକ | ୬୮ |
| ସମୟ ସମୁଦ୍ର ସ୍ୱର୍ଗଦ୍ୱାର (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୭୦ |
| ସାହିତ୍ୟ ସମାଚାର | ୭୧ |
| ନ୍ୟାସାପହ୍ନୁତି (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୭୨ |

★ ଏହି ପତ୍ରିକାରେ ପ୍ରକାଶିତ ଲେଖକମାନଙ୍କର ବକ୍ତବ୍ୟ ଓ ଅଭିମତ ସେମାନଙ୍କର ନିଜସ୍ୱ ଏବଂ ଆମେ ସେଥିସହିତ ସହମତ ଥିବା ଜରୁରି ନୁହେଁ।

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା'ର ଜାନୁଆରୀ ୨୦୨୬ ସଂଖ୍ୟାରେ ପ୍ରକାଶିତ ଶୀର୍ଷକ ମଧ୍ୟରୁ ମୋତେ ବେଶ୍ ଆକର୍ଷିତ କଲା ବୈଷ୍ଣବ ଚରଣ ମହାନ୍ତିଙ୍କ 'ପତ୍ରଂ ଗଳିତଂ ଥପଂ ଥପଂ: ଆମ ଭାଷା ପ୍ରସଙ୍ଗ' ଶୀର୍ଷକ ପ୍ରବନ୍ଧ। ଏହି ପ୍ରବନ୍ଧରେ ପ୍ରଶାସନ ସ୍ତରରେ ଭାଷାର ବ୍ୟବହାର ଠାରୁ ଆରମ୍ଭ କରି ମଫସଲରେ ଭାଷାର ବିକୃତ ବ୍ୟବହାର କଥା ଉଲ୍ଲେଖ ଅଛି। କେବଳ ଗୋଟିଏ ଗୋଟିଏ ପୁସ୍ତକ ବାହାର କରିଦେଲେ ହେବନାହିଁ, ପୁସ୍ତକର କାର୍ଯ୍ୟକାରିତା ସଂପର୍କରେ ମଧ୍ୟ ପ୍ରଶାସନ ସ୍ତରରେ ଚିନ୍ତା କରିବାର ଆବଶ୍ୟକତା ଅଛି। ବହୁବର୍ଷ ହେଲାଣି ସରକାରୀ ସ୍ତରରେ ଓଡ଼ିଆ ଭାଷାରେ ସମସ୍ତ ପ୍ରଶାସନ କାର୍ଯ୍ୟ କରିବାକୁ ଚିଠି ଜାରି ହେଉଥିଲେ ମଧ୍ୟ ଏହାକୁ ତିଳେ ମାତ୍ର ଭ୍ରୁକ୍ଷେପ କରୁନାହାନ୍ତି ଅଧିକାରୀମାନେ। ଏଇ ଜାନୁଆରୀ ମାସରେ ମଧ୍ୟ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି, ଦେଖାଯାଉ ତାହା କେତେ ସଫଳ ହେଉଛି !

**ଅଭିଷେକ ଆଚାର୍ଯ୍ୟ**
abhishekacharya21@gmail.com


ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା: info@sahityacharcha.com

ଜାନୁଆରୀ ମାସର 'ସାହିତ୍ୟ ଚର୍ଚ୍ଚା' ପଢ଼ିଲି। ପ୍ରାୟ ସମସ୍ତ ପ୍ରବନ୍ଧ ମୋତେ ବେଶ୍ ଆକୃଷ୍ଟ କଲା। ପ୍ରବନ୍ଧରେ ଅନେକ ନୂତନ ଚେତନା ସମ୍ପର୍କରେ ଜାଣିବାକୁ ପାଇଲି। ବୈଷ୍ଣବ ଚରଣ ମହାନ୍ତି, ପ୍ରଫୁଲ୍ଲ ତ୍ରିପାଠୀ, ଲିଙ୍ଗରାଜ ପ୍ରଧାନଙ୍କ ପ୍ରବନ୍ଧରୁ ଅନେକ ଅନାଲୋଚିତ ତଥ୍ୟ ଜାଣିଲି। ଅଜୟ ମିଶ୍ରଙ୍କ ବ୍ୟଙ୍ଗ ଗଳ୍ପ ସବୁବେଳେ ନୂଆ ନୂଆ କଥା ଉପରେ ଆଧାରିତ ହୋଇଥାଏ। ଗଳ୍ପ ମଧ୍ୟରେ ପ୍ରଫୁଲ୍ଲ ବାରିକଙ୍କ 'ପୁନର୍ଜନ୍ମ', ରୋହିତ ଦାଶଙ୍କ 'ବିଶ୍ୱରୂପ' ଓ ସତ୍ୟ ମିଶ୍ରଙ୍କ 'ମୌସୁମୀର ଶେଷବର୍ଷା' ମଧ୍ୟ ଭଲ ଲାଗିଲା।

**ସଞ୍ଜୟ କୁମାର ସାହୁ**
sanjaysahuku9@gmail.com

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଜାନୁଆରୀ ୨୦୨୬ ସଂଖ୍ୟା ନବବର୍ଷର ଅଭିନନ୍ଦନ ସହ ପ୍ରାପ୍ତ ହେଲି ।

ସଂପାଦନା ହେଉଛି ମନ୍ଦିରର ମୁଖଶାଳା ପରି । ଏଥିରେ ସ୍ପଷ୍ଟ ହୋଇଥାଏ ଆଭ୍ୟନ୍ତରୀଣ ସୃଷ୍ଟିର ମର୍ଯ୍ୟାଦା । ସେହିଭଳି ଏ ସଂଖ୍ୟାରେ ସ୍ଥାନିତ ସଂପାଦକୀୟ ଏକ ଉଦାହରଣ ରୂପେ ନିଆଯାଇପାରେ । ମୁଦ୍ରିତ ପୁସ୍ତକ ଓ ଡିଜିଟାଲ ପୁସ୍ତକ ମଧ୍ୟରେ ଏକ ବିଶ୍ଳେଷଣାତ୍ମକ ଆଲେଖ୍ୟ ସୂଚିତ କରାଯାଇଛି ଯାହାକି ପ୍ରକାଶକମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇପାରେ।

ମୁଖଶାଳା ଦେଇ ଅନ୍ତଃଗହ୍ୱରକୁ ପ୍ରବେଶ କଲାପରେ ଦର୍ଶନ କରିବାକୁ ହେଲା ବିଭିନ୍ନ ପ୍ରତିମାମାନଙ୍କୁ । ପ୍ରବନ୍ଧ ଓ ସାକ୍ଷାତକାରଗୁଡ଼ିକ ସେହିଭଳି ଲାଗିଲା । ସାକ୍ଷାତକାର ସ୍ତମ୍ଭରେ ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହିଙ୍କ ସଂପର୍କରେ ଅନେକ ରୋଚକ କଥା ଉଦ୍‌ଘାଟିତ ହୋଇପାରିଛି । ସେ ଆମ ଘରପାଖରେ (ୟୁନିଟ ୮ରେ) ରହୁଥିଲେ। ଅନେକ ଥର ଯାଇଛି, ଗପ ବିଷୟରେ ଆଲୋଚନା କରିଛି । ତାଙ୍କ ଘରପାଖରେ (ଡି ଟାଇପ ଘରେ) ଡ. ସୁରେନ୍ଦ୍ର କୁମାର ମହାରଣା ରହୁଥିଲେ । 'ଓଡ଼ିଆ ସାହିତ୍ୟର ଇତିହାସ'ର ପ୍ରଣେତା ଡ. ମହାରଣାଙ୍କର ସାକ୍ଷାତକାର ପ୍ରକାଶ ପାଇଲେ (ଯଦି ପୂର୍ବରୁ ହୋଇନଥାଏ) ଭଲ ହୁଅନ୍ତା ।

ପ୍ରବନ୍ଧଗୁଡ଼ିକ ନିର୍ବାଚିତ ଓ ମନନଶୀଳ ପରି ହୃଦବୋଧ ହେଲା । 'ମୌସୁମୀର ଶେଷ ବର୍ଷା' ଗଳ୍ପରେ ଭିଜିଭିଜି ବିଶ୍ୱରୂପକୁ ଦେଖିଦେଲା ପରେ ପୁନର୍ଜନ୍ମ କଥା ମନେପଡ଼ିଗଲା। ହଁ ଏ ସଂଖ୍ୟାରେ ଅଣୁନାଟକଟିଏ ସ୍ଥାନ ପାଇଛି, ଯେଉଁଥିରେ ଅଳ୍ପ ସମୟରେ ନାଟକର ଚରିତ୍ରକୁ ବୁଝିହେଇଗଲା। ସ୍ୱପ୍ନ ବଗିଚାର ଫୁଲକୁ ସାଉଁଟିଲାବେଳକୁ ମଶାଣିର ଫୁଲକୁ ଦେଖିଦେଇ କେମିତି କେଜାଣି ଭାବ ସମୁଦ୍ରରେ ଗାଧେଇବାକୁ ହେଲା ।

**କୁଞ୍ଜ ବିହାରୀ ସାହୁ**
kunjasahu63@gmail.com

**ସମ୍ପାଦକୀୟ**

# ସାହିତ୍ୟରେ ଖୁଆଡ଼

କିଛି ବର୍ଷ ତଳେ କୌଣସି ଏକ ପତ୍ରିକାରେ ପ୍ରବୀଣ ଓ ନବୀନ କବିମାନଙ୍କ କବିତାଗୁଡ଼ିକ ଦୁଇଟି ପୃଥକ ବର୍ଗରେ ଥାଇ ପ୍ରକାଶିତ ହେବାର ଦେଖି ଗୋଟିଏ ଭାବନା ଆମ ମନକୁ ଆସିଥିଲା ଯେ ସାରସ୍ୱତ ସ୍ରଷ୍ଟାମାନଙ୍କ ମଧ୍ୟରେ ଏମିତି ବୟସଜନିତ ବର୍ଗୀକରଣ ବା କାହିଁକି ? ଜଣେ ଲେଖକଙ୍କୁ ପ୍ରବୀଣ ବା ନବୀନ ଭାବରେ ଚିହ୍ନିତ କରିବାରେ କିଛି ଅସ୍ୱାଭାବିକତା ନାହିଁ, କିନ୍ତୁ ସେମାନଙ୍କର ଲେଖାକୁ ଦୁଇଟି ଅଲଗା ଅଲଗା ଖୁଆଡ଼ରେ ଥୋଇ ଏହି ଦୁଇଟି ବର୍ଗଙ୍କୁ ପରସ୍ପରଠାରୁ ନିରାପଦ ଦୂରତ୍ୱରେ ରଖାଯିବାର ଔଚିତ୍ୟ ବା କ'ଣ ? ଟିକିଏ ତଳେଇ କରି ବୁଝିବାକୁ ଚେଷ୍ଟାକଲେ ଜଣାଯିବ ଯେ ଏହି ମନୋଭାବର ମୂଳରେ ଥାଏ ଲେଖକୀୟ ଅହଂବୋଧ। କିଛିଜଣ ପ୍ରତିଷ୍ଠିତ ଲେଖକ ଉଦୀୟମାନ ଲେଖକମାନଙ୍କ ଗହଣରେ ଦିଶିବାକୁ ଅସହଜ ମଣନ୍ତି। ସେମାନେ ଧରିନିଅନ୍ତି ଯେ ଅଧିକ ବୟସ ଧରି ସୃଜନ କର୍ମରେ ଲିପ୍ତ ଥିବା ଯୋଗୁଁ ସେମାନେ ଏକ ଭିନ୍ନ ଉଚ୍ଚତା ପାଇବା ପାଇଁ ହକ୍‌ଦାର; ଅର୍ଥାତ୍ ବାଳୁତମାନଙ୍କ ସହିତ ସେମାନେ ଗୋଟିଏ ଗୋଠରେ ଦିଶିବା ଉଚିତ ନୁହଁ ।




କିନ୍ତୁ ନିରପେକ୍ଷ ଭାବରେ ବିଚାର କଲେ, ଜଣେ ସାହିତ୍ୟିକର ପ୍ରକୃତରେ କୌଣସି ବୟସ ଥାଏ କି ? ନା ସାହିତ୍ୟର ? ଜଣେ କନିଷ୍ଠ ଲେଖକ ବା କବିଙ୍କଠାରୁ ଉଚ୍ଚତର ଏକ ଆସନରେ ଅଧିଷ୍ଠିତ ହେବାର କାମନା କରୁଥିବା ବରିଷ୍ଠମାନେ ହୁଏତ ଭୁଲିଯାଆନ୍ତି ଯେ ନିଜ ଜୀବନର ସୁଦୀର୍ଘ ସାରସ୍ୱତ ଯାତ୍ରାପଥରେ ସେମାନେ ମଧ୍ୟ ଦିନେ କନିଷ୍ଠ ଥିଲେ; ଏପରିକି ନିଜ ଜୀବନର ଶ୍ରେଷ୍ଠତମ ଲେଖା ହୁଏତ ସେମାନେ ସେହି କନିଷ୍ଠ ବୟସରେ ହିଁ ଲେଖିଥିଲେ।

ଅବଶ୍ୟ ଏହି ପ୍ରସଙ୍ଗରେ ସୁଖଦ ଦୃଶ୍ୟଟିଏ ଆମକୁ ଥରେ ଦେଖିବାର ଅବସର ମିଳିଥିଲା। ଜଣେ ଅତି ବୟୋଜ୍ୟେଷ୍ଠ ସାହିତ୍ୟିକ ନିଜଠାରୁ ବୟସରେ କନିଷ୍ଠ ଜଣେ ଲେଖକଙ୍କୁ ସାମନାରେ ପାଇ ତା'ଙ୍କୁ ହାତଯୋଡ଼ି ନମସ୍କାର କରନ୍ତେ ସେହି ଯୁବସ୍ରଷ୍ଟା ଜଣକ ଲଜ୍ଜିତ ଅନୁଭବ କରି ତାଙ୍କୁ କହିଥିଲେ, 'ସାର୍, ଆପଣ ମୋତେ କାହିଁକି ନମସ୍କାର କରୁଛନ୍ତି ? ମୁଁ ତ ଆପଣଙ୍କଠାରୁ ବୟସରେ ବହୁତ ସାନ।' ତହୁଁ ସେହି ବର୍ଷୀୟାନ ସ୍ରଷ୍ଟା ଜଣକ ତାଙ୍କୁ ବୁଝାଇ ଦେଇଥିଲେ ଯେ ଲେଖକ ଓ କଳାକାର ଭଳି ସାରସ୍ୱତ ସ୍ରଷ୍ଟାମାନଙ୍କୁ କେବେ ବି ସେମାନଙ୍କ ବୟସ ଆଧାରରେ ମପା ଯାଇନପାରେ; ଯେଉଁ ବୟସର ହୋଇଥିଲେ ବି ସେମାନେ ସଦା ଅନ୍ୟମାନଙ୍କର ନମସ୍ୟ।

ଏହି ପ୍ରସଙ୍ଗରେ ଆମେ ସାହିତ୍ୟରେ କନିଷ୍ଠ ଲେଖକମାନଙ୍କ ଭୂମିକା ବିଷୟରେ ଚର୍ଚ୍ଚା କରିବାବେଳେ ସ୍ୱତଃ ସ୍ମରଣକୁ ଆସନ୍ତି ଅଶୋକ ଚନ୍ଦନ, କନ୍‌ହେଇ ଲାଲ, ବସନ୍ତ ମୁଦୁଲି, ଅଖିଳ ନାୟକ ଓ ଶିବ ନାରାୟଣ ଗନ୍ତାୟତଙ୍କ ଭଳି ଦିବଂଗତ ଲେଖକ ଓ କବିମାନେ ଯେଉଁମାନେ ଅଳ୍ପ ବୟସରେ ସଂସାରରୁ ବିଦାୟ ନେଇଥିଲେ ହେଁ ଓଡ଼ିଆ ସାହିତ୍ୟରେ ନିଜର ଅମ୍ଳାନ ଛାପ ଛାଡ଼ି ଯାଇଛନ୍ତି।

ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ କବି ଉଇଲିଅମ୍ ୱାର୍ଡସୱାର୍ଥ ନିଜର ଗୋଟିଏ କବିତାରେ ଯେତେବେଳେ ଲେଖିଲେ ଯେ 'ଚାଇଲ୍ଡ୍ ଇଜ୍ ଦି ଫାଦର୍ ଅଫ୍ ମ୍ୟାନ୍' ତାଙ୍କର ଉଦ୍ଦେଶ୍ୟ ଥିଲା ମଣିଷର ଏହି ବୟସ ଜନିତ ଅହଂକୁ ଧ୍ୱସ୍ତ କରିବା। ପୂର୍ବେ ଆମ ପତ୍ରିକାର ପୃଷ୍ଠା ମଣ୍ଡନ କରିଥିବା ଜଣେ ବୟୋଜ୍ୟେଷ୍ଠ ଲେଖକ ଥରେ ଅଭିଯୋଗ କରିବସିଲେ ଯେ ତାଙ୍କୁ ଆମେ କନିଷ୍ଠ ବୟସର ଲେଖକମାନଙ୍କ ଗହଣରେ ସ୍ଥାନ ଦେଇଛୁ । ୱାର୍ଡସୱାର୍ଥଙ୍କ ଉପରୋକ୍ତ ଉକ୍ତିକୁ ସ୍ମରଣକରି ସେ କିନ୍ତୁ ଖୁସି ହେବାର କଥା ଯେ କନିଷ୍ଠମାନଙ୍କ ସହିତ ନୁହଁ, ବରଂ ସେ ନିଜର ପିତୃତୁଲ୍ୟ ସ୍ରଷ୍ଟାମାନଙ୍କ ସହିତ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୬୦୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୬୦୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

| | |
|---|---|
| *IFS Code* | : CNRB0018007 |
| *Account No.* | : 120000048648 |
| *Account Name* | : Sahitya Charcha |

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର
୧୨. ଉଦୟନାଥ ସାହୁ
୧୩. ନାରାୟଣ ମହାନ୍ତି
୧୪. ସିନିରୁଦ୍ଧ ଦାଶ
୧୫. ଦେବୀ ପ୍ରସନ୍ନ ପଟ୍ଟନାୟକ
୧୬. ନାରାୟଣ ଚନ୍ଦ୍ର ପଣ୍ଡା
୧୭. ସୌମ୍ୟ ରଞ୍ଜନ ପଟ୍ଟନାୟକ
୧୮. ଧୀରେନ୍ଦ୍ର କର
୧୯. ନିଖିଳ ମୋହନ ପଟ୍ଟନାୟକ
୨୦. ଅଳକା ନନ୍ଦ
୨୧. ସୁକୁମାର ଦାଶ
୨୨. ରାଜେନ୍ଦ୍ର ବର୍ମ୍ମା


ପ୍ରବନ୍ଧ

# ପାଠକର କବି



ସେନାପତି ପ୍ରଦ୍ୟୁମ୍ନ କେଶରୀ

"କବିତା କାହାର ? କବିର ନା ପାଠକର?" ଏଭଳି ଏକ ପ୍ରଶ୍ନ ଆଜି କାହିଁକି ମନକୁ ଆନ୍ଦୋଳିତ କରେ ? କବି କ'ଣ ସତରେ ତା'ର ବେଦନା ବା ଆନନ୍ଦ ଭିତରୁ ଭୂମିଷ୍ଠ ଆତ୍ମଜକୁ ଆଉ କାହାପାଇଁ ଜନ୍ମ ଦିଏ ? ଯଦି ଏ କଥା ସତ, ତେବେ କେତେକ ବରିଷ୍ଠ କବି ଏପରି କାହିଁକି କହନ୍ତି ଯେ, "ମୋ' କବିତା କେହି ପଢୁ କି ନ ପଢୁ; ମୁଁ ନିଜ ପାଇଁ କବିତା ଲେଖେ ।" ଆପଣା ଅନ୍ତର ଭିତରର ଅନନ୍ତ ପୀଡ଼ାରୁ ସାମୟିକ ମୁକ୍ତି ପାଇବାଲାଗି ସେମାନେ କବିତାକୁ ଜନ୍ମ ଦେଇଥା'ନ୍ତି ବୋଲି ଯେଉଁ ସଫେଇ ଦିଅନ୍ତି ତା'ର ସତ୍ୟତା ପରୀକ୍ଷା ସାପେକ୍ଷ । ଏଇଠି ପ୍ରଶ୍ନ ଉଠେ, କୌଣସି କବିତା ପାଠକ ବିନା କ'ଣ ବଞ୍ଚି ରହିପାରେ ? କବିଟିଏ କବିତାର ଜନ୍ମଦାତା ସତ, କିନ୍ତୁ କବିତାଟିଏ ଜନ୍ମ ନେଲାପରେ ସେ ଆଉ କବିର ହୋଇ ରହେନି; ସେ ଏକ ବୃହତ୍ତର ଆତ୍ମିକ ଗୋଷ୍ଠୀର ସମ୍ପତ୍ତି ପାଲଟିଯାଏ । କବିତା ତ ସେଇ 'ଆର ଜଣକ' ପାଇଁ ଲେଖାଯାଏ, ଯିଏ କବିର ପ୍ରଶ୍ନାକୁଳ ମନ, ଅପାରଗତା-ଅବବୋଧର ଅସହନୀୟ ଦୁଃଖ ଓ କବିତାର ଅନ୍ତିମ ଶବ୍ଦାୟନର ଅସୀମ ଆନନ୍ଦକୁ ବୁଝେ, ଆପଣାର କରିନିଏ ।" ସେଇ 'ଆର ଜଣକ'କୁ ଶାସ୍ତ୍ରରେ 'ସମଧର୍ମା' ବୋଲି କୁହାଯାଇଛି । ରସଗ୍ରାହୀ, ବିଦଗ୍ଧ ପାଠକ ସମ୍ପର୍କରେ କୁହାଯାଇଛି-



"ବିବେକୀ ଗ୍ରାହକ କୋଟି କବି ଆୟୁ ଘେନି
ବଞ୍ଚିଥିଲେ କବି କବିତ୍ୱ କି ହେବ ମ୍ଳାନି ହେ ।"
(ବିଦଗ୍ଧ ଚିନ୍ତାମଣି, ଅଭିମନ୍ୟୁ ସାମନ୍ତସିଂହାର)

ମଣିଷ ଜୀବନ ପାଇଁ କବିତା କେତେ ଉପଯୋଗୀ, ଏହା କୌଣସି କାଳରେ ବି ଏକ ତର୍କ ସମ୍ମତ ବିଷୟ ନଥିଲା । କାରଣ କବିତାକୁ କୌଣସି ନିତିଦିନିଆ ବସ୍ତୁ, କୌଣସି ପ୍ରାପ୍ତି କିମ୍ବା ପ୍ରବୃତ୍ତି ସହ ତୁଳନା କରାଯାଇନପାରେ । କବିତା କ୍ଷୁଧାର୍ତ୍ତର ଜଠରାଗ୍ନିକୁ ନିର୍ବାପିତ କରିନପାରେ, ଆହତର ଶିରାପ୍ରଶିରାରୁ ଯନ୍ତ୍ରଣା ଉପଶମ କରିନପାରେ, ସୁନାମି, ଭୂକମ୍ପ, ଦୁର୍ଘଟଣା, ମହାବାତ୍ୟାର କରାଳ ବିଭୀଷିକାକୁ ପ୍ରଶମିତ କରିବାର ସାମର୍ଥ୍ୟ କବିତାର ନଥାଇପାରେ-ତେବେ ଏକଥା ସତ ଯେ କବିତାରେ ଏକ ଚନ୍ଦନ-ଶୀତଳ ସମଦୁଃଖୀପଣ ଭରପୂର ହୋଇ ରହିଥାଏ, ଯାହା ପାଠକର କ୍ଳାନ୍ତି, ଅବସାଦକୁ ଭୁଲାଇଦିଏ । ହୃଦୟରେ ଏକ ଅଲଗାପ୍ରକାର ପ୍ରଶାନ୍ତି ସର୍ଜନା କରେ ।

ଏହି ପ୍ରସଙ୍ଗରେ ଗୋଟିଏ ବୌଦ୍ଧଗଳ୍ପ ମନେପଡୁଛି-ବୋଧିସତ୍ତ୍ୱଙ୍କର ନିର୍ବାଣ ଲଭିବାର ସମୟ ଆଗତ ହେଉଥାଏ; ତା'ପରେ ମୋକ୍ଷ । ଆଉ ଥରକୁଥର ଜନ୍ମ ନେବାର ନାହିଁ କି ଦୁଃଖଯନ୍ତ୍ରଣାପୂର୍ଣ୍ଣ ଜୀବନର ଯାବତୀୟ ଦହଗଞ୍ଜ ଭୋଗିବାର ଆଶଙ୍କା ନାହିଁ ।

ଦିନେ ପ୍ରାତଃକାଳରେ କାହାର ବିକଳ କ୍ରନ୍ଦନ ଧ୍ୱନି ବୋଧିସତ୍ତ୍ୱଙ୍କର ଶ୍ରୁତିଗୋଚର ହେଲା । ସେହି କ୍ରନ୍ଦନର ପ୍ରଭାବ ଏତେ କରୁଣ ଥିଲା ଯେ, ବୋଧିସତ୍ତ୍ୱ ଥୟ ଧରି ଧ୍ୟାନରେ ବସି ପାରିଲେ ନାହିଁ । ଆଖି ଖୋଲି ଦେଖିଲେ ପାହାଡ଼, ପର୍ବତ, ବୃକ୍ଷଲତା, ନଦୀ, ନାଳ, ସମୁଦ୍ର ଏବଂ ସୃଷ୍ଟିର ସମସ୍ତ ପ୍ରାଣୀ ଏକତ୍ର କ୍ରନ୍ଦନରତ । ସେମାନଙ୍କର ଏହି ହୃଦୟ ବିଦାରକ କ୍ରନ୍ଦନର କାରଣ ସମ୍ପର୍କରେ ବୋଧିସତ୍ତ୍ୱ ଜାଣିବାକୁ ଇଚ୍ଛା ପ୍ରକାଶ କରନ୍ତେ ସେମାନେ କହିଲେ- "ଆପଣ ମୂର୍ତ୍ତିମନ୍ତ କରୁଣାର ଅବତାର । ଆପଣ ଥିଲେ ବୋଲି ଆମେ ଏ ସଂସାରର

ଯାବତୀୟ ପରିସ୍ଥିତିକୁ ସହିଯାଉଥିଲୁ । ନିର୍ବାଣ ପ୍ରାପ୍ତିପରେ ଆପଣ ତ ଏ ସଂସାର ତ୍ୟାଗ କରିବେ; ଆଉ କଦାପି ଫେରିବେ ନାହିଁ । ତା'ପରେ ଆମେ କାହାଠାରୁ କରୁଣା, ସମଦୁଃଖୀଭାବ ଟିକିଏ ପାଇବୁ ?"

ସଂସାରର ପ୍ରାଣୀମାନଙ୍କର ଏଭଳି ଆକୁଳ ପ୍ରାର୍ଥନା ଶୁଣି ବୋଧିସତ୍ତ୍ୱଙ୍କର ହୃଦୟ କରୁଣାରେ ବିଗଳିତ ହେଲା । ତା'ପରେ ସେ ତାଙ୍କର ସେଇ କଠୋର ନିଷ୍ପତ୍ତି ନେଇଥିଲେ ଯେ ସଂସାରର ସମସ୍ତଙ୍କ ସାଥିରେ ସେ ରହିବେ । ତେଣୁ ସେ 'ମୋକ୍ଷ' ବା 'ନିର୍ବାଣ'କୁ ପ୍ରତ୍ୟାଖ୍ୟାନ କଲେ ।

**ବୋଧିସତ୍ତ୍ୱଙ୍କ କବିତ୍ୱ**

କବି ମାତ୍ରେ ଇ ବୋଧିସତ୍ତ୍ୱ- ସେ କଥା ମୁଁ ଆଦୌ କହୁନାହିଁ । କିନ୍ତୁ ଏକଥା ଅସତ୍ୟ ହୋଇନପାରେ ଯେ ବୋଧିସତ୍ତ୍ୱ ନିଃସନ୍ଦେହରେ ଜଣେ କବିଥିଲେ । ସେଇ ଦୁର୍ଲଭ କରୁଣା, ସେଇ ସ୍ୱସ୍ତିଦାୟୀ ସମଦୁଃଖୀପଣଟି ହିଁ କବିତା-ଯାହା ଅଗଣିତ ପାଠକମାନଙ୍କ ପାଇଁ କବିର ଅନ୍ତର ଭିତରେ ଶ୍ରାବଣର ନଦୀଧାର ପରି ଉତ୍‌କୂଳିତ ହେଉଥାଏ; ଯହିଁରେ କବିର ନୁହେଁ ସାରା ସୃଷ୍ଟିର ସବୁ ପ୍ରାଣୀଙ୍କର ଅଧିକାର ଥାଏ । ମଣିଷ ଜାତିର ଯାବତୀୟ ଦୁଃଖ ସମାହିତ ହେବାର ଏକ କଲ୍ୟାଣକର ଶକ୍ତି ଏଇ କବିତା ଭିତରେ କୋଉଠି ନା'କୋଉଠି ଛପି ରହିଥାଏ । କବିତା ଆଉ କିଛି କରୁ କି ନକରୁ ଏହା ମଣିଷ ଭିତରେ ତଥାପି ଅନୁଦ୍‌ଘାଟିତ ତା'ର ଅକଳନ୍ତି ଆତ୍ମପ୍ରତ୍ୟୟକୁ ଉଦ୍‌ଘାଟିତ କରି ସକଳ ପାର୍ଥିବ ପ୍ରତିକୂଳତାର ମୁକାବିଲା ପାଇଁ ସାମର୍ଥ୍ୟ ଯୋଗାଏ ।

କବିତାଟିଏ କଲମ କାଳିକୁ ଆସିବା ଆଗରୁ ଏହା କବିର ଶ୍ୱାସପ୍ରଶ୍ୱାସ ଓ ଛାତିର ସ୍ପନ୍ଦନରେ ତିଆରି ହୁଏ । ମାତ୍ର ଲେଖା ସରିବା ପରେ କବିତା କବିଠାରୁ ମୁକ୍ତ ହୋଇ ସମୟର ଅନନ୍ତ ଯାତ୍ରାରେ ନିଜକୁ ମିଶାଇଦିଏ । ତାହା ଯେତିକି ଯେତିକି ପାଠକର ରସଚେତନାରେ ଭେଦିବାରେ ଲାଗିଥାଏ, କବିର କୃତିତ୍ୱ ସେତିକି ସେତିକି ଲୁପ୍ତ ହେଉଥାଏ । ପାଠକ ସେଠି ନିଜର ବ୍ୟକ୍ତିଗତ ଦୁଃଖ, ଯନ୍ତ୍ରଣା, ଆନନ୍ଦ, ବିସ୍ମୟ ଇତ୍ୟାଦି ଅବିକଳ ଅନୁଭୂତିକୁ ଆବିଷ୍କାର କରେ; ଯେମିତି ସେ କେଉଁ କବିର ହାତଲେଖା କବିତା ନୁହେଁ, ତା'ନିଜ ହାତରେ ଲେଖା, ନିଜର ଅଙ୍ଗେନିଭା । କବିତାର ଶବ୍ଦ ଭିତରେ ସେଇ ସାର୍ବଜନୀନ ପ୍ରଭାବ ଲୁକ୍‌କାୟିତ ହୋଇ ରହିଥାଏ । ସେଇଥିପାଇଁ ଶବ୍ଦକୁ 'ବ୍ରହ୍ମ' ବୋଲି କୁହାଯାଇଛି । ଶବ୍ଦ ଶାଶ୍ୱତ, ସନାତନ, ଅକ୍ଷୟ, ଅମର । କବି ସୀତାକାନ୍ତ ମହାପାତ୍ର ତାଙ୍କର 'ନୀରବତା ଓ କବି' ପ୍ରବନ୍ଧରେ କହନ୍ତି- "ଶବ୍ଦଟିଏ ଗଢ଼ା ହେବ/ ଏଇଥିପାଇଁ ଆକାଶ ହଜାରେ ରଙ୍ଗ ବଦଳାଏ/ ପବନ କେତେ ବାଗରେ ଗୀତ ଗାଏ/ ସମୁଦ୍ର କାନ୍ଦେ, ହସେ, ଘୁଂଗା ବାଲିରେ ପିଟିହୁଏ/ ସର୍ବଂସହା ବସୁନ୍ଧରା ଚାତକ ପରି ଚାହିଁରହେ/ ଶବ୍ଦଟିଏ ଗଢ଼ା ହେବ/ ଏଇଥିପାଇଁ ଶହେ ଜନ୍ମ, ଶହେ ମୃତ୍ୟୁ ଲୋଡ଼ା ହୁଏ ।"

**ଶବ୍ଦ ହିଁ ଶକ୍ତି**


ଶବ୍ଦ ହିଁ କବିତାର ପ୍ରାଣଶକ୍ତି । ଶବ୍ଦର କୁଶଳୀ ପ୍ରୟୋଗ କବିତାକୁ କାଳାତିକ୍ରମଣର ଶକ୍ତି ଦିଏ । ଅନନ୍ୟ ଦୀପ୍ତି ଦିଏ । ଭାବଭୂମିକୁ ଉଜ୍ଜ୍ୱଳତାରେ ଭରିଦିଏ । ମାତ୍ର ଅଣକୁଶଳୀ କଞ୍ଚା ଶବ୍ଦର ପ୍ରୟୋଗ କବିତାକୁ ସମ୍ପୂର୍ଣ୍ଣରୂପେ ନଷ୍ଟ କରିଦିଏ, ଯେଉଁଥିପାଇଁ ସଚ୍ଚି ରାଉତରାୟ ଏକଦା କହିଲେ- "ଅଚଞ୍ଚା ଶବ୍ଦ ପ୍ରୟୋଗ ଦେଖିଲେ, ମୁଁ ଓଡ଼ିଆରେ ଜଣେ ଆଧୁନିକ କବି ବୋଲି ଲଜ୍ଜାବୋଧ କରେ ।" 'ଶବ୍ଦର ଯାଚ୍ଛାତା' ପ୍ରୟୋଗ କବିତାର ସବୁଠୁ ବଡ଼ ବିଡ଼ମ୍ବନା ।

> **"ଅଚଞ୍ଚା ଶବ୍ଦ ପ୍ରୟୋଗ ଦେଖିଲେ, ମୁଁ ଓଡ଼ିଆରେ ଜଣେ ଆଧୁନିକ କବି ବୋଲି ଲଜ୍ଜାବୋଧ କରେ ।"**
> **- ସଚ୍ଚି ରାଉତରାୟ**

କବିତା ଲେଖିବା ଓ କବିତାରେ ବଞ୍ଚିବା ଏକା କଥା ନୁହେଁ । ନିଜକୁ ଗୋଟାପଣେ ଦେଇଦେବା ଓ ଆର ଜଣକର ହୋଇଯିବା-ଯା'କୁ ଇ କହନ୍ତି ସହିତତା, ଯାହାକି ବିଶୁଦ୍ଧ ଆତ୍ମୀୟତା ଏବଂ ଅନ୍ୟ ଭାଷାରେ କହିଲେ ତାହା ହିଁ କବିତା । ଯେଉଁ କବିମାନେ କେବଳ କବିତା ଲେଖନ୍ତି, କିନ୍ତୁ ଏଇ ପବିତ୍ର ଆତ୍ମୀୟତା ଟିକକ ଅନ୍ୟକୁ ଦେଇପାରନ୍ତି ନାହିଁ ଅଥଚ ଅନ୍ୟମାନଙ୍କଠାରୁ ଆତ୍ମୀୟତା ସବୁବେଳେ ଦାବି କରୁଥା'ନ୍ତି, ସେମାନେ ଯେତେ କବିତା ଲେଖିଲେ ବି ତାହା ପାଠକର ପ୍ରାଣକୁ ଚହଲାଇ ପାରେନି । ସେମାନେ ପାଠକର କବି ହେବାର ସୁଯୋଗ କେବେ ବି ପାଆନ୍ତି ନାହିଁ । ଏକଦା ସାହିତ୍ୟିକ ପ୍ରଫେସର ଗଣେଶ୍ୱର ମିଶ୍ର ରାଜଧାନୀର ଏକ

ସାହିତ୍ୟ ସଭାରେ ଏଭଳି ବ୍ୟକ୍ତିଙ୍କୁ ଆକ୍ଷେପ କରି 'ଅଶିକ୍ଷିତ' ବୋଲି କହିଥିଲେ । ତାଙ୍କ ମତରେ "ପ୍ରସ୍ତୁତି ଓ ସଂସ୍କାର ନଥାଇ କବିତା ଲେଖୁଥିବା, ପଢୁଥିବା ବ୍ୟକ୍ତି ଅଶିକ୍ଷିତ ! କାବ୍ୟ ରସିକ (ବ୍ୟକ୍ତି)ର ଚେତନା ଓ ରୁଚିବୋଧ ସରସ ତଥା ଶାଣିତ ହେବା ବିଧେୟ ।"

କବିତାର ଦୀର୍ଘସ୍ଥାୟୀ ସଂପର୍କ ସବୁକାଳରେ ପାଠକ ସହିତ; କବି ସହିତ ନୁହେଁ । ଏଠି ଆଉ ଏକ ଚରିତ୍ରର ଆବିର୍ଭାବ ଘଟେ । ଯିଏ କବି ସହିତ ପାଠକକୁ ଯୋଡ଼ିଦେବାର ସଫଳ ସେତୁଟିଏ ପାଲଟିଯାଏ, ତାକୁ ଆମେ କହିବା 'ସମାଲୋଚକ' । ଅନ୍ୟ ପ୍ରକାରେ କହିଲେ, ସେ କବିତାର ସେବକ । ସେ କବିତାର ହତ୍ୟାକାରୀ ନୁହେଁ, ତା'ର ରକ୍ଷକ । ସେ କବିତାର ନିନ୍ଦୁକ ବା ପ୍ରଶଂସକ ନୁହେଁ, ଜଣେ ପ୍ରକୃତ ସତ୍ୟଦ୍ରଷ୍ଟା, କବିତାର ପ୍ରକୃତ ପ୍ରେମିକ; ସେ କବିତାର ଜଣେ ବିଦ୍‌ଗଧ ପାଠକ । ଏହା ପାଠକର ଏକ ବିକଶିତ ଓ ଉତ୍ତରିତ ପରିଚୟ କହିବାଟା ସମୀଚୀନ ହେବ ।



କବି ତଥା କବିତା ସମାଲୋଚକ ଡକ୍ଟର ସୌରୀନ୍ଦ୍ର ବାରିକଙ୍କ ମତରେ "ରସିକପଣ ଅଳ୍ପ ବହୁତ ସବୁରି ପାଖରେ ଥାଏ । ଏହା ଜନ୍ମଗତ । ତେବେ ଏହି ରସିକପଣକୁ ଋଦ୍ଧିମନ୍ତ ଓ ଶାଣିତ କରିବା ପାଇଁ ପ୍ରସ୍ତୁତି ରହିବା ଦରକାର । ଏହା ଏକପ୍ରକାର କଠୋର ସାଧନା । ଏହି ସାଧନା ଅବ୍ୟାହତ ନ ରହିଲେ ଜଣେ ଦରଦୀ ପାଠକଟିଏ ହେବା କଷ୍ଟକର ।"

ଆଜି କବିତା ଯେତେ ଲେଖାଯାଉଛି, ସେହି ପରିମାଣରେ ତାହା ପଢ଼ାହେଉନାହିଁ । ଆଜି ସମସ୍ତେ କବି ହେବାପାଇଁ ଇଚ୍ଛୁକ, ମାତ୍ର ରସଗ୍ରାହୀ ପାଠକଟିଏ ହେବାକୁ କାହାର ଇଚ୍ଛା ନାହିଁ । ଯିଏ କାବ୍ୟ ରସିକ ସେ କେବଳ କବିତା ପଢ଼େନାହିଁ ବା ରସ ଆସ୍ୱାଦନ କରି ସେହିଠାରେ ରହିଯାଏନି; ସେ କବିତାକୁ ଆଦର କରି ତା'ର ନିତିଦିନିଆ ଜୀବନ ସହିତ ତାକୁ ସାମିଲ୍ କରିନିଏ । କବିତା ସହ ଗୋଟାପଣେ ଲହଡ଼େଇ ଯାଇ ନିଜକୁ ହଜେଇ ଦିଏ ଏବଂ ନୂଆ ଭାବରେ ନିଜକୁ ପାଏ । "କବିତାକୁ ପାଇବାକୁ ହେଲେ ନିଜକୁ ସେହି କବିତା ହେବାକୁ ପଡ଼ିବ ।" (ଡକ୍ଟର ସୌରୀନ୍ଦ୍ର ବାରିକ)

ସଂପ୍ରତି ଦେଖିବାକୁ ମିଳୁଛି ଯେ, ଦରଦୀ ପାଠକ ଅପେକ୍ଷା କବିତା-ପଣ୍ଡିତମାନଙ୍କୁ ଅଧିକ ଖୋଜାଲୋଡ଼ା ହେଉଛି । ଜଣେ କବିତା ପଣ୍ଡିତ ଯେ ରସିକ ପାଠକ ହେବନାହିଁ-ଏପରି ନୁହେଁ । ମାତ୍ର ଆଜି କବିତାରେ ଏହି ପାଣ୍ଡିତ୍ୟ ଓ ପ୍ରଜ୍ଞାର ପ୍ରବଣତା ଅଧିକ; କବିତାର ରସ ନୁହେଁ ବା ତା'ର ରହସ୍ୟମୟୀ ପ୍ରଭାବ ନୁହେଁ । ଗୋଟିଏ ଭଲ କବିତାରେ ଶବ୍ଦ ନୀରବରେ, ସରଳଭାବେ ନିର୍ଭୀକ ହୋଇ କଥା କହେ । ସୋପାନ ପରେ ସୋପାନ ଅତିକ୍ରମ କରି ଆର ଜଣକ ସହ ଏକାତ୍ମ ହୁଏ । କବିତାର ଧର୍ମ ଦୂରେଇଯିବା ନୁହେଁ ବରଂ ଅଧିକରୁ ଅଧିକ ନିକଟେଇ ଆସିବା । ଭଲ କବିତା ପାଠକର ଅନୁଭବର ଜଗତକୁ ଏକ ବିସ୍ତାର ଆଣିଦେଇଥାଏ । ତା'ର ଅସ୍ତିତ୍ୱ ସଂପର୍କରେ ତାକୁ ସଚେତନ କରେ । ସେଇ ଅସ୍ତିତ୍ୱକୁ ଏକ ବିସ୍ତୃତି ମଧ୍ୟ ଦିଏ । ଅସ୍ତିତ୍ୱର ରହସ୍ୟମୟତାକୁ ଶବ୍ଦର ଯାଦୁକରୀ ଶକ୍ତି ସାହାଯ୍ୟରେ ଚିହ୍ନେଇ ଦିଏ । ଭଲ କବିତା ମାନବ ସମ୍ବେଦନାର ସମ୍ପୂର୍ଣ୍ଣ ଇତିହାସରୁ କୌଣସି କଟୁତା ଗ୍ରହଣ କରେ ନାହିଁ, ବରଂ ସେ ବାଛିନିଏ, କରୁଣା ତଥା ଆଶାରେ ବଞ୍ଚିବାର ଦୃଢ଼ ସଂକଳ୍ପ । ସେ ଚାହେ, ପୃଥିବୀର ସବୁ ମଣିଷ, ସବୁପାଠକ, କବି ହୋଇଯାଆନ୍ତୁ ।

ଶବ୍ଦ ହିଁ ଆକାଶ । ଶବ୍ଦକୁ ଚିହ୍ନିଲେ ମାଟି-ଆକାଶର ସମ୍ପର୍କକୁ ବୁଝିହୁଏ । ଜୀବନ-ମୃତ୍ୟୁର ଅଭିନ୍ନତାକୁ ଜାଣି ହୁଏ । ସେହି ଶବ୍ଦ ମାଧ୍ୟମରେ କବିଟିଏ ଯେତେବେଳେ ଦ୍ରୁତ ପ୍ରବହମାନ ସମୟ ସ୍ରୋତରେ ଖୋଦିତ ଅନୁଭବଗୁଡ଼ିକୁ ଛୁଇଁବାଲାଗି ପ୍ରୟାସ କରେ, ତାହା କବିତା ପାଲଟିଯାଏ । ଏଥିଲାଗି କବିଟିଏ ନିଜର ସ୍ୱାତନ୍ତ୍ୟ ପ୍ରତି ସଚେତନ ହେଲେ ନିଜ ଭିତରେ ଏକ ଉତ୍ତରଣବୋଧ ଖୋଜିପାଏ, ଯାହା ସାହାଯ୍ୟରେ ସେ ପାଠକମାନଙ୍କର ହୃଦୟ ଭିତରକୁ ପ୍ରବେଶ କରିପାରେ, ଅଫୁରନ୍ତ ଆତ୍ମୀୟତାରେ ବିଚରଣ କରିପାରେ ।

## କବିତାରେ ଅନ୍ତରଙ୍ଗତା

କବିତା ହେଉଛି, ଅନ୍ତରଙ୍ଗତାର ପ୍ରତୀକ । କିନ୍ତୁ ଦେଖାଯାଉଛି, ଆଜିର କବିତା ଅନେକାଂଶରେ ଅନ୍ତରଙ୍ଗତାହୀନ ଏକ ବୌଦ୍ଧିକ ବିଳାସ ହୋଇପଡୁଛି । ଏପରି ହେବାର କାରଣ ଅନେକ । ମୁଖ୍ୟ କାରଣ ହେଉଛି, କବିର ଛଦ୍ମବେଶରେ ଅକବିମାନଙ୍କର ସାହିତ୍ୟ ରାଜ୍ୟରେ ଅନୁପ୍ରବେଶ । ସେଥିପାଇଁ ଆଜିର କବିତା ପ୍ରତି ଅଧିକାଂଶ ପାଠକ ବୀତସ୍ପୃହ! କାରଣ ଅନେକ ଅକବିତା ଭିତରୁ ପ୍ରକୃତ କବିତାଟିଏ ଖୋଜିବାକୁ ତା'ର ବେଳ କାହିଁ? ତେଣୁ ସାହିତ୍ୟର ବଡ଼ଦାଣ୍ଡରୁ ଏଭଳି ଆବର୍ଜନାକୁ ହଟାଇବାକୁ ହେଲେ ସମାଲୋଚକମାନଙ୍କୁ କଠୋର ହେବାକୁ ପଡ଼ିବ । ବ୍ୟକ୍ତିକୁ ନଦେଖି କବିତାକୁ ଦେଖିବାକୁ ପଡ଼ିବ ନଚେତ୍ କବିତାର ଭବିଷ୍ୟତ ବିପଦାପନ୍ନ ହେବ ।

କବିତାର ଚାହିଦା ହ୍ରାସ ପାଇବାର ଆଉ ଗୋଟେ ପ୍ରମୁଖ କାରଣ ହେଲା, ଆଜି ସାଧାରଣ ମନରୁ ରସିକପଣଟି ଧୀରେଧୀରେ ମରିଆସୁଛି । ରସିକତା କହିଲେ, ସମ୍ବେଦନଶୀଳ ସଚେତନତା, ଅନୁଭବିବାର ସୂକ୍ଷ୍ମତାକୁ ବୁଝାଏ । ରସିକତା ହେଉଛି-ମାର୍ମିକତା, ଗ୍ରହଣଶୀଳତାର ଉଷ୍ମ ଆତ୍ମୀୟତା। କବିତାର ରସାସ୍ୱାଦନ ନିର୍ଭର କରେ, ଏହି ରସିକପଣ ଉପରେ। ଏହା ମଧ୍ୟ ତା'ର ରସିକପଣକୁ ଶାଣିତ କରିଥାଏ । ତହିଁରେ ବ୍ୟାପକତା ଆଣିଥାଏ । ତେଣୁ କବିତା ଏବଂ ରସିକ ମନ ଉଭୟେ ଉଭୟଙ୍କ ଭିତରେ ଅତି ନିବିଡ଼ ଘେନାଘେନି ସମ୍ପର୍କ । ବିଲ୍‌କୁଲ୍ କେହି କାହାକୁ ନ ଛାଡ଼ି ପାରିବାର ଇହକାଳ-ପରକାଳର ନିବିଡ଼ତା ।

**ଆମେ ଜାଣିରଖିବା ଉଚିତ ଯେ, ପାଠକମାନଙ୍କ ଚାହିଦା ପୂରଣ କରିବା ପାଇଁ କବିତା ଲେଖାଯାଏ ନାହିଁ।**

## କବିତାର ଆବେଦନ

କବିତା ଓ ତା'ର ଆବେଦନ ରସରୁ ଆରମ୍ଭ ହୋଇ ରସଜ ଅନୁଭବରେ ଶେଷ ହୁଏ । ଏଥିପାଇଁ ଲୋଡ଼ା ରସିକ ମନଟିଏ । "କବିତା କ'ଣ ?" ଏହାକୁ ଯଦି କବି ଦୀପକ ମିଶ୍ରଙ୍କ ଭାଷାରେ କହିବା, ତେବେ ଏହିପରି ହେବ- "କବିତା ହୁଏନି ଗଢ଼ା/ କୋଣାର୍କ ବା ତାଜମହଲ ପରି/ ସେ ଫୁଟଇ ତା' ଇଚ୍ଛାରେ ଆମ ହାତେ/ ନାମହୀନ ତାଜାଫୁଲ ଭଳି ।"


ସେ କୋଣାର୍କ ହେଉ କି ତାଜମହଲ ହେଉ ଅବା ହେଉ ସଦ୍ୟମୁକୁଳିତ ପୁଷ୍ପଟିଏ, ସବୁପାଇଁ ଲୋଡ଼ା-ରସିକ ମନଟିଏ । ଆଜି ଏହି ମନଟିର ଏକାନ୍ତ ଅଭାବ । ରସିକର ମନ ସମନ୍ୱୟର ମନ । କଳାର ଆବେଦନ ଏହିପରି ରସିକ ପାଖରେ ପୂର୍ଣ୍ଣତା ଲାଭ କରିଥାଏ ।

ଏକଥା ମଧ୍ୟ ଜାଣିରଖିବା ଉଚିତ ଯେ, ପାଠକମାନଙ୍କ ଚାହିଦା ପୂରଣ କରିବା ପାଇଁ କବିତା ଲେଖାଯାଏ ନାହିଁ। ଅପର ପକ୍ଷରେ, କବି ନିଜେ ମଧ୍ୟ ତା' ନିଜର ଚାହିଦା ପୂରଣ ପାଇଁ କବିତା ଲେଖେନାହିଁ; ଏହା ଉଚିତ ମଧ୍ୟ ନୁହେଁ । ସତ୍ୟ ଓ ସୌନ୍ଦର୍ଯ୍ୟ କାହାର ଇଚ୍ଛା, ଅନିଚ୍ଛାକୁ ଜଗି ଅବତରଣ କରେନାହିଁ। ଯାହା ଠିକ୍, ସେମିତି ଶବ୍ଦରୂପ ଧାରଣ କରି ଉପଯୁକ୍ତ ମାଧ୍ୟମରେ ଅବତରଣ କରେ। କବିତା କେଉଁ ରୂପରେ କେମିତି ଓହ୍ଲାଇବ, ସେ ନିର୍ଦ୍ଦେଶ ଦେବା ପାଇଁ ନା' କବିର କ୍ଷମତା ଅଛି ନା'ପାଠକର ! ତେଣୁ କବିତାକୁ ଜନ୍ମ ଦେବାପାଇଁ କବିକୁ ଏବଂ କବିତାର ରସ ଉପଭୋଗ କରିବା ପାଇଁ ପାଠକକୁ ଯୋଗ୍ୟତା ହାସଲ କରିବାକୁ ପଡ଼ିବ । ରସିକ ମନଟିଏ ଉଭୟଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଉଭୟ ସୌନ୍ଦର୍ଯ୍ୟର ପୂଜାରୀ । ଏହା ସବୁ ମଣିଷଙ୍କ ଭିତରେ ରହିଛି । ସୌନ୍ଦର୍ଯ୍ୟବୋଧ ଯେପରି ସ୍ରଷ୍ଟାର ଅନ୍ତର୍ନିହିତ ଗୁଣ; ସେପରି କଳା ବା କବିତାର ରସୋପଲବ୍‌ଧି ପାଇଁ ପାଠକର ସର୍ବନିମ୍ନ ଯୋଗ୍ୟତା ହେଉଛି-ସୌନ୍ଦର୍ଯ୍ୟବୋଧ । ଏହା ନହେଲେ ସେ ହୃଦୟ ଦେଇ କବିତାକୁ ଉପଲବ୍ଧ କରିପାରିବ ନାହିଁ; କବିତାର ରସରେ ଆପଣାକୁ ରୂପାନ୍ତରିତ କରିପାରିବ ନାହିଁ । ଏହି ରୂପାନ୍ତରିତ ହେବାର କ୍ଷମତା ପାଠକର ଏକ ପ୍ରଧାନ ଗୁଣ। ନଚେତ୍ ସେ ଗୋଟାପଣେ କବିତାର ଏବଂ କବିତା ତା'ର ହୋଇପାରିବ ନାହିଁ । ଆଗରୁ କୁହାଯାଇଛି ଯେ, କବିତାଠାରୁ କବିକୁ ଅଲଗା କରିହେବ ନାହିଁ । କବିତାକୁ ବାଦ୍ ଦେଇ କବିର ଯେଉଁ ସ୍ୱତନ୍ତ୍ର ନାମ, ପରିଚୟ ବା ଠିକଣା ରହିଛି ତାହା ବସ୍ତୁତଃ ନିରର୍ଥକ । କାରଣ ଏସବୁ କବିର ନୁହେଁ, ବ୍ୟକ୍ତିର । ଏହାହିଁ ସବୁ ସଂଶୟ, ଛଳନା, ଈର୍ଷା, ଅହଙ୍କାର ଓ ଦୂଷିତ ଅବସ୍ଥାର କାରଣ ।

ପ୍ରତ୍ୟେକ ମଣିଷ ଭିତରେ ସୃଜନ ଶକ୍ତି ରହିଛି । ସଂସାରରେ ଏମିତି ମଣିଷଟିଏ ନାହିଁ ଯାହାକୁ ସୌନ୍ଦର୍ଯ୍ୟ ଆକର୍ଷିତ କରେନାହିଁ । କିନ୍ତୁ ଦୃଷ୍ଟିର ଅପରିପକ୍ୱତା ଯୋଗୁଁ ଏହି

ସୌନ୍ଦର୍ଯ୍ୟ ଖଣ୍ଡିତ ବା ଆଂଶିକ ଦେଖାଯାଏ । ପ୍ରକୃତ ଓ ସଂପୂର୍ଣ୍ଣ ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ଗୋଟେ ମୁକ୍ତ ଦୃଷ୍ଟିର ଆବଶ୍ୟକତା ରହିଛି । କବି ଓ ପାଠକ ସମସ୍ତଙ୍କ ଏହା ଜରୁରି । ଏତକ ଯାହା ପାଖରେ ନାହିଁ, ସେ କବିତା ସହ ଯେତେ ସମ୍ପର୍କ ଯୋଡ଼ିଲେ ମଧ୍ୟ କବିତାର କରୁଣା ଲାଭ କରିବା ଲାଗି ନିଜକୁ କଦାପି ଭାଜନ କରିପାରିବ ନାହିଁ ।

ସବୁଠୁ କଷ୍ଟାର୍ଜିତ ଶିଳ୍ପ ହେଉଛି, କବିତା । ଶବ୍ଦ ହେଉଛି, ତା'ର ଆଧାରଶିଳା । ଶବ୍ଦକୁ ଶୃଙ୍ଖଳାରେ ସଜେଇଦେଲେ, ବୌଦ୍ଧିକ ସମୀକରଣରେ ଥୋଇଦେଲେ କବିତା ହୋଇଯାଏନି । ଭିଜା ମାଟିରେ କଅଁଳି ଉଠୁଥିବା ଭ୍ରୂଣର ଅନୁଭବ ପରି ଆଲୁଅର ଆଲିଙ୍ଗନରେ ଜନ୍ମନିଏ କବିତା । ମୁକୁଳିଯିବାର ସାବ୍‌ଜା ଆକୁଳତା ପଥର ଛାତି ଫଟେଇ ଉହୁଙ୍କି ଉଠିଲା ପରି ଆତ୍ମପ୍ରକାଶ କରେ କବିତା । କେବଳ ଶବ୍ଦର ସୌନ୍ଦର୍ଯ୍ୟରେ ନୁହେଁ, ନିବିଡ଼ ଉଚ୍ଚାରଣରେ ହିଁ କବିତାର ଉପାସନା ସମ୍ଭବ ହୁଏ । ଭଲପାଇବା ଭିତରେ କବିମଣିଷ ତା'ର ନନ୍ଦନବନ ତିଆରି କରେ । ପ୍ରଜାପତି ଆକୃଷ୍ଟ ହୁଏ । ପୋଡ଼ିହୁଏ ନିଆଁରେ । ଦିହ ଭିତରେ ଫୋଟକା ସୃଷ୍ଟି ହୁଏ । ଯନ୍ତ୍ରଣାରେ ଆନନ୍ଦ ପାଏ ସେ । ଦୁଃଖ, ଯନ୍ତ୍ରଣା ତାକୁ ପ୍ରେମପରି ମଧୁର ଲାଗେ । କିନ୍ତୁ ଛଳନାକୁ ସେ ତୀବ୍ର ଘୃଣାକରେ । ପ୍ରକୃତ ପାଠକଟି କବିର ମନକୁ ଠିକ୍ ପଢ଼ିପାରେ । କବିର ବ୍ୟଥା, ବେଦନାକୁ ପ୍ରାଣ ଦେଇ ଅନୁଭବ କରିପାରେ । ତେଣୁ ସମ୍ବେଦନଶୀଳ ପାଠକଟିର ସାନ୍ନିଧ୍ୟ ପାଇବା ପାଇଁ ଯୁଗେ ଯୁଗେ କବିଟିଏ ଝୁରି ହେଉଥାଏ । କବି ବିଶ୍ୱକର୍ମା, ପୁଣି କବି ଜଣେ ସଂସାରୀ ମଣିଷ । ସ୍ନେହ, ଲୁହର ଅଛିଣ୍ଡା ଡୋରରେ ତା'ର ପ୍ରାଣ ବନ୍ଧା ହୋଇଥାଏ । ଅପତ୍ୟ ବନ୍ଧୁତ୍ୱ ସବୁ ସ୍ମୃତି, ବର୍ତ୍ତମାନ ଓ ବାସ୍ତବତା ଭିତରେ ବୃତ୍ତାକାରରେ ଘୂରୁଥାଆନ୍ତି ।



## କବି ଓ ପାଠକ

କବିଟିଏ ସତ୍ ପାଠକକୁ ଯେପରି ଆଜୀବନ ଝୁରିହେଉଥାଏ, ଦରାଣ୍ଡି ହେଉଥାଏ, ସତ୍ ପାଠକଟିଏ କବିକୁ ମଧ୍ୟ ସେହିପରି ଭାଳି ହେଉଥାଏ । ଦୁହେଁ ଦୁହିଁଙ୍କ ଭିତରେ ହଜିଯିବାର, ମଜ୍ଜିଯିବାର ଆଗ୍ରହ ନେଇ ପରସ୍ପର ଆଡ଼କୁ ଅଗ୍ରସର ହେବାରେ ଲାଗିଥା'ନ୍ତି । କବି ରମାକାନ୍ତ ରଥ ତାଙ୍କର 'କବି ଓ କବିତା'ରେ କହନ୍ତି, "ତାଙ୍କ ବିନା ଦେଶ ଚାଲିବ ନାହିଁ, ରସାତଳକୁ ଚାଲିଯିବ ।" ଏପରି ଭାବୁଥିବା ନେତାମାନଙ୍କଠାରୁ କବି ଅଲଗା । କବି ଜାଣେ ଯେ, ତା'ର ବା ତା' କବିତାର ଥିବା ନଥିବାରେ କିଛି ଯାଏ ଆସେ ନାହିଁ । କବିତା ଲେଖି ସେ ଗୋଟାଏ ବିରାଟ କର୍ତ୍ତବ୍ୟ କରୁଛି ବୋଲି କଦାପି ଭାବେ ନାହିଁ । ବରଂ ପାରିପାର୍ଶ୍ୱିକ ଜୀବନର ଅସ୍ଥିରତାକୁ ଛାତି ପତେଇଦିଏ । ବିକ୍ଷୁବ୍‌ଧ ବିତ୍‌ପାତକୁ ଅଙ୍ଗେ ନିଭାଏ । ବଡ଼ ବଡ଼ ଗୁମର ସବୁର ଗଣ୍ଠି ଖୋଲିଦିଏ । ଜୀବନର ସହଜ ସ୍ୱାଭାବିକତା ଖୋଜେ । ଖୋଜିଚାଲିଥାଏ ।

ଯିଏ କବି ତା' ପାଇଁ କବିତା ଲେଖିବା ବଡ଼ କଥା ନୁହେଁ । ବଡ଼ କଥାଟି ହେଲା, କବିତାର ନିକଟତର ହେବା । ଯେଉଁ କବି କବିତାର ସ୍ୱର ଶୁଣିପାରେ, ସେ ତ ନିଜର କବିତା ପ୍ରତି ରହିଥିବା ମୋହରୁ ମୁକୁଳିଯାଏ । ତାକୁ ସାରା ଜଗତର ସବୁ ପ୍ରାଣୀ, ସବୁ ଜୀବନର ଦୁଃଖର ରାଗିଣୀ ନିଜର ଦୁଃଖଠାରୁ ଆହୁରି ନିବିଡ଼ ଲାଗେ । କବିର କବିତା ଓ ଜୀବନ ଯେତେବେଳେ ଏକାତ୍ମ ହୋଇଯା'ନ୍ତି, ସେତେବେଳେ ସେମାନେ ଆଉ ପାଠକକୁ ଅଦ୍ଭୁତ ଲାଗନ୍ତି ନାହିଁ । ପର ଅପେକ୍ଷା ବେଶି ଆପଣାର ବୋଧ ହୁଅନ୍ତି । ଦୂର ଅପେକ୍ଷା ଅଧିକ ନିକଟତର ଲାଗନ୍ତି । ଏତେ ନିକଟରେ ଯେ, ଯେତେବେଳେ ପାଠକଟିଏ ନିରୋଳାରେ ବସିଥାଏ, ତା'କୁ କବିର ସ୍ୱର ନିଜ ସ୍ୱର ପରି ଶୁଭୁଥାଏ । ବାହାରୁ ନୁହେଁ, ନିଜ ଭିତରୁ । ଆପଣା ହୃଦୟର ଅଭ୍ୟନ୍ତରରୁ । ଏମିତି ଗୋଟେ ଗୋଟେ କପାଳିଆ କବି ଥାଆନ୍ତି, ଯେଉଁମାନେ ଜୀବନକାଳ ଭିତରେ ହେଉ ବା ଜୀବନ ପରେ ହେଉ, ସବୁଦିନ ପାଇଁ ସବୁ କାଳକୁ ପାଠକର ହୋଇଯାଆନ୍ତି । ସେମାନେ ସମୟର ସ୍ୱର ଭିତରେ ଯୁଗର ଆହ୍ୱାନ ଶୁଣିପାରନ୍ତି । ତେଣୁ ଯୁଗର ଆବର୍ତ୍ତରେ ହଜିଯାଆନ୍ତି ନାହିଁ, ବରଂ ନୂଆ ଯୁଗର ନିର୍ମାଣ କରନ୍ତି ।

□□

ଲେଖକଙ୍କ ଇ-ମେଲ ଠିକଣା:
pradyumna.spk@gmail.com



ରମ୍ୟରଚନା

# ମୁଁ କବିଙ୍କ ଘରଣୀ କହୁଛି

ଡ. କୁଳାଙ୍ଗାର

କବି ହେବା ଯେତିକି କଷ୍ଟକର, କବିଙ୍କର ଘରଣୀ ହେବା ତା' ଠାରୁ ଆହୁରି କଷ୍ଟକର ! କାରଣ କବିଙ୍କ ଘରଣୀ ସାଧାରଣ ଘରଣୀ ନୁହନ୍ତି ଏବଂ ସାଧାରଣ ଘରଣୀ ତ ସାଧାରଣତଃ ପତିଙ୍କୁ ଶୁଣେଇଥାନ୍ତି, ହେଲେ କବିଙ୍କ ଘରଣୀ ଖାଲି ଶୁଣିଥାନ୍ତି । ସାଧାରଣ ପତିଙ୍କୁ ସମ୍ଭାଳିବା ତ ଅତି ସହଜ, ହେଲେ କବିଙ୍କୁ ସମ୍ଭାଳିବା ଅତି କଷ୍ଟକର । ଆପଣ କିଛି ସମୟ କବିଙ୍କ ପାଖରେ ରହି ଅନୁଭବ କରିଥିବେ କି ସେ ଅନୁଭବ କିପରି ଦୟନୀୟ, ଅତଏବ କବିଙ୍କ ଘରଣୀ, ଯିଏ ସାରାଜୀବନ ତାଙ୍କ ପାଖରେ ରହିଲା, ତା ଅବସ୍ଥା କି ଦୟନୀୟ ଭାବନ୍ତୁ !



ମୁଁ ସେଇମିତି ଜଣେ ହତଭାଗିନୀ, ଜଣେ କବିଙ୍କ ଘରଣୀ । ଅବଶ୍ୟ ବହୁବାର ଏମିତି ଅବସର ମଧ୍ୟ ଜୁଟିଚି, ଯେବେ ମୁଁ ଗର୍ବର ସହିତ ନିଜର ପରିଚୟ ଦେବାକୁ ଯାଇ କହିଛି କି ଆମର ସିଏ ଜଣେ କବି । ତେବେ ସାମନାରେ ଥିବା ମଣିଷମାନଙ୍କର ଶୁଖିଲା ମୁହଁକୁ ଦେଖି ମନ ମୋ'ର ଶୁଖି ଯାଇଛି ଏବଂ ମୁଁ ମୋ' ପତିଦେବଙ୍କର କବିତା ଗୋଟେ ଶୁଣେଇ ଦେବି କି? ସେଇ ଆଶଙ୍କାରେ ବୋଧହୁଏ ବିଚରାମାନେ ଭୟଭୀତ ହୋଇପଡ଼ନ୍ତି !

ଖାଲି କ'ଣ ସେତିକି ! ଥରେ ଆମର ଜଣେ ମଉସା ବଜାରରେ ଦେଖାହୋଇଗଲେ ଓ ପଚାରିଲେ – ଆଲୋ ଝିଅ, ଜ୍ୱାଇଁ ଆମର କ'ଣ କରନ୍ତି ?

ମୁଁ କହିଲି – ମଉସା, ସିଏ ଜଣେ କବି !

ମଉସା ପୁଣି ପଚାରିଲେ – ଆରେ ବାଃ... ବହୁତ ଭଲ, ହେଲେ ସିଏ କରନ୍ତି କ'ଣ ?

ମୁଁ କହିଲି – ମଉସା, ସିଏ କବିତା ଲେଖନ୍ତି !

ମଉସା ମହା ରୋକାଡ଼ିଆ, ପୁଣି ପଚାରିଲେ – ଆଲୋ ମାଆ... କବିତାରେ କ'ଣ ପେଟ ପୂରୁଥିବ ?

ମଉସାଙ୍କ ପ୍ରଶ୍ନ ଶୁଣି ମୁଁ ଫୋନ ଧରି ହ୍ୟାଲୋ ହ୍ୟାଲୋ ବାହାନା କରି ସେଠାରୁ ଖସି ଆସିଲି । ତେବେ ତାଙ୍କର ପ୍ରଶ୍ନର ଉତ୍ତରଟି ହେଲା – ସିଏ କବିତା ଲେଖନ୍ତି, ଆଉ ମୁଁ ପେଟ ପାଇଁ ଟେଲରିଂ କରେ, ପାଖ ପିଲାଙ୍କୁ ଟ୍ୟୁସନ ପଢ଼ାଏ !

କବି ଯେହେତୁ ସରସ୍ୱତୀ ପୁତ୍ର, ସେହି ରାଗରେ ଲକ୍ଷ୍ମୀ ଦେବୀ ଆମଘରକୁ ଆସନ୍ତି ନାହିଁ ! ଯଦି କେବେ ବା କ୍ୱଚିତ ପଶି ଆସିଥାଆନ୍ତି, ତେବେ ସମ୍ମାନ ଗ୍ରହଣ, ବହି ଛପା, ପଂଜାବୀ ସିଲେଇ ଆଦି ବାବଦରେ ସରସ୍ୱତୀ ମାତା ତାଙ୍କୁ ଠେଲି ଦେଇଥାନ୍ତି !

### ଚୋର ଆଉ କବି

ମୋ' ପାଇଁ ମୋଟ ଦୁଇଟି ବାହାଘର ପ୍ରସ୍ତାବ ଆସିଥିଲା, ଜଣେ ବରପାତ୍ର ଥିଲା ଚୋର ଆଉ ଜଣେ କବି...! ମୁଁ କବିଙ୍କୁ ପସନ୍ଦ କଲି ଓ ମୋ'ର ଜଣେ ସାଙ୍ଗ ଚୋର ବରପାତ୍ରଟିକୁ ବାହାହେଲା ଓ ବାହାଘର ପୂର୍ବରୁ ମୁଁ ଭାବିଥିଲି – ଚୋରଟିଏକୁ କିଏ ବାହା ହୁଏ କି ଭଲା ? କବିଙ୍କୁ ବର କରିପାରିଲେ ଜୀବନଟା ରୋମାଣ୍ଟିକ ହୋଇଯିବ କି ନାଇଁ ?

ଦୁଇ ପକ୍ଷର ସମ୍ମତିରେ ବାହାଘର ହେଲା ଏବଂ ତାଙ୍କ ନିମନ୍ତ୍ରଣ ପତ୍ର ଥିଲା କବିତା ଓ କବିଙ୍କ ବାହାଘର । ତେଣୁ ବରଯାତ୍ରୀରେ କବି ଭର୍ତ୍ତି ଥିଲେ ଓ ବାହାଘରକୁ ଆସିଥିବା ମୋ'ର ସାଙ୍ଗ ଓ ଭଉଣୀମାନଙ୍କ ଫୋନ୍ ନମ୍ବର ନେଇ କବିମାନେ କବିତା ପଠେଇଦେଲେ । ବେଦିରେ ମୋତେ ଚାହିଁ ଏମିତି କବିତା ଶୁଣେଇଲେ ଯେ... ପୁରୋହିତ ବି ଭାବିଲା ସିଏ ମନ୍ତ୍ର ନୁହଁ କବିତା ଶୁଣାଉଛି ।

ତା' ପରେ ଚତୁର୍ଥୀ ଭୋଜି । ଭୋଜି ଶେଷରେ ହାଲିଆ

ହୋଇ ଉପହାର ପ୍ୟାକେଟ ସବୁ ଖୋଲିଲା ବେଳକୁ ସେଥିରେ କବିତା ଓ କବିତା ବହି ଭର୍ତ୍ତି । କବିତାର ପ୍ରାବଲ୍ୟ ସେଇଠି ସରିଲା ନାହିଁ, ଚତୁର୍ଥୀ ରାତିରେ ଓଢ଼ଣା ଖୋଲିଲାଠାରୁ ସୂର୍ଯ୍ୟ ଉଇଁବା ପର୍ଯ୍ୟନ୍ତ ମୋତେ କବିତା ଶୁଣିବାକୁ ପଡ଼ିଲା ।

ତା'ପରେ ରାତି ରାତି କେତେ ଯେ କବିତା ମୁଁ ନଶୁଣିଚି ! ବହୁଦିନ ପରେ ମୋର ସେଇ ସାଙ୍ଗ ଯିଏ ଚୋରକୁ ବାହା ହୋଇଥିଲା ତା' ସହ ଦେଖାହେଲା । ମୁଁ ତାକୁ ପଚାରିଲି – ମୁଁ କବିକୁ ବାହା ହୋଇ ତ କବିତା ଶୁଣୁଛି, ତୁ ସେ ଚୋର ସହିତ କେମିତି ଅଛୁ ?

ସାଙ୍ଗ କହିଲା – ଭାରି ସୁଖରେ ଅଛି, ରାତିରେ ତ ତାଙ୍କ ଡ୍ୟୁଟି, ତେଣୁ ମୁଁ ଶାନ୍ତିରେ ଶୋଉଛି, ସକାଳ ପାଇଲା ବେଳକୁ ଆମ ଘରକୁ ଲକ୍ଷ୍ମୀ ଦେବୀ ବିଜେ କରନ୍ତି !

ଅତଏବ ବାହାଘର ପରେ ଆମ ଘରେ ସରସ୍ୱତୀ, ତାଙ୍କ ଘରେ ଲକ୍ଷ୍ମୀ ! ଆମର ଯେ ଚୋରି ବି ଠିକ୍‌ରେ କରିପାରନ୍ତିନି । ତମେ ବି ଚୋରିକର ଚୋରିକର ବୋଲି ମୁଁ ତାଙ୍କୁ ବହୁତ ବାଧ କରିବାରୁ ଥରେ ଚୋରି କଲେ ଯେ ତାହା ପୁଣି ଜଣେ କବିଙ୍କର କିଛି କବିତା ! ଲକ୍ଷ୍ମୀ ତ ଆସିଲେନି ବରଂ ସରସ୍ୱତୀଙ୍କ ଦୁନିଆରେ ଛି ଛାକର ଶୁଣିବାକୁ ମିଳିଲା !

## ଗହଣା ବିକି କବିତାଚାଷ

ସବୁ କବିଙ୍କର ଇଚ୍ଛା ମଝିରେ ମଝିରେ ତାଙ୍କର ଗୋଟେ ଗୋଟେ କବିତା ସଂକଳନ ପ୍ରକାଶ ପାଉ ! ଆମର ଯେ ବି ସେୟା କରିଛନ୍ତି ! ତାଙ୍କର ଯେତେ ବହି ବାହାରିଛି, ମୋର ସେତିକି ଗହଣା ସରିଛି । ବହି ତ ବିକ୍ରି ହୁଏନା, ବହିପାଇଁ ମୋ'ର ଗହଣା ବିକ୍ରି ହୋଇଯାଏ !

ଥରେ ଯାଙ୍କର ଜଣେ ପାଠକ ଦେଖାହେଲେ ! ଖୁସି ହୋଇଯାଇ ମୋ' ସହ ଫଟୋ ଉଠେଇଲେ ଏବଂ ଆମ କବିଙ୍କୁ ଚାହିଁ କହିଲେ – ଆପଣଙ୍କ ପ୍ରତିଟି ବହି ପଢ଼ିଲେ ମୁଁ ଆଶ୍ଚର୍ଯ୍ୟ ହୁଏ !

କବି ପଚାରିଲେ– ମାନେ ମୁଁ କେମିତି ଲେଖୁଛି ବୋଲି ?

ପାଠକ କହିଲେ – ନାଇଁ, କାହିଁକି ଏଗୁଡ଼ା ଲେଖୁଛନ୍ତି ବୋଲି !

ସିଏ କ'ଣ ଲେଖନ୍ତି ତାହା ମୁଁ ବୁଝି ପାରେନା । ଏଇ ଦୁଃଖଟିକୁ ମୁଁ ତାଙ୍କୁ ବହୁବାର ଜଣେଇଛି । ହେଲେ ସବୁବେଳେ ତାଙ୍କଠୁ ସେଇ ଗୋଟିଏ ଉତ୍ତର ଶୁଣିବାକୁ ମିଳିଛି କି – ତୁ ବୁଝିବା ଦରକାର ନାଇଁ ! ତୁ ଯେଉଁଦିନ ବୁଝିବୁ ନିଜେ ଗୋଟେ କବି ପାଲଟି ଯିବୁ !

ତାଙ୍କର ଏଇ ଉତ୍ତରରୁ ମୁଁ ଏୟା ବୁଝେ କି କବିତା ଗୋଟେ ନିଶା... ଏଇ ଯେମିତି ମଦ ନିଶା । ଯିଏ ପିଇବ ସିଏ ଯାଇ ତା'ର ମଜା ପାଇପାରିବ, ଆଉ ଦେଖିଲା ଲୋକ ଦୂରରେ ଥାଇ ଖାଲି ଇ ହି... ଦୁର୍ଗନ୍ଧ... ଛି ଛି ବୋଲି କହୁଥିବ !

ଯୁଦ୍ଧକୁ ଯେମିତି ଲୋଡ଼ା ଯବାନ, କବିଙ୍କୁ ସେମିତି ଲୋଡ଼ା ସମ୍ମାନ ! ଆମ ପତିଦେବ, ସେମିତି କିଛି ସମ୍ମାନ ପାଇଛନ୍ତି ଆଉ କିଛି ସମ୍ମାନ କିଣିଛନ୍ତି !

**ଯୁଦ୍ଧକୁ ଯେମିତି ଲୋଡ଼ା ଯବାନ, କବିଙ୍କୁ ସେମିତି ଲୋଡ଼ା ସମ୍ମାନ ! ଆମ ପତିଦେବ, ସେମିତି କିଛି ସମ୍ମାନ ପାଇଛନ୍ତି, ଆଉ କିଛି ସମ୍ମାନ କିଣିଛନ୍ତି !**

ଆମ ଘରେ ଯେତେଟା ରୋଷେଇ ସାମଗ୍ରୀ ଓ ମସଲା ଡବା ନଥିବ ତା'ଠୁ ଅଧିକ ଫଳକ ଓ ଟ୍ରଫି ଅଛି ! ଯେତେଟା ନୋଟ ନଥିବ ତାଠୁ ଅଧିକ ମାନପତ୍ର ଅଛି ! ଯେତେଟା ବାସନ ନଥିବ ତା'ଠୁ ଅଧିକ ଉତ୍ତରୀୟ ଅଛି ! ଯେତେଟା ଲୁଗାପଟା ନଥିବ ତା'ଠୁ ଅଧିକ ବହିପତ୍ର ଅଛି !

ଖାସ କରି ସେଥିପାଇଁ ଆମକୁ ସହଜରେ ଭଡ଼ା ଘରଟିଏ ମିଳେନା ଓ ଯେଉଁଠିକୁ ଗଲେ ଘରମାଲିକଙ୍କର ସେଇ ଗୋଟିଏ ପ୍ରଶ୍ନ ଗୋଟିଏ କଥା – ଆପଣ କ'ଣ ଘରଭଡ଼ା ଦେଇପାରିବେ ? ତା'ଛଡ଼ା ଆପଣ କାନ୍ଥରେ ଗୁଡ଼େ କଣ୍ଟା ପିଟିବେ... ନହେଲେ ପାଇଥିବା ମାନପତ୍ରଗୁଡ଼ାକ କୋଉଠି ଝୁଲେଇବେ ? ଆପଣ ଡେରି ରାତିଯାଏ ଆଲୁଅ ଜାଳିବେ ! ନା.. ଅନ୍ୟ କୋଉଠି ଦେଖନ୍ତୁ !

## ଶାଳୀର କବିତାପ୍ରେମ

ମୋ' ସାନଭଉଣୀ, ମାନେ ଆମ ଯାଙ୍କର ଶାଳୀ, ତାକୁ ଯେ ମୋ'ଠୁ ବେଶୀ ଭଲ ପାଆନ୍ତି । ସତ କି ମିଛ କେଜାଣି, ସିଏ ଯାଙ୍କର କବିତାଗୁଡ଼ାକୁ ଖାଲି ବୁଝେନାଇଁ ତ ଚ ଚ କରି ପିଇ ଯାଏ, ତାକୁ ଆମର ଯେ ତାଙ୍କର ଗୋଟେ କବିତା ବହି ଉତ୍ସର୍ଗ କରିଛନ୍ତି । ସେଥିରେ କାହାର କି ଲାଭ ତାହା ମୁଁ ଜାଣେନା !

ତେବେ ଶାଳୀ କଥାରେ ପଡ଼ି କବିଦେବ ଆମର ଗୋଟେ ୟୁଟ୍ୟୁବ ଚାନେଲ ଖୋଲିଲେ ! ସିଏ ବୁଝେଇଲା ଭିଣେଇ ଭାଇ, ଏବେ ବହିକୁ ଆଉ କେହି ପଚାରୁ ନାହାନ୍ତି । ଏବେ ରିଲ୍‌ସ ଓ ସର୍ଟ୍ ଭିଡିଓର ଯୁଗ । ତମେ ଯେମିତି ସବୁ

ବଢ଼ିଆ ବଢ଼ିଆ କବିତାଗୁଡ଼ାକ ଲେଖିଛ... ତାକୁ ଭିଡ଼ିଓରେ ଶୁଣେଇଲେ ନିଶ୍ଚୟ ଭାଇରଲ ହେବ... ଏହାଦ୍ୱାରା ତୁମେ ପ୍ରସିଦ୍ଧ ହେବା ସହିତ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର ମଧ୍ୟ କରିବ ।

ପ୍ରସିଦ୍ଧି ଲୋଭରେ ଆମର ସିଏ ଉତ୍ସାହିତ ହୋଇପଡ଼ିଲେ, ଆଉ ଲକ୍ଷାଧିକ ଟଙ୍କା ଶୁଣି ମୁଁ ବି ଉତ୍ସାହିତ ହୋଇପଡ଼ିଲି । ମୁଁ ଧରିଲି ମୋବାଇଲ, ସିଏ ଶୁଣେଇଲେ କବିତା । ମୁଁ କଲି ରେକର୍ଡିଙ୍ଗ, ସିଏ କଲେ ପୋଷ୍ଟିଙ୍ଗ । ଆଗ ଆଗ ଉତ୍ସାହିତ ହୋଇ ଆମେ ଦିନରାତି ଦେଖିଲୁ କେତେ ଦର୍ଶକ ହେଉଛନ୍ତି ? ବିଶ୍ୱାସ କରିବେନି ଆମେ ଏଇତକ ସମୟ ଭିତରେ ଶତାଧିକ ଅନ୍ୟ ଭିଡିଓ ଦେଖିଦେଲୁ... ହେଲେ ଆମର ସର୍ବାଧିକ ଦର୍ଶକ ହେଲେ ଚଉବନ ଓ ସବ୍‌ସ୍କ୍ରାଇବର ତେତିଶି । ଏମିତି ଆଶାରେ ଅପ୍‌ଲୋଡ ହୋଇଥିବା ଭିଡିଓର ସଂଖ୍ୟା ସବ୍‌ସ୍କ୍ରାଇବର ସଂଖ୍ୟାକୁ ଟପିଗଲା ପରେ କବିଙ୍କର ପ୍ରସିଦ୍ଧି ଓ ରୋଜଗାର ନିଶା ଉତୁରି ଗଲା !

### ଏତେ ଫ୍ୟାନ୍

ଥରେ ମୁଁ ପଡ଼ୋଶୀ ମହିଳାମାନଙ୍କ ସହିତ କଥା ହେଲା ବେଳେ କହିଲି – ଆମର ୟା'ଙ୍କର ଏତେ ଫ୍ୟାନ୍ ଯେ ଗଣି ହେଉନି ।

ପଡ଼ୋଶିନୀ କହିଲେ – ଆମର ବି କେତେ ଫ୍ୟାନ ଅଛି ଯେ ଏସି ଆଣିଲା ଦିନୁ ଆଉ ଲଗା ହେଉନି !

ତେବେ ୟା'ଙ୍କର ଏଇ କବିଗୁଣ ପାଇଁ କିଛି କିଛି ଲାଭ ମଧ୍ୟ ହୋଇଛି ! ଏଇ ଯେମିତି, ଥରେ ମୁଁ ଗୋଟେ ଚୋରକୁ ଧରିଥିଲି ! ରାତିରେ ମୁଁ ଘରେ ଏକୁଟିଆ ଥିଲି.... କବାଟ ଖଡ଼ ଖଡ଼ ହେଲା ! କାହିଁକି ଏତେ ଡେରି ହେଲା ବୋଲି ରାଗରେ ଡମ ଡମ ହୋଇ ମୁଁ ଝାଡୁରେ କଷିକରି ଦେଲି ପହାରଟେ । ମା'ଲୋ ମା'ଲୋ କହି ଲୋକଟା ଯେବେ ତଳେ ଗଡ଼ିଲା, କଣ୍ଠସ୍ୱରରୁ ଜାଣିଲି କି ଯେ ଅଲଗା ଲୋକ । ପାଟିତୁଣ୍ଡ ଶୁଣି ପାଖ ପଡ଼ିଶା ଲୋକ ଧାଇଁଆସି ଚୋରକୁ ଧରିଲେ । ମୋତେ ସାବାସୀ ଦେଇ ପଚାରିଲେ – ଆପଣ କେମିତି ସାହସକରି ଏ ଚୋରଟାକୁ ଧରିଲେ ?

ମୁଁ ଲାଜେଇ ଯାଇ କହିଲି – ମୁଁ ଭାବିଲି ଆମର ଇଏ କବି ସମ୍ମିଳନୀ ସାରିକି ଘରକୁ ଫେରିଲେ !

ଆଉଥରେ ଗୋଟେ ଅଫିସ୍‌କୁ ଦରଖାସ୍ତ ନେଇ ଯାଇଥିଲି, ସେଠି ବସିଥିବା ବାବୁ ଜଣକ ଯେବେ ଜମା ଶୁଣିଲେ ନାଇଁ, ମୁଁ ପାଟିକଲି – ମୋ' କଥା ଶୁଣିବ ନା ମୋ' ପତିଙ୍କୁ ଡାକିକି ଆଣିବି ?

ବାବୁ ପଚାରିଲେ – ତମ ପତି ଏମିତି କିଏ କି ?

ମୁଁ କହିଲି – ଆମ ପତି ଜଣେ କବି !

ଏହା ଶୁଣି ବାବୁ କାହାକୁ ଡାକି କହିଲେ – ୟା'ଙ୍କ କାମଟା ଆଜି କରିଦିଅ... ନହେଲେ ମହା ମୁସ୍କିଲ ହେବ ! ୟାଙ୍କ ବାବୁ ଯଦି ଆସିବେ, ଅତି କମରେ ୨୦ଟା କବିତା ଶୁଣେଇଲା ପରେ ଯିବେ !

ଆଉଥରେ ରାତିରେ ଫେରିଲା ବେଳେ ଆମ କବିଦେବଙ୍କୁ ମାଓବାଦୀମାନେ ଉଠେଇନେଇ, କ'ଣ ସବୁ ଦାବିକଲେ ! ତାଙ୍କ ଦାବି ତ କିଛି ପୂରଣ ହେଲାନି ଓଲଟି କବି ତାଙ୍କୁ ଏମିତି କବିତା ଶୁଣେଇଚାଲିଲେ ଯେ ମାଓବାଦୀମାନେ ଗାଡ଼ିଭଡ଼ା କରି ତାଙ୍କୁ ଘରେ ଛାଡ଼ି ଦେଇଗଲେ !

**ଓଲଟି କବି ତାଙ୍କୁ ଏମିତି କବିତା ଶୁଣେଇଚାଲିଲେ ଯେ ମାଓବାଦୀମାନେ ଗାଡ଼ିଭଡ଼ା କରି ତାଙ୍କୁ ଘରେ ଛାଡ଼ି ଦେଇଗଲେ !**

ଅତଏବ ଆମର କବି ଓରଫ ପତିଦେବଙ୍କର ଏମିତି ବହୁତ ଭଲ ଗୁଣ ମଧ୍ୟ ରହିଛି ! ତାଙ୍କୁ ମୋ' ମୁହଁଟା କେବେ ରୁଟିପରି ଦିଶେ ତ.. କେବେ ଜହ୍ନ... ଆଉ କେବେ ସୂର୍ଯ୍ୟ ପରି ! କବିତା ଲେଖିଲେ ସିଏ ଭୋକଶୋଷ ଭୁଲିଯାନ୍ତି ଆଉ ତାହା ଦେଖି ମୁଁ ସୁଖଶାନ୍ତି ଭୁଲିଯାଏ !


ବେଳେ ବେଳେ ଭାବେ, ମୁଁ କବିପତ୍ନୀ ନହୋଇ କବିଟିଏ ହୋଇଥିଲେ ମଧ୍ୟ ଆହୁରି ଭଲରେ ଥା'ନ୍ତି । ହେଲେ କବିପତ୍ନୀ ହୋଇ ଶୁଣି ଶୁଣି ଜୀବନ କାଟିଲି । କଳାକାରଙ୍କ ପରି କବିଙ୍କ ପାଇଁ ଭତ୍ତା ନାଇଁ, ମାଗଣା ଚାଉଳର ବ୍ୟବସ୍ଥା ନାଇଁ ! ନାଇଁ ସେ କଥା ମୁଁ ଏଠି ଉଠେଇବିନି ଲୋ ମାଆ, କାରଣ କବିଙ୍କ ପାଇଁ ବେଶି ସରକାରୀ ସହାୟତା ପାଇଁ ଦାବି କରିବେ ତ ସରକାର ତାଙ୍କ ପାଇଁ ଗୋଟେ କବିତା ପାଠୋତ୍ସବ ସହିତ ମାନପତ୍ର ଓ ଗାମୁଛାର ବ୍ୟବସ୍ଥା କରିଦେବେ, ଯେଉଁଠିକି କବି ଧାଇଁଲେ ମୁଁ ପୁଣି ଏକୁଟିଆ ଘରେ ପଡ଼ିଥିବି !!

□□

ଲେଖକଙ୍କ ଇ-ମେଲ ଠିକଣା:
dr.kulangar@gmail.com

**କବିତା**

# ଯତିପାତ



**ନିଖିଳେଶ ମିଶ୍ର**

ନଈ ପାରି ହବାକୁ ହେଲେ
ଗୀତଟିଏ ନିହାତି ଦରକାର ।

ଗୀତଟିଏ ଦରକାର ଛାତି ତଳ
କୋରଡ଼ରୁ ପୁଳାପୁଳା କରି
ଦରଜର ନେଳି ଫିମ୍ଫିମରା
ବିଶ୍ୱାସର ଚମଡ଼ା ଓଲାରିଲାବେଳେ

ନିହାତି ଦରକାର ଗୀତଟିଏ
ତମ ବିଷବୋଳା ଧାରୁଆ ଶବ୍ଦ
ଆଉ ଗରଳ-ଗନ୍ଧିଆ ଲାଳ ସାମ୍ନାରେ
ବୁକୁ ପତେଇଥିବା କୁନିପିଲାଟିକୁ

ଦରକାର ହିଁ ଦରକାର ଗୀତଟିଏ
ଦୁନିଆର ତମାମ୍ ଟାଣ-ଟାଣ ପଥର
ଭିତରେ କଏଦ୍ ହେଇ ରହିଯାଇଥିବା
ଟୁଇଁ ମଞ୍ଜିଟିକୁ କହିଦବା ପାଇଁ -
'ଏ ମଞ୍ଜି ! ଉଠ୍, ଉଠି ହ' ଗଛ,
ମେଲେଇ ଦେ ତାଳପତ୍ର, ତଣ୍ଟି
ଚିପିଦେ ଏ ଅଦିନିଆ ଧୂ-ଧୂ ଖରାର'


ସବୁତକ ଗାଇବା ଲୋକଙ୍କ ଜିଭ
କାଟିଦେଲା ପରେ ବି ବଞ୍ଚିବ ଗୀତ,
ତମ ସବୁ ନିଆଁଲଗା ଜଞ୍ଜିରର
ଗୋଟା ଗୋଟା ଗ୍ରନ୍ଥି, ଗୋଟା ଗୋଟା ସ୍ନାୟୁ
ଛିଣ୍ଡେଇ ଶୁଭିବ ଆକାଶରୁ ଗୀତ

ଶୁଖିଗଲେ ନଈ, ଶୁଖିଲା ବାଲିରେ
ନାଚିନାଚି ସମୁଦ୍ରକୁ ଡାକି ଆଣିବାକୁ
ଦଉଡ଼ିବ ଗୀତ,
ହଜିଗଲେ ମେଳାରେ କୋଉଠି ବୋଉ
କୋଉ ଗୋଟେ କୁନିଝିଅର,
ଖୋଜି ଆଣିବାକୁ ତାକୁ ପବନରେ
ଖେଦିଯିବ ଗୀତ

ଗୀତ ଲେଖିବା ଲୋକ
ଅଛନ୍ତି ଏବେ ବି
ତମ ସବୁ
କାରସାଦିଠୁଁ ଅନେକ ଦୂରରେ ,
ଅଷ୍ଟମ ଗର୍ଭରେ କା'ର -
ଏ କବିତା ଲେଖାହେଲାବେଳେ
ଏଇ ଏବେଇ ବଢୁଚି ଗୀତଟିଏ

□□

କବିଙ୍କ ଇ-ମେଲ ଠିକଣା:
nikhileshmishra16@gmai.com



ପ୍ରବନ୍ଧ



# ଓଡ଼ିଆ ସାହିତ୍ୟରେ ପୁନର୍ଲିଖନ

ରମାକାନ୍ତ ନାୟକ

**କୌ**ଣସି ପୂର୍ବ ରଚିତ ସାରସ୍ୱତ କୃତିର ଅଧିକ ଉତ୍କର୍ଷ ସାଧନ, ପ୍ରୟୋଜନାନୁକୂଳ ପରିବର୍ତ୍ତନ ତଥା ସମାୟୋଜନ ନିମନ୍ତେ ହେଉଥିବା ପ୍ରକ୍ରିୟାକୁ ପୁନର୍ଲିଖନ କୁହାଯାଏ । ନୂତନ ପ୍ରକାର ଶ୍ରୋତା, ପାଠକ କିମ୍ବା ପ୍ରୟୋଜନକୁ ଦୃଷ୍ଟିରେ ରଖି ପୂର୍ବ ଉପସ୍ଥାପିତ ବିଷୟରେ ଆବଶ୍ୟକ ସଂଶୋଧନ, ଅଭିବ୍ୟକ୍ତିର ଭଙ୍ଗୀରେ ନୂତନତା, ଶବ୍ଦ ବିନ୍ୟାସରେ ପରିବର୍ତ୍ତନ ଏବଂ ସମ୍ପାଦନା ଓ ଭାବାନୁବାଦ ମାଧ୍ୟମରେ ନିର୍ଦ୍ଦିଷ୍ଟ ସୃଷ୍ଟିକୁ ଅଧିକ ସୌନ୍ଦର୍ଯ୍ୟମୟ ଅଭିବ୍ୟକ୍ତିରେ ପରିଣତ କରିବା ପୁନର୍ଲିଖନ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ତେବେ ସମ୍ପ୍ରତି ସର୍ଜନଶୀଳ ପ୍ରେକ୍ଷାପଟରେ ସାଧାରଣତଃ ଦୁଇପ୍ରକାର ପୁନର୍ଲିଖିତ ସାହିତ୍ୟ ରଚନା ଦୃଷ୍ଟିଗୋଚର ହୁଏ । ପ୍ରଥମତଃ ସମାନ ବିଷୟକୈନ୍ଦ୍ରିକ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ଭିନ୍ନ ଭିନ୍ନ ଲେଖକମାନଙ୍କ ଦ୍ୱାରା ସୃଷ୍ଟ ରଚନାବଳୀକୁ ଗୋଟିଏ ପର୍ଯ୍ୟାୟର ପୁନର୍ଲିଖନ ଭାବରେ ବିବେଚନା କରାଯାଉଥିବାବେଳେ ଦ୍ୱିତୀୟତଃ ମାନବୃଦ୍ଧି ଉଦ୍ଦେଶ୍ୟରେ ନିଜେ ଲେଖକଙ୍କ ଦ୍ୱାରା ତାଙ୍କ ସାହିତ୍ୟ କୃତିର ପରିବର୍ତ୍ତିତ ରୂପଦାନ କ୍ରିୟାକୁ ପୁନର୍ଲିଖନ କୁହାଯାଏ ।


**ପୂର୍ବ ରଚିତ ବିଷୟକୁ ନୂଆ ନୂଆ ଭାଷା ଓ ଭଙ୍ଗୀର ରୂପରେ ସଜ୍ଜିତ କରି କବିବର୍ଗ ନୂତନ ଆଲୋକରେ ଉଭାସନ ପାଇଁ ପ୍ରଚେଷ୍ଟା କରି ଆସିଛନ୍ତି ।**

ପ୍ରଥମପ୍ରକାର ପୁନର୍ଲିଖନର ନକାରାତ୍ମକ ଦିଗକୁ ପ୍ରକାଶ କରିବାକୁ ଯାଇ ବିଶିଷ୍ଟ ସାହିତ୍ୟ ଗବେଷକ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ ବର୍ଣ୍ଣନା କରିଛନ୍ତି, "ପୁନର୍ଲିଖନ କରି କରି / ସବୁ ସମୟ ଦେଲେ ସାରି / ମନରେ ନୂତନ ଭାବନା / ପଶିବା ପାଇଁ କରେ ମନା / ପୁନର୍ଲିଖିତ ବାକ୍ୟାବଳି / ଲେଖି ଯେ ସୁଖେ ଯାଏ ଚଳି / ଆବିଷ୍କାର କି ଉଦ୍ଭାବନ / ତା' ପାଇଁ ହୁଏ ଦିବା ସ୍ୱପ୍ନ / ହାତକୁ ମିଳେନି ବିଶ୍ରାମ / ମନରେ ଜାତ ହୁଏ ଭ୍ରମ / ନିଜକୁ ନିଜେ କରି ଯନ୍ତ୍ର / ଘୋଷେ ଘଷରା ଯେତେ ମଂତ୍ର / ହାଟର ଚାହିଦା ପୂରଣ / ନିମଂତେ କରିଲେ ଲିଖନ / ବଢ଼େନି ସ୍ୱଭାଷାର ମାନ / ହାତକୁ ଆସେ ତୁଚ୍ଛ ଧନ ।" (ଭାଷା ଭାଗବତ : ପୁନର୍ଲିଖନ କରି କରି, ଓଡ଼ିଶା ସମ୍ବାଦ, ତା.୧୭.୦୫.୨୦୨୩) ଏହି ପ୍ରସଙ୍ଗରେ ସାହିତ୍ୟ ପତ୍ରିକା, 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକଙ୍କ ଗୋଟିଏ ଉକ୍ତି ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହୁଏ । "ଆମ ସାହିତ୍ୟରେ ଏବେ ଯେଉଁ ରାଶି ରାଶି ସୃଷ୍ଟିମାନ ଦୃଷ୍ଟିଗୋଚର ହେବାରେ ଲାଗିଛି ସେଥିରୁ ଅଧିକାଂଶ ଯେ ନବୀନତା ବର୍ଜିତ ଅର୍ଥାତ୍ ପୁନର୍ଲିଖନ ମାତ୍ର, ଏଥିରେ ସନ୍ଦେହ ନାହିଁ । କେବଳ ଗୋଟିଏ ବିଷୟ ବା ଚିନ୍ତାଧାରା ଉପରେ ବିପୁଳ ପରିମାଣର ରଚନାରାଜି ପାଠକମାନଙ୍କ ସାମନାରେ ଠୁଳ କରି ବଜାରରେ ଉପଲବ୍ଧ ବହିମାନଙ୍କ ଥାକକୁ ଅଯଥା ମେଦ ବହୁଳ କରିବା ବ୍ୟତୀତ ଏହା ଉତ୍କଳ ଭାରତୀର କି ବା ହିତ ସାଧନ କରୁଛି, ତାହା ବିଚାର କରିବାର କଥା ।" (ସମ୍ପାଦକୀୟ, 'ସାହିତ୍ୟ ଚର୍ଚ୍ଚା', ୨୦୨୩, ଜାନୁଆରୀ ସଂଖ୍ୟା) ।

### ନୂଆ ଭାଷା ନୂଆ ଭଙ୍ଗୀ

ସାହିତ୍ୟରେ ପୁନର୍ଲିଖନ ଧାରା ଏକ ନୂତନ ପରିକଳ୍ପନା ନୁହେଁ । ସଭ୍ୟତାର ଉଷା କାଳରୁ ଏହା ପ୍ରଚଳିତ ହୋଇଆସିଛି । ପୂର୍ବ ରଚିତ ବିଷୟକୁ ନୂଆ ନୂଆ ଭାଷା ଓ ଭଙ୍ଗୀର ରୂପରେ ସଜ୍ଜିତ କରି କବିବର୍ଗ ନୂତନ ଆଲୋକରେ ଉଭାସନ ପାଇଁ ପ୍ରଚେଷ୍ଟା କରି ଆସିଛନ୍ତି । ଫଳରେ ସେହି ସମାନ ଚିନ୍ତନ ଓ ବକ୍ତବ୍ୟର କେବଳ ପୁନରାବୃତ୍ତି ଘଟିଛି । ଦୃଷ୍ଟାନ୍ତ ସ୍ୱରୂପ ମହର୍ଷି ବାଲ୍ମୀକିଙ୍କ ରଚିତ ସଂସ୍କୃତ 'ରାମାୟଣ' ସହିତ ମହର୍ଷି ବେଦବ୍ୟାସଙ୍କ 'ବିଦୁର ନୀତି'ର ଗୋଟିଏ ପଙ୍କ୍ତିକୁ ତୁଳନା କରାଯାଇପାରେ । "ସୁଲଭାଃ ପୁରୁଷାଃ ରାଜନ୍ ସତତଂ ପ୍ରିୟବାଦିନଃ / ଅପ୍ରିୟସ୍ୟ ତୁ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ

ଦୁର୍ଲଭଃ ।” ଉକ୍ତ ଶ୍ଳୋକ ବାଲ୍ମୀକି ରାମାୟଣର ଷଷ୍ଠ କାଣ୍ଡ, ଷୋଡ଼ଶ ସର୍ଗ, ଏକୋଇଶତମ ଶ୍ଳୋକରେ ଉଲ୍ଲିଖିତ ହୋଇଥିବାବେଳେ ବ୍ୟାସଦେବଙ୍କ ରଚିତ ‘ବିଦୁର ନୀତିର’ ପଞ୍ଚମ ଅଧ୍ୟାୟ ପଞ୍ଚଦଶ ଶ୍ଳୋକରେ ଅବିକଳ ସମାନ ଭାବରେ ସ୍ଥାନିତ ହୋଇଛି । ସେହିପରି ବାଲ୍ମୀକି ରାମାୟଣ ଅଯୋଧ୍ୟା କାଣ୍ଡ ୧୦୫ ସର୍ଗ, ୧୬ଶ ଶ୍ଳୋକରେ ଉଲ୍ଲିଖିତ “ସର୍ବେ କ୍ଷୟନ୍ତୁ ନିଚୟାଃ ପତନାନ୍ତା ସମୂସ୍ରୟାଃ / ସଂଯୋଗା ବିପ୍ରଯୋଗାନ୍ତା ମରଣାନ୍ତଂ ଚ ଜୀବିତମ୍” ମଧ୍ୟ ବ୍ୟାସଦେବଙ୍କ ରଚିତ ସ୍କନ୍ଦ ପୁରାଣ ବ୍ରହ୍ମଖଣ୍ଡର ୪୫ତମ ଅଧ୍ୟାୟ ୩୬ତମ ଶ୍ଳୋକରେ ଏହାର ଅବିକୃତ ପ୍ରରୂପ ପରିଲକ୍ଷିତ ହୁଏ । ମହାଭାରତରେ ଥିବା “ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ / ଜାନାମ୍ୟଧର୍ମଂ ନଚମେ ନିବୃତ୍ତିଃ / ତ୍ୱୟା ହୃଷିକେଶ ହୃଦିସ୍ଥିତେନ/ ଯଥା ନିୟୁକ୍ତୋସ୍ମି ତଥା କରୋମି”ର ଆଂଶିକ ସାମ୍ୟ ଗର୍ଗ ସଂହିତାର ଅଶ୍ୱମେଧ ଖଣ୍ଡରେ ମଧ୍ୟ ଦୃଷ୍ଟିଗୋଚର ହୁଏ । ସଂସ୍କୃତ ସାହିତ୍ୟରେ ଏହି ପୁନର୍ଲିଖନର ଦୃଷ୍ଟାନ୍ତ ଅବିରଳ।




ଓଡ଼ିଆ ଭାଷାରେ ପୁନର୍ଲିଖନ ଧାରା ବହୁ ପ୍ରଚଳିତ । ଉଦାହରଣ ସ୍ୱରୂପ ଏହି ଭାଷାରେ ଛୋଟ ବଡ଼ ଅନେକ ମହାଭାରତ ରଚିତ ହୋଇଛି, ସେଥିମଧ୍ୟରୁ ଚାରିଟି ମହାଭାରତ ପ୍ରମୁଖ ସ୍ଥାନ ଅଧିକାର କରେ । ସେଗୁଡ଼ିକ ହେଉଛି, ସାରଳା ଦାସଙ୍କ ମହାଭାରତ, କୃଷ୍ଣ ସିଂହ ମହାଭାରତ, ଫକୀରମୋହନ ସେନାପତିଙ୍କ ରଚିତ ମହାଭାରତ ଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ମହାଭାରତ । ଏ ସମସ୍ତ ମହାଭାରତ ମର୍ମାନୁବାଦ ବା ପୁନର୍ଲିଖନ । ଭାରତବର୍ଷରେ ଏହି ପ୍ରକାର ଅନୁବାଦ ବା ପୁନର୍ଲିଖନ କାର୍ଯ୍ୟ ପ୍ରଥମେ ଦକ୍ଷିଣ ଭାରତରେ ଦ୍ୱାଦଶ ଶତାବ୍ଦୀରେ କନ୍ନଡ଼ ଭାଷାରେ ଏବଂ ତ୍ରୟୋଦଶ ଶତାବ୍ଦୀରେ ତେଲୁଗୁ ଭାଷାରେ ଆରମ୍ଭ ହୋଇଥିଲା । ଏସବୁ ବହୁଳ ଭାବରେ ମୂଳାନୁଗତ । ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରେ ଆଦିକବି ସାରଳା ଦାସ ଓଡ଼ିଆ ଭାଷାରେ ମହାଭାରତ, ହରିବଂଶ ଏବଂ ଅନ୍ୟାନ୍ୟ ବହୁ ପୁରାଣ, ଉପପୁରାଣ ଓ କାବ୍ୟ ପ୍ରଭୃତିକୁ ଆଧାର କରିବା ସହିତ ସେଥିରେ ସ୍ଥାନୀୟ ଲୋକକଥା, କିଂବଦନ୍ତୀକୁ ପିଣ୍ଡିତ କରି ସେସବୁର ସମାବେଶରେ ନୂତନ ମହାଭାରତର ପରିକଳ୍ପନା ଓ ରଚନା କଲେ । ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚିତ ଉପନ୍ୟାସ ‘ପ୍ରଭଞ୍ଜନ’ ଥିଲା ତାଙ୍କର ଇଂରାଜୀ ଭାଷାରେ ଲିଖିତ ‘ସାଇକ୍ଲୋନ’ର ଓଡ଼ିଆ ରୂପାନ୍ତର । ଲେଖକ ଏହାକୁ ଇଂରାଜୀରେ ଲେଖିବା ବେଳେ ପୁଣିଥରେ ଏହାକୁ ଓଡ଼ିଆରେ ପୁନଲିଖନ କରିବାକୁ ପଡ଼ିବ ବୋଲି ଚିନ୍ତା କରିନଥିଲେ । କାରଣ ସେ ଭାବିଥିଲେ ଏହି ପଟ୍ଟଭୂମି ଓଡ଼ିଆ ପାଠକଙ୍କ ପାଇଁ ନୂଆ ହେବ ନାହିଁ । କିନ୍ତୁ ପାଠକ ଓ ବନ୍ଧୁମାନଙ୍କ ଅନୁରୋଧ କ୍ରମେ ସେ ନିଜେ ଏହାକୁ ଓଡ଼ିଆରେ ପୁନର୍ଲିଖନ କରିଥିଲେ । ଏହି ଅନୂଦିତ ଉପନ୍ୟାସ ସ୍ରଷ୍ଟାଙ୍କ ତୂଳି ସ୍ପର୍ଶରେ ଜୀବନ୍ତ ହୋଇ ପାଠକମାନଙ୍କ ଚିତ୍ତରେ ଅମ୍ଳାନ ସ୍ୱାକ୍ଷର ବହନ କରେ । ଅନ୍ୟ ଏକ ଦୃଷ୍ଟାନ୍ତ ସ୍ୱରୂପ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ‘ଶ୍ରୀମଦ୍ ଭାଗବତ’ ସହିତ ଭକ୍ତକବି ମଧୁସୂଦନ ରାଓଙ୍କ ‘ଛାନ୍ଦମାଳା’ରେ ଥିବା ସାଦୃଶ୍ୟକୁ ତୁଳନା କରାଯାଇପାରେ । ଶ୍ରୀମଦ୍ ଭାଗବତର ସପ୍ତମ ସ୍କନ୍ଦ, ସପ୍ତମ ଅଧ୍ୟାୟରେ ଉଲ୍ଲିଖିତ ହୋଇଛି, “ବାଳକେ ମୋର ବୋଲ କର । ବେଳ ହୁଁ ଗୋବିନ୍ଦ ସୁମର”। ଅନ୍ୟପକ୍ଷରେ ମଧୁସୂଦନ ରାଓଙ୍କ ‘ଛାନ୍ଦମାଳା’ରେ ରଚିତ ହୋଇଛି “ବାଳକେ ମୋର ବୋଲ କର । ସତ୍ୟ ପାଳିବ ନିରନ୍ତର” (ମଧୁସୂଦନ ଗ୍ରନ୍ଥାବଳୀ, ସତ୍ୟବ୍ରତ, ପୃଷ୍ଠା – ୨୮)।

## ପୁନର୍ଲିଖନର ଅନ୍ତଃପ୍ରବାହ

ଏହି ପରିପ୍ରେକ୍ଷୀରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ କରୁଣ ରସାଶ୍ରିତ ବାତ୍ସଲ୍ୟ ଭାବପୂର୍ଣ୍ଣ ଗଳ୍ପ ‘କାବୁଲିୱାଲା’ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ‘ବୁଢ଼ାଶଙ୍ଖାରି’ ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ‘ଦୋକାନଦାର’ ଗଳ୍ପ ମଧ୍ୟରେ ଥିବା ପୁନର୍ଲିଖନର ଅନ୍ତଃପ୍ରବାହ ପାଠକମାନେ ଅନୁଭବ କରିପାରିବେ । ‘କାବୁଲିୱାଲା’ରେ ରହମତର ମିନି ପ୍ରତି ବାତ୍ସଲ୍ୟବୋଧ ‘ବୁଢ଼ାଶଙ୍ଖାରି’ ଗଳ୍ପରେ ବାତ୍ସଲ୍ୟବୋଧ ସହିତ ସୌନ୍ଦର୍ଯ୍ୟବୋଧ ଏବଂ ‘ଦୋକାନଦାର’ କାହାଣୀରେ ପ୍ରତିବିମ୍ବିତ ଜନୈକ ମୁସଲମାନ ବୁଢ଼ା ଜୋତାଦୋକାନୀର

ସୁନ୍ଦର କୁନିଝିଅ ପ୍ରତି ହୃଦୟ ଭେଦୀ ଗଭୀର ବାତ୍ସଲ୍ୟ ମମତା ଭିତରେ ଉପଲବ୍ଧ ସାମଞ୍ଜସ୍ୟ ତୁଳନୀୟ । ଏହି ଗଳ୍ପଗୁଡ଼ିକର ଭାବ ବୃତ୍ତକୁ ତୁଳନା କଲେ ସବୁଥିରେ ବାତ୍ସଲ୍ୟ ମମତା, ମୃତ୍ୟୁଜନିତ ବିଷାଦ, ମାନବୀୟ ଭାବ ଭାବନା ଓ ପ୍ରାଚ୍ୟ ମୂଲ୍ୟବୋଧ ସମାନ ଭାବରେ ଥିବା ଲକ୍ଷ୍ୟ କରିହୁଏ । ବଙ୍ଗଳା ଭାଷାର ଲେଖକ ସତ୍ୟେନ୍ଦ୍ରନାଥଙ୍କ 'ନିଦିଧ୍ୟାସନ' ଏକାଙ୍କିକାଟି ଜାପାନୀ ନାଟିକା "ଜ-ଜେନ" ଅନୁସରଣରେ ଲିଖିତ। ବ୍ୟାସକବି ଫକୀରମୋହନ ଏହି ବିଷୟବସ୍ତୁକୁ ନେଇ ରଚନା କରିଛନ୍ତି 'ପେଟେଣ୍ଟ୍ ମେଡ଼ିସିନ୍' ଗଳ୍ପ । ଓଡ଼ିଆ ସାହିତ୍ୟରେ ଫକୀର ମୋହନ ସେନାପତି ହେଉଛନ୍ତି ରମ୍ୟରଚନାର ଆଦିସ୍ରଷ୍ଟା । ତାଙ୍କ ରମ୍ୟରଚନା 'ନନାଙ୍କ ପାଞ୍ଜି' ସହିତ ବଙ୍କିମ ଚନ୍ଦ୍ରଙ୍କ ବଙ୍ଗଳା ଭାଷାରେ 'କମଳାକାନ୍ତେର ଦପ୍ତର'ର ଅଦ୍ଭୁତ ମାନସିକ ମେଳ ପରିଲକ୍ଷିତ ହୁଏ । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ବାଇମହାନ୍ତି ପାଞ୍ଜି'ର କେତେକ ସ୍ଥଳରେ ବକ୍ତବ୍ୟ - ପରିଧି ବଙ୍କିମ ଚନ୍ଦ୍ରଙ୍କ ଅନୁରୂପ । କୃଷ୍ଣ ପ୍ରସାଦ ବସୁଙ୍କ 'ଆଖଡ଼ା ଘରେ ବୈଠକ' ଅନେକ ମାତ୍ରାରେ ରାଜଶେଖର ବସୁଙ୍କ 'ଗୁରୁ ଲଘୁ' ପରି ରଚନା । ଚିନ୍ତାମଣି ମିଶ୍ରଙ୍କ 'ଦେବ ଦେବଙ୍କ ଦୁର୍ଗତି'ର କଥନ ଭଙ୍ଗୀ ଅଜିତ୍ ଦତ୍ତଙ୍କ ସହ ତୁଳନୀୟ । ଲୋକପ୍ରିୟ ନାଟ୍ୟକାର ବିଜୟ ମିଶ୍ରଙ୍କ ବେତାର ନାଟକ 'ତଟନିରଂଜନା'ର ମୁଖ୍ୟସ୍ରୋତ ହେଉଛି ହରମାନ ହେସ୍‌ଙ୍କ 'ସିଦ୍ଧାର୍ଥ' ଓ ଏଡ୍‌ୱିନ ଆରନୋଲଡଙ୍କ 'ଲାଇଟ୍ ଅଫ୍ ଏସିଆ' । ସୁରେନ୍ଦ୍ର ମହାନ୍ତିଙ୍କ 'ମହାନିର୍ବାଣ ଗଳ୍ପ' ମଧ୍ୟ କେତେକାଂଶରେ ପ୍ରତିଧ୍ୱନିତ ହୋଇଛି ଏହି ଶ୍ରେଷ୍ଠ ନାଟକ ଭାବରେ ପୁରସ୍କୃତ ବେତାର ନାଟକରେ। ହିନ୍ଦୀ ନାଟ୍ୟକାର ମୋହନ ରାକେଶଙ୍କର ନାଟକ 'ଆଷାଢ଼କା ଏକଦିନ' ସହିତ ରତ୍ନାକର ଚଇନିଙ୍କ 'ଅଥଚ ଚାଣକ୍ୟ'କୁ ତୁଳନା କରାଯାଇପାରେ । 'ଅଥଚ ଚାଣକ୍ୟ' ନାଟକର ମୂଳ କଥାସ୍ରୋତ ବିଶାଖଦତ୍ତଙ୍କ 'ମୁଦ୍ରାରାକ୍ଷସ' ନାଟକ । ମୋହନ ରାକେଶଙ୍କର 'ଆଧେ ଅଧୁରେ' ଓ ଲକ୍ଷ୍ମୀନାରାୟଣ ଲାଲଙ୍କର 'ରାତରାନୀ' ନାଟକଦ୍ୱୟ ସହିତ ବିଜୟ ମିଶ୍ରଙ୍କ 'ଯାଦୁକର' ତୁଳନା କଲେ ପୁନର୍ଲିଖନର ସୌରଭ ବାରିହେବ । ସେହିପରି ବିଜୟ ମିଶ୍ରଙ୍କ 'ଜଣେ ରାଜା ଥିଲେ' ସହିତ ସର୍ବେଶ୍ୱର ଦୟାଲ୍ ସକ୍‌ସେନାଙ୍କ 'ବକ୍‌ରୀ', ଲକ୍ଷ୍ମୀନାରାୟଣ ଲାଲଙ୍କ 'ମାଦାକ୍ୟାକ୍‌ଟସ୍' ସହିତ ମନୋରଂଜନ ଦାସଙ୍କ 'କାଠଘୋଡ଼ା', ଜଗଦୀଶ ମାଥୁରଙ୍କ 'କୋଣାର୍କ' ସହିତ ଯଦୁନାଥ ଦାଶ ମହାପାତ୍ରଙ୍କ 'ସୂର୍ଯ୍ୟ ମନ୍ଦିର', ଧର୍ମବୀର ଭାରତୀଙ୍କ 'ଅନ୍ଧାଯୁଗ' ସହିତ ରବୀନ୍ଦ୍ରନାଥ ଦାସଙ୍କ 'ଅନ୍ତିମ ପର୍ବ' ତୁଳନୀୟ ହୋଇପାରେ ।




କୌଣସି ଲେଖକ ନିଜର ରଚନାକୁ ଅଧିକ ଉନ୍ନତ, ପରିମାର୍ଜିତ, ସଂଶୋଧିତ କିମ୍ବା ବିଶ୍ଳେଷଣାତ୍ମକ କରିବା ଉଦ୍ଦେଶ୍ୟରେ ପୁନର୍ବାର ଲିଖନ କ୍ରିୟା କରିଲେ, ତାହାକୁ ଦ୍ୱିତୀୟ ପ୍ରକାରର ପୁନର୍ଲିଖନ ଭାବରେ ଅଭିହିତ କରାଯାଏ । ଏହାକୁ ଲେଖକଙ୍କ ସର୍ଜନ କ୍ରିୟାର ଏକ ପରିଶିଷ୍ଟ କର୍ମ, ସୃଷ୍ଟିର ପରିଣତ ରୂପଦାନ ଓ ପୂର୍ବକୃତିରେ ଅନ୍ତିମ ସ୍ପର୍ଶ ଭାବରେ ବିବେଚନା କରାଯାଇପାରେ । ସାହିତ୍ୟ ସମାଲୋଚକ ସୁଧୀର ଚନ୍ଦ୍ର ବେହୁରା କହନ୍ତି, "ପ୍ରକାଶ ପରେ ବି ବେଳେବେଳେ ପୁନର୍ଲିଖନର ଅବଶ୍ୟକତା ଅନୁଭୂତ ହୁଏ। ସାଧାରଣ ଭାବେ ବିଚାର କଲେ ପୁନର୍ଲିଖନ ଶିକ୍ଷାର୍ଥୀ ବା ପରୀକ୍ଷାର୍ଥୀର ଶିକ୍ଷକଙ୍କୁ ଘରପଢ଼ା ଖାତା କମ୍ବା ପରୀକ୍ଷାର ଉତ୍ତରଖାତା ଦେବା ପୂର୍ବରୁ ରିଭାଇଜ୍ କରି ସଂଶୋଧନ କରିବା କାମ ଭଳି ଜଣାପଡ଼ିଲେ ବି ଏହା ଏତେ ଲଘୁ ବ୍ୟାପାର ନୁହେଁ । ଭ୍ରମ ସଂଶୋଧନ ପରି ଏହା ଏକ ସଯତ୍ନ କୌଶଳ ନୁହେଁ; ସାଗ୍ରହ କଳା ସାଧନା, ଅପାରଗର ଚଷୁକୁଟା ଦୋହରି କାମ ନୁହେଁ, ଅଭିଜ୍ଞ ସାଧକର ଆତ୍ମିକ କୃତି ପ୍ରତି ଅନୁରାଗର ଆଭାସ । ଲେଖକଙ୍କର ପାଠକ ପ୍ରତି ନିଜ ଦାୟିତ୍ୱ ପାଳନର ଏହା ଅଂଶବିଶେଷ ।" (ଏଷଣା, ୨ୟ ବର୍ଷ, ମାର୍ଚ୍ଚ ୧୯୮୧) । ବାସ୍ତବରେ ଲେଖକ ଏବଂ ପାଠକଙ୍କ ପକ୍ଷରେ ସାହିତ୍ୟ କୃତିର ପୁନର୍ଲିଖନର ଉପଯୋଗିତା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

**ଅପୂର୍ଣ୍ଣତାବୋଧ**

ପ୍ରାୟତଃ ସୃଷ୍ଟି ଭିତରେ ଅନେକ କିଛି ଅବ୍ୟକ୍ତ ରହିଯାଏ ଏବଂ ସେଥିପାଇଁ ସ୍ରଷ୍ଟା ଅପୂର୍ଣ୍ଣତାବୋଧଜନିତ ଅବସୋସରେ ଘାରି ହେଉଥାଏ । ଅପୂର୍ଣ୍ଣତାବୋଧ ଏକ ବିବର୍ତ୍ତନଗତ ନିୟମ। ମନର ପରିକଳ୍ପନାକୁ ବାସ୍ତବରୂପରେ ପ୍ରତିଫଳିତ ବା ପ୍ରତିଧ୍ୱନିତ

କରିବା ମଧ୍ୟ ସମ୍ଭବ ହୋଇପାରେ ନାହିଁ । ଏଥି ସକାଶେ ବିଶୁଦ୍ଧ ଶବ୍ଦ ସମ୍ଭାର ଓ ଯଥାର୍ଥ ବାକ୍‌ଚାତୁରୀର ନିଅଁ ପଡ଼େ । ପୁନଶ୍ଚ ପାଠକର ରୁଚି, ରସବୋଧ, ପ୍ରଜ୍ଞା ଓ ଗ୍ରହଣଶୀଳତାର ସ୍ତର ମଧ୍ୟରେ ବୈଷମ୍ୟ ଥିବାରୁ ସାହିତ୍ୟ ସ୍ରଷ୍ଟା ନିଜ ସାରସ୍ୱତ କୃତିର ବାରମ୍ବାର ସମୀକ୍ଷା କରିବାର ଆବଶ୍ୟକତା ଅନୁଭବ କରେ । ନିଜ ବକ୍ତବ୍ୟର ଅବବୋଧ ପାଇଁ ଶ୍ରୋତା କିମ୍ବା ପାଠକ ଆବଶ୍ୟକ ପଡ଼େ । ପାଠକ ହିଁ ପାଠ୍ୟର ସର୍ବଶ୍ରେଷ୍ଠ ସମୀକ୍ଷକ । ରୋଲାଁ ବାର୍ଥ କହନ୍ତି "ଲେଖାର ଅର୍ଥ ଉପଲବ୍ଧି ନିମନ୍ତେ ଲେଖକର କୌଣସି ପ୍ରୟୋଜନ ନଥାଏ । ଅଧିକନ୍ତୁ ପାଠକର ବୋଧଶକ୍ତି ଉପରେ ଏହା ନିର୍ଭରଶୀଳ ।" (ଡେଥ୍ ଅଫ୍ ଅଥର) ଏହି ପ୍ରସଙ୍ଗରେ ନୀଳକଣ୍ଠ ଦାସଙ୍କ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ । "ମୋର ଏବେ ମଧ୍ୟ ନିଜ ଲେଖାରେ ଆତ୍ମଦୈନ୍ୟର ଭାବ ବରାବର ଯାଇନାଇ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ ପାଇଲେ ମୁଁ ପ୍ରାୟ ସାହସ କରି ପ୍ରକାଶ କରେ ନାଇ। ଦରକାର ପଡ଼ିଲେ କେହି ନମିଳିଲେ କଲେଜର ଛାତ୍ରଙ୍କୁ ଏପରି ମୋ' ନିଜ ପୁଅକୁ ମଧ୍ୟ ଶୁଣାଇ ଠିକ୍ କରିଦିଏ । କେହି କୌଣସି ଅଂଶ ଆଚ୍ଛା ଲାଗୁନାଇ ବୋଲି କହିଲେ ତତ୍‌କ୍ଷଣାତ୍ ବଦଳାଇ ଦିଏ ଓ ପୁଣି ଶୁଣାଏ । କାରଣ ମୋ'ର ଗୋଟିଏ ଧାରଣା ପଡ଼ିଯାଇଛି, ମୁଁ ମୋ' ପାଇଁ ଲେଖୁନାଇ ଅନ୍ୟ ପଢ଼ି ବୁଝିବା ବା ଗ୍ରହଣ କରିବା ପାଇଁ ଲେଖୁଛି । ସେଇ ମାପକାଠିଟି ସବୁବେଳେ ମୁଁ ମନେରଖି ଥାଏ ।" (ଆତ୍ମଜୀବନୀ, ପୃ-୫୨)

ଉଭୟ ସର୍ଜନଶୀଳ ଓ ସମୀକ୍ଷାଧର୍ମୀ ସାହିତ୍ୟ କ୍ଷେତ୍ରରେ ପୁନର୍ଲିଖନର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ତଥ୍ୟ ସମୃଦ୍ଧ ସମୀକ୍ଷା ଧର୍ମୀ ରଚନାକୁ ତଥ୍ୟଗତ ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ତଥ୍ୟ ସଂଯୋଗ ଓ ଭ୍ରମାତ୍ମକ ତଥ୍ୟର ବିୟୋଗ ସହିତ ପୁନର୍ଲିଖନ କର୍ମ ପ୍ରୟୋଜନ ହୁଏ । କୌଣସି ସାହିତ୍ୟ କୃତି ପ୍ରକାଶ ପୂର୍ବରୁ ସଂଶୋଧନ ଓ ପରିମାର୍ଜନ ସମ୍ପନ୍ନ କରି ପାଠକମାନଙ୍କୁ ପରିବେଷଣ କରିବା ଉଚିତ୍। ସାହିତ୍ୟ ଗବେଷକ ଡ. ନଟବର ସାମନ୍ତରାୟଙ୍କ ମତରେ "ଲେଖାରେ ଭୁଲ ଥିଲେ ଅନ୍ୟମାନେ ତାକୁ ଦେଖାଇ ଦିଅନ୍ତି । ତାକୁ ସ୍ୱୀକାର କରି ନେଲେ ଠିକ୍ ବାଟରେ ନିଜକୁ ନିଆଯାଇପାରେ । କିନ୍ତୁ ମନେ ରଖିଥାନ୍ତୁ ନିଜ ଲେଖାର ପ୍ରଧାନ ବିଚାରକ ହେଉଛନ୍ତି ଲେଖକ ନିଜେ । ଗୋଟିଏ ବିଷୟ ଲେଖିବା ସଙ୍ଗେ ସଙ୍ଗେ ତାକୁ ଛପାଇବାକୁ ପଠାଇ ଦେବା ଉଚିତ ନୁହେଁ । ତରବରରେ ଲେଖା ହେଲେ ସେଥିରେ ଅତି ଅଜ୍ଞାତସାରରେ ଭୁଲ ରହିଯାଇଥାଏ । ଲେଖାଟି ମୁଦ୍ରିତ ରୂପ ପାଇଲେ, ତା'ର ଏକ ସ୍ଥାୟୀରୂପ ଚାଲିଆସେ । ଲେଖାର ଏଇ ସ୍ଥାୟୀରୂପ ପୂର୍ବରୁ ତାକୁ ବହୁବାର ଘଷାମଜା କରିବାକୁ ପଡ଼େ ।" (ମୁଁ କିପରି ଗବେଷଣା କଲି, ପୃ -୧୦)।

**ଉଭୟ ସର୍ଜନଶୀଳ ଓ ସମୀକ୍ଷାଧର୍ମୀ ସାହିତ୍ୟ କ୍ଷେତ୍ରରେ ପୁନର୍ଲିଖନର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ।**

## ଲେଖକର ଆତ୍ମତୃପ୍ତି

ପାଠକର ଅନୁମୋଦନ ସହିତ ରଚୟିତା ନିଜର ଆତ୍ମତୃପ୍ତିକୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ବିଚାର କରେ । ସେଥିପାଇଁ ପ୍ରଥମ ପ୍ରକାଶନ ପରେ ମଧ୍ୟ ଲେଖକ ଅଧିକ ସଚେତନ ହୋଇ ନିଜ ଲେଖାର ମୂଲ୍ୟାୟନ କରେ । ପରବର୍ତ୍ତୀ ପ୍ରକାଶ ସମୟରେ ତାହାର ପୁନର୍ଲିଖନ କରି ରଚନାକୁ ଅଧିକ କମନୀୟ କରି ଗଢ଼ିତୋଳେ । ଏପରିକି ଗୋଟିଏ ଗୋଟିଏ ପଦ ବା ଶବ୍ଦର ପରିବର୍ତ୍ତନ ଓ ପୁନର୍ସ୍ଥାପନ କରିଦେଲେ ସାହିତ୍ୟ କୃତିର କିଭଳି ଉତ୍କର୍ଷ ସାଧିତ ହୁଏ ତାହାର ବିସ୍ତୃତ ଉଦାହରଣ ଉପଲବ୍ଧ । କବି ରାଧାମୋହନ ଗଡ଼ନାୟକଙ୍କ କାଳଜୟୀ କବିତା 'ମାଟି'ର ଭିନ୍ନ ଭିନ୍ନ ସଂସ୍କରଣରେ ପ୍ରକାଶିତ ଭିନ୍ନ ଭିନ୍ନ ପ୍ରତିରୂପ ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । 'ମାଟି' କବିତାର ପ୍ରଥମ ଲିଖିତ ରୂପ ଥିଲା, "ମୋର ଇଚ୍ଛା ଭୟଙ୍କର ଅତି / ସମ୍ଭାଳି କି ପାରିବ ଧରତି ? / ସୃଜିବି ଯେ ଜୀବଜନ୍ତୁ ତବ ବକ୍ଷ ପରେ / ନିବାସ ବିରଚି ସର୍ବେ ଲୀଳା ଖେଳା ରଚିବେ ସାଦରେ / ସବୁ ପାଦଭାର / ସହି ପାରିବ ତ ତବ ଅଙ୍ଗ ସୁକୁମାର ? ସୃଷ୍ଟିର ମୁଁ ଶ୍ରେଷ୍ଠ କରି ସୃଜିବି ମନୁଷ୍ୟ / ଦୁର୍ଦ୍ଦମ ଦୁର୍ଦ୍ଧର୍ଷ / ମୁଁ କୃଷି ପାଇଁ କୃଷ୍ଟି ପାଇଁ ପ୍ରତି ମୁହୂରତ / ବକ୍ଷ ତବ କରିବେ ବିକ୍ଷତ / ସେତେବେଳେ ବିଚଳିତ ହେବ ନାହିଁ ଜୀବନ ସଂଗ୍ରାମୁଁ ।" (କାବ୍ୟ ନାୟିକା, ୧୯୪୫, ପୃ ୭) ଏହାର ପୁନର୍ଲିଖନ ପରେ କବି ଉପସ୍ଥାପିତ କରିଛନ୍ତି "ମୋର ଇଚ୍ଛା ଭୟଙ୍କର, ଭୟଙ୍କର ଅତି / ସମ୍ଭାଳି ପାରିବ ଟିକି ଅୟିମାଟି, ଅୟି ବସୁମତୀ ?/ ସୃଜବି ଯେ ଜୀବଜନ୍ତୁ ବିହଙ୍ଗମ, ପତଙ୍ଗମ ତୁମ ବକ୍ଷ ପରେ / ଦିବସ ରଜନୀ ସଦା ଲୀଳା ଖେଳା ରଚିବେ ସାଦରେ / ନିଖିଳ ସେ ଚରଣର ଭାର/ ସହିପାରିବ ତ ତୁମ

ଅଙ୍ଗ କାଳ କାଳ ? / ସୃଷ୍ଟିର ମୋ' ଶ୍ରେଷ୍ଠ କରି ସୃଜିବି ଯେ ନର / ଦୁର୍ଦ୍ଧର୍ଷ ଦୁର୍ଦ୍ଧର / କୃଷି ପାଇଁ କୃଷ୍ଟି ପାଇଁ ଉଦଗ୍ର ନିୟତ / କରିବେ ତୁମ୍ଭର ବକ୍ଷ ବିକ୍ଷତ ବିହତ / ସେତେବେଳେ ବିଚଳିତ ହେବ ନାହିଁ ଜୀବନ ସଂଗ୍ରାମୁଁ/ ଅଚଳା ମୁଁ, ସର୍ବଂସହା ମୁଁ ।" (କାବ୍ୟନାୟିକା, ରାଧାମୋହନ ଗଡ଼ନାୟକ ଗ୍ରନ୍ଥାବଳୀ, ପୃ ୧୨୮)

ଛନ୍ଦକୁ ଅପରିବର୍ତ୍ତିତ ରଖି କେବଳ ଶବ୍ଦର ପୁନର୍ବିନ୍ୟାସ ମାଧ୍ୟମରେ ଲେଖକ କିପରି ସ୍ୱଲିଖିତ କୃତିର ମାନୋନ୍ନତି ସାଧନ କରିପାରେ ତାହାର ପ୍ରକୃଷ୍ଟ ଉଦାହରଣ ଭକ୍ତକବି ମଧୁସୂଦନ ରାଓଙ୍କ 'ସ୍ତବ' କବିତାର ରୂପରୂପାନ୍ତର। ୧୮୮୫ ମସିହାରେ 'ଶିକ୍ଷାବନ୍ଧୁ' ୧ମ ବର୍ଷ / ୪-୫ ସଂଖ୍ୟାରେ କବି 'ବାଳକର ସ୍ତବ' ଶୀର୍ଷକ କବିତାରେ ଲେଖିଥିଲେ, "କି ସୁନ୍ଦର ଆହା କି ଆନନ୍ଦପୂର୍ଣ୍ଣ / ଏହି ବିଶାଳ ସଂସାର / ଧନ୍ୟ ବିଶ୍ୱପତି ମହିମା ତୁମ୍ଭର / ଅଟେ ଅନନ୍ତ ଅପାର / ତୁମରି ତପନ ଗ୍ରହ, ତାରା, ଚନ୍ଦ୍ର / ବରଷନ୍ତି ଜ୍ୟୋତି ରାଶି / ତୁମ୍ଭରି କୁସୁମ / ପ୍ରତି ପ୍ରଭାତରେ / ହସଇ ଆନନ୍ଦେ ଭାସି/ ପିତା ମାତା ବନ୍ଧୁ / ଭାଇ ଭଗିନୀର / ହୃଦୟରେ ତୁମ୍ଭ ପ୍ରୀତି / ଆହା କି ପ୍ରକାରେ / ମୋ କ୍ଷୁଦ୍ର ପ୍ରାଣରେ / ଢାଳେ ସୁଧା ନିତି ନିତି / ଭକ୍ତିରେ ଏ ପ୍ରାଣପୂର୍ଣ୍ଣ ହେଉ ନାଥ / ବିରାଜ ନିତ୍ୟ ତହିଁରେ / ପୁଣ୍ୟ ପ୍ରେମ ଶାନ୍ତି / ଲଭିଣ ସବୁରି / ଯାଉ ମୋ ଦିନ ମହୀରେ ।" ୧୮୯୫ ମସିହାରେ 'ବର୍ଣ୍ଣବୋଧ'ରେ ସ୍ଥାନିତ 'ସ୍ତବ'ରେ ହୋଇଥିବା ପରିମାର୍ଜନ ଦ୍ୱାରା ଏହା ଅଧିକ ହୃଦୟଗ୍ରାହୀ ହୋଇପାରିଛି । ଏଥିରେ ବର୍ଣ୍ଣିତ ହୋଇଛି 'କି ସୁନ୍ଦର ଆହା କି ଆନନ୍ଦମୟ / ଏହି ବିଶାଳ ସଂସାର / ଧନ୍ୟ ମହାପ୍ରଭୁ / ମହିମା ତୁମର / ଅଟେ ଅନନ୍ତ ଅପାର / ସୂର୍ଯ୍ୟ ଚନ୍ଦ୍ର ତାରା / ତୁମ୍ଭର ଆଜ୍ଞାରେ / ବରଷନ୍ତି ଜ୍ୟୋତି ରାଶି / ତୁମ୍ଭରି କୁସୁମ / ପ୍ରତି ପ୍ରଭାତରେ / ହସଇ ଆନନ୍ଦେ ଭାସି / ପିତା ମାତା ବନ୍ଧୁ / ଭାଇ ଭଗିନୀର / ହୃଦୟେ ଦେଇଛ ପ୍ରୀତି / ତେଣୁ ମୁଁ ସଂସାରେ / ରହିଛି ଆନନ୍ଦେ/ ସୁଖ ଭୁଞ୍ଜି ନିତି ନିତି / ଦିଅ ଭକ୍ତି ପ୍ରଭୁ / ହୃଦୟେ ମୋହର / ବିରାଜ ନିତ୍ୟ ତହିଁରେ / ସତ୍ୟ ପଥେ ରହି / ତୁମ୍ଭରି ଆଶ୍ରାରେ/ ଯାଉ ମୋ ଦିନ ମହୀରେ ।"

**ବେଳେ ବେଳେ ପୁନର୍ଲିଖନ ଯୋଗୁଁ ଲେଖକଙ୍କ ରଚନାରୀତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଥିବା ଦୃଷ୍ଟିଗୋଚର ହୁଏ ।**


ବେଳେ ବେଳେ ପୁନର୍ଲିଖନ ଯୋଗୁଁ ଲେଖକଙ୍କ ରଚନାରୀତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଥିବା ଦୃଷ୍ଟିଗୋଚର ହୁଏ । କବି ଗଙ୍ଗାଧର ମେହେର ପ୍ରାଚୀନ କାବ୍ୟର ଚର୍ଚ୍ଚା କରିବା ସହିତ ସଂସ୍କୃତ ସାହିତ୍ୟର ମଧ୍ୟ ଅନୁଶୀଳନ କରୁଥିଲେ । ସେତେବେଳେ ପାରଳାଖେମୁଣ୍ଡିର ବିଖ୍ୟାତ ପଣ୍ଡିତ ଗୋପିନାଥ ନନ୍ଦ ଓଡ଼ିଆ କବିତାରେ ସଂସ୍କୃତ ଛନ୍ଦର ପ୍ରୟୋଗ କରୁଥିଲେ । ଗଙ୍ଗାଧର ତାଙ୍କୁ ଅନୁସରଣ କରି ସଂସ୍କୃତ ଶାର୍ଦ୍ଦୁଳବିକ୍ରୀଡ଼ିତ ବୃତ୍ତରେ ଅହଲ୍ୟାସ୍ତବ ରଚନା କରି ପ୍ରକାଶ କରିଥିଲେ । କବିବର ରାଧାନାଥ ଏହାକୁ ପ୍ରଶଂସା କରିବା ସହିତ ସଂସ୍କୃତ ଛନ୍ଦର ବ୍ୟବହାର ପରିବର୍ତ୍ତେ ଆଧୁନିକ ରୁଚି ଅନୁସାରେ 'ବଙ୍ଗଳାଶ୍ରୀ' ପରି ସହଜ ରାଗରେ ଲେଖିବାକୁ ପରାମର୍ଶ ଦେଇଥିଲେ । କବି ଗଙ୍ଗାଧର ମେହେର ତାଙ୍କ ଉପଦେଶକୁ ଗ୍ରହଣ କରି ଅହଲ୍ୟାସ୍ତବକୁ ପୁନର୍ବାର ବଙ୍ଗଳାଶ୍ରୀ ରାଗରେ ରଚନା କରିଥିଲେ । ଉଭୟ ରଚନା ଏଠାରେ ଉପସ୍ଥାପନ କରାଗଲା । ଶାର୍ଦ୍ଦୁଳବିକ୍ରୀଡ଼ିତ ଛନ୍ଦରେ "ପୃଥ୍ୱିମଣ୍ଡନ ହେ ଜଗପ୍ରତି ବିଭୋ ଭକ୍ତଙ୍କ ମୁକ୍ତିଖଣି / ସଂସାରାର୍ଣ୍ଣବ ପାରକାରକୁ ପଟୁ କୈବର୍ତ୍ତ ଚୂଡ଼ାମଣି / ସାଧୁ ପାଳନ ଦୁଷ୍ଟନାଶ କରଣେ ସମ୍ଭୂତ ଏ ଭୂତଳେ / ତୁମ୍ଭ ଶ୍ରୀଚରଣାମ୍ବୁଜେ ରହୁ ସଦା ଚିତ୍ତାଳି ମୋ ନିଶ୍ଚଳେ ।" ବଙ୍ଗଳାଶ୍ରୀ ରାଗରେ "ହେ ମହୀମଣ୍ଡନ ଜଗତ ବନ୍ଦନ / ଭକତି ମୁକତି ଖଣି / ସଂସାର ସାଗର / ତାରଣ ତତ୍ପର / କଇବର୍ତ୍ତ ଚୂଡ଼ାମଣି / ସାଧବ ପାଳନ / ଦୁଷ୍ଟ ବିନାଶନ/ କାରଣେ ଜାତ ଭୂତଳେ / ତୁମ୍ଭ ଶ୍ରୀଚରଣ / କମଳେ ମୋ ମନ / ଭ୍ରମର ରହୁ ନିଶ୍ଚଳେ ।"

ପ୍ରବନ୍ଧ ଗଳ୍ପ, ନାଟକ ପ୍ରଭୃତି ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ମଧ୍ୟ ପୁନର୍ଲିଖନ ଅତ୍ୟନ୍ତ ଉପାଦେୟ ବିବେଚିତ ହୁଏ । ପୁନଶ୍ଚ ଗଳ୍ପକୁ ବେତାର ନାଟକ, ବେତାର ନାଟକକୁ ଉପନ୍ୟାସ ଓ ମଞ୍ଚ ନାଟକରେ ରୂପାନ୍ତରିତ କରିବାବେଳେ ପୁନର୍ଲିଖନର ସାଧନା ଆବଶ୍ୟକ । ଏହି ପ୍ରସଙ୍ଗରେ ସୁବିଖ୍ୟାତ କଥାଶିଳ୍ପୀ ତଥା ନାଟ୍ୟକାର ରାମଚନ୍ଦ୍ର ବେହେରାଙ୍କ ମହାର୍ଘ ଅନୁଭୂତି ଉଲ୍ଲେଖଯୋଗ୍ୟ । କଟକ ଆକାଶବାଣୀ କେନ୍ଦ୍ରରୁ ପ୍ରସାରିତ ତାଙ୍କ ବେତାର ନାଟକ 'ଧୂସର ପୃଥିବୀ'କୁ ପାଠକମାନଙ୍କ ଅନୁରୋଧ କ୍ରମେ ଉପନ୍ୟାସ "ଧୂସର

ସୂର୍ଯ୍ୟାସ୍ତ” ଭାବରେ ରୂପାନ୍ତରିତ କରିଥିଲେ । ପୁନଶ୍ଚ ମନର ତାଡ଼ନାରେ ତାଙ୍କୁ ସେହି ଉପନ୍ୟାସକୁ ଏକ ମଞ୍ଚ ନାଟକ ଭାବରେ ପୁନର୍ଲିଖନ କରିବାକୁ ପଡ଼ିଥିଲା ଏହି ମଞ୍ଚ ନାଟକର ନାମ ସେ ରଖିଥିଲେ ‘ଧୂସର ପୃଥିବୀ’ । ଏହି ସମ୍ପର୍କରେ ଶ୍ରୀଯୁକ୍ତ ବେହେରାଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ । ସେ କହନ୍ତି “ଧୂସର ପୃଥିବୀ”ର ପୁନର୍ଲିଖନ ଅବସରରେ ମୁଁ ଭେଟିଲି ନିଜକୁ। ଏବେକାର ରାମଚନ୍ଦ୍ର ବେହେରା ଭେଟିଲା ପ୍ରାୟ ତିନି ଦଶନ୍ଧି ପୂର୍ବେ ଏଇ ନାଟକର ରଚୟିତା ରାମଚନ୍ଦ୍ର ବେହେରାକୁ । ନାଟକର ପୁନର୍ଲିଖନ ଅବସରରେ ମୁଁ ସଚେତନ ହେଲି । ମନୁଷ୍ୟର ବିଶେଷତଃ ସୃଜନଶିଳ୍ପୀର ଦୃଷ୍ଟିଭଙ୍ଗୀ କିପରି ପରିପୁଷ୍ଟ ହେଉଥାଏ, ଅଭିଜ୍ଞତାର ଓ ଜ୍ଞାନର ପରିପ୍ରେକ୍ଷୀରେ । ଗୋଟିଏ ପ୍ରସଙ୍ଗ ପ୍ରତି ତା’ର ପ୍ରତିକ୍ରିୟାର ବିବର୍ତ୍ତନ ଓ ପରିମାର୍ଜନ ଘଟିପାରେ ସମୟ ବ୍ୟବଧାନରେ।” (ରେବତୀ ଅପ୍ରେଲ ୨୦୨୪)

## ଜେ.ପି.ଙ୍କ ମତରେ ପୁନର୍ଲିଖନ

କୃତବିଦ୍ୟ ସାରସ୍ୱତ ସ୍ରଷ୍ଟା ଜଗନ୍ନାଥ ପ୍ରସାଦ ଦାସ (ଜେ.ପି.) କହନ୍ତି, “ଅନେକ କଟାକଟି ଅଦଳବଦଳ ପୁନର୍ଲିଖନ କରି ତାକୁ (ଲେଖାକୁ) କିଛି ଦିନ ବନ୍ଦ କରି ରଖିଦିଏ ; ପୁଣି ଥରେ ଖୋଲି ପୁଣି ସେହି ପ୍ରକ୍ରିୟା ଦେଇଯାଏ । ଯେତେବେଳେ ମନେହୁଏ ଯେ ବହୁତ କଟାକଟି ହୋଇଗଲା ଓ ଲେଖାଟି ଉପରେ ଆଉ ସମୟ ଦେବା ଉଚିତ୍ ନୁହେଁ, ମୁଁ ପରବର୍ତ୍ତୀ କାମଟିରେ ହାତ ଦିଏ ।” (ଆମ ଭାଷା, ଆମ ସଂସ୍କୃତି, ପୃଷ୍ଠା - ୧୮) କବିବର ରାଧାନାଥ ରାୟ ମଧ୍ୟ ସମାନ ମନ୍ତବ୍ୟ ପ୍ରକାଶ କରିଛନ୍ତି । ତାଙ୍କ ମତରେ ଲେଖିସାରି ଲେଖାକୁ ପକାଇ ରଖି ତିନିବର୍ଷ ପରେ ଦେଖିଲେ ନୂଆପରି ବୋଧ ହେବ । ସେତେବେଳେ ତାହା ସଂଶୋଧନ କଲେ ପୁସ୍ତକଟି ଅପେକ୍ଷାକୃତ ନିର୍ଦ୍ଦୋଷ ହେବ । ଯେଉଁମାନେ ପୁସ୍ତକର ନବ ନବ ସଂସ୍କରଣ କରନ୍ତି , ସେମାନେ ଏହି ଅଭିଜ୍ଞ ପ୍ରସୂତ ଅମୂଲ୍ୟ ମତର ସାରବତ୍ତା ଉପଲବ୍ଧି କରି ପାରୁନଥିବେ । (ରାଧାନାଥ ଜୀବନୀ, ୧୯୫୧- ପୃ ୬୨୯) ଲେଖା ପରିସମାପ୍ତି ନହେଉଣୁ ତାହା ଶୀଘ୍ର ଛପାଇବା ନିମନ୍ତେ ବ୍ୟାକୁଳତା ପ୍ରକାଶ କରିବାକୁ ସେ ନାପସନ୍ଦ କରିଛନ୍ତି ।


*ଜଗନ୍ନାଥ ପ୍ରସାଦ ଦାସ*

ଏକଦା ପ୍ରଖ୍ୟାତ ସାହିତ୍ୟିକ ଖୁସଓ୍ୱନ୍ତ ସିଂ କହିଥିଲେ, “ସାହିତ୍ୟ ସୃଷ୍ଟି ଏକ ଯନ୍ତ୍ରଣା, ସୃଷ୍ଟି କର୍ମର ଯନ୍ତ୍ରଣା । ଏହି ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ମୁଁ ଲେଖେ । ପୁନଃ ପୁନଃ ଲେଖେ । କେତେକ ରଚନାକୁ କୋଡ଼ିଏ ଥର ବି ଲେଖିଛି । ଗତ ଏକ ବର୍ଷ ହେଲା ଗୋଟିଏ କାହାଣୀକୁ ମୁଁ ଲେଖୁଛି ଅଥଚ କାହାଣୀଟି କିପରି ସାରିବି ବର୍ତ୍ତମାନ ସୁଦ୍ଧା ଠିକ୍ କରି ପାରୁନାହିଁ । (ବିଭୂତି ପଟ୍ଟନାୟକଙ୍କ ସଂପାଦିତ ‘ଗଳ୍ପ’) । ବିଶ୍ୱବିଖ୍ୟାତ ସାହିତ୍ୟ କୃତିଗୁଡ଼ିକ ବହୁବାର ଲିଖିତ ହୋଇଛି । ପ୍ଲାଟୋଙ୍କ ‘ରିପବ୍ଲିକ’ ଓ ଲିଓ ଟଲଷ୍ଟୟଙ୍କ ‘ୱାର ଆଣ୍ଡ ପିସ୍’ ପ୍ରତ୍ୟେକ ସାତ ଥର ଲେଖାଏଁ ପୁନର୍ଲିଖିତ ହୋଇଛି। କବି ଟି.ଏସ.ଏଲିଅଟ ତାଙ୍କ କାବ୍ୟକୃତି ‘ଦି ୱେଷ୍ଟଲାଣ୍ଡ’କୁ ପୁନର୍ଲିଖନ କରିଥିଲେ । ହେମିଂୱେ କହନ୍ତି, “ମୁଁ ମୋ ବହିକୁ ପ୍ରକାଶ ପୂର୍ବରୁ ଯେତେଥର ପଢ଼ିଛି, ଯେତେଥର ଲେଖିଛି ଆଉ କୌଣସି ମହତ କୃତିକୁ ସେତେଥର ପଢ଼ିବାର ସୁଯୋଗ ପାଇନାହିଁ। ମୁଁ ଏକା ମୋ’ “ଓଲ୍ଡ଼ମ୍ୟାନ ଆଣ୍ଡ ଦ ସି” ପୁସ୍ତକକୁ ପ୍ରକାଶ ପାଇବା ପୂର୍ବରୁ ଦୁଇଶହ ଥର ପଢ଼ିଛି, କୋଡ଼ିଏ ଥର ଲେଖିଛି। ସେ ତାଙ୍କ “ଏ ଫେୟାରୱେଲ ଟୁ ଆର୍ମସ”ର ଉପସଂହାରକୁ ୩୯ଥର ପରିବର୍ତ୍ତନ କରିଥିଲେ ଏବଂ ପ୍ରୁଫ୍ ଦେଖିବା ବେଳେ ଆହୁରି ୩୦ ଥର ବଦଳାଇ ଥିଲେ। କବି ୟେଟସ୍ ତାଙ୍କ ‘ଏ ସେକେଣ୍ଡ କମିଙ୍ଗ’ କବିତାକୁ ଶହେ ଥର ପରିବର୍ତ୍ତନ କରିଥିଲେ।

ସୃଷ୍ଟି ଓ ସମାଲୋଚନା ମଧ୍ୟରେ ଅନ୍ତରଙ୍ଗ ସଂପର୍କ ରହିଛି। ସମାଲୋଚନା ବିନା ସୃଷ୍ଟି ପୂର୍ଣ୍ଣତା ଲାଭ କରିପାରେନାହିଁ । ନିଜେ ଲେଖକ ହିଁ ପ୍ରକୃଷ୍ଟ ସମାଲୋଚକ ହୋଇପାରେ । ଅର୍ଥାତ୍ ସ୍ରଷ୍ଟା ହିଁ ତା’ର ରଚନାକୁ ବାରମ୍ବାର ପାଠ କରି ତ୍ରୁଟିକୁ ସଂଶୋଧନ କରିବା ଉଚିତ । ଆବଶ୍ୟକ ପଡ଼ିଲେ ଧାଡ଼ିଟିଏ ବା ପଦଟିଏ ମଧ୍ୟ ପରିବର୍ତ୍ତନ କରିବାକୁ ପଡ଼ିବ । ଲେଖକର ମନକୁ ସନ୍ତୁଷ୍ଟ କଲା ପର୍ଯ୍ୟନ୍ତ ଏହି କ୍ରିୟା ଅବ୍ୟାହତ ରହିଥିବ । ଏହି ଧାରା ହିଁ ସୃଷ୍ଟି ପ୍ରକ୍ରିୟାର ଏକ ଅଂଶ ବିଶେଷ ।

□□

ଲେଖକଙ୍କ ଇ-ମେଲ ଠିକଣା:
rknprincipalbbm@gmail.com

ଗଳ୍ପ



# ମିଛ ସୋହାଗ

**ଜୟନ୍ତୀ ସାହୁ**

ଗାଁ ଗୋହିରୀ ଦାଣ୍ଡରେ କିଛି ଲୋକଙ୍କର କୋଳାହଳ ଶୁଭିଲା । ଗାଁ ଭୁଆସୁଣୀଏ ଖିଡ଼ିକି ବାଟେ ଗୋହିରୀ ଦାଣ୍ଡକୁ ଚାହିଁ ରହିଲେ । ସେବତୀଟା କେଉଁଠି ଥିଲା କେଜାଣି ପ୍ରଧାନ ଘର ବାଡ଼ିପଟକୁ ଧାଇଁଯାଇ ଆଗ ସରସ୍ୱତୀଙ୍କୁ ଖୋଜି ବସିଲା । ସରସ୍ୱତୀ ସେତେବେଳେ ଲେଉଟିଆ ଶାଗ କିଆରିରେ ପାଣି ଢାଳୁଥିଲା । ସେବତୀର ଏଭଳି ଅଣନିଃଶ୍ୱାସୀ ଦଉଡ଼ା ଦେଖି କଥା କ'ଣ ସଙ୍ଗାତ ବୋଲି ସରସ୍ୱତୀ ପଚାରିଲା । ସରସ୍ୱତୀର ପଣତକାନିଟାକୁ ଜୋର୍‌ରେ ଝିଙ୍କିଦେଇ ସେବତୀ କହିଲା, ହଇଲୋ ସଙ୍ଗାତ ! ତୋ' ଶାଶୂଘର ଗାଁରୁ ପରା ଲୋକ ଆସିଛନ୍ତି । ତୋ' ବର କୁଆଡ଼େ ସୁରଟରୁ ଆଜି ସକାଳେ ଆସି ପହଞ୍ଚିଛି । ଆଉ ତତେ ବି ଭାରି ସରାଗରେ ଡକେଇ ପଠାଇଛି । ଆସ, ମୋ' ସଙ୍ଗେ ଦେଖିବୁ, ତମ ଦାଣ୍ଡଘରେ କେମିତି ତୋ' ଶାଶୂଘର ଲୋକେ ବନ୍ଧୁଚର୍ଚ୍ଚା ହେଉଛନ୍ତି ।



ସଙ୍ଗାତର ଏତିକି କଥାରେ ସରସ୍ୱତୀ ହାତରୁ ଅଧାପାଣି କଳସୀଟା ତଳକୁ ଖସିପଡ଼ିଲା । ଭିତର ଛାତିଟା ଦାଉଁକିନା ହୋଇଗଲା । ପହିଲି ରାତିର ଝାପ୍‌ସା ଆଲୁଅରେ ଲଜ୍ଜାବଶତଃ ଈଷତ୍ ଦେଖିଥିବା ବରର ମୁହଁଟା ଦଣ୍ଡେ ସରସ୍ୱତୀର ମନ ଭିତରେ ନାଚିଉଠିଲା । ସେଇ ରାତିକ ତ ଯାହା ସିଏ ସ୍ୱାମୀ ସୋହାଗ ପାଇଛି, ତା' ପରଦିନ ବଡ଼ି ସକାଳୁ ଚାକିରିକୁ ଯାଇଛନ୍ତି ଯେ ଯାଇଛନ୍ତି, ଏଯାବତ୍ ଦେଖାନଥିଲା । ପଡ଼ିଶା ଘର ଝିଅ ଟୁପୁସୀ ଯିଏ ଲେଖାଯୋଖାରେ ନଣନ୍ଦ ହେବ, ତା' ଫୋନ୍‌ରେ ଲୁଚି ଲୁଚି ଅନେକବାର ଫୋନ୍‌କଲେ ମଧ୍ୟ ସେ ଗାଁକୁ ଆସିଲେନି । ଏମିତି ଏମିତି ବାହାଘର ଦୁଇବର୍ଷ ପୂରିଗଲା । ତାଙ୍କ ଆସିବା ବାଟକୁ ଚାହିଁ ଚାହିଁ ଆଖିରୁ ବି ପାଣି ମରିଗଲା । ବାରଲୋକ ବାରକଥା କହିଲେ । କିଏ କହିଲା, ସପନା ସେଠି ସୁରଟରେ ଘରଦ୍ୱାର କରି ବାହାସାହା ହୋଇ ରହିଲାଣି । ଆଉ କିଏ କହିଲା, ସପନା ସୁରଟରେ ଗୋଟିଏ ଦିବ୍ୟ ସୁନ୍ଦରୀ ଝିଅକୁ ଆଣି ପାଖରେ ରଖିଛି । ସରସ୍ୱତୀ କାଳିକନିଆଁ ବୋଲି ସପନା ତାକୁ ମନକୁ ଆଣିଲା ନାହିଁ । ବାପା, ମାଆ ଖାଲି ଯୌତୁକ ଲୋଭରେ ସିନା ଏଡ଼େ ସୁନ୍ଦର ରାଜକୁମାର ପରି ପୁଅକୁ ଏମିତି ଅସୁନ୍ଦରୀ ଝିଅଟା ସଙ୍ଗେ ବାହା ଦେଇଦେଲେ । ଏବେ ତ ନେଡ଼ିଗୁଡ଼ କହୁଣୀକୁ ବହିଗଲାଣି । ଯେତେ ଜିଭ ଲଗେଇ ଚାଟିବାକୁ ଚାହିଁଲେ ବି କି ହେବ ?

ଶେଷକୁ ଦ୍ୱିତୀୟା ଓଷା ସରିକି ସରସ୍ୱତୀର ବଡ଼ଭାଇ ତା' ଶଶୂଘରକୁ ଦ୍ୱିତୀୟଭାର ନେଇଗଲା ବେଳେ ଭଉଣୀର ଏ ନିଆଶ୍ରୀ ଅବସ୍ଥାକୁ ସହିନପାରି ସାଙ୍ଗରେ ଘରକୁ ନେଇଆସିଥିଲେ । ସେହିଦିନଠାରୁ ସରସ୍ୱତୀ ବାପଘରେ ବାଡୁଅ ଝିଅ ଭଳି ରହିଛି ଯେ ରହିଛି । ଶାଶୂଘରର କିଛି ଖୋଜଖବର ବି ନାହିଁ । 'ଅକାଳ ବାବାଜୀ ସକାଳେ ଦେଖା' ଭଳି ଶାଶୂଘର ଏ ବୋହୂ ସୁଆଗ ତାକୁ କେମିତି କେମିତି ଆଜି ଲାଗୁଛି । ତଥାପି ସରସ୍ୱତୀ କାନ୍ଥକୁ ଆଉଜି କାନ ଡେରିଲା । ତାକୁ ଶୁଭିଲା, ତାର ଶ୍ୱଶୁର ତା' ବାପାର ହାତଧରି କହୁଛନ୍ତି, ଯାହାତ ହେବାର ହେଲାଣି ସମୁଦି, ଏଥର ତମ ହାତଧରି କହୁଛି, ମୋ' ବୋହୂକୁ ମୋ' ସଙ୍ଗେ ପଠେଇଦିଅ । କେତେ ଦିଅଁ ଦେବତା ପୂଜି ପୂଜି ଯେତେବେଳେ ପୁଅ ମୋର ଘରକୁ

ଫେରିଛି, ପୁଣି ଘରେ ଗୋଡ଼ ଦେଉ ନ ଦେଉଣୁ ବୋହୂକୁ ଖୋଜୁଛି, ସେତେବେଳେ ତମେ ଆଉ ଝିଅ ପଠେଇବା ପାଇଁ ନାହିଁ କରନି । ଜାଣିଛ ସମୁଦି, ତମ ଆଗେ ଆଜି ପେଟ ଭିତରର ଗୁମର କଥା ଖୋଲି କହୁଛି । ମୁକୁନ୍ଦପୁର ଗାଁକୁ ମଥୁରା ରାଇଜରୁ ଯେଉଁ ଗେରୁଆ ବସ୍ତ୍ରଧାରୀ ସାଧୁବାବା ଆସିଛନ୍ତି, ତାଙ୍କ ପାଖରୁ ମନ୍ତ୍ରସିଦ୍ଧ ଗଦ ଆଣି ପରା ଏଇ କେତେଦିନ ତଳେ ସପନାର ସାଙ୍ଗ ବିଶିଆ ହାତରେ ରାଶିଲଡୁରେ ପୂରାଇ ପଠାଇଥିଲି ତାକୁ ତ ସପନା ଖାଇଛି, ସେଇଠୁ ବୋହୂ ମା କଥା ମନେପଡ଼ିଛି । ଘରକଥା ବି ମନେପଡ଼ିଛି । ନିଉଛୁଣାଟା ଆଉ କି ସେ ବିଦେଶରେ ସମ୍ଭାଳିହୁଏ । ଏକମୁହାଁ ଘରକୁ ଧାଇଁଛି । 'ଉଛୁଳା ନଈର ତୋଡ଼, ଘର ବାହୁଡ଼ା ମନ' ଇଯେ କ'ଣ କିଛି ବନ୍ଧବାଡ଼ ମାନି ଅଟକି ରହେ ? ତମେ ଆଉ ଡେରି କରନା ସମୁଦି, ଶୀଘ୍ର ଶୀଘ୍ର ବୋହୂକୁ ମୋର ସଜପଟା କରି ବାହାରକର । ବେଳ ଥାଉଁ ଥାଉଁ ଯେମିତି ଆମ ଗାଁ ଦାଣ୍ଡରେ ପହଞ୍ଚିଯିବୁ ।

ସରସ୍ୱତୀର ବାପା କ'ଣ ଭାବିଲେ କେଜାଣି, ଦାଣ୍ଡଘରୁ ଉଠି ଆସି ମାଆ ପାଖରେ କ'ଣ କଥାଭାଷା ହେଲେ । ମା' ବି ଆଖିରୁ ଲୁହ ପୋଛି ଟ୍ରଙ୍କରୁ ନୂଆ ଶାଢ଼ିଟା କାଢ଼ି ସରସ୍ୱତୀକୁ ପିନ୍ଧିବାକୁ ଦେଲେ । ଗହଣା ବାକ୍ସରେ ସାଇତି ରଖିଥିବା ସରସ୍ୱତୀର ବାହା ବେଳର କାନଝୁମୁକାକୁ ଭଲକରି ପେଚଦେଇ ନିଜେ ଝିଅକୁ ପିନ୍ଧେଇ ଦେଲେ । ଝିଅକୁ ଆକଟ କରି କହିଲେ ଯେ ସୁନା କାନଫୁଲକୁ ସବୁବେଳେ ନଜର ରଖିଥିବୁ । କେଉଁଠି କୂଅରୁ ପାଣି କାଢ଼ିଲା ବେଳେ କିମ୍ବା ମଥା ଉପରକୁ ଓଢ଼ଣା ଝିଙ୍କିବା ବେଳେ ହୁସିଆର ଥିବୁ । ନହେଲେ ଏଡ଼େ ସୁନ୍ଦର ମୟୂରଲଗା ଝୁମୁକା କେଉଁଠି ହଜିଯିବ ଯେ ଖୋଜି ହେଉଥିଲେ ବି ପାଇବୁ ନାହିଁ । ଏମିତି ବେଶଭୂଷାରେ ମଣ୍ଡି ହୋଇ ସରସ୍ୱତୀ ଶାଶୁଘର ଯିବା ପାଇଁ ଅଟୋରେ ବସିଲା । ନିଜ ମମତାମଖା ଜନ୍ମମାଟି, ଅତିପ୍ରିୟ ବଉଳ, ସଙ୍ଗାତ, ମିତ, ମାଆ, ମାଉସୀ, ପୋଖରୀତୁଠ, କିଆଫୁଲ ବଣ, ଗୋହିରୀ ଦାଣ୍ଡ ସବୁ କ୍ରମେ ଦୂରରେ ରହିଯାଉଥିଲେ । ଅଟୋ ମଧ୍ୟରେ ବସି ସରସ୍ୱତୀ ନିଜ ସ୍ୱାମୀଙ୍କ ଅନିନ୍ଦ୍ୟ ସୁନ୍ଦର ରୂପ ଓ ମଧୁବୋଳା ସେନେହ ସୋହାଗରେ ମନେ ମନେ ହଜି ଯାଉଥିଲା । ସ୍ୱାମୀଛଡ଼ା ଆଉ କିଛି ତା'ର ମନକୁ ଆସୁନଥିଲା । ଭାବୁଥିଲା, ନିଜ ରୂପରେ ନହେଲା ନାହିଁ, ଭଲ ଗୁଣରେ, ଉତ୍ତମ ସେବାରେ, ନିଷ୍କଳଙ୍କ ଚରିତ୍ରରେ, ସର୍ବୋପରି ଉଜ୍ଜ୍ୱଳ ପାତିବ୍ରତ୍ୟର ଦାୟରେ ସେ ତା'ର ସ୍ୱାମୀଙ୍କୁ ଏଥର ବାନ୍ଧି ରଖିବ । ଆପଣା ଗାଁରେ ପଛେ ମୂଲ ଲାଗି ପେଟ ପୋଷିବ, କିନ୍ତୁ ସେ ନିଆଁଲଗା ବିଦେଶକୁ ଟଙ୍କା ରୋଜଗାର ପାଇଁ ଆଉ ଛାଡ଼ିବ ନାହିଁ । ବେଶୀ ପଇସା ବା ତା'ର କ'ଣ ହେବ ? ଖାଲି ପେଟ ଚାଖଣ୍ଡକ ପୂରିଲେ ହେଲା । ଏ ଫୁଙ୍ଗୁଳା ଦେହଟା ଲୁଚେଇବା ପାଇଁ ଦୁଇଖଣ୍ଡ ସୂତା ଶାଢ଼ି ବେଢ଼େଇ ଦେଲେ ହେଲା । କିନ୍ତୁ ତାର ସ୍ୱାମୀ ସୋହାଗ ପରିପୂର୍ଣ୍ଣ ସଂସାରଟେ ଦରକାର । ଜିଇଁଥିଲା ଯାଏଁ ଦାଉଦାଉ ଜଳୁଥିବା ସିନ୍ଦୂର ଟିପା ଓ ଦୁଇପଟ ଚୁଡ଼ି ଦରକାର । ଏ ଲୋକହସା ଓ ଲୋକନିନ୍ଦାରୁ ରକ୍ଷା ପାଇବା ପାଇଁ ସ୍ୱାମୀର ବଳିଷ୍ଠ ବାହୁଛାୟା ଦରକାର । ଏତକ ପାଇ ସେ ଦୁନିଆର ସବୁଠୁ ସୁଖୀ ମଣିଷଟେ ପାଲଟିଯିବ ।

**ଅବଗୁଣ୍ଠନ ତଳୁ ଅବଗୁଣ୍ଠନବତୀର ଆଖି ଯୋଡ଼ିକ ସେହି ବହୁ ଈପ୍ସିତ ପୁରୁଷ ପୁଙ୍ଗବଟିକୁ ନିରବରେ ଖୋଜି ବୁଲୁଥାଏ ।**

ଏମିତି ଭାବୁଭାବୁ ଶାଶୁଘର ଦୁଆରେ ଅଟୋରିକ୍ସା ରହିଲା । ସାହିପଡ଼ିଶାର ସ୍ତ୍ରୀ ଲୋକମାନେ ଏତେଦିନ ପରେ ବୋହୂ ଫେରିଥିବାରୁ ବୋହୂକୁ ସଂଖୋଳିବାକୁ ଅଟୋରିକ୍ସା ଚାରିପଟେ ରୁଣ୍ଡ ହୋଇଗଲେ । ବୋହୂ ଅଟୋରୁ ଓହ୍ଲାଇ ଓଢ଼ଣି ଟାଣି ଧୀର ପାଦପାତରେ ଶାଶୁଘର ଏରୁଣ୍ଡିବନ୍ଧ ଡେଇଁଲା । ଐଶାନ୍ୟ କୋଣରେ ଈଶାଣଙ୍କୁ ଜୁହାର କଲା । ଶାଶୂ, ଶ୍ୱଶୁର ସମସ୍ତ ଗୁରୁଜନମାନଙ୍କୁ ଆଣ୍ଠୁମାଡ଼ି ପ୍ରଣାମ ହେଲା । କିନ୍ତୁ ଅବଗୁଣ୍ଠନ ତଳୁ ଅବଗୁଣ୍ଠନବତୀର ଆଖି ଯୋଡ଼ିକ ସମସ୍ତଙ୍କ ଭିତରେ ସେହି ବହୁ ଈପ୍ସିତ ପୁରୁଷ ପୁଙ୍ଗବଟିକୁ ନିରବରେ ଖୋଜି ବୁଲୁଥାଏ ।

ସଞ୍ଜ ପ୍ରହର ଯାଇ ଭାତଖିଆ ପ୍ରହର ହେଲା । ବୋହୂ ଭାତ, ତିଅଣ ରାନ୍ଧି ସମସ୍ତଙ୍କୁ ପରଷି ଦେଲା । ସ୍ୱାମୀ ଥାଳିରେ ଅନ୍ନ ପରଷିଲା ବେଳେ ହାତ ଆପଣାଛାଏଁ ଥରିଉଠୁଥାଏ । ଗୋଡ଼ର ଗୋଡ଼ମୁଦି ସମତଳ ଭୂଇଁରେ ଲାଗି ମନକୁ ମନ ଝୁଣ୍ଟି ପଡୁଥାଏ । ରୋଷେଇ ଘରର ସବୁ କାମ ସାରି ସ୍ୱାମୀ ପାଖକୁ ଆସିବା ବେଳକୁ ରାତ୍ରି ଦ୍ୱିତୀୟ ପ୍ରହରରେ ପହଞ୍ଚି ଯାଇଥାଏ । ତଥାପି ସ୍ୱାମୀ ତାର ଅତନ୍ଦ୍ର ନୟନରେ ସରସ୍ୱତୀକୁ

ଅପେକ୍ଷାକରି ରହିଥାନ୍ତି । ସରସ୍ୱତୀ ପାଇଁ ଏହାଠୁ ବଳି ଭାଗ୍ୟ କ'ଣ ଆଉ ଥାଇପାରେ ? ସରସ୍ୱତୀ ଏକାନ୍ତରେ ଭକ୍ତିପୂତ ପ୍ରଣତି ଢାଳି ନିଜ ଇହକାଳ ପରକାଳ ଦେବତାର ପାଦଧୂଳି ଆଣି ମଥାରେ ଲଗାଇଲା । ସ୍ୱାମୀ ବି ସାରାରାତି ସରସ୍ୱତୀକୁ ବହୁ ଆଦର ସୋହାଗରେ ପୋତି ପକାଇଲା । ଏତେ ସୋହାଗ, ଏତେ ସରାଗ, ଏତେ ଅନ୍ତରଭରା ପ୍ରେମ ଦୁନିଆରେ ଥାଇପାରେ ବୋଲି ସେହି ପ୍ରଥମ ଦିନ ହିଁ ସରସ୍ୱତୀ ଅନୁଭବ କଲା । ସେଇ ପ୍ରଥମବାର ବି ସେ ଅନୁଭବ କଲା, ଯୁଗଳ ଜୀବନର ଭଷ୍ଟ ମଧୁରତା, ଭରା ପ୍ରାଚୁର୍ଯ୍ୟତା, ସେ ଖୁସିର ଆତିଶଯ୍ୟରେ ଏବଂ ପ୍ରବଳ ପୁଲକରେ ଆତ୍ମହରା ହୋଇଉଠିଲା । ଆଜି ସାରା ମନ ପ୍ରାଣରେ ତା'ର ଅସରନ୍ତି ବେପଥୁ ଯେମିତି ଲହଡ଼ି ଭାଙ୍ଗୁଛି । ଦୁନିଆରେ ଆଉ ଅଧିକ କିଛି ହେଲେ ତା'ର ଲୋଡ଼ାନାହିଁ ।



ରାତ୍ରି ଚତୁର୍ଥ ପ୍ରହରରେ ପହଞ୍ଚିଲା । ଆକାଶରୁ କୁଆଁତାରା ଲିଭିନି । ପଡ଼ିଶାଘର କୁକୁଡ଼ାଟା ଜୋର୍‌ରେ ରାବଦେଲା । ସ୍ୱାମୀ ତା'ର ଚମକି ପଡ଼ିଲେ । ଶିଥିଳ ବାହୁବନ୍ଧନକୁ ପୁନର୍ବାର ନିବିଡ଼ କରି ତତୋଽଧିକ ଆଦର ପୂର୍ବକ ସରସ୍ୱତୀର କାନ ଝୁମୁକାରେ ହାତ ଲଗାଇଲେ । କାନ ଝୁମୁକା ମଧ୍ୟ ସୋହାଗର ସ୍ୱର୍ଶ ପାଇ କିଛିକ୍ଷଣ ଦୋହଲିଗଲା । ପ୍ରୀତିପୂର୍ଣ୍ଣ କଣ୍ଠରେ ସ୍ୱାମୀ କହିଲେ, ସରସ୍ୱତୀ ! ଏ ପୁରୁଣା ଡିଜାଇନର କାନଝୁମୁକାଟା ତମକୁ ଜମା ହେଲେ ମାନୁନାହିଁ । ମୋର ବି ଏଇ କାନଫୁଲଟା ତମର ଆଦୌ ପସନ୍ଦ ହେଉନାହିଁ । ଏଥର ସେ କାନଫୁଲ ହଳକ ଯାକ ଓହ୍ଲେଇ ମତେ ଦେଇଦିଅ । ମୁଁ ଆଉ ଆଠଦିନ ପରେ ଆସିବା ବେଳକୁ ଏହାକୁ ବଦଳାଇ ତମ ପାଇଁ ଦୁଇଟା ସୁନ୍ଦର କାନଫୁଲ ଆଣିଦେବି । ସେଥିରେ ତାରକସିର ସୂକ୍ଷ୍ମ କାମ ସବୁ ଅଙ୍କା ହୋଇଥିବ । ନାଲି, ନେଳି ପଥର ଖଞ୍ଜା ଯାଇଥିବ । ସ୍ୱାମୀର ନିଛକ ଆଦରରେ, ନିଖୁଣ ପ୍ରେମରେ ସର୍ବୋପରି ମଧୁକ୍ଷରା ହୃଦୟଗ୍ରାହୀ ବଚନରେ ସରଳ ହୃଦୟା ସରସ୍ୱତୀ ଏତେ ବାନ୍ଧି ହୋଇଯାଇଥିଲା ଯେ ସ୍ୱାମୀଙ୍କ ପାଟିରୁ କଥା ନସରୁଣୁ କାନରୁ ସୁନା ଝୁମୁକା ଖୋଲି ପତିଦେବଙ୍କୁ ସମର୍ପଣ କରିଦେଲା । କିନ୍ତୁ ମନଦୁଃଖ ହେଲା ଯେ ପୁଣି ଗୋଟିଏ ରାତି ପରେ ସ୍ୱାମୀ ବିଦେଶ ବାହୁଡ଼ିଯିବେ ବୋଲି କଳୁଷବିହୀନା ନିରୀହା ସରସ୍ୱତୀର ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ନିଜ ହାତରେ ପୋଛିଦେଇ, ଏଇ ଆଠଦିନେ ନିଶ୍ଚୟ ବାହୁଡ଼ି ଆସିବି କହି, କାନଝୁମୁକାକୁ ଅତି ତରବରରେ ସ୍ୱାମୀ ତାର ହ୍ୟାଣ୍ଡବ୍ୟାଗରେ ରଖିଲେ । ଏତିକିବେଳେ ସେହି ହ୍ୟାଣ୍ଡବ୍ୟାଗରୁ କିଛି ଗୋଟାଏ କ୍ଷୁଦ୍ର ଜିନିଷ ତଳେ ପଡ଼ିଯିବାର ସରସ୍ୱତୀକୁ ଭ୍ରମ ହେଲା । ତେବେ ସ୍ୱାମୀଙ୍କର ଟ୍ରେନ୍ ଟାଇମ୍ ବିଳମ୍ବ ହୋଇଯିବ ଭାବି ଶୀଘ୍ର ଶୀଘ୍ର ସ୍ୱାମୀଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଲା ।

ସକାଳର ବାସି ପାଇଟି କରିବ ବୋଲି ଦରଆଉଜା କବାଟକୁ ଏଥର ପୂରା ଖୋଲିଦେଲା ସରସ୍ୱତୀ । ବଡ଼ି ସକାଳର ଝାପ୍‌ସା ଆଲୁଅରେ ଘର ଭିତରେ କ'ଣ ଗୋଟାଏ ଚକ୍‌ଚକ୍ କରି ଉଠିଲା । ସରସ୍ୱତୀ ତଳୁ ସେ ପଦାର୍ଥଟା କ'ଣ ହୋଇପାରେ ବୋଲି ଉଠାଇ ଆଣିବାରୁ ଦେଖିଲା, ସେଇଟା ସ୍ୱାମୀଙ୍କ ହ୍ୟାଣ୍ଡବ୍ୟାଗରୁ ତାଙ୍କ ଅସାବଧାନତାବଶତଃ ପଡ଼ିଯାଇଥିବା ଆଉ କେଉଁ ନାରୀର ପଟେ ଭଙ୍ଗା କାନଫୁଲ । ସରସ୍ୱତୀ ଏହାର ରହସ୍ୟ କିଛି ବୁଝି ବି ବୁଝିପାରୁନଥିଲା । କାନ ଝୁମୁକାରେ ଭଲକରି ପେଚ ମୋଡ଼ିଲା ବେଳେ ଗର୍ଭଧାରିଣୀ ମା'ର ସେହି କଠୋର ତାଗିଦ୍‌ବାଣୀ ତା'ର କାନରେ ଗୁଞ୍ଜରି ଉଠୁଥିଲା । ସରସ୍ୱତୀର ପାଦ ତଳୁ ମାଟି ଯେମିତି ଖସି ଖସି ଯାଉଥିଲା । ମୁଣ୍ଡରେ ହାତଦେଇ ଲଥକିନା ସେହି ଘର କୋଣରେ କାନ୍ଥକୁ ଆଉଜି ସେ ବସିପଡ଼ିଲା । ଚତୁର୍ଦ୍ଦିଗ ତାକୁ ଅନ୍ଧାର ଦିଶୁଥିଲା । ସ୍ୱାମୀ ଯେ ଆଉ କେଉଁ ରମଣୀର କର୍ଣ୍ଣମଣ୍ଡନ କରିବା ପାଇଁ ତାକୁ ମିଛ ସୋହାଗରେ ବାନ୍ଧି ତା' କାନଫୁଲକୁ ଆଜି ଆତ୍ମସାତ୍ କରିନେଲେ, ଏକଥା ବୁଝିବାକୁ ଆଉ ତାକୁ ବାକି ରହିଲାନି । ଲୋକକଥା ସରସ୍ୱତୀର ମନରେ ସତ ବୋଲି ପ୍ରତୀୟମାନ ହେଲା । ହାୟରେ ବିଧାତା ! ମୋ' ଭାଗ୍ୟରେ ତୁ କ'ଣ ଏଇ ହଟହଟା ଲେଖିଥିଲୁ, କହି ସରସ୍ୱତୀ ସେଇଠି ହିଁ ଚେତାଶୂନ୍ୟ ହୋଇ ଢଳିପଡ଼ିଲା ।

□□

ଲେଖିକାଙ୍କ ଇ-ମେଲ ଠିକଣା:
chinmayasamal97@gmail.com

ପ୍ରବନ୍ଧ


# ଆମ ଭାଷାର ଶବ୍ଦାର୍ଥ ପ୍ରକରଣରେ ବିବିଧତା



ଗୋପାଳକୃଷ୍ଣ ଆଚାର୍ଯ୍ୟ

ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ
ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ॥

ଶ୍ରୀମଦ୍ ଭଗବଦ୍ ଗୀତାର ସପ୍ତମ ଅଧ୍ୟାୟ ଓ ଚତୁର୍ବିଂଶତି ଶ୍ଳୋକାନୁସାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି: ବୁଦ୍ଧିହୀନ ମନୁଷ୍ୟମାନେ ମୋର ଅନୁତ୍ତମ ଅବିନାଶୀ ପରମଭାବକୁ ନଜାଣି, ମନ-ଇନ୍ଦ୍ରିୟର ଅତୀତ ମୋତେ ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ସାଧାରଣ ମନୁଷ୍ୟପରି ଜନ୍ମ ହୋଇ ବ୍ୟକ୍ତିଭାବ ପ୍ରାପ୍ତ ହୋଇଛି ବୋଲି ମନେ କରନ୍ତି।




ପୁନଶ୍ଚ ଶ୍ରୀବିଷ୍ଣୁ ସହସ୍ରନାମରୁ ଶ୍ଳୋକଟିଏ ଦେଖନ୍ତୁ:

ଈଶ୍ୱରୋ ବିକ୍ରମୀଧନ୍ୱୀ ମେଧାବିକ୍ରମଃ କ୍ରମଃ ।
ଅନୁତ୍ତମୋ ଦୁରାଧର୍ଷଃ କୃତଜ୍ଞଃ କୃତିରାତ୍ମବାନ୍ ୯॥

ଏହାର ଅର୍ଥ ହେଉଛି ବିଷ୍ଣୁଙ୍କର ଅନେକ ନାମ ମଧ୍ୟରେ ଗୋଟିଏ ନାମ ହେଉଛି ଅନୁତ୍ତମ। ଆଉ ଗୋଟିଏ ନାମ ହେଉଛି ଦୁରାଧର୍ଷ।

ଏ ଦୁଇଟି ଦୃଷ୍ଟାନ୍ତ ଦେବାର ମୂଳ ଉଦ୍ଦେଶ୍ୟ ହେଉଛି ଶବ୍ଦର ବିବିଧ ଅର୍ଥାନ୍ତର ପ୍ରୟୋଗ।

ଅନୁତ୍ତମ ଶବ୍ଦର ଅଭିଧା ଦେଖିଲେ ପ୍ରଥମତଃ ସନ୍ଧିକ୍ରମରେ ନ+ଉତ୍ତମ ବୋଲି ଧରିନେବାକୁ ପଡ଼େ। ଏହାର ଅର୍ଥ ଉତ୍ତମ ନୁହେଁ ଯେ ସେ ନିଶ୍ଚୟ ଅଧମ। କିନ୍ତୁ ଉପର୍ଯ୍ୟୁକ୍ତ ଦୁଇଟି ଉଦାହରଣରେ ଏହି ଅର୍ଥର ପ୍ରୟୋଗ ହୋଇଛି କି? ଭଗବାନ କଦାପି ଅଧମ ହେବେ ନାହିଁ। ସେ ଉତ୍ତମ ନ ହୋଇଥିଲେ ଆମେ ତାଙ୍କୁ କିପରି ପୁରୁଷୋତ୍ତମ ବୋଲି ସମ୍ବୋଧନ କରି ଥାଆନ୍ତେ। ଏଣୁ ଏହାର ଗୂଢ଼ାର୍ଥକୁ ପ୍ରବେଶ କରିବା ଏଥର। ସନ୍ଧିବିଚ୍ଛେଦ ନକରି ଆପଣ ସମାସ ଦିଗରେ ଆଗେଇ ଚାଲନ୍ତୁ।

ଏଠାରେ ଅନୁତ୍ତମ ଶବ୍ଦର ଅର୍ଥ ସାମସିକ ବ୍ୟୁତ୍ପତ୍ତି ହେତୁ ଏହିପରି ପ୍ରତ୍ୟୟମାନ ହେବ।

ଯେମିତି: ନାହିଁ ଉତ୍ତମ ଯାହାଠାରୁ ବା ନାହାନ୍ତି ଉତ୍ତମ ଯାହାଙ୍କଠାରୁ (ବହୁବ୍ରୀହି ସମାସ)।

ଏଣୁ ଆମକୁ ଶବ୍ଦମାନେ ଐନ୍ଦ୍ରଜାଳିକ ଆବର୍ତ୍ତନରେ ସବୁବେଳେ ପକାଇ ଆସୁଛନ୍ତି।

**ଶବ୍ଦ ହିଁ ବ୍ରହ୍ମ**

ଶବ୍ଦକୁ ଏଇଥିପାଇଁ ସନାତନୀମାନେ ବ୍ରହ୍ମ ବୋଲି କହିଥାନ୍ତି। ଅନେକ ଶବ୍ଦର ପ୍ରୟୋଗ ସର୍ବଦା ସ୍ଥିର ନୁହେଁ। ଆମେ ଯାହା ଧରି ଆସିଛେ ଯେ ଯେଉଁ ସିଦ୍ଧାନ୍ତ ଅପରିବର୍ତ୍ତନୀୟ ସେ ସିଦ୍ଧାନ୍ତ ସତ୍ୟ। କିନ୍ତୁ ଏଠାରେ ଏହା ବ୍ୟତିକ୍ରମ ନିଶ୍ଚୟ। ଯେମିତି ଅଗ୍ନି। ଅଗ୍ନି ଜାଳିପୋଡ଼ି ଭସ୍ମ କରିଦିଏ। ଶ୍ରୀମଦ୍ଭାଗବତ ମହାପୁରାଣର ଓଡ଼ିଆ ବହିଟିକୁ ନଜର ପକାନ୍ତୁ। ଏକାଦଶ ସ୍କନ୍ଧ: ଯଦୁରାଜା ଅବଧୂତ ସମ୍ବାଦରେ ଅତିବଡ଼ୀ ବଡ଼ ସୁନ୍ଦର ଭାବରେ ଲେଖିଛନ୍ତି:

ଅଗ୍ନି ଯେସନେ ସର୍ବଖାଇ
ବିଚାରେ ଗୁଣଦୋଷ ନାହିଁ ॥

ଅବଧୂତ ଅଗ୍ନିଙ୍କର ସର୍ବଭକ୍ଷଗୁଣକୁ ଗ୍ରହଣ କରି ଆହାରରେ ଭଲ ମନ୍ଦ ନବାଛି ସବୁ ଖାଇଥାନ୍ତି।

କିନ୍ତୁ ଘରେ ନିଆଁ ଲାଗିଗଲା ବା ଗୃହଟି ଅଗ୍ନି ଦଗ୍ଧ ହୋଇଗଲା କହିଲେ ଆମେ ଅଗ୍ନିଙ୍କର ଆରାଧନା ନକରି ଅଗ୍ନିଙ୍କୁ ଯଥାଶୀଘ୍ର ବିସର୍ଜନ କରିବା ପାଇଁ ଉପଚାରରେ ଲାଗିପଡୁ। ଏଇଥିପାଇଁ ଆମ ଗର୍ଭ ବା ଉଦରରେ ଅଗ୍ନ୍ୟାଶୟ ନାମକ ସ୍ଥାନଟିଏ ଅଛି। ଏ ଅଗ୍ନି ସକଳ ସୁକ୍ଷ୍ମ ଖାଦ୍ୟକୁ ଜୀର୍ଣ୍ଣ କରିଦିଏ।

ଏହାର ନାମ ଆମ ବଡ଼ପୁରୁଷେ ଦେଇଛନ୍ତି 'ଜଠରାଗ୍ନି'। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନାମ ସମ୍ଭବତଃ ଯଜ୍ଞାଗ୍ନିରୁ ସମ୍ଭବ ହୋଇଥିବାରୁ 'ଯଜ୍ଞନାଥ'ରୁ ଜଗନ୍ନାଥ ହୋଇଛି। କେଡ଼େ ଚମତ୍କାର ଭାବରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ 'ଶ୍ରୀ ନୀଳାଦ୍ରୀଶ ଚଉତିଶା'ରେ ଲେଖିଛନ୍ତି -

ଯଜ୍ଞଙ୍ଗରୁ ସମ୍ଭୂତ ଯଜ୍ଞଧର ଯାଜ୍ଞିଥ
ଯଜ୍ଞ ସ୍ୱରୂପ ଯଜ୍ଞାନନ
ଯଜ୍ଞକୀଳବାହୁକ ଯଜ୍ଞବେଦୀନାୟକ
ଅଜ୍ଞ କି ଭେଦିବ ଗହନ ?
ହେ ନୀଳାଦ୍ରୀଶ !
ରାଜ୍ଞ କୂଳରେ ହୋଇ ଜାତ
ପ୍ରାଜ୍ଞ ଚକ୍ରରେ ଆତଯାତ
ସୁଜ୍ଞ ମୁଖୁ ବିଦିତ ବିଜ୍ଞାନରେ ବିଜ୍ଞାତ;
ଯଜ୍ଞାନ୍ନ ବ୍ରହ୍ମାଣ୍ଡ ବିଦିତ ହେ ?

ଏବେ ଶ୍ରୀବିଷ୍ଣୁ ସହସ୍ରନାମର ଆଉ ଗୋଟିଏ ଶବ୍ଦ ଦୁରାଧର୍ଷ ଆଡ଼କୁ ମୁହାଁଇବା। ଦୁରାଧର୍ଷ ଶବ୍ଦର ପ୍ରଥମ ଅର୍ଥଟି ହେଲା 'ଅତି ଭୟଙ୍କର ବା ପ୍ରଚଣ୍ଡ'। ଏଠାରେ କିନ୍ତୁ ବିଷ୍ଣୁ ଭଗବାନ ମଙ୍ଗଳମୟ। କାରଣ ସେ ବିଶାଳଠାରୁ ବିଶାଳ। ତାଙ୍କୁ କେହି ଶତ୍ରୁ ଦମନ କରିପାରିବ ନାହିଁ। ଏଣୁ ତାଙ୍କର ନାମ ମଧ୍ୟ ଜିତାମିତ୍ର ବା ଜିତ ଅମିତ୍ର(ଶତ୍ରୁ)। ଅବଶ୍ୟ ଆପଣ ନୃସିଂହ ଭଗବାନଙ୍କୁ ମଧ୍ୟ ବିଚାରକୁ ନେଇ ପାରନ୍ତି।

ଉଗ୍ରଂବୀରଂ ମହୋଜ୍ୱଳଂ ଜ୍ୱଳନ୍ତଂ ସର୍ବତୋମୁଖଂ
ନୃସିଂହ ଭୀଷଣଂ ଭଦ୍ରଂ ମୃତ୍ୟୁର୍ମୃତ୍ୟୁ ନମାମ୍ୟହମ୍ ॥

ଏଠାରେ ମହାପ୍ରଭୁ ଶ୍ରୀନୃସିଂହଙ୍କର ଭୀଷଣତ୍ୱ ସହିତ ଭଦ୍ରତା ଓ ଅଭୟଦାତାର ସ୍ୱରୂପ ମଧ୍ୟ ଆମେ ସହଜରେ ଦେଖିପାରିବା।

**ପ୍ରାଚୀନ ପଦାବଳୀ**

ଆମ ଓଡ଼ିଆ ସାହିତ୍ୟର ପ୍ରାଚୀନ ପଦାବଳୀରେ ଏମିତି ଅନେକ ଉଦାହରଣ ରହିଛି।

ସୂକ୍ତିର ଗନ୍ତାଘର ଓଡ଼ିଆ ଭାଗବତରେ କେତେ ସାବଲୀଳ ଭାବରେ ଅତିବଡ଼ୀ ଗୁନ୍ଥି ଦେଇଛନ୍ତି ପଦମାନ। ଯେମିତି:

ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ ॥

ଅବଧୂତ ମହାଯୋଗୀ ପିଙ୍ଗଳାବେଶ୍ୟା ପ୍ରସଙ୍ଗରେ ଦେହଜୀବୀର ପ୍ରଜ୍ଞୋଦୟକୁ ସୁଗମ ରୀତିରେ ପରିପ୍ରକାଶ କରିଛନ୍ତି:

ନିଷ୍ଫଳ ମୋହର ଜୀବନ
ଅଜ୍ଞାନେ ଗଲା ଏତେଦିନ।
ଏ ଦେହେ ବସେ ନାରାୟଣ
ସେ ହରି ଛାଡ଼ି ମୂଢ଼ପଣ।
ଯେ ଦେହେ ଅଛି ନାନା ରୋଗ
ତା' ସଙ୍ଗେ କଲି ରତିରଙ୍ଗ।
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ।

ଅର୍ଥ - ପିଙ୍ଗଳା ବେଶ୍ୟାର ମନରେ ଯେତେବେଳେ ପ୍ରଭୁଙ୍କ କରୁଣାରୁ ବୈରାଗ୍ୟ ଭାବ ଜାତ ହେଲା ସେ ମନରେ ଭାବିଲା ଯେ ଏ ମର୍ତ୍ତ୍ୟଲୋକରେ ଦେବତାମାନେ ଶରୀର ଧାରଣ କଲେ ମଧ୍ୟ ତାଙ୍କୁ ମୃତ୍ୟୁବରଣ କରିବାକୁ ପଡ଼େ। ତେଣୁ ଏହି ଶରୀର ମରଣଶୀଳ। ଏହି ମରଣଶୀଳ ଶରୀରରେ ଆତ୍ମା ରୂପରେ ସର୍ବବ୍ୟାପୀ ନାରାୟଣ ବାସ କରନ୍ତି। କିନ୍ତୁ ଅଜ୍ଞାନତାବଶତଃ ସେ ଏହି ଶରୀର ମଧ୍ୟରେ ଆତ୍ମା ରୂପରେ ବିଦ୍ୟମାନ ଇଶ୍ୱରଙ୍କୁ ଉପଲବ୍ଧି କରିବାକୁ ଚେଷ୍ଟା ନ କରି ନାନା ପ୍ରକାର ରୋଗରେ ପରିପୂର୍ଣ୍ଣ ଏହି ଶରୀରକୁ ସଜେଇ ଭୋଗବିଳାସର ଏକ ସାମଗ୍ରୀ ଭାବି ଏହାକୁ ରତିକ୍ରୀଡ଼ାରେ ନିୟୋଜିତ କରିଥିବାରୁ ସେ ପର୍ଯ୍ୟନ୍ତ ତାର ଜୀବନ ଧାରଣ କରିବା ନିରର୍ଥକ ହୋଇଗଲା।

**ସୂକ୍ତିର ଗନ୍ତାଘର ଓଡ଼ିଆ ଭାଗବତରେ କେତେ ସାବଲୀଳ ଭାବରେ ଅତିବଡ଼ୀ ଗୁନ୍ଥି ଦେଇଛନ୍ତି ପଦମାନ।**

ଏମିତି ଆଉ କେତୋଟି ଅମୂଲ୍ୟପଦକୁ ଏ ମହାନ ଗ୍ରନ୍ଥରୁ ଆସନ୍ତୁ ଦେଖିବା।

ଦେହର ସଙ୍ଗେ ମୃତ୍ୟୁ ଜାତ ।
ନାହିଁ ଏହାର ଆଦିଅନ୍ତ ।।
କିଶୋର ସ୍ଥବିର ତରୁଣ ।
ଅବଶ୍ୟ ଲଭିବେ ମରଣ ।।
ବାଲୁତ ଯୁବା ବୃଦ୍ଧ ଦେହୀ ।
କେବେହେଁ ମୃତ୍ୟୁ ନ ତରଇ ।।


ଏ ଜୀବ ମରଣ ନିକଟେ ।
ବେଗେ ଚିନ୍ତଇ ଅନ୍ୟ ଘଟେ ।।
ଦେହ ବହିଲେ ନିଶ୍ଚେ ମରି ।
ମରଣ ଛାରେ କିମ୍ପା ଡରି ।।

ଶ୍ରୀମଦ୍ ଭଗବଦ୍ ଗୀତାର ସାଂଖ୍ୟଯୋଗ ଅଧ୍ୟାୟରେ ଏହିଭଳି ଭାବାତ୍ମକ ଶ୍ଳୋକଟିକୁ ମଧ୍ୟ ଆପଣମାନେ ପଢ଼ିଥିବେ:

ଜାତସ୍ୟ ହି ଧ୍ରୁବୋର୍ମୃତ୍ୟୁ ଧ୍ରୁବମ୍ ଜନ୍ମ ମୃତସ୍ୟ ଚ
ତସ୍ମାଦପରିହାର୍ଯ୍ୟାର୍ଥେ ନତ୍ୱଂ ଶୋଚିତୁମର୍ହସି ॥୨୭॥

କବିବର ରାଧାନାଥ ତ ବୋରାବୋରି ସ୍ପଷ୍ଟ ଅଭେଦ୍ୟ ଅଚ୍ଛେଦ୍ୟ ଚିରନ୍ତନ ଉଦାହରଣଟିଏ ଆମମାନଙ୍କ ଆଗରେ ପାର୍ବତୀ କାବ୍ୟରେ ଲେଖି ଯାଇଛନ୍ତି:

କେହି ରହି ନାହିଁ ରହିବେ ନାହିଁ ଏ
ଭବରଙ୍ଗଭୂମି ତଳେ
ସର୍ବେ ନିଜନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ॥




ଏକଥା ସ୍ପଷ୍ଟ ଯେ ଜନ୍ମ ସହିତ ମୃତ୍ୟୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜନ୍ମ ମିଥ୍ୟା-କେବଳ ପରିଭ୍ରମଣ -ମୃତ୍ୟୁ ସତ୍ୟ। ଏଣୁ ଏ ପୃଥିବୀର ନାମ ହୋଇଛି ମର୍ତ୍ତ୍ୟ ବା ମଞ୍ଚ ବା ମରଲୋକ। ଆମ ପୁରାଣଶାସ୍ତ୍ର ବି ଦେଖାଇଦେଇଛି ଭଗବାନ ଶ୍ରୀକୃଷ୍ଣଙ୍କର ଧରାଗମନ ଓ ଅଶ୍ୱତ୍ଥବୃକ୍ଷ ତଳ ହେଉ ବା ଶିଆଳି ଲତାରେ ହେଉ ମର୍ମନ୍ତୁଦ ମୃତ୍ୟୁର କରାଳଦୃଶ୍ୟକୁ। ଅତଏବ ଏଠିକି ଯିଏ ଆସିବ ସେ ଜୀବ। ଜୀବ ମାନେ ନିଶ୍ଚୟ ଯିବ। ସେ ବ୍ରହ୍ମ ହେଲେ ବି ତାଙ୍କ ଘରେ ସେ ବ୍ରହ୍ମ। ଏଠିକି ଆସିଲେ ଜୀବ। ଢମଣା ଗାତରେ ନାଗସାପ ରହିଲେ ବି ତାକୁ ଢମଣାମନ୍ୟ ବିଚାରିବା ନ୍ୟାୟ।

## ଦେବତା ହୋଇଲେ ମରଇ

କିନ୍ତୁ ଆମ ପାଲାକାର ଓ ପ୍ରବାଚକମାନେ 'ଦେବତା ହୋଇଲେ ମରଇ' ପ୍ରସଙ୍ଗକୁ ଆଉ ଗୋଟିଏ ବାଗରେ ବୁଝାଇଛନ୍ତି। ଯେମିତି: ଯାହାର ବାସସ୍ଥଳୀ ଯେଉଁଠି ସେ ସେଇଠି ରହିବ। ମର୍ତ୍ତ୍ୟରେ ପ୍ରାଣୀ ଷଡ଼ରିପୁର ପ୍ରଭାବରେ ପଡ଼ି ଭୁଲିଯାଏ ଯେ ସେ ଈଶ୍ୱରଙ୍କ ସନ୍ତାନ । ସେ ସାତ୍ତ୍ୱିକମାର୍ଗୀ ହେବା କଥା। ଯେତେବେଳେ ତା' ମନ ଘର ଧରେ, ସେତେବେଳେ ସେ ଭାରି ପଶ୍ଚାତ୍ତାପରେ ପଡ଼େ। କାହିଁକି ଏପରି ମୋର ମୂଲ୍ୟବାନ ଦେହ ଓ ସମୟକୁ ନଷ୍ଟ କଲି ବୋଲି ଅନୁତାପରେ ଜଳେ। ଏହି ଅନୁତାପ ନିଆଁରେ ଜଳିବା ଫଳରେ ତାର ଦିବ୍ୟତ୍ୱ ଝଳି ଉଠେ। ଏଣୁ ତା ଦେହକୁ ଦିବ୍ୟତ୍ୱ ପ୍ରବେଶ କରିବାକୁ ଲାଗେ। ପରିଶେଷରେ ସେ ଯେତେବେଳେ ରୂପାନ୍ତରିତ ହୋଇଯାଏ, ସେତେବେଳେ ତାକୁ ଦେବତାମାନେ ତାଙ୍କ ପାଖକୁ ନେଇଯାଆନ୍ତି। ଏଣୁ ଦେବତା ହେବା ପର୍ଯ୍ୟନ୍ତ ପ୍ରାଣୀ ଦେହ ବହିଥାଏ। ହେବାମାତ୍ରେ ତା ମୂଳସ୍ଥାନକୁ ପଳାଏ। ସତ ହେଉ ବା ମିଛ, କେତେ ବଢ଼ିଆ ସୁଭାଷିତଟିଏ ସତରେ!

ସେହିପରି ଆଉଗୋଟିଏ ପ୍ରକ୍ଷିପ୍ତପଦ ଭାଗବତରେ ଅଛି ବୋଲି ଆମ ପ୍ରବଚକମାନେ କହିଥାଆନ୍ତି:

ଅକର୍ମେ ବାସୁଦେବ ପ୍ରୀତି
କର୍ମ କରିଲେ ନାଶ ଯାନ୍ତି।
(ଏହା ମୂଳଭାଗବତରୁ ମିଳୁନାହିଁ, କିନ୍ତୁ ବହୁଳ ପ୍ରଚଳିତ)

କର୍ମ ଶବ୍ଦର ଅର୍ଥ ହେଉଛି ଯାହା କର୍ତ୍ତବ୍ୟ। ତା'ହେଲେ ଆମେ କ'ଣ କର୍ମ କଲେ ବିନାଶ ହୋଇଯିବା? ଅ-କର୍ମ ବା ଅକରଣୀୟକର୍ମ କଲେ ବାସୁଦେବଙ୍କୁ ପାଇବା?

ଏ ଅର୍ଥକୁ ଆମେ ଆଉ ଗୋଟିଏ ବାଗରେ ବୁଝିବା। ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ: କର୍ମ ଅର୍ଥାତ୍ ସାଂସାରିକ କର୍ମର ମାୟାରେ ଆସକ୍ତ ହେଲେ ଆମେ ବିନାଶଶୀଳ ହୋଇଯିବା। ଅ-କର୍ମ ଅର୍ଥାତ୍ ପରଂବ୍ରହ୍ମସୂଚକ ଏକାକ୍ଷର, ସବୁର ରକ୍ଷକ 'ଅ', ଯେ କି ବିଷ୍ଣୁ ଓ ମହାଦେବଙ୍କୁ ବୁଝାଏ, ସେହି ସାତ୍ତ୍ୱିକଧାରାରେ କାର୍ଯ୍ୟ କଲେ ବାସୁଦେବଙ୍କୁ ପାଇପାରିବା।

## ଗୀତିସାହିତ୍ୟ

ପଞ୍ଚସଖାଯୁଗ ପରେ ଆମ ଗୀତିସାହିତ୍ୟରେ କବିସମ୍ରାଟ ମଧ୍ୟ ଏ ଦିଗରେ କମ ପରିଶ୍ରମ କରିନାହାନ୍ତି। ଆପଣମାନେ 'ବୈଦେହୀଶବିଳାସ'ର ବହୁଚର୍ଚ୍ଚିତ

ଶ୍ରୀରାମଚନ୍ଦ୍ର ଓ ଧୀବର ପ୍ରସଙ୍ଗ ନିଶ୍ଚୟ ପଢ଼ିଥିବେ।

'ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର
ପୟର କ୍ଷାଳିତ କରି ବସନେ ପୋଛି
ବ୍ରହ୍ମାରେ ଧୌତ ଯେ ପଦ ନୋହିଛି ଶିବ ବିଷାଦ
ନପାଇ ଚରଣାମୃତପାନକୁ ଇଛି
ବିଜ୍ଞାନୀକୈବର୍ତ୍ତ ଧୋଇଲା
ବିଶ୍ୱେ ପତିତପାବନ ନାମ ରହିଲା ॥

ମହାପ୍ରଭୁ ଅବଧେଶ୍ୱର, କାକୁସ୍ଥ କରୁଣାକର ଶ୍ରୀରାମଚନ୍ଦ୍ରଙ୍କ ପାଦ ବାଜି ଅହଲ୍ୟା ପଥରରୁ ଅବଳା ହୋଇଥିଲା ବୋଲି ସନ୍ଦେହ କରି ତାଙ୍କ ସହ ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତାଦେବୀଙ୍କୁ ନାବରେ ପାରି କରିବାକୁ ମହାପ୍ରଭୁଙ୍କ ପାଦ ଭଲ କରି ଧୋଇ ଗାମୁଛାରେ ପରିଷ୍କାର ପୋଛି ଦେଇଛି ଧୀବର। ଏହାକୁ ଦେଖି ଲକ୍ଷ୍ମଣ ଓ ଜାନକୀମାତା ଭାବୁଛନ୍ତି ଯେ ଏ ବିଜ୍ଞାନୀ ବା ବିଗତ ଜ୍ଞାନ (ମୂର୍ଖ) କୈବର୍ତ୍ତର କି ଭାଗ୍ୟ! ଯେଉଁ ଚରଣାମୃତ ପାନ କରିବାର ସୌଭାଗ୍ୟ ନପାଇ ଖୋଦ ବ୍ରହ୍ମଦେବ, ମହାଦେବ ମଧ୍ୟ ବିଷାଦଗ୍ରସ୍ତ ଅବସ୍ଥାରେ ଅଛନ୍ତି, ତାହାକୁ ମୂର୍ଖଟିଏ ପାଇଗଲା। ବାସ୍ତବରେ ପ୍ରଭୁ ଶ୍ରୀରାମଚନ୍ଦ୍ର ପତିତପାବନ!

**ବାଚକ ଓ ବିଶ୍ଳେଷକଙ୍କ ମାନସଚକ୍ଷୁରେ ଆମ ଶବ୍ଦଭଣ୍ଡାରର ବୈଚିତ୍ର୍ୟ ଉପରେ ଆଲୋକପାତ କରାଯିବା ମଙ୍ଗଳମୟ ହେବ ।**

ଶ୍ରୀରାମଚନ୍ଦ୍ର କିନ୍ତୁ ଭାବୁଛନ୍ତି ତାଙ୍କ ଭକ୍ତଙ୍କ ପାଖରେ କେବଳ ବିଶେଷ ଜ୍ଞାନ ନୁହେଁ, ବିଶ୍ଳେଷଣାତ୍ମକଜ୍ଞାନ ରହିଥିବାରୁ ସେ ଏ ସୌଭାଗ୍ୟ ପାଇପାରିଲା। ଏଣୁ ପତିତ ଅବସ୍ଥାରୁ ସେ ଉଦ୍ଧିତ ହେଲା।

ସେହି ସମୟର ଆଉଜଣେ ବିଶିଷ୍ଟ କବି ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର। ତାଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟ ସତରେ ବିସ୍ମୟକର!

ଉପମା ଭଞ୍ଜବୀରସ୍ୟ ତସୈବଚାର୍ଥଗୌରବଂ
କଲ୍ଲୋଳେ ପଦଲାଳିତ୍ୟଂ ସନ୍ତି ଚିନ୍ତାମଣୌ ତ୍ରୟଃ!

କବିସମ୍ରାଟଙ୍କ ଲେଖାରେ ଉପମା ଓ ଅର୍ଥଗୌରବ ରହିଛି। ଦୀନକୃଷ୍ଣଙ୍କ ରସକଲ୍ଲୋଳରେ ପଦଲାଳିତ୍ୟ ରହିଛି। କିନ୍ତୁ 'ବିଦଗ୍ଧ ଚିନ୍ତାମଣି'ର ଏ ତିନୋଟି ବିଭବ ଲକ୍ଷ୍ୟ କରାଯାଏ। ବିଶେଷ କରି ବାତ୍ସଲ୍ୟରସ ପରିବେଷଣରେ ଅଭିମନ୍ୟୁ ଅତୁଳନୀୟ!

ଆଜି ତାଙ୍କ ଲେଖାରୁ ସମସ୍ତଙ୍କର ମୁହଁରେ ଥିବା ପଦଟିଏ ଉଦ୍ଧାର କରୁଛି:

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ
ବାତ୍ସଲ୍ୟମମତା ଘେନି ଭାଳୁଛନ୍ତି ମାତ।
ମୋ କଳାମାଣିକରେ...

ଶ୍ରୀ କୃଷ୍ଣଚନ୍ଦ୍ରଙ୍କର ଗୋଧନ ଚାରଣ ସମୟ ଅତିକ୍ରମ କରିଯାଇଛି। ସଂଧ୍ୟା ହେଲାଣି। ରଜାଘର ଛୁଆ। କେଉଁ ଅଭାବ ଅଛି ଯେ! ତଥାପି କଟାଳ କରି ଗୋପାଳ ବାଳକମାନଙ୍କ ସହ ସେ ବନକୁ ସକାଳୁ ସକାଳୁ ଯାଇଛନ୍ତି ଯେ ଏଯାଏ ଫେରି ନାହାନ୍ତି। ଏଣୁ ମାତା ଯଶୋଦା ବିଳାପ କରୁଛନ୍ତି! ହେ ମୋ' କଳାମାଣିକ! କାହିଁକି ବିଳମ୍ବ କରୁଛୁ ଧନ। ମୋ' ଆଖିର ତାରା ତୁ, ନିଧନ ସଙ୍ଖାଳି ତୁ।

**ପଦର ଭିନ୍ନାର୍ଥ**

ଏହି କଥାକୁ ସୂଚାଇବା ପାଇଁ କବି ଅଭିମନ୍ୟୁ ଧୀର ବା ବିଦଗ୍ଧ (ପଣ୍ଡିତ) ଗୁଣଗ୍ରାହୀ ବୈଷ୍ଣବମାନଙ୍କୁ ଘେନା କରିବା ପାଇଁ ଆଦ୍ୟରୁ କହି ରଖିଛନ୍ତି।

ଏହି ପଦର ଭିନ୍ନାର୍ଥ ମଧ୍ୟ ନିମ୍ନ ପ୍ରକାର ହୋଇପାରେ:

ଧୀରେ ଘେନ- ଧୀରମନ ସ୍ଥିରଚିତ୍ତରେ ଘେନା କର! କାନନରେ- କେଉଁଥିରେ ନା କାନ/ନରେ। ନରମାନେ କାନରେ ଘେନ। ଶୁଣ!

ଏ ଶୁଣିବା ପ୍ରକ୍ରିୟାରେ ଶ୍ରବଣେନ୍ଦ୍ରିୟ ପବିତ୍ର ହୋଇଯାଏ। ଏକଥା ଅତୀବ କର୍ଣ୍ଣ ରସାୟନକାରୀ!

ଏମିତି ଅନେକ ପ୍ରସଙ୍ଗକୁ ଶବ୍ଦାର୍ଥ ଓ ଭାବାର୍ଥ ମାଧ୍ୟମରେ ବିବିଧତା ଦିଆଯାଇପାରେ। ମୂଳ ଲେଖା ଯାହା ହେଉନା କାହିଁକି, ବାଚକ ଓ ବିଶ୍ଳେଷକଙ୍କ ମାନସଚକ୍ଷୁରେ ଆମ ଶବ୍ଦଭଣ୍ଡାରର ବୈଚିତ୍ର୍ୟ ଉପରେ ଯେତେ ଅଧିକ ଆଲୋକପାତ କରାଯାଇପାରେ, ସେତେ ମଙ୍ଗଳମୟ।

□□

ଲେଖକଙ୍କ ଇ-ମେଲ ଠିକଣା:
gacharyalulu@gmail.com

ଅନୁଭୂତି


# ଫର୍ଦ୍ଦେ ଜୀବନ



ଶୈଳବାଳା ମହାପାତ୍ର

କିଛି କଥା ଥାଏ, ଯାହା ବଥା ପାଲଟିଯାଏ ଛାତି ଭିତରେ। ସେଇ ବଥାମାନେ କବିତା ହୋଇ ବହିଯିବାକୁ ବାଟ ଖୋଜନ୍ତି। ମାତ୍ର ଏମିତି କେତେକ କଥା ଥାଏ ଯାହା ଏତେ କର୍କଶ ଯେ କବିତାର କୋମଳ ଦେହ ତାକୁ ବୋହିପାରେ ନାହିଁ। ସେଇଥିପାଇଁ ଲୋଡ଼ା ହୁଏ ଗଦ୍ୟର, କାହାଣୀର। କବିତାରେ ରଖିପାରି ନଥିବା କିଛି କଥା ଆଜିର ଏଇ ଲେଖାରେ!

୧୯୭୬ ମସିହା ଡିସେମ୍ବରର ଏକ ଶୀତୁଆ ସକାଳରେ ନୀଳାଚଳ ଯୁବ ସଂସଦର କବିତା ପାଠ ପାଇଁ ନିମନ୍ତ୍ରଣ ପତ୍ର ଦବାକୁ ଆସି ମାନସ, ମୋର ସ୍ୱାମୀ ମାନସ ରଂଜନ ମହାପାତ୍ର ମତେ ଆମନ୍ତ୍ରି ନେଲେ ତାଙ୍କ ଜୀବନ ପରିଧିକୁ। ତେବେ ଛଅସ୍ତରୀ ମସିହାର ଶୀତୁଆ ସକାଳଠାରୁ ୧୯୮୪ ମସିହା ମାର୍ଚ୍ଚ ଏଗାର ତାରିଖର ବାଣ ରୋଶଣି ଯାଏ ଅନେକ ଘଟଣା ଅଘଟଣ ମାନ ଅଭିମାନ ଅସମ୍ମାନ ଅପମାନର ଅଲେଖା ଦସ୍ତାବିଜ ପଞ୍ଜରାକୁ ଆବୋରି ରହିଛି।



## କିଶୋରୀ ଜୀବନ

ବାପା, ଜେଜେ, ଦୁଇ ସାନଭାଇ, ଗାଁର କୁଟୁମ୍ବ ଦାଦା ବଡ଼ବାପା ଇତ୍ୟାଦିଙ୍କୁ ଛାଡ଼ିଦେଲେ କୌଣସି ଅନ୍ୟ ସଂପର୍କ କଥା ମୁଁ ଜାଣିନଥାଏ। ସେହି ସମୟରେ ମୋର କଅଁଳ କିଶୋରୀ ଜୀବନରେ ବାହାରର ପ୍ରଥମ ପୁଅ ପିଲା ମାନସ ଯିଏ ମୋ' ସହ କଥା ହେଲେ। ମୁଁ ତ କୋ- ଏଜୁକେସନରେ ପଢୁଥିଲି। ମାନସ ପ୍ରଥମ ପୁଅ ପିଲା ବୋଲି ଏଇଥିପାଇଁ କହିଲି ଯେ ସ୍କୁଲର ପୁଅ ସାଙ୍ଗମାନଙ୍କ ସହ ଯେମିତି କଥାବାର୍ତ୍ତା, ମାଡ଼ଗୋଳ ଥିଲା; ମାନସ ସହିତ ସେମିତି ନଥିଲା। ତାଙ୍କ କଥାବାର୍ତ୍ତା କେମିତି ଅଲଗା ଥିଲା। ଆଉ ମୁଁ ନିଜେ ଗୋଟେ ଅଜଣା ପୁଲକରେ ପୁଲକିତ ହୋଇଯାଉଥିଲି ।

ହଠାତ ଅଠସ୍ତରୀ ମସିହା ବିଷୁବ ସମୟରେ ଗୋଟେ ପୋଷ୍ଟକାର୍ଡ଼ ଚିଠି ପାଇଲି। ଚିଠିଟା ଡାକବାଲା ଦେଲାବେଳକୁ ଆମର ବାହାର ବାରଣ୍ଡା କାମ ହେଉଥାଏ। ମିସ୍ତ୍ରୀ ମଜୁରିଆ ଥାଆନ୍ତି। ବୋଉ କାମ ପାଖରେ ଥାଏ। ଚିଠିଟା ଥିଲା ମାନସର। ଇଂରାଜୀରେ। "ଆଇ ଲଭ୍ ୟୁ ଭେରି ମଚ୍। ଆଇ ୱିଲ୍ ମ୍ୟାରି ୟୁ ଇନ୍ ଟାଇମ୍।" ମୋ ବୋଉକୁ ଲାଗିପଡ଼ି ଆମେ ଭାଇଭଉଣୀ ମିଶି ଦସ୍ତଖତଟା ଶିଖେଇ ଥିଲୁ। ମିସ୍ତ୍ରୀ ମଜୁରିଆ ବା କ'ଣ ବୁଝିବେ ! ମୋ' ଭିତର କିନ୍ତୁ ବରଡ଼ାପତ୍ର ପରି ଥରିବାରେ ଲାଗିଲା। ଏମାନେ କେହି ଚିଠିଟା ଦେଖିଛନ୍ତି କି ନାଇଁ ବୋଲି ଚୋରଣୀ ପରି ଏପଟସେପଟକୁ ଚାହିଁ ମୁଁ ଘର ଭିତରକୁ ଚାଲି ଆସିଲି।

ମତେ ଏଇଭଳି କଥା କବିତାରେ ବିମୋହିତ କରି ରଖୁଥିବା ତରୁଣଟି ଦିନେ ହଠାତ୍ ମୋ' ଜାତି କଥା, ମୋ' କଳା ରଙ୍ଗ, ଅସୁନ୍ଦର ପଣ, ମୋ' ସଂସ୍କାରହୀନ ପରିବାର, ମୋ' ପାଟିରୁ ଗନ୍ଧ ବାହାରୁଥିବା କଥା ଓ ତାଙ୍କୁ ତାଙ୍କ ସମସ୍କନ୍ଧ ବହୁ ସଂସ୍କାରୀ ପରିବାରର ସୁନ୍ଦରୀ ଝିଅ ମିଳୁଛନ୍ତି ବୋଲି ଘୋଷଣା କଲେ। ଭଲ କଲେ। କିନ୍ତୁ ମତେ ଭୁଲ୍ ବୁଝିବାର ତ ନଥିଲା ନା ! ଏଗୁଡ଼ିକ ତାଙ୍କୁ ଦେଖାଗଲା, କାରଣ ତାଙ୍କ ନିଭୃତ ଅନୁରୋଧରେ ମୁଁ ରାଜି ନଥିଲି। ତେଣୁ ମୋ' ମନ ଭିତରେ ଥିଲା, ତୁମେ ଯୁଆଡ଼େ ଯାଉଛ ଯାଅ। ମତେ କିନ୍ତୁ ଭୁଲ୍ ବୁଝନା। ମୋର ଏବେବି ସେଇ ସ୍ୱଭାବ। ମତେ କେହି ଅଯଥାରେ ଭୁଲ୍ ବୁଝୁ ଏକଥା ମୁଁ ସହି ପାରେନି। ମୁଁ ତେଣୁ ମୋ' ତରଫରୁ ସ୍ନେହ ପ୍ରେମ ଭଲପାଇବାର ଭାଷାରେ ବୁଝେଇଥିଲି। ସେ ବୁଝିଲେ କି ନାଇଁ ଜାଣେନା। ଯା'ହେଉ ସମୟ ମଲମ ଲଗେଇ ଦେଲା ଫାଟି ଯାଉଥିବା ସମ୍ପର୍କରେ ଏବଂ ଆସିଲା ୧୯୮୪ ମସିହା ମାର୍ଚ୍ଚ ଏଗାର।

ମୁଁ ଚାକିରି କରି ସାରିଥାଏ। ମୋ'ର ସେତେବେଳେ ଅନେକ ଚିଠି ଆସେ। ପାଠକ, ସମ୍ପାଦକମାନଙ୍କ ପାଖରୁ। ଘରେ କେହି ସେ ଦିଗରେ ମୁଣ୍ଡ ଖେଳାନ୍ତିନି। କାରଣ ମୁଁ ଲେଖୁଛି ଓ ମୋ' ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଉଛି ଏକଥା ସମସ୍ତେ ଜାଣିଥିଲେ। ଦିନେ ମାନସର ଛଅ ପୃଷ୍ଠିଆ ପ୍ରେମ ଚିଠିଟି ବାପାଙ୍କ ହାବୁଡ଼ରେ ପଡିଲା ଓ ବାପା ସେଇଟିକୁ ମୋ' ଅନୁପସ୍ଥିତିରେ ଖୋଲି ପଢ଼ିଲେ। ମୁଁ ସ୍କୁଲରୁ ଫେରିବା ପରେ ବାପାଙ୍କର ବୁଲାବଙ୍କା ଅନେକ ପ୍ରଶ୍ନ। ଶେଷକୁ ଆସିଲେ ବାହାଘର ପ୍ରସଙ୍ଗକୁ। ରାତିରେ ଭାଇଭଉଣୀ ଶୋଇ ସାରିବା ପରେ ଆସିଲେ ମୋ' ପାଖକୁ। ଅନେକ କଥା କହି ବୁଝେଇଲେ ଓ ତାକୁ ଭୁଲି ଯିବାକୁ କହିଲେ।

'ମୁଁ ଭୁଲିବି କ'ଣ ? ମୁଁ ତ ସେମିତି କିଛି କରିନି ଯେ ଭାବି ହେବି। ଆଗରୁ ତ ମୁଁ କହିଥିଲି ନା ବାହାହେବିନି ବୋଲି। ଏବେ ଏ ପିଲା ମତେ ତା' ତରଫରୁ ବାହା ପ୍ରସ୍ତାବ ଦେଇଛି। ବାହା ହେବି ଯଦି ଯା'କୁ ଇ ହେବି। ନହେଲେ ବାହା ହେବା ପାଇଁ ତ କୌଣସି ଇଛା ଇ ନାଇଁ ମୋର!'

**ବାହା ହୋଇ ତାଙ୍କ ଘରକୁ ଯିବାଟା ସମ୍ପୂର୍ଣ୍ଣ ସ୍ୱୀକୃତ ହେଲାନି କି ସମ୍ପୂର୍ଣ୍ଣ ଅସ୍ୱୀକୃତ ହେଲାନି।**

ବାପା ବି ଜାଣିଥିଲେ ଯେ ସବୁବେଳେ ମୁଁ ଘରେ କହେ, ଏଠା ଛାଡ଼ି ମୁଁ କୁଆଡ଼େ ଯିବିନି। ବାହା ହେଇକି ତ ମୋଟେ ନୁହଁ!

ବାପାଙ୍କ ସହିତ କଥା ଏତିକି। ତା'ପରେ ମାନସ ଡକାହେଲେ। ଅନେକ ପ୍ରଶ୍ନ। ଅନେକ କ୍ୱେରି। ତା'ପରେ କୌଣସି ଏକ ସ୍ଥାନରେ ନନା ଅର୍ଥାତ୍ ଶଶୁରଙ୍କ ସହ କଥାବାର୍ତ୍ତା ଏବଂ ତା' ପରେପରେ ତାଙ୍କର ବ୍ୟବସାୟିକ କୂଟନୀତି। ମୁଁ ଏମ୍.ଏ. ପାସ୍‌କରି ଚାକିରି କରୁଥିବା ମାତ୍ର ସାଢ଼େ ତେଇଶି ବର୍ଷର ଝିଅ। ମାନସଙ୍କ ଘରର ପରିସ୍ଥିତି ମଧ୍ୟ ଭଲ ନଥିଲା। ତାଙ୍କ ମାଆ ବି ବେମାର ଥିଲେ। ବାପା କିନ୍ତୁ ଖୁବ ତରତରରେ ବାହାଘରଟା କରିଦେଲେ। ତାଙ୍କୁ ଆଉ ଟିକେ ଅପେକ୍ଷା କରିବାର ଥିଲା। କିନ୍ତୁ ନା। ହୁଏତ ଭାବିଥିବେ, ମାନସ ଚେଷ୍ଟା କରୁଛି। ଭଲ ଚାକିରିଟେ ପାଇଲେ ମୋ' ଝିଅକୁ ବାହା ହେବ କି ନାଇଁ। ଆଉ ଏ ଝିଅ ତ ଅଡ଼ି ବସିଛି ! ହୁଏତ ଏଇ ସବୁ ଭାବିଥିବେ।

## ଜାତିଗତ ପ୍ରତିବନ୍ଧକ

ତାଙ୍କ ଘରେ ମତେ ସମସ୍ତେ ଭଲ ପାଉଥିଲେ। ମାତ୍ର ବାହା ହୋଇ ତାଙ୍କ ଘରକୁ ଯିବାଟା ସମ୍ପୂର୍ଣ୍ଣ ସ୍ୱୀକୃତ ହେଲାନି କି ସମ୍ପୂର୍ଣ୍ଣ ଅସ୍ୱୀକୃତ ହେଲାନି। ନହେବା ସ୍ୱାଭାବିକ ଥିଲା। ମୁଁ ଥିଲି ଖଣ୍ଡାୟତ ଝିଅ। ସେ ଶାସନୀ ବ୍ରାହ୍ମଣ। ତେଣୁ ମୁଁ ଯେ ଏତେ ଶୀଘ୍ର ସେଠି ଗୃହୀତ ହେବି, ଏ ଆଶା ମୋ'ର ନଥିଲା। କିନ୍ତୁ ବିଶ୍ୱାସ ଥିଲା ଯେ ଦିନେ ମୁଁ ସମସ୍ତଙ୍କ ଶ୍ରଦ୍ଧାର ପାତ୍ରୀ ହେଇପାରିବି। ହେଲି ମଧ୍ୟ। ତେବେ ସେଇ ସମୟରେ ମାନସଙ୍କଠାରୁ ମତେ ଅଧିକ ସହଯୋଗ ଦରକାର ଥିଲା; ଯାହା ସେ କଲେ ନାହିଁ। କେବଳ ଅସହଯୋଗ ଯେ କଲେ ତା' ନୁହେଁ, ଅନେକ ଅସମ୍ମାନ ଅପମାନ ଅବୁଝାମଣାର ଚୌହଦିରେ ମତେ ବନ୍ଧା ପକେଇ ଦେଲେ। ସେତେବେଳେ ମାନସଙ୍କର ଘର ଲୋକେ ଗୋଟେ ଛୋଟ ଭଡ଼ାଘରେ ରହୁଥିଲେ। ତେଣୁ ଆମେ ଦୁହେଁ ଗୋଟେ ଅନ୍ୟ ଭଡ଼ାଘରେ ରହିଲୁ। ଦିନେ ଦିନେ କଥାରେ ସେ ଏମିତି ହାଣନ୍ତି ମତେ, ମୁଁ ଲହୁଲୁହାଣ ହୁଏ। ସେହି ସମୟର କିଛି କବିତା ଅଛି 'ମୋ'ର ଜୀବନ ଯେମିତି ଯେତେବେଳେ' ପୁସ୍ତକରେ। ଭାବେ, ଘରକୁ ପଳେଇବି। ନା। ଯାଏନି। ମନେପଡ଼େ, ବାପା କହିଥିଲେ: 'ଶଳା ପିଲାଟାକୁ ଗୋଟେ ସୁଟକେଶ ଟଙ୍କା ଦି'ହଜାର ଦେଇ ଛାଡ଼ିଦିଅ। ଯାଉ ସେ । ବୁଲିବୁଲି ପୁଣି ସୁଟକେଶଟି ଧରି ଏଇଠି ପହଞ୍ଚିବ।'

ଏତେ ଅସହାୟ ଲାଗେ ମତେ ! ବାପା 'ଦେଲି ନାରୀ ହେଲି ପାରି' ନୀତିରେ ରହିଗଲେ। ଶାଶୁଘରର ଏ ଅବସ୍ଥା। ମାନସର ଏଇଭଳି ବ୍ୟବହାର। ମୁଁ କୂଳ କିନାରା କିଛି ପାଉନଥାଏ। ଭିତରେ ଭିତରେ ଖୁବ ଭାଙ୍ଗିପଡ଼େ। କବିତାରେ ବଞ୍ଚୁଥାଏ ବୋଲି ଜାଣ ।


ଥରେ ମୋ' ସହକର୍ମୀ ପୂର୍ଣ୍ଣ ସାରଙ୍କ ସହ କଥା ହେଇ କଷ୍ଟ ଲାଘବ କରୁଥିଲି। ସେ ଆଶ୍ୱାସନା ଦେଲେ,'ତମ ଉପରେ ଈଶ୍ୱରଙ୍କ ଆଶୀର୍ବାଦ ଅଛି, ଶୈଳ! ଗୋଟେ ଖଣ୍ଡାୟତ ଝିଅ ବ୍ରାହ୍ମଣ ପୁଅକୁ ଏତେ ବିରୋଧାଭାସରେ ରୀତିନୀତି ସହକାରେ ବାହା ହୋଇଗଲା, ଅଦୃଷ୍ଟର ଇଚ୍ଛା ବିନା ହେଇପାରିଥାନ୍ତା

କି ? ତମେ ତମ କାମ କରିଚାଲ। ସବୁ ଠିକ୍ ହୋଇଯିବ। ସବୁ ଠିକ୍ ହେଲା। ନଣନ୍ଦ ଦିଅର ସମସ୍ତଙ୍କୁ ଆପଣାର କରିନେଲି। ମାନସର ଅହଙ୍କାରକୁ ଆପଣେଇ ପାରିଲିନି ଏଯାବତ !

**ଶାଶୂ ଚାଲିଗଲେ**

ବାହାଘରର ପାଞ୍ଚ ମାସଠି ବୋଉ ଅର୍ଥାତ୍ ଶାଶୂ ଚାଲିଗଲେ। ପ୍ରଥମରୁ ବେମାର ଥିଲେ ସେ। ଶୁଦ୍ଧି କ୍ରିୟାରେ ଯୋଗ ଦେଇଥିଲି ମୁଁ। ଶୁଦ୍ଧି ପ୍ରକ୍ରିୟାର କୌଣସି କାର୍ଯ୍ୟରେ କିନ୍ତୁ ବୋହୂ ଭାବରେ ସଂପୃକ୍ତ ନଥିଲି। ସେଥିପାଇଁ କିଛି ଦୁଃଖ ନଥିଲା ମୋର। ମୁଁ କ'ଣଟା ଜାଣିଥିଲି ଯେ ! ଏତେଶୀଘ୍ର କ'ଣ ଦୃଶ୍ୟପଟ ବଦଳିପାରେ ? ତେଣୁ ନିର୍ଲିପ୍ତ ଭାବେ ମୁଁ ଅନ୍ୟାନ୍ୟ କାମକରି ଚାଲିଥାଏ। ତା' ପରେପରେ ଆମେ ଭଡ଼ାଘର ଛାଡ଼ିଲୁ। ମୁଁ ଆମ ଘରକୁ ଆସିଲି।

ମାନସ ତ ସେତେବେଳକୁ ଉମରକୋଟରେ ଚାକିରି କରୁଥିଲେ। ତେଣୁ ସେ ଆସିଲେ ଆମ ଘର ତାଙ୍କ ଘର ହେଇ ରହନ୍ତି। ମୁଁ ଆମଘରେ ଥିବାବେଳେ ସେଠାକୁ ପ୍ରାୟ ଶନି ରବିବାର ଯାଏ। ଏଇମିତି ଏଇମିତି ପଞ୍ଚାଅଶି ଏପ୍ରିଲରେ ଝିଅ ଜନ୍ମ ହେଲା। ଜୁଲାଇ ଶେଷ ନା ଅଗଷ୍ଟରେ ପଡ଼ିଲା ବୋଉଙ୍କ ପ୍ରଥମ ଶ୍ରାଦ୍ଧ। ଝିଅ ସେତେବେଳକୁ ତିନି ମାସର। ମାନସ ଆସିଲେ। ପ୍ରଥମ ଶ୍ରାଦ୍ଧ ବାର୍ଷିକୀର ସମସ୍ତ କ୍ରିୟାକର୍ମ କଲେ। ଖୁଡ଼ୀ ପିଣ୍ଡ ବାଢ଼ିଲେ। ମତେ କେହି ଜଣେ ମନେ ପକେଇଲେନି। ମାନସ ବି। ଅନ୍ୟମାନେ ମନେ ନପକେଇବା ସ୍ୱାଭାବିକ। କିନ୍ତୁ ମାନସ ! ସେଦିନ ସାରା କ'ଣ ହଜେଇ ଦେଲା ପରି ଲାଗୁଥାଏ। କିଛି ଖାଇ ନଥାଏ। ଆମ ଘର ପଛପଟ ଏବର ଭୋଳାନାଥ ବିଦ୍ୟାପୀଠ ପଡ଼ିଆ ଦେଇ ଅବକାଶ ଲେନ୍‌ର ପଛପଟେ ଅନ୍ୟମନସ୍କ ହେଇ ବୁଲୁଥାଏ। ସେତେବେଳେ ତ ଏମିତି ଲେନ୍, ଘରଦ୍ୱାର କିଛି ହେଇ ନଥାଏ। ଗୋଟେ ପିଲା ଷଣ୍ଢ ମତେ ଭୁଷିଲା ବେଳକୁ ଜଣେ ଟାଣି ନେଇଗଲେ। ଘରକୁ ଫେରିଲି । ସଜ ପଖାଳ ଖାଇଲି। ରହିଲି। ତଥାପି ଅପେକ୍ଷା ଥାଏ।



ସକାଳୁ ମୁଁ ସ୍କୁଲ ବାହାରିଲି। ସଂଗ୍ରାମ କ୍ଲବର ସିଧା ରାସ୍ତାରେ ମୁଁ ଯାଇଛି କି ନାଇଁ ସାଇକେଲରେ ସାଏଁକିନି ଆସି ମାନସ ପହଞ୍ଚିଲେ ମୋ' କଡ଼ରେ, 'ସରି !'

ମୁଁ ଚାହିଁଲି । କିଛି କହିଲିନି। ସେ କିଛି କୈଫିୟତ ଦେଉଥିଲେ। ମୁଁ ବସକୁ ଚଢ଼ିଲି।

ବାହାଘର ପରେ ବେଦିମୁହଁ ପୋଡ଼ା। ତା'ପର ବର୍ଷ ନଥିଲା ଜାକଜମକ, ବନ୍ଧୁବାନ୍ଧବ। ମୁଁ ନିଜେ ତିଥି ଦେଖି ଘରକୁ ଯାଏ। ରାନ୍ଧେ। ବସୁଧୈବ ହୁଏ। ମାନସ ତ ଦୂରରେଥାନ୍ତି। ପିଣ୍ଡ ପଡ଼େନି। ପଡ଼ିଲେ ବି ମୋର କ'ଣ ଭୂମିକା ! ଖଣ୍ଡାୟତ ଝିଅ ହାତରୁ ବୋଉ ଖାଇବେ କି ନା କିଏ ଜାଣେ। ସେ ଯା' ହେଉ ଦିଅର ଓ ମୁଁ ମିଶି ପ୍ରତିବର୍ଷ ବୋଉଙ୍କ ଶ୍ରାଦ୍ଧ କରୁ ଖୁସି ଖୁସି। ୨୦୦୪ ମସିହାରୁ ଗୋଟେ ଅଭିମାନରେ ମୁଁ ଆଉ ଗଲିନି। ଆଜିକୁ ଏକୋଇଶି ବର୍ଷ ହେଲା ମୁଁ ଏକା ଏକା ବୋଉଙ୍କ ଶ୍ରାଦ୍ଧକରେ।

ଥରେ ମନ୍ଦିରରେ ଶ୍ରାଦ୍ଧ ଦେଇ ଆସିଲା ବେଳକୁ ଭୀଷଣ ବର୍ଷା। ମାଟିଆପଡ଼ା ଛକରୁ ମଧୁବନ ଘର ଯାଏଁ ଆସିଲା ବେଳକୁ ଜୁଡୁବୁଡୁ ଓଦା। ମୋର ଭୀଷଣ ଥଣ୍ଡା ଦେହ। ଅଥଚ ଚମତ୍କାର। ଗୋଟେ ବି ଛିଙ୍କ ନଥିଲା ମୋର। ଇଏ ବୋଉଙ୍କ ଆଶୀର୍ବାଦ ନୁହେଁ ତ ଆଉ କ'ଣ ?

□□

ଲେଖିକାଙ୍କ ଇ-ମେଲ ଠିକଣା:
sailabala.mahapatra@gmail.com

'ସାହିତ୍ୟ ଚର୍ଚ୍ଚା' ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି:
www.sahityacharcha.com




# ଏଜ୍‌ରା ପାଉଣ୍ଡଙ୍କ କାବ୍ୟଚିନ୍ତନ ଓ ଆଧୁନିକ ଓଡ଼ିଆ କବିତା

ପ୍ରବନ୍ଧ

ଉଦୟନାଥ ସାହୁ

ବ୍ୟକ୍ତିଗତ ଅନୁଭୂତିର ଅତ୍ୟନ୍ତ ବୈୟକ୍ତିକ ଅଭିବ୍ୟକ୍ତିର ନାମ ହେଉଛି କବିତା । ଏହି ଅଭିବ୍ୟକ୍ତି ଭିତରେ ବ୍ୟକ୍ତି ବେଦନା ଓ ଚେତନା ସହିତ ସାମୂହିକ ବେଦନା ନିହିତ ଥାଏ । ଜୀବନାନୁଭୂତିରେ କମ୍ପନ ଜଗାଇ ଏହି କବିତା ଗୋଟିଏ ମୁହୂର୍ତ୍ତରେ ଆସେ । କବିତାରେ ବିଭିନ୍ନ ଚେତନାର ପରିପ୍ରକାଶ ହୁଏ । ଏସବୁ ବିଷୟବସ୍ତୁ ପରସ୍ପର ସହିତ ସମ୍ବନ୍ଧାନ୍ୱିତ କିମ୍ବା କବି ମାନସର କଳ୍ପନା । ଏଥିରେ ଖଣ୍ଡିତ ଅଂଶ ସବୁ ମିଶିଯାଇ ଏକ ସ୍ୱୟଂସଂପୂର୍ଣ୍ଣ କବିତା ସୃଷ୍ଟିକରେ । ଏହି ସ୍ୱୟଂ ସଂପୂର୍ଣ୍ଣତା ପାଠକକୁ ଆନନ୍ଦ ପ୍ରଦାନକରେ ଏବଂ କବିତାର କୌଣସି ଅଂଶ ପାଠକଲେ ସଂପୂର୍ଣ୍ଣ କବିତାର ସ୍ୱାଦ ମିଳିଥାଏ । କେତେବେଳେ କବିତା ଗୋଟିଏ ମାତ୍ର ଭାବଦ୍ୱାରା ଆଧାରିତ ହୁଏ ତ ପୁଣି ବିଭିନ୍ନ ଚିତ୍ତବୃତ୍ତି ଅସଂପୃକ୍ତ ଭାବରେ ପ୍ରକଟିତ ହୋଇ ମଧ୍ୟ ଭାବୈକ୍ୟ ମଧ୍ୟରେ ଅଖଣ୍ଡ ରସସୃଷ୍ଟି କରେ । ଏଥିରେ ମଧ୍ୟ ଆଧୁନିକ ଜୀବନର ଅନ୍ତର୍ବିରୋଧାତ୍ମକ ମାନସିକ ସ୍ଥିତିକୁ ଉନ୍ମୋଚନ କରିବାର ଅବକାଶ ରହିଛି । କବିତା ବ୍ୟକ୍ତିସତ୍ତାର ଖଣ୍ଡିତ ଭାବସତ୍ତାର ଆତ୍ମିକ ଉଚ୍ଚାରଣ ଅଟେ । ଏହା ଖଣ୍ଡିତ ହୋଇ ମଧ୍ୟ ସଂଯୋଗ ଓ ସମନ୍ୱୟର ଭାବମୟ ଧ୍ୱନି । ବହୁ ସମୟରେ ବସ୍ତୁସତ୍ତା ବ୍ୟକ୍ତିସତ୍ତାରେ ତଲ୍ଲୀନ ହୋଇଯାଇ ସୃଷ୍ଟିକରେ ଏକ ରସବୋଧ । ଏହି ରସବୋଧ ହିଁ ଜୀବନବୋଧ । ତେଣୁ ସେଥିରେ କେନ୍ଦ୍ର ଇମେଜ ବା ଆର୍କିଟାଇପ୍ ନଥିଲେ ତାହା କବିତା ହୋଇପାରେନାହିଁ ।



ଯାହା ଆମକୁ 'ଆଧୁନିକ' ପରି ପ୍ରତୀୟମାନ ହୁଏ, ତାହା ହିଁ ବହୁସ୍ଥଳରେ ବିସ୍ମୟ ଓ ବିଚାର-ବିଭ୍ରମ ସୃଷ୍ଟି କରିଥାଏ । କିନ୍ତୁ ପ୍ରତ୍ୟେକ ଯୁଗ ଏବଂ ପ୍ରତ୍ୟେକ ଦେଶରେ ଏହି ଆଧୁନିକତାର ନିନାଦ ବାଜିଉଠେ । କିନ୍ତୁ କିଛିକାଳ ପରେ ତାହା ପୁଣି 'ପ୍ରାଚୀନ'ରେ ରୂପାନ୍ତରିତ ହୁଏ । ବିଂଶ ଶତାବ୍ଦୀ ଏକ ଅବିଶ୍ୱାସର ଶତାବ୍ଦୀ । ଏଠି କେବଳ ଅଛି ନୈରାଶ୍ୟ, ସଂଶୟ, ହିଂସା, ବିଷାଦ, ବ୍ୟର୍ଥତା, ବ୍ୟାକୁଳତା । ଏଠି ପ୍ରେମ ନାହିଁ, ରହିଛି ଯୌନ ଉତ୍ତେଜନା । ଏଠାରେ ମିଳନର ଦୈହିକ ସୁଖ ନାହିଁ କି ପାପର ଚେତନା ମଧ୍ୟ ନାହିଁ । ସମାଜରେ ମଣିଷର ପ୍ରକୃତିରେ ନାନା ବିଶୃଙ୍ଖଳା ଓ ଅବ୍ୟବସ୍ଥା ଘଟିଲା । ନଗର ସଭ୍ୟତାରେ ଜୀବନଚର୍ଯ୍ୟା ସରଳ ଓ ନିରାଡ଼ମ୍ବର ହେବା ପରିବର୍ତ୍ତେ କୃତ୍ରିମ, ଜଟିଳ ଓ ଆଡ଼ମ୍ବର ସର୍ବସ୍ୱ ହୋଇପଡ଼ିଲା । ଏଥିରେ ବ୍ୟକ୍ତି ବିଶେଷ ଭାବରେ ଆତ୍ମକୈନ୍ଦ୍ରିକ ହୋଇପଡ଼ିଛି । ଏକପକ୍ଷରେ ବଞ୍ଚିବାର ଆଶା ଓ ଅନ୍ୟପକ୍ଷରେ ମୃତ୍ୟୁର ଆଶଙ୍କା ମଧ୍ୟରେ ଜୀବନଧାରା ଅସ୍ଥିର, ଅଚଞ୍ଚଳ, ସନ୍ଦିଗ୍ଧ ଏବଂ ସଂଶୟଗ୍ରସ୍ତ ହୋଇପଡ଼ିଛି । କିନ୍ତୁ ଏହି ରୁଗ୍ଣ ତଥା କୃତ୍ରିମ ଜୀବନଧାରାରୁ ମୁକ୍ତି ପାଇଁ ସାଂପ୍ରତିକ ବ୍ୟକ୍ତିସତ୍ତା ଅହରହ ସଂଗ୍ରାମରତ । ଜୀବନ ଏକାନ୍ତ କ୍ଲାନ୍ତିକର ।

## କବିତାରେ ଆଧୁନିକତାବାଦ

'ଆଧୁନିକ କବିତାର ଜନକ' ଭାବରେ ଟି.ଏସ୍. ଏଲିଅଟଙ୍କୁ ବିବେଚନା କରାଯାଏ । ସେ ତାଙ୍କର ଖଣ୍ଡିତ ଶୈଳୀ, ପୌରାଣିକ ବ୍ୟବହାର ଏବଂ ଆଧୁନିକ ମାନସିକତା ଉପରେ ଧ୍ୟାନଦେଇ ଆଧୁନିକତାବାଦୀ କବିତାକୁ ଗଠନ କରିଥିଲେ । ସେହିପରି ୱାଲ୍ଟ ହ୍ୱାଇଟ୍‌ମ୍ୟାନ୍ ମଧ୍ୟ ଜଣେ ଅଗ୍ରଣୀ କବି ଭାବରେ ଦେଖାଦିଅନ୍ତି । ସେ ପୂର୍ବରୁ ପ୍ରଚଳିତ ପାରମ୍ପରିକ ରୂପଗୁଡ଼ିକୁ ଭାଙ୍ଗିଥିଲେ ଏବଂ ଏଲିଅଟଙ୍କ ପରବର୍ତ୍ତୀ ଆଧୁନିକତାବାଦୀମାନଙ୍କୁ ପ୍ରଭାବିତ କରିଥିଲେ । ହପ୍‌କିନସ୍,

ଇଏଟ୍‌ସ, ଏଜରା ପାଉଣ୍ଡ, ଅଡେନ୍, ସିଟ୍‌ୱେଲ୍, ମେକ୍‌ନିସ୍‌ଙ୍କ ନାମ ମଧ୍ୟ ଏ ସମୟର ଅଗ୍ରଗଣ୍ୟ ଓ ବରେଣ୍ୟ । କିନ୍ତୁ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଥମ ବିଶ୍ୱଯୁଦ୍ଧ ପରେ ଆଧୁନିକ ବିଶ୍ୱର ଉଗ୍ର ଅଭିଜ୍ଞତା ଉପରେ ଧ୍ୟାନ କେନ୍ଦ୍ରିତ କରି ଟି.ଏସ୍. ଏଲିଅଟ ଏହି ଆନ୍ଦୋଳନର କେନ୍ଦ୍ରବିନ୍ଦୁ ଥିଲେ । ତେବେ 'ଆଧୁନିକତା' ଶବ୍ଦ ଉପରେ କେବଳ ମୂଲ୍ୟାରୋପ କରିବା ନିଷ୍ପ୍ରୟୋଜନ । କିନ୍ତୁ କବିର ସର୍ଜନାତ୍ମକ କର୍ମ ଓ ଅନ୍ତରର ଅନୁଭୂତି - ଶୈଳ୍ପିକ ପରିସ୍ଫୁଟନ ଦ୍ୱାରା କବି ନିଜ କାଳର ସଂଜ୍ଞା ପ୍ରଦାନ କରିଥାଏ । ଭାବର ପରିସ୍ଫୁରଣ ବା ଭାବ-ବିପ୍ଳବ ହିଁ ଆଧୁନିକତାର ପ୍ରସୂତି ।

ଏଜ୍‌ରା ପାଉଣ୍ଡ (୧୮୮୫-୧୯୭୨) ବିଂଶ ଶତାବ୍ଦୀର ଇଂରେଜୀ ସାହିତ୍ୟର ସବୁଠାରୁ ପ୍ରଭାବଶାଳୀ ଆଧୁନିକତାବାଦୀ କବିତାର ସ୍ଥପତି । ସେ କବିତାକୁ ଗଠନ କରିବାରେ, କାବ୍ୟିକ ଭାଷା, ରୂପ ଏବଂ ଉଦ୍ଦେଶ୍ୟକୁ ପୁନଃ ପରିଭାଷିତ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ପ୍ରସିଦ୍ଧ ବାକ୍ୟ ହେଲା "ମେକ୍ ଇଟ୍ ନ୍ୟୁ"- ଏହାକୁ ନୂତନ କରନ୍ତୁ । ତାଙ୍କର ସାହିତ୍ୟିକ ମହତ୍ୱ ଆକାଂକ୍ଷା ଏବଂ ଆଧୁନିକ ସାହିତ୍ୟ ଉପରେ ତାଙ୍କର ପ୍ରଭାବ ଆକର୍ଷିତ କରେ । ସେ ପେନସିଲଭାନିଆ ବିଶ୍ୱବିଦ୍ୟାଳୟ ହାମିଲଟନ୍ କଲେଜରେ ଶିକ୍ଷାପ୍ରାପ୍ତ ହୋଇ ଶାସ୍ତ୍ରୀୟ ସାହିତ୍ୟ, ମଧ୍ୟଯୁଗୀୟ କବିତା ଏବଂ ବିଶ୍ୱ ସଂସ୍କୃତିରେ ଗଭୀର ଭାବରେ ଆତ୍ମମଗ୍ନ ଥିଲେ । ପରେ ୧୯୦୮ ମସିହାରେ ୟୁରୋପକୁ ଚାଲିଆସି ଲଣ୍ଡନରେ ବାସ କରିଥିଲେ । ତାଙ୍କର ପ୍ରାରମ୍ଭିକ କବିତା 'ଏ ଲ୍ୟୁମୋ ସ୍ପେଣ୍ଟୋ' (୧୯୦୮) ଓ 'ପରସୋନା' (୧୯୦୯) ପ୍ରଭୃତିରେ ଶାସ୍ତ୍ରୀୟ ଇଙ୍ଗିତ (କ୍ଲାସିକାଲ୍ ଆଲ୍ୟୁଜନ୍‌ସ୍) ଏବଂ ଶୈଳୀଗତ ପରୀକ୍ଷଣ (ଷ୍ଟାଇଲିଷ୍ଟିକ୍ ଏକ୍ସପେରିମେଣ୍ଟେସନ୍) ପ୍ରତି ଆଗ୍ରହ ପ୍ରକାଶ କରିଥିଲା । ଏଜ୍‌ରା ପାଉଣ୍ଡ ଥିଲେ ଇମେଜିମ୍‌ର ପ୍ରତିଷ୍ଠାତା, ଯାହା ଭାଷାର ସ୍ୱଚ୍ଛତା, ସଠିକତା ପ୍ରତ୍ୟେକ କବିତାରେ ଖୋଜୁଥିଲା । 'ଇନ୍ ଏ ଷ୍ଟେସନ ଅଫ୍ ଦି ମେଟ୍ରୋ' ହେଉଛି 'ପୋଏଟ୍ରି' ପତ୍ରିକାରେ ୧୯୧୩ ମସିହା ଏପ୍ରିଲରେ ପ୍ରକାଶିତ, ଏଜ୍‌ରା ପାଉଣ୍ଡଙ୍କ ଦ୍ୱାରା ଲିଖିତ ଏକ ପ୍ରସିଦ୍ଧ ୧୪ ଶବ୍ଦ ବିଶିଷ୍ଟ ଦୁଇଧାଡ଼ିର ଇମାଜିଷ୍ଟ କବିତା "ଦି ଆପରିସନ୍ ଅଫ୍ ଦିଜ୍ ଫେସେସ୍ ଇନ୍ ଦି କ୍ରୋଡ୍: ପେଟାଲ୍‌ସ୍ ଅନ୍ ଏ ୱେଟ୍, ବ୍ଲାକ୍ ବାଓ ।" ଅର୍ଥାତ୍ "ଭିଡ଼ରେ ଏହି ମୁହଁଗୁଡ଼ିକର ଆବିର୍ଭାବ । ଏକ ଓଦା, କଳା ଡାଳ ଉପରେ ପାଖୁଡ଼ା" - ଏହା ହେଉଛି ଇମାଜିଷ୍ଟ କବିତାର ଏକ ପ୍ରମୁଖ ଉଦାହରଣ । ୧୯୧୨ ମସିହାରେ ପ୍ୟାରିସ୍ କନ୍‌କୋର୍ଡ ଷ୍ଟେସନରେ ମେଟ୍ରୋରେ ଏକ ଅଭିଜ୍ଞତା ଲବ୍ଧ ଅନୁପ୍ରାଣିତ କବିତା । ନିଜର କବିତା ବ୍ୟତୀତ ପାଉଣ୍ଡଙ୍କ ପ୍ରଭାବ ଅନ୍ୟ ଲେଖକଙ୍କ ମାଧ୍ୟମରେ ବୃଦ୍ଧି ପାଇଥିଲା । ସେ ଟି.ଏସ୍. ଏଲିଅଟ, ଜେମ୍ସ ଜଏସ୍, ଡବ୍ଲୁ.ବି.ୟେଟ୍ସ ଏବଂ ଅର୍ନେଷ୍ଟ ହେମିଙ୍ଗୱେ ଭଳି ବ୍ୟକ୍ତିଙ୍କ ପାଇଁ ପରାମର୍ଶଦାତା ଏବଂ ସଂପାଦକ ଭାବରେ କାର୍ଯ୍ୟ କରିଥିଲେ । ତେଣୁ ପାଉଣ୍ଡ କେବଳ କବି ନଥିଲେ, ବରଂ ଆଧୁନିକତାର ଜଣେ ଧାତ୍ରୀ ଥିଲେ । ସେ କହିଥିଲେ, 'କବିତାର ସମଗ୍ର ଜୀବନକାଳ ମଧ୍ୟରେ ଗୁଡ଼ାଏ ନଲେଖି ମାତ୍ର ଗୋଟିଏ ବିମ୍ବ ଉପସ୍ଥାପିତ କରିପାରିଲେ ହିଁ ଯଥେଷ୍ଟ ।'

**ଏଜ୍‌ରା ପାଉଣ୍ଡ କବିମାନଙ୍କ ପାଇଁ ଯେଉଁ ବ୍ୟାବହାରିକ ପରାମର୍ଶ ଦେଇଥିଲେ, ତାହାର ଏବେ ମଧ୍ୟ ପ୍ରାସଙ୍ଗିକତା ରହିଛି ।**

## କବିମାନଙ୍କ ପାଇଁ ପରାମର୍ଶ

ଇଂରାଜୀ ପତ୍ରିକା 'ପୋଏଟ୍ରି: ଏ ମ୍ୟାଗାଜିନ୍ ଅଫ୍ ଭର୍ସ' (ମାର୍ଚ୍ଚ, ୧୯୧୩), (ପୃଷ୍ଠା- ୨୦୦-୨୦୬)ରେ ଏଜ୍‌ରା ପାଉଣ୍ଡଙ୍କର ଏକ ପ୍ରବନ୍ଧ 'ଏ ଫିଉ ଡୋନ୍ସ ବାଇ ଆନ୍ ଇମେଜିଷ୍ଟ' ପ୍ରକାଶିତ ହୋଇଥିଲା । ଏଥିରେ ସେ କବିମାନଙ୍କ ପାଇଁ ବ୍ୟାବହାରିକ ପରାମର୍ଶ ଦେଇଥିଲେ । ଏହା ସଂକ୍ଷିପ୍ତ ହେଲେ ମଧ୍ୟ ପ୍ରଭାବଶାଳୀ ଥିଲା । ଏବେ ମଧ୍ୟ ତାହାର ପ୍ରାସଙ୍ଗିକତା ରହିଛି, ଯାହା ନିମ୍ନରେ ପ୍ରଦତ୍ତ ହେଲା - ଯଥା:

୧. ଏକ ଇମେଜ୍ ଏକ ମୁହୂର୍ତ୍ତରେ ଏକ ବୌଦ୍ଧିକ ଏବଂ ଭାବପ୍ରବଣ ଜଟିଳତା (ଇମୋସନାଲ୍ କଂପ୍ଲେକ୍ସ) ଉପସ୍ଥାପନ କରେ । ଏହାକୁ ଆମେ ଶ୍ରେଷ୍ଠ କଳାକୃତିର ଉପସ୍ଥିତିରେ ଅନୁଭବ କରୁ ।

୨. ବିପୁଳ କୃତି ଉପସ୍ଥାପନା କରିବା ଅପେକ୍ଷା ଜୀବନକାଳରେ ମଧ୍ୟ ଗୋଟିଏ ଇମେଜ୍ ଉପସ୍ଥାପନ କରିବା ଭଲ ।

୩. ଯେଉଁମାନେ କେବେ ଗୋଟିଏ ଉଲ୍ଲେଖନୀୟ କୃତି ଲେଖିନାହାନ୍ତି, ସେମାନଙ୍କ ସମାଲୋଚନା ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ।

୪. ଅନାବଶ୍ୟକ ଶବ୍ଦ, ବିଶେଷଣ ବ୍ୟବହାର କରନ୍ତୁ ନାହିଁ; ଯାହା କିଛି ପ୍ରକାଶ କରେନାହିଁ ।

୫. ଯାହା ଇମେଜକୁ ମଳିନ କରିଦିଏ, ସେପରି ଅଭିବ୍ୟକ୍ତି ବ୍ୟବହାର କରନ୍ତୁ ନାହିଁ ।

୬. ଯାହା ଭଲ ଗଦ୍ୟରେ କୁହାଯାଇସାରିଚି, ତାହାକୁ ମଧ୍ୟମ ଧରଣର ପଦ୍ୟରେ ପୁନର୍ବାର କୁହନ୍ତୁ ନାହିଁ ।

୭. ଭଲ ଗଦ୍ୟ ରଚନା କରିପାରିଲ ନାହିଁ ବୋଲି ତାକୁ କାଟି କବିତା ଲେଖିବାର ପ୍ରଚେଷ୍ଟା କରନାହିଁ । କାରଣ ଏହାଦ୍ୱାରା ବୁଦ୍ଧିମାନ ବ୍ୟକ୍ତି ପ୍ରତାରିତ ହେବେ ବୋଲି ଭାବନ୍ତୁ ନାହିଁ ।

୮. କବିତା ରଚନା କଳା ସଂଗୀତ କଳାଠାରୁ ସରଳ, ଏପରି କଳ୍ପନା କରନ୍ତୁ ନାହିଁ । କାରଣ କବିତା ବୁଝୁଥିବା ଜଣେ ବିଦଗ୍ଧ ପାଠକକୁ ସନ୍ତୁଷ୍ଟ କରିବା ପାଇଁ ସେତିକି ଶ୍ରମ ଆବଶ୍ୟକ, ଯେପରି ଜଣେ ପିଆନୋ-ଶିକ୍ଷକ ସଂଗୀତ ବିଦ୍ୟା ହାସଲ ନିମନ୍ତେ ପରିଶ୍ରମ କରିଥାଆନ୍ତି ।

୯. ଯଥାସମ୍ଭବ ମହାନ ଲେଖକଙ୍କ ଦ୍ୱାରା ପ୍ରଭାବିତ ହୁଅ, କିନ୍ତୁ ଋଣ ସ୍ୱୀକାର କରିବା କିମ୍ବା ତାହାକୁ ଲୁଚାଇବାକୁ ଚେଷ୍ଟା କରିବାରେ ଭଦ୍ରତା ରଖ ।

୧୦. ତୁମକୁ ଭଲ ଲାଗୁଥିବା କୌଣସି କବିଙ୍କର ଉକ୍ତି ବା ସଜ୍ଜିତ ଶବ୍ଦକୁ ଗ୍ରହଣକରି ନିଜର କରିଦେବା 'ପ୍ରଭାବ' ନୁହେଁ ।

> **"ଭଲ ଗଦ୍ୟ ରଚନା କରିପାରିଲ ନାହିଁ ବୋଲି ତାକୁ କାଟି କବିତା ଲେଖିବାର ପ୍ରଚେଷ୍ଟା କରନାହିଁ ।"**

୧୧. ସୁନ୍ଦର ଅଳଙ୍କାର ବ୍ୟବହାର କର, ନୋହିଲେ ଅଳଙ୍କାର ବ୍ୟବହାର କରନାହିଁ ।

୧୨. କବିତା ବସ୍ତୁକୁ ବର୍ଣ୍ଣନା କରେନାହିଁ; ତାକୁ ହିଁ ସିଧାସଳଖ ପ୍ରସ୍ତୁତ କରେ ।

୧୩. ପାରମ୍ପରିକ ଛନ୍ଦରେ ଲେଖିବାକୁ ବାଧ୍ୟ ନୁହେଁ, ବରଂ ଭାବ ଅନୁସାରେ ସ୍ୱାଭାବିକ ଛନ୍ଦ ଓ ଲୟ ବ୍ୟବହାର କର ।

୧୪. କବିତାର ଧ୍ୱନି, ଲଘୁ, ଅନୁପ୍ରାସ ଓ ତାଳମେଳ ସୁନିୟୋଜିତ ହେବା ଦରକାର; କିନ୍ତୁ ଅତିରଞ୍ଜିତ ନୁହେଁ ।

୧୫. କବିତା ରଚନା କେବଳ ପୂର୍ବ କବିମାନଙ୍କୁ ଅନୁସରଣ କରିବା ବା ଅନୁକରଣ ନୁହେଁ । ନୂତନ ଅଭିବ୍ୟକ୍ତି ପ୍ରତି ଗୁରୁତ୍ୱ ଦେବା ବିଧେୟ ।

୧୬. କବିତାକୁ ଗମ୍ଭୀର କଳା ଭାବେ ବିଚାରକର; ଏହାକୁ ସହଜ ବା ସ୍ୱଚ୍ଛନ୍ଦ ମନୋରଞ୍ଜନ ଭାବେ ନୁହେଁ ।

୧୭. କବିତା ଲେଖିବା ବେଳେ ପଙ୍କ୍ତିମାନଙ୍କର ଗଠନ ଶୈଳୀପ୍ରତି ଧ୍ୟାନଦିଅ ।

୧୮. କେବଳ ପ୍ରତ୍ୟେକ ଜିନିଷକୁ ପଦ୍ୟରେ ଲେଖାଯିବ, ଏପରି କଳ୍ପନା କରନାହିଁ । ବରଂ ତାହା ମଧ୍ୟ ଗଦ୍ୟରେ ଲେଖାଯାଇପାରିବ ଏବଂ ଅତ୍ୟଧିକ ନିରସ ହେବନାହିଁ ।

୧୯. ନିଜକୁ ଏକ ନୂତନ ସାବୁନ୍‌ର ବିଜ୍ଞାପନ ଏଜେଣ୍ଟ ଭାବରେ ନଭାବି ଜଣେ ବୈଜ୍ଞାନିକ ବୋଲି ବିଚାରକର ।

୨୦. ବର୍ଣ୍ଣନାତ୍ମକ ହୁଅନାହିଁ; ମନେରଖ ଯେ ଜଣେ ଚିତ୍ରକର ମଧ୍ୟ ତୁମ ଅପେକ୍ଷା ବହୁତ ଭଲ ଭାବରେ ଏକ ଭୂଦୃଶ୍ୟ ବର୍ଣ୍ଣନା କରିପାରିବେ ଏବଂ ତାଙ୍କୁ ଏହା ବିଷୟରେ ଅଧିକ ଜାଣିବାକୁ ପଡ଼ିବ ।

୨୧. ଗୋଟିଏ ଇନ୍ଦ୍ରିୟର ଅନୁଭୂତିକୁ ଅନ୍ୟ ଇନ୍ଦ୍ରିୟର ଭାଷାରେ ବ୍ୟାଖ୍ୟାକରି ତାହାର ସ୍ୱଷ୍ଟତାକୁ ନଷ୍ଟ କରନ୍ତୁନାହିଁ । ଏହା ସାଧାରଣତଃ ଉଚିତ ଶବ୍ଦ ଖୋଜିବାରେ ଆଳସ୍ୟର ଫଳ ।

୨୨. ଆପଣଙ୍କ କବିତାର ଯେଉଁ ଅଂଶ ପାଠକଙ୍କ କଳ୍ପନାଶୀଳ ଚକ୍ଷୁ ନିମିତ୍ତ ଉଦ୍ଦିଷ୍ଟ, ସେ ଅଂଶ ବିଦେଶୀ ଭାଷାରେ ଅନୁବାଦ ହେଲେ ମଧ୍ୟ କିଛି ହରାଏନାହିଁ; କିନ୍ତୁ ଯେଉଁ ଅଂଶ କାନକୁ ଆକର୍ଷିତ କରେ, ତାହା କେବଳ ମୂଳଭାଷାର ପାଠକଙ୍କ ନିକଟରେ ପହଞ୍ଚିପାରେ; ମାତ୍ର ଅନୁବାଦରେ ନୁହେଁ ।


୨୩. ସ୍ୱାଭାବିକ ଭାବେ, ଆପଣଙ୍କ ଲୟଗତ ଗଠନ ଆପଣଙ୍କ ଶବ୍ଦର ଆକୃତି, ସ୍ୱାଭାବିକ ଧ୍ୱନି କିମ୍ବା ଅର୍ଥକୁ ନଷ୍ଟ କରିବା ଉଚିତ୍ ନୁହେଁ । ପ୍ରାରମ୍ଭିକ ସ୍ତରରେ ଏମିତି ଶକ୍ତିଶାଳୀ ଲୟଗଠନ ତିଆରି କରିପାରିବେ ବୋଲି ସମ୍ଭାବନା କମ୍ । ତଥାପି ପଂକ୍ତି ଶେଷ ଓ ଯତିରେ ସର୍ବୋତ୍ତମ ପଦ୍ୟରେ ଏକ ପ୍ରକାର ଧ୍ୱନିର ଅବଶେଷ ଥାଏ, ଯାହା ଶ୍ରୋତାଙ୍କ କାନରେ ରହିଯାଏ ଓ ଏକ ପ୍ରକାର ମୂଳସ୍ୱର ଭଳି କାମକରେ ।

ଏହା ହେଉଛି ତରୁଣ କବିଙ୍କ ପାଇଁ ଏଜ୍‌ରା ପାଉଣ୍ଡଙ୍କ ଲିଖିତ ପ୍ରବନ୍ଧର ସାରକଥା । ଏହି ଆଲୋଚନାଟି କବିତାକୁ ଅତିଶୟୋକ୍ତି ଓ ଅନାବଶ୍ୟକତାରୁ ମୁକ୍ତକରି ସଂକ୍ଷିପ୍ତ, ସଠିକ୍ ଓ ଚିତ୍ରମୟ କଳାରେ ପରିଣତ କରିଥିଲା । ଏହାର ଉପଯୋଗିତା ଆଧୁନିକ କବିତାର ମୂଳ ଆଧାର ଭାବେ ଅବିରତ ରହିଛି ।

ଆଧୁନିକ ଓ ଉତ୍ତର-ଆଧୁନିକ ଓଡ଼ିଆ କବିତାକୁ ଏହା ଗଭୀର ଭାବରେ ପ୍ରଭାବିତ କରିଛି । ଆମ ଓଡ଼ିଆ ସାହିତ୍ୟର ତରୁଣ ଓ ପ୍ରବୀଣ କବିମାନଙ୍କ ସୃଷ୍ଟିରେ କେତେ ପ୍ରତିଫଳନ ରହିଛି ତାହାହିଁ ବିଚାର୍ଯ୍ୟ ।

**ସର୍ଜନାତ୍ମକ ସଂଘର୍ଷ**

କବିତାର ରଚନାଶୈଳୀର ଅନ୍ୟ ଏକ ଦିଗ ହେଲା ସର୍ଜନାତ୍ମକ ସଂଘର୍ଷ । ସର୍ଜନାତ୍ମକ ଦ୍ୱନ୍ଦ୍ୱ ବା ପ୍ରାଥମିକ ସ୍ଫୂର୍ତ୍ତି କବିତା ସୃଷ୍ଟି କରିପାରେନାହିଁ; ବରଂ ଏହାଦ୍ୱାରା ସୁନ୍ଦର ଚିତ୍ରକଳା ମାଧ୍ୟମରେ ପ୍ରତୀକ ହିଁ କବିତା ସୃଷ୍ଟି ହୋଇପାରେ । ପ୍ରଥମ ବିଶ୍ୱଯୁଦ୍ଧରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟରେ ଘଟିଥିବା ଭୟାବହ ବିପର୍ଯ୍ୟୟ ଭିତରେ ଇଉରୋପରେ ଆଧୁନିକ କବିତାର ଆବିର୍ଭାବ ଘଟେ । କବି କେବଳ ପ୍ରବକ୍ତା ନୁହେଁ, ସେ ହେଉଛି ଦ୍ରଷ୍ଟା ଜୀବନ ଓ ଜଗତର ଲୁକ୍‌କାୟିତ ସମ୍ବନ୍ଧ ସମୂହର ଆବିଷ୍କାରକ । କବି ଏଲିଅଟ୍ ଏହି କବିତାର ମନ୍ତ୍ରଦାତା । ତାଙ୍କରି ପ୍ରେରଣାରେ କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗୁରୁପ୍ରସାଦ ମହାନ୍ତି ଓଡ଼ିଆ କବିତାର ପ୍ରାଣ ପ୍ରତିଷ୍ଠାତା ପିତୃପୁରୁଷ । ରମାକାନ୍ତ ରଥଙ୍କ 'ବାବାଶିକାର'ରେ ଏକ କେନ୍ଦ୍ର ଇମେଜ୍ ରହିଛି ଏବଂ ତାହାହିଁ କବିଙ୍କର ଭାବାବେଗକୁ କେନ୍ଦ୍ରମୁଖୀ କରିପାରିଛି । ସୀତାକାନ୍ତ ମହାପାତ୍ରଙ୍କ 'ମାଟି ଓ ମଣିଷ'ର କେନ୍ଦ୍ର ଇମେଜ୍ ମିଥ୍‌ରୁ ନିଆଯାଇଛି । ପୁଣି ତାଙ୍କ ରଚିତ 'ଅଷ୍ଟପଦୀ'ର କବିତାଗୁଡ଼ିକ ନରକରୁ, ଆତ୍ମାର ପୁନରୁଜ୍ଜୀବନ ଓ ସ୍ୱର୍ଗରାଜ୍ୟକୁ ଉତ୍ତରଣ - ଏହି ମୂଳକଥା ଉପରେ ପର୍ଯ୍ୟବସିତ । କିନ୍ତୁ କମଳାକାନ୍ତ ଲେଙ୍କାଙ୍କ 'ଉତ୍ତରଣ'ରେ ସେପରି କେନ୍ଦ୍ର ଇମେଜ୍ ନାହିଁ । ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ'ରେ ଲାବଣ୍ୟବତୀ, ଚନ୍ଦ୍ରଭାନୁ ଏବଂ ଶେଷରେ ଅକ୍ରୂର, ଉଦ୍ଧବ ମଧ୍ୟରେ ଥିବା ଯୋଗସୂତ୍ର ମଧ୍ୟ ସ୍ପଷ୍ଟ ନୁହେଁ । ଏହି ଇମେଜ୍ ଓ ସିମିଲିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଭାବାବେଗ ପ୍ରକାଶ ପାଇଁ ଅନୁସୃତ । ସଚ୍ଚି ରାଉତରାୟଙ୍କ 'ଦ୍ରୌପଦୀର ଶାଢ଼ି' କବିତାଟି ମିଥ୍ ମାଧ୍ୟମରେ ଆଧୁନିକ ଜୀବନର ରହସ୍ୟ ଉନ୍ମୋଚନ କରିବା ସହ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । କବିତାର ଶୀର୍ଷକଟି ସେ ବୁଦ୍ଧଦେବ ବସୁଙ୍କ କବିତା ସଂକଳନ 'ଦ୍ରୌପଦୀର ଶାଢ଼ି'ରୁ ଗ୍ରହଣ କରିଥିବା ଅସମ୍ଭବ ନୁହେଁ । କିନ୍ତୁ ଥିମ୍ ଭିନ୍ନ । ପ୍ରକୃତି ଦ୍ରୌପଦୀଙ୍କ ଶାଢ଼ି ପରି ଅନ୍ତହୀନ, କିନ୍ତୁ 'ସୀତାଚୋରି' ଓ 'ହଂସପୁର' କବିତା କ୍ଷେତ୍ରରେ ନୂତନ ସୂଚନା ଦିଏ, ଯେଉଁଠି ପ୍ରାଚୀନ ଓ ଆଧୁନିକ ସାହିତ୍ୟର ମିଶ୍ରିତ ଚେତନାରେ କାବ୍ୟ-ଅନୁଭୂତିର ପ୍ରକାଶ ସମ୍ଭବପର ହୋଇଛି ରମାକାନ୍ତ ରଥଙ୍କ 'ଚଉପହରା' କବିତାରେ ମଣିଷର ଅନ୍ତଃସାର ଶୂନ୍ୟ ଚିତ୍ର ସ୍ପଷ୍ଟତର ହୋଇଛି । ଯେପରିକି 'ମଧ୍ୟରାତ୍ରି' ତାର ଜନ୍ମର କାହାଣୀ, 'ପ୍ରଭାତ' ତା'ର କୈଶୋରର, ଯୌବନ ଓ ସଂଗ୍ରାମର ଇମେଜ୍, 'ମଧ୍ୟାହ୍ନ' ତା'ର ଉଦ୍‌ଗତ ତାରୁଣ୍ୟ ଓ ଜ୍ୱଳନର ଦ୍ୟୋତକ, 'ସଂଧ୍ୟା' ତା'ର ବାହୁଡ଼ା ଯାତ୍ରାର ଚିହ୍ନ ବହନକରେ । ଏହି କବିତା ଇଲିଅଟଙ୍କ 'ଫୋର କ୍ୱାରଟେଟସ୍' ସହ ସଂପୃକ୍ତ ହୋଇପାରେ ।




'ଶ୍ରୀରାଧା' କାବ୍ୟାନୁଭବର ଏକ ସଫଳ ପ୍ରୟାସ; ଏକ କ୍ଲାସିକ୍ ସୃଷ୍ଟି । ଶ୍ରୀରାଧା ହିଁ ଏ କବିତାର ଦୀର୍ଘ କେନ୍ଦ୍ର ଇମେଜ୍ । କବି ସୀତାକାନ୍ତ ମହାପାତ୍ରଙ୍କ 'ପରକୀୟା'ର ଏହା ଏକ ଆପାତଃ ସମାନ୍ତରାଳ ସୃଷ୍ଟି ବୋଲି କୁହାଗଲେ ମଧ୍ୟ 'ଶ୍ରୀରାଧା' ହିଁ ଏ ସମସ୍ତ ଚିନ୍ତାରୁ ଊର୍ଦ୍ଧ୍ୱରେ । 'ଶ୍ରୀରାଧା'ର ଭାବଧାରା ନାରୀ-କୈନ୍ଦ୍ରିକ ହୋଇଥିବା ବେଳେ 'ଶ୍ରୀପଳାତକ'ର ଭାବନା ପୁରୁଷ-କୈନ୍ଦ୍ରିକ । ରାଜେନ୍ଦ୍ର ପଣ୍ଡାଙ୍କ 'ଘୁଣାକ୍ଷର'ରେ ସଂଯୋଜିତ 'ନାମ ବନାମ ସର୍ବନାମ' କବିତାଟିରେ ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ଶୈଳୀରେ ରଚିତ ଓ କବିତାରେ ପ୍ରାନ୍ତ ମିଳନ ଘଟିଛି । ସୌଭାଗ୍ୟ କୁମାର ମିଶ୍ରଙ୍କ କବିତା ସଂକଳନ 'ଅନ୍ଧ ମହୁମାଛି', 'ମାୟା ଦର୍ପଣ' ପ୍ରଭୃତିରେ କ୍ଲାନ୍ତି, ନୈରାଶ୍ୟବୋଧ ଓ ପ୍ରବୃତ୍ତିଜନିତ କ୍ରିୟାର ଶ୍ଳେଷାତ୍ମକ ଚିତ୍ର ମିଳିଥାଏ । ମଣିଷ ମାତ୍ରେ ଯୁଧିଷ୍ଠିର କି ଦୁର୍ଯ୍ୟୋଧନ, ଖେଳ ନଜାଣି ଏମାନେ ଖେଳନ୍ତି ଓ ମିଛରେ ହାରିବାର ବେଦନା କି ଜିଣିବାର ଉଲ୍ଲାସ ଭୋଗନ୍ତି । ଜଗନ୍ନାଥ ପ୍ରସାଦ ଦାସଙ୍କ 'ପ୍ରଥମ ପୁରୁଷ'ର କାବ୍ୟ ପୁରୁଷଟି ଥିଲା

ଆତ୍ମକୈନ୍ଦ୍ରିକ, ଉଦାସୀନ ଓ ନିର୍ଲିପ୍ତ । ସେଇ ହଜାଇ ଖୋଜିବାର ଚେଷ୍ଟା ପୁଣି ହାରିଯିବାର ଭୟ ଭିତରେ ମଳିନ ଜହ୍ନ ଆଲୁଅରେ ଛଟପଟ ଅଥଚ ଅପେକ୍ଷାରତ, ଦୀପକ ମିଶ୍ରଙ୍କ 'କାୟାପ୍ରବେଶ'ରେ କୃଷ୍ଣ-ବସୁଦେବ ପ୍ରତୀକାତ୍ମକ ମିଥ୍‌ରେ ଆତ୍ମସମର୍ପଣର ଚରମ ପ୍ରଶାନ୍ତି ବର୍ଣ୍ଣିତ । ହରିହର ମିଶ୍ରଙ୍କ 'ଶଙ୍ଖନାଭି', 'ଦର୍ପଣଶିଳା' ପ୍ରଭୃତି କବିତାରେ ଇମେଜ୍ ମାଧ୍ୟମରେ ବାସ୍ତବତା ବିମ୍ବିତ ହୁଏ । ଫନୀ ମହାନ୍ତିଙ୍କ 'ଅହଲ୍ୟା' ଚରିତ୍ର ମାଧ୍ୟମରେ ସମକାଳୀନ ନାରୀର ମନଃସ୍ଥିତି ଓ ଜୀବନବୋଧ ପ୍ରତି ନୂତନ ଆଲୋକପାତ କରିଛନ୍ତି । କବି ହରପ୍ରସାଦ ଦାସଙ୍କ କବିତା 'ଦେଶ' ସ୍ୱାଧୀନତା ପରବର୍ତ୍ତୀ ମାନବିକ ସଂପ୍ରୀତିର ଅବକ୍ଷୟ ଉପରେ ଆଧାରିତ ଏକ ସୁନ୍ଦର କବିତା । ମଣିଷ ପ୍ରାଣର ସଂବେଗରେ ଏହାର ସ୍ପନ୍ଦନ ଅନୁରଣିତ । କୋଣାର୍କ ମନ୍ଦିର ଗଠନରେ ବାରଶ ବଢ଼େଇଙ୍କ ଅବଦାନ ଭାବଧାରା ଉପରେ ଦୁର୍ଗାମାଧବ ମିଶ୍ରଙ୍କ ରଚିତ କବିତା 'ବେଳା ବିଳାପ', 'କେତକୀ' ଅଭିଶାପରେ ହିଁ କୋଣାର୍କର ଶିଳ୍ପ ନୈପୁଣ୍ୟ ଅକାଳେ ଝରିପଡ଼ିଛି । ହୃଷିକେଶ ମଲ୍ଲିକଙ୍କ 'ଧର୍ମପତ୍ନୀ', 'ଅହଲ୍ୟା' ଓ 'କର୍ଣ୍ଣ' ଏକ ଏକ ସଫଳ ମିଥ୍ ଆଧାରିତ କବିତା । କବି ଦୁର୍ଗାଚରଣ କୁଅଁରଙ୍କ 'ଋତୁ ପଞ୍ଚକ' କବିତାରେ ଋତୁ ହେଉଛି କେନ୍ଦ୍ର ଇମେଜ୍ । କବିଙ୍କର ପ୍ରକୃତି ପ୍ରତି ଅଲଂଘନୀୟ ଆକର୍ଷଣ ସ୍ପଷ୍ଟ । ମଣିଷର ଜୀବନ ସହିତ ପ୍ରକୃତିର ସଂପର୍କ ଅତି ନିବିଡ଼ । କବି ଆଶୁତୋଷ ପରିଡ଼ାଙ୍କ କବିତା 'ଚଣ୍ଡାଳ'ରେ ଚଣ୍ଡାଳ କୌଣସି ଜାତିବାଚକ ସତ୍ତା ନୁହେଁ, ମିଥ୍ ନୁହେଁ, ବରଂ ଏକ ବାସ୍ତବତା । ଏହା ଏକ ଚେତନା, ଯାହା ଭାଗ୍ୟକୁ ସିଂହାସନକୁ ଓ ସ୍ୱର୍ଗକୁ ଅସ୍ୱୀକାର କରେ । ରବି ନାରାୟଣ ସେନାପତିଙ୍କ 'ତୁମରି ପାଇଁ' କବିତାରେ 'ତୁମେ' ହିଁ ସ୍ୱୟଂକର୍ତ୍ତା, ବିଧାତା, ଯାହାଙ୍କ ପାଇଁ ଚାଲିଛି ଭଜନ, କୀର୍ତ୍ତନ, ଏତେ ବେଶି ଗୁଣଗାନ । ତାଙ୍କର ଠିକଣା ଅଜଣା, ବଳରାମ ଦାସଙ୍କ 'ଆଶ୍ଚର୍ଯ୍ୟ ଆକାଶ' କବିତାର କେନ୍ଦ୍ର ଇମେଜ୍ ବା ସତ୍ତା ଜଗନ୍ନାଥ ଚେତନା । ଆକାଶ ତ ଗ୍ରହତାରା, ନକ୍ଷତ୍ର ନୀହାରିକା ପର୍ଯ୍ୟନ୍ତ ସମସ୍ତଙ୍କୁ କୋଳାଗ୍ରତ କରିରଖିଛି । ତାକୁ ବା କିଏ କୋଳାଗ୍ରତ କରିପାରେ ? କେତେକ ତରୁଣ କବି ମିଥ୍‌କୁ କେନ୍ଦ୍ର ଇମେଜ୍ କରି କବିତା ରଚନା କରିଛନ୍ତି । ଦିଲ୍ଲୀପ ଦାସଙ୍କ 'ନୀଳମାଧବ', କୃଷ୍ଣ ମିଶ୍ରଙ୍କ 'ମହିଷାସୁର', ସୁରେଶ ପରିଡାଙ୍କ 'କାହ୍ନୁ', ସ୍ୱରୂପ ମହାପାତ୍ରଙ୍କ 'ବେଲାଲସେନ', ବିଷ୍ଣୁ ସାହୁଙ୍କ 'ଦ୍ରୌପଦୀ', ପ୍ରସନ୍ନ ମହାନ୍ତିଙ୍କ 'ପ୍ରିୟସଖା', ପ୍ରତିଭା ଶତପଥୀଙ୍କ 'ଶବରୀ' ପ୍ରଭୃତି ଏହାର ଅନ୍ୟତମ ଦୃଷ୍ଟାନ୍ତ ।

**ଚିତ୍ରକଳ୍ପ ବିନା କବିତାର ଅସ୍ତିତ୍ୱ ଚିନ୍ତାକରି ହେବନାହିଁ, କବିତା ଯେତେ ହେଉନା ଦୁର୍ବୋଧ କି ଅବୋଧ ।**


### ଅନ୍ତର୍ନିହିତ ପ୍ରବୃତ୍ତି

ମନୁଷ୍ୟ ମନର ଅନ୍ତର୍ନିହିତ ପ୍ରବୃତ୍ତିର ଏକ ସ୍ୱତଃସ୍ଫୂର୍ତ୍ତ, ସ୍ୱାଭାବିକ, ସୂକ୍ଷ୍ମ ଓ କଳାପୂର୍ଣ୍ଣ ସୁନ୍ଦର ପ୍ରକାଶ ହିଁ ପ୍ରେମ । ଫ୍ରୟେଡ୍ ଯେଉଁ ଯୌନଲାଳସାକୁ ମନୁଷ୍ୟ ମନର ଦ୍ୱିତୀୟ ବିଶିଷ୍ଟ ପ୍ରଭୃତି ବୋଲି ପ୍ରଚାର କରିଗଲେ, ପ୍ରେମ ହେଉଛି ତାର ଏକ ସ୍ନିଗ୍ଧ, ମଧୁର ବହିଃପ୍ରକାଶ ମାତ୍ର । ଗୁରୁ ପ୍ରସାଦଙ୍କ 'କାଳପୁରୁଷ'ରେ ପ୍ରେମ ନାରୀ ପୁରୁଷର ପାରସ୍ପରିକ ସଂସର୍ଗ ପାଶବିକ କାମନାସିକ୍ତ । ରମାକାନ୍ତ ରଥଙ୍କ କବିତାରେ ପ୍ରେମ ହିଁ ସାର୍ଥକ ପ୍ରେମ । ପ୍ରେମ ହୋଇପାରେ ଈଶ୍ୱର ପ୍ରେମ, ନ ହେଲେ ନାରୀ ପ୍ରେମ । କାବ୍ୟନାୟକ ପ୍ରିୟା ଓ ପତ୍ନୀର ଆଶ୍ଳେଷ ମଧ୍ୟରେ ଅମୃତଭରା ସପ୍ତମ ଋତୁଟିକୁ ଉପଲବ୍ଧି କରିବାକୁ ନିରନ୍ତର ଚାହିଁଛି । ପ୍ରେମ, କବିତ ସୀତାକାନ୍ତ ମହାପାତ୍ରଙ୍କ କବିତାର ଅନ୍ୟତମ ଶ୍ରେଷ୍ଠ ଉପାଦାନ । ସୌଭାଗ୍ୟ କୁମାର ମିଶ୍ରଙ୍କ କବିତାର ପ୍ରେମାନୁଭବରେ ଦେହର ଭୂମିକା ଗୌଣ ନୁହେଁ, ସର୍ବପ୍ରଥମ । କବି ଦୀପକ ମିଶ୍ରଙ୍କ କବିତାର କାବ୍ୟନାୟକର ମନର ଧର୍ମ ମଧ୍ୟ ପ୍ରେମ । ଫନୀ ମହାନ୍ତି କବିତାରେ ପ୍ରିୟତମା ବିନା ତାଙ୍କ ପାଇଁ ଦଶଦିଗ ଅନ୍ଧାର ବୋଲି ପ୍ରକାଶ କରନ୍ତି । ସେହି ପ୍ରୀତି ସ୍ନିଗ୍ଧା 'ପ୍ରିୟତମା' ପ୍ରତି ତାଙ୍କର ଆତ୍ମୀୟତା କାଳକାଳ । ଗିରିବାଳା ମହାନ୍ତିଙ୍କ 'ତୁମ ନ ଆସିବା ନେଇ'ରେ ବିରହର ଜ୍ୱଳନ ଅଧିକ ।

ଡ୍ରାଇଡ଼େନ୍ କୁହନ୍ତି, ଇମେଜ୍ (ରୂପକଳ୍ପ) କବିତାର ପ୍ରାଣ । କବିତାକୁ କଂକ୍ରିଟ୍ କରିଥାଏ ଚିତ୍ରକଳ୍ପ । ଆଧୁନିକ ଓଡ଼ିଆ କବିତାରେ ଚିତ୍ରକଳ୍ପର ଦୀପ୍ତି ଊଣାଅଧିକେ ପ୍ରତ୍ୟେକ କବିଙ୍କୁ ଝଲସିତ କରିଛି । ଆଜି ମଧ୍ୟ ଏଜ୍‌ରା ପାଉଣ୍ଡଙ୍କ ଉପଦେଶ ମନେପକାଇ କୁହାଯାଇପାରେ ଯେ ଇମେଜ (ଚିତ୍ରକଳ୍ପ) ବିନା କବିତାର ଅସ୍ତିତ୍ୱ ଚିନ୍ତାକରି ହେବନାହିଁ, କବିତା ଯେତେ ହେଉନା ଦୁର୍ବୋଧ କି ଅବୋଧ । କବିତାର

ଭାଷା ହେଉଛି ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକ । ଚିତ୍ରକଳ୍ପର ଇନ୍ଦ୍ରିୟ ସଂବେଦୀ ତଥା ଭାବ ପ୍ରବୋଧନା ଗୁଣ ବେଶ୍ ଆକର୍ଷଣୀୟ । ଅଭିବ୍ୟକ୍ତି ବା ବକ୍ତବ୍ୟର ବିସ୍ତାର ପାଇଁ କବିତାରେ ଇମେଜ୍‌ର ସହାୟତା ଅନିବାର୍ଯ୍ୟତା ବହୁ ପଂକ୍ତିକୁ ମନ୍ମୟ କରିଛି, କ୍ଷେତ୍ର ବିଶେଷରେ କେତେକ କବିତା ସଂପୂର୍ଣ୍ଣ ଭାବରେ ଚିତ୍ରକଳ୍ପ ମାଳଦ୍ୱାରା ଅଳଙ୍କୃତ ହୋଇଛି । ଯେପରିକି – 'ଓଟର ବଙ୍କା କୁଜ ପରି / ଏଇସବୁ ଘୁମନ୍ତ ପାହାଡ଼ / ଯେମିତି, ଗୋଟିଏ, ଗୋଟିଏ / ମସ୍ତବଡ଼ ପଲିସଜା ତା' ଉପରେ ସକାଳ ଆଉ ସଞ୍ଜବେଳେ / ସୂର୍ଯ୍ୟ-ଦୀପ ଜଳେ ।' (ଭାନୁମତୀର ଦେଶ – ସଚ୍ଚି ରାଉତରାୟ), 'ଆଦିମାତା ହେ ସିବିଲ୍, ରୀଆ ଓଇସ୍ତର / ଆହେ ଶାକମ୍ଭରୀ ଦେବୀ ଲାବୋସୁମ କିଟୁଂର ପ୍ରଥମ କିଆରୀ' (ମାଟି ଓ ମଣିଷ– ସୀତାକାନ୍ତ ମହାପାତ୍ର, 'ଦ୍ରାକ୍ଷାସମ ଅଧରର ମଧୁ / ସ୍ତନାଗ୍ର ଶଙ୍ଖସମ ଏବଂ / ନିତମ୍ବର ଗୁରୁ ସଞ୍ଚାଳନ / ସିଂହକଟୀ, ମୃଗତୃଷ୍ଣା ସବୁ ଏବେ ଜଳେ ନିର୍ବାଣ କୁଇରେ' (ଲକ୍ଷ୍ମୀନାରାୟଣ ମହାପାତ୍ର- ଭୂମା, 'ଓହ୍ଲାଇ ଆସୁଛି ବର୍ଷା ଧୂଳିର ଶିଡ଼ିରେ / ଯେମିତି ଅନ୍ଧାର ପତ୍ରର ପିଠିରେ ବସି / ସବାରିରେ ନୂଆ ବୋହୂଟିଏ / ଯା'ର ତାରା ଧଡ଼ି ଶାଢ଼ି ମାଟିକୁ ଚୁଚୁମେ / ଅସଂଖ୍ୟ କୁଆପଥର ରକ୍ତ ପାପୁଲିରେ' (ବର୍ଷା-ପ୍ରସନ୍ନ କୁମାର ପାଟଶାଣୀ) ପ୍ରଭୃତି ।

ମିଥ୍, ଚିତ୍ରକଳ୍ପ, ପ୍ରତୀକ ଆଦି ଆଧୁନିକ କବିର ସାଧନ ସମ୍ପତ୍ତି । ପୁନଶ୍ଚ କବିତା ପାଇଁ ସଂଗୀତ ଓ ଛନ୍ଦର ଚାତୁର୍ଯ୍ୟ ଅନ୍ୟତମ କଳା କାରିଗରୀ କହିବା ଅବାନ୍ତର ନୁହେଁ । ଅନ୍ତଃମିଳନ ନଥାଇ କବିତା ସୃଷ୍ଟି ହେବା ବିସ୍ମୟଜନକ ନୁହେଁ । ସେଥିରେ ମଧ ଛନ୍ଦ ସୁଲଭ । ତାହାହିଁ ଗଦ୍ୟ କବିତାର ଛନ୍ଦ । ଛନ୍ଦ ବ୍ୟବହାର କରିବା ନ କରିବାର ସ୍ୱାଧୀନତା କବିଙ୍କର । ଆଜିକାଲି ଅଧିକାଂଶ କବିତା ହୋଇଛି ଫ୍ରିଭର୍ସ । ଚର୍ଯ୍ୟାଗୀତି ସାରଳା ଦାସଙ୍କ ଦାଣ୍ଡୀ ବୃତ୍ତ, ଅବଧୂତ ନାରାୟଣ ନନ୍ଦ ସ୍ୱାମୀଙ୍କ 'ରୁଦ୍ର ସୁଧାନିଧି', ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ'ରେ ଗଦ୍ୟପଦ୍ୟର ଯେଉଁ ଅପୂର୍ବ ସମ୍ମିଶ୍ରଣ ଓ ସମନ୍ୱୟ ସଂଘଟିତ ହୋଇଛି, ତାହା ହିଁ ଆଧୁନିକ ଓଡ଼ିଆ ଛନ୍ଦ ସୃଷ୍ଟିର ପୃଷ୍ଠଭୂମି । ସ୍ୱାଧୀନତା ପରବର୍ତ୍ତୀ ବହୁ କବି ଲେଖିଛନ୍ତି ଗଦ୍ୟ କବିତା । କିନ୍ତୁ ଗଦ୍ୟ ସର୍ବସ୍ୱତା ଯୋଗୁଁ ବହୁ କବିଙ୍କୁ ବିରୋଧର ଶରବ୍ୟ ହେବାକୁ ପଡ଼ିଛି । ଆଜି ମଧ ଗଦ୍ୟ କବିତାର ଆକର୍ଷଣ କବିମାନଙ୍କ ପାଇଁ ନିଃଶେଷ ହୋଇନାହିଁ । ତେବେ ମୁକ୍ତଛନ୍ଦ (ଭର୍ସ ଲିବର୍, ଫ୍ରି ଭର୍ସ) ପ୍ରଥାନୁଗତ ଛନ୍ଦ ବନ୍ଧନରୁ ମୁକ୍ତ ହୋଇ ନୂତନ କବିତାର ପଥ ପରିଷ୍କାର କରିଛି । ଏହା ଚିତ୍ରକଳ୍ପବାଦୀମାନଙ୍କ ଦ୍ୱାରା ସ୍ୱୀକୃତ । ଏଜ୍‌ରା ପାଉଣ୍ଡ ଓ ଟି.ଏସ୍. ଏଲିଅଟ୍ ଏହି ଛନ୍ଦବୋଧର ବ୍ୟାପକ ଅନ୍ତର୍ଦୃଷ୍ଟିର ପରିଚୟ ଦେଇଅଛନ୍ତି । କେତେକ କବିତା ପଦ୍ୟଛନ୍ଦକୁ ପରିହାର କରି, ତା' ପରିବର୍ତ୍ତେ ବାକ୍‌ଛନ୍ଦକୁ ଆଦରି ନେଇଛି । ତେବେ କବିତାର ଛାନ୍ଦସିକ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷାର ସୀମା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।




□□

ଲେଖକଙ୍କ ଇ-ମେଲ ଠିକଣା:
udayanath28@gmail.com

ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।

Google Play Books

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

ଗଳ୍ପ




# ପରିତ୍ୟକ୍ତ ପାନ୍ଥଶାଳା

ସଚ୍ଚିଦାନନ୍ଦ କର

ମାଆ ଯେତେବେଳେ ଅନ୍ୟ କାହା ଆଗରେ ଅରକ୍ଷିତର ବାହାଘର କଥା ଉଠାଉଥିଲେ, ତା'ର ମିଜାସ ବିଗିଡ଼ି ଯାଉଥିଲା।- 'ଧାତ୍ ତେରିକି, ମା'ର ବୁଦ୍ଧି ବୋଲି କିଛି ନାହିଁ।' କହି ସେ ସେଇ ଜାଗା ଛାଡ଼ି ଅନ୍ୟଆଡ଼କୁ ପଳାଇ ଯାଉଥିଲା।

ଥରେ ଅଧେ ନୁହେଁ, ଏମିତି କେତେଥର ହୋଇଥିଲା। ବାହାଘର ପାଇଁ ଅରକ୍ଷିତ ରାଜି ହେଉ ନ ଥିବାରୁ ମା' ସୁଯୋଗ ପାଇଲେ ସେଇକଥା ହିଁ ଉଠାଉଥିଲେ।

ଇଏ କ'ଣ ବ୍ରହ୍ମଚାରୀ ହୋଇ ରହିବ ନା କ'ଣ! ଏଇକଥାଟି ସବୁବେଳେ ମା'ର ମନକୁ ଅସ୍ତବ୍ୟସ୍ତ କରୁଥିଲା। ଅରକ୍ଷିତ କାହିଁକି ବାହାହେବାକୁ ରାଜି ହେଉନାହିଁ, ସେ କିନ୍ତୁ ଆଦୌ ବୁଝିପାରୁ ନ ଥିଲେ।



ବାପାଙ୍କର ମରିବାକୁ ବର୍ଷେ ପୂରିଲାଣି। ବାଲ୍ୟ ବିଧବା ହୋଇ ଘରେ ଆସି ରହିଥିବା ପିଉସୀର ମରିବାକୁ ଯା ଭିତରେ ତିନି ମାସ ବି ପୂରିଲାଣି। ଘରଟା ଖାଲିଖାଲି ଲାଗୁଥିଲା। ତେଣୁ ଘରକୁ ବୋହୂ ଆଣିବାକୁ ମନେମନେ ଭାରି ବ୍ୟସ୍ତ ଥିଲେ ଅରକ୍ଷିତର ମା'। ବ୍ୟସ୍ତ ହେଲେ କ'ଣ ହେବ, ଅରକ୍ଷିତ ରାଜି ହେଲେ ସିନା କ'ଣ ହେବ। ରାଜି ହେବା ତ ପଛକଥା, ବାହାଘର କଥା ପଡ଼ିଲେ ତା'ର ମୁଣ୍ଡଟା ଗୋଳମାଳ ହୋଇଗଲା ପରି ତାକୁ ଲାଗୁଥିଲା।

ସେଦିନ ଶିବ ପଣ୍ଡିତଙ୍କୁ ମା' ଘରକୁ ଡକାଇଥିଲେ। ଶିବ ପଣ୍ଡିତ ତାଙ୍କ ଅଞ୍ଚଳର ଜଣେ ବଡ଼ ଜ୍ୟୋତିଷ। ଜାତକ ଗଣନାରେ ବେଶ୍ ନିପୁଣ। ତାଙ୍କର ଗଣନା କେବେ ଭୁଲ୍ ହୁଏ ବୋଲି କେହି କହନ୍ତି ନାହିଁ। ଅରକ୍ଷିତର ଜାତକ ତାଙ୍କୁ ଦେଖାଇବାର ଥିଲା। ବାହାଘର ପାଇଁ କାହିଁକି ଯେ ସେ ରାଜି ହେଉନାହିଁ ଜାଣିବାକୁ ଚାହିଁଥିଲେ ସେ। ତେଣୁ ତାଙ୍କୁ ଘରକୁ ଡକାଇଥିଲେ।

ରୋଷେଇରେ ମନ ନ ଥିଲା। ତେଣୁ ସେଦିନ ବହୁ ବିଳମ୍ବରେ ରୋଷେଇ ସରିଲା। ସେଥିପାଇଁ ଖାଇବାରେ ଡେରି ହୋଇଯାଇଥିଲା। ଖାଇବା ପରେ ଯାଇ ନିଜ ବଖରାରେ ଶୋଇଥିଲା ଅରକ୍ଷିତ। ସେଇ ସମୟରେ ଶିବ ପଣ୍ଡିତ ଆସି ଘରେ ପହଞ୍ଚିଲେ। - 'ଆସ, ଆସ ପଣ୍ଡିତେ। ଅରକ୍ଷିତଟା ଜମାରୁ ବାହାହେବାକୁ ରାଜି ହେଉନାହିଁ। କ'ଣ କିଛି ଦୋଷ ଅଛି କି ତା' ଜାତକରେ? ମୁଁ ଆଉ କେଉଁଦିନ ବୋହୂ ମୁହଁ ଦେଖିବି?' ଶିବ ପଣ୍ଡିତଙ୍କୁ ମା'ର ଏଇ କଥା କେଇପଦ ହଠାତ୍ ତା' କାନରେ ପଡ଼ିଲା। ତା'ର ଶାନ୍ତ ମନଟା ଅଶାନ୍ତ ହୋଇଗଲା। ସେ ଆଉ ତା' ବଖରାରେ ଶୋଇପାରିବ, ସେମିତି ଭାବିପାରିଲା ନାହିଁ। ଉଠିପଡ଼ି ବାହାରକୁ ଯିବାକୁ ବାହାରିଲା।

- 'ଆରେ, ତୁ କୁଆଡ଼େ ବାହାରିଲୁ? ଟିକେ ଶୋଇପଡ଼ିଲୁନି?' ମା' ପଚାରିଲେ।

- 'ନିଦ ଆସୁନି। ଏତେବେଳେ କ'ଣ ଶୋଇହେବ? ଯାଉଛି ଟିକେ ସେ ଘର ଆଡୁ ବୁଲିଆସିବି।' ଅରକ୍ଷିତ କହିଲା।

- 'ପହରିଦିନ ଧଡ଼ା ଠେଲିକରି ଗାଈ ହତା ଭିତରେ ପଶିଥିଲା। ତୁଇ ତ କହିଥିଲୁ ତାକୁ ମରାମତି କରିଦବୁ ବୋଲି। ଯାଉଛୁ ଯଦି କରିଦେଲେ ଭଲହୁଅନ୍ତା।' ମା' କହିଲେ।

ସେତିକିବେଳେ କହିଥିବା କଥାଟି ଅରକ୍ଷିତର ମନେପଡ଼ିଲା। ସେ କହିଲା - 'ହଁ, ଯା' ହେଲେ ନିଜେ ସେ କାମଟି କରିବାକୁ ପଡ଼ିବ। ଆଉ କିଏ ଅଛି? ନିଜେ ଯାଇ ଦେଖେ କ'ଣ କରାଯାଇପାରେ।'

- 'ବେଳ ରତରତ ହେଲାଣି। ଏତେବେଳେ ସେ ଘରକୁ ଏକୁଟିଆ ଯିବୁ? ଆଗ ସପ୍ତାହରେ ସେଇ ଘରର ବାରିପଟ ବାଉଁଶ ବଣରେ ବିଷଧର ସାପ ବୁଲୁଥିବା

ଦେଖାଯାଇଛି, ଏକଥା ଶୁଣିଥିଲି।' ମା' ପୁଣି କହିଲେ।

– 'ହଉ, ମୁଁ ଦେଖେ।ଏକା ହିଁ ତ ଯିବି। ଆଉ କାହାକୁ ସାଙ୍ଗରେ ନେବି ?' ଅରକ୍ଷିତ କହିଲା। ଘରୁ ବାହାରିଗଲା।

ଶିବ ପଣ୍ଡିତଙ୍କ ପାଖରେ ଅରକ୍ଷିତର ଜାତକ ଧରି ମା' ବସିପଡ଼ିଲେ। କାହିଁକି ଡେରି ହେଉଛି ଅରକ୍ଷିତର ବାହାଘର ? ଏବେ ଏଇ ପ୍ରଶ୍ନର ଉତ୍ତର ଜାଣିବା ଯେମିତି ତାଙ୍କର ନିହାତି ଆବଶ୍ୟକ ଥିଲା।

ଅରକ୍ଷିତକୁ ଧଡ଼ା ମରାମତି କରିବାକୁ ଥିଲା। ହତା ଭିତରେ କିଛି ବତା ପଡ଼ିଥିବା ଜାଣିଥିଲା ସେ। ସେଗୁଡ଼ିକୁ ଆଣି କଣ୍ଟା ପିଟିଦେଲେ କାମ ହୋଇଯିବ। ସେ କଣ୍ଟା ଆଣିବାକୁ ଛକରେ ଥିବା ଦୋକାନକୁ ଗଲା। ସେଠାରୁ ଶହେ ଗ୍ରାମ୍ କଣ୍ଟା କିଣିକରି ସେ ଘର ପାଖରେ ପହଞ୍ଚିଲା ବେଳକୁ ଦିନଟା ପ୍ରାୟ ସରିଆସିଲାଣି। ସେଠାରେ ସବା ଆଗପାଖ ଘରର ସନ୍ତୋଷ ମହାନ୍ତିର ଚାକରାଣୀ ସ୍ୱପ୍ନା ସାଙ୍ଗରେ ତା'ର ଭେଟ ହୋଇଗଲା। ସେତେବେଳେ ସେ ସେଠାରେ ଶୁଖିଲା ଜାଳ ଗୋଟାଉଥିଲା। ତା'ର ପାଦଶବ୍ଦ ଶୁଣିବା ମାତ୍ରେ ମଥାଟେକି ଚାହିଁଦେଇ କହିଲା – 'ଓଃ, ବ୍ରହ୍ମଚାରୀ ଆସିଗଲେ ପରା।' କହିଦେଇ ଦୁଷ୍ଟାମୀ ଭରା ହସ ହସିଦେଲା ସେ।

**ଅରକ୍ଷିତ ବାହାହେବାକୁ ଇଚ୍ଛା କରୁନାହିଁ। ବ୍ରହ୍ମଚାରୀ ରହିବାକୁ ପସନ୍ଦ କରୁଛି। ଏକଥା ଜାଣିଥିଲା ସ୍ୱପ୍ନା।**

ଅରକ୍ଷିତ ବାହାହେବାକୁ ଇଚ୍ଛା କରୁନାହିଁ। ବ୍ରହ୍ମଚାରୀ ରହିବାକୁ ପସନ୍ଦ କରୁଛି। ଏକଥା ଜାଣିଥିଲା ସ୍ୱପ୍ନା। ସେଥିପାଇଁ ସେ ତାକୁ ଯେତେବେଳେ ଯେଉଁଠି ଦେଖୁଥିଲା ବ୍ରହ୍ମଚାରୀ କହିବାକୁ ପଛାଉ ନ ଥିଲା। ସେଦିନ ବି ତାକୁ ଦେଖିପକାଇ କହିଥିଲା ସେ। ତା' ପରେ ନିଜ ମୁକୁଳା ଛାତିର କାନି ସଜାଡୁ ସଜାଡୁ ଟିକିଏ ଲାଜେଇ ଯାଇ ପଚାରିଲା – 'କଥା କ'ଣ ! ଏତେ ଡେରିରେ ଏକୁଟିଆ ଆସିଛ ଯେ ? '

ଇଚ୍ଛା ଥିଲେ ବି ସ୍ୱପ୍ନାର ମୁକୁଳା ସ୍ତନ ଉପରେ ନଜର ପଡ଼ିବା କାରଣରୁ ଅରକ୍ଷିତ କିଛି ଜବାବ ନ ଦେଇ ଶୀଘ୍ର ଶୀଘ୍ର ପାଦ ପକାଇ ଯାଇ ଧଡ଼ା ପାଖରେ ପହଞ୍ଚିଗଲା। ସେଠାରେ ଟିକେ ଠିଆହେବାକୁ ବି ଚାହିଁଲାନି। ଧଡ଼ାକୁ ଟିକେ ଆଡ଼େଇ ଦେଇ ହତା ଭିତରକୁ ପଶିଗଲା। ପଛକୁ ଥରେ ବୁଲି ଚାହିଁବାକୁ ଆଦୌ ଇଚ୍ଛା ନ କରି ଆଗକୁ ବଢ଼ିଲା।

ପାଦର ଗତି ଯେପରି ସେପରି ଥିଲା। ଅରକ୍ଷିତ ଘର ବାରଣ୍ଡାକୁ ଉଠିଗଲା। କବାଟରେ ତାଲା ଝୁଲୁଥିଲା। ତାକୁ ଘର ଭିତରକୁ ଯିବାର ଥିଲା। ଭିତରୁ ଗୋଟେ ପିଟଣା ଆଣିବାର ଥିଲା। ସେ ତାଲା ଖୋଲିବାକୁ ପକେଟରୁ ଚାବି ବାହାରକଲା। ସେତେବେଳକୁ ତା' ପଛେ ପଛେ ଆସି ଘର ବାରଣ୍ଡା ତଳେ ଠିଆ ହୋଇଗଲାଣି ସ୍ୱପ୍ନା। ସେ ଟିକେ ପଛକୁ ଚାହିଁ ଦେଖିଲା ସ୍ୱପ୍ନା ଠିଆହୋଇ ମୁର୍କି ମୁର୍କି ହସୁଛି। ମନେମନେ ସେ ଟିକେ ଚିଡ଼ିଉଠିଲା। ମୁହଁ ଫେରାଇ ତାଲା ଖୋଲିବାରେ ଲାଗିଲା। ସ୍ୱପ୍ନା ପୁଣି ପଚାରିଲା – 'ଏତେ ଦିନ ପରେ ଏ ବନ୍ଦ ଘର ଭିତରକୁ ଯିବ ନା କ'ଣ ଏଇ ସଞ୍ଜବେଳଟାରେ ?'

ଅରକ୍ଷିତକୁ ସ୍ୱପ୍ନାର କଥାସବୁ ଆଦୌ ଭଲଲାଗୁ ନ ଥାଏ। ସେଆଡ଼କୁ କାନ ନ ଦେଇ ସେ ତାଲା ଖୋଲିବାରେ ଲାଗିଲା। ସ୍ୱପ୍ନା କହିଲା – 'ସନ୍ତୋଷ ଦାଦାଙ୍କ ମା' ବେମାର ଅଛନ୍ତି। ସେ ମାଛ ଖାଇବାକୁ ମନ କରିଛନ୍ତି। ତାଙ୍କ ଘରକୁ ତ ମାଛ ଆସେନାହିଁ। ମାଛ ରାନ୍ଧିବି ବୋଲି ମୁଁ ତୁମ ଘରବାରିରେ ଚୁଲି ବସାଇଛି। ଦାଦା ତୁମ ମାଆଙ୍କୁ ପଚାରିବାକୁ ଯାଇଥିଲେ। ମୁଁ ବି ଯାଇଥିଲି ଯେ ତୁମେ ଘରେ ନ ଥିଲ।'

ସ୍ୱପ୍ନା ସାଙ୍ଗରେ କଥାବାର୍ତ୍ତା ହେବାକୁ ଅରକ୍ଷିତର ଆଦୌ ଇଚ୍ଛା ନ ଥିଲା। ସେ ଜାଣିପାରିଥିଲା ଯେ ସ୍ୱପ୍ନା ତା' ସହିତ କଥାବାର୍ତ୍ତା ହେବାକୁ ଚାହୁଁଛି। ମିଶିବାକୁ ଇଚ୍ଛା କରୁଛି। ତାକୁ ହସମାଡ଼ିଲା। ସେ ଆଉ ତା' ଉପରେ ଚିଡ଼ିବ କ'ଣ, ତାଲା ଖୋଲୁଖୋଲୁ ହସିପକାଇଲା। ତାଲା ଖୋଲିଗଲା, କିନ୍ତୁ କଳଙ୍କି ଲଗା ଛିଟିକିଣିଟା ଏକାଥରକେ ଖୋଲିଲା ନାହିଁ। ତାକୁ ସେଥିପାଇଁ ଜୋର୍ ଲଗାଇବାକୁ ହେଲା। ଆଉ ସେତିକିବେଳେ ସ୍ୱପ୍ନା ପୁଣି କହିଲା – 'ଘରଟା ଭିତରେ କେଜାଣି କେତେ ପରସ୍ତ ଧୂଳି ଜମିଯିବଣି। ମୋତେ ଖବର ଦେଇଥାନ୍ତ କି ଆଗରୁ ଝାଡୁ ଲଗାଇ ପହଁରି ଦେଇଥାନ୍ତି।'

ଘରେ ତ ତାଲା ପଡ଼ିଥିଲା।ଇଏ ଆଗରୁ ଝାଡୁ ଲଗାଇ ପହଁରିଥାନ୍ତା କେମିତି ! ଅରକ୍ଷିତକୁ ପୁଣି ହସମାଡ଼ିଲା।ତା' ସାଙ୍ଗରେ ମିଶିବାକୁ ଝିଅଟାର କେତେ ଇଚ୍ଛା ! ଏମିତି ଭାବି ସେ ହସିପକାଇଲା। ତା' କଥାକୁ ମୋଟେ କାନ ଦେଲାନାହିଁ। କବାଟ ଖୋଲି ତରବରରେ ଘର ଭିତରକୁ ପଶିଗଲା। କାଳେ ତା' ପଛେ ପଛେ ସ୍ୱପ୍ନା ଘର ଭିତରକୁ ପଶିଆସିବ, ଭିତରକୁ

ଆସିଯିବା ପରେ କବାଟ ବନ୍ଦ କରିଦେଇ ସେ ଛିଟିକିଣି ଲଗାଇଦେଲା ଏବଂ ଭିତରର ବଖରାରେ ପହଞ୍ଚିଯାଇ କୁହୁଡ଼ି ପରି ଆସ୍ତରଣ ମଧ୍ୟରେ ଅଦୃଶ୍ୟ ହୋଇଗଲା।

ତିନି ମାସ ଆଗରୁ ସେଇ ଘରେ ତା'ର ପିଉସୀ ମରିଥିଲେ। ତାଙ୍କ ମରିବାର ମୁହୂର୍ତ୍ତଟା ବଡ଼ ଖରାପ ଥିଲା। ସେତେବେଳେ ଶିବ ପଣ୍ଡିତ ପାଞ୍ଜି ଦେଖି କହିଥିଲେ – 'ତିନି ମାସ ଯାକେ ଏ ଘରକୁ ଖାଲି ରଖିବାକୁ ହେବ। ପୁଷ୍କର ଦୋଷ ଲାଗିଛି। ତା' ପରେ ପୁଷ୍କର ଶାନ୍ତି ହୋମ କରିବାକୁ ପଡ଼ିବ। ତେବେ ଯାଇ ଏ ଘର ମଣିଷ ରହିବାକୁ ଯୋଗ୍ୟ ହେବ।'

ଚାରିବର୍ଷ ତଳେ ତା'ର ବାପା ସେଇଠି ମରିଥିଲେ। ତାଙ୍କ ମରିବାର ମୁହୂର୍ତ୍ତଟା ବି ବଡ଼ ଖରାପ ଥିଲା। ଘର ଛାଡ଼ିବାକୁ ଆହୁରି ପୁଷ୍କର ଶାନ୍ତି କରିବାକୁ ଶିବ ପଣ୍ଡିତ କହିଥିଲେ। ସେଥିପାଇଁ ମନ ଥିଲେ ବି ଘର ଛାଡ଼ିପାରିବାର ଶକ୍ତି ନ ଥିବାରୁ ସେମାନେ କେବଳ ଶାନ୍ତିପାଠ କରାଇ ସେଇଠି ରହିଯାଇଥିଲେ। ବାପା ମରିବାର ଛଅ ମାସ ଭିତରେ ହିଁ ତା'ର ଏକମାତ୍ର ଭଉଣୀ ଝାଡ଼ାବାନ୍ତିରେ ମରିଗଲା। ଲୋକେ କହିବାକୁ ଲାଗିଲେ ଯେ ଘର ନ ଛାଡ଼ିବାରୁ ଏପରି ହେଲା। ସମସ୍ତେ ଡରିଗଲେ। ତେଣୁ ପିଉସୀ ମରିବାର ମୁହୂର୍ତ୍ତ ଖରାପ ବୋଲି ଶିବ ପଣ୍ଡିତ କହିବାରୁ ସେମାନେ ଆଗପଛ ବିଚାର ନ କରି ଘର ଛାଡ଼ିଦେଇଥିଲେ। ପାଖରେ ଥିବା ତାଙ୍କର ଆଉ ଗୋଟିଏ ଘରେ ଯାଇ ରହିଥିଲେ। ତିନିମାସ ପରେ ପୁଷ୍କର ଶାନ୍ତି କରି ସେଠାକୁ ଫେରିବାକୁ ମନେମନେ ଭାବିଥିଲେ।

ସେଇଦିନଠାରୁ ସେ ଘରକୁ ମା' ଆସି ନ ଥିଲେ। ଅରକ୍ଷିତ ବି ଆସି ନ ଥିଲା। ଏବେ ଧଡ଼ା ମରାମତି କରିବା ଦରକାର ଥିଲା। ଶିବ ପଣ୍ଡିତଙ୍କ ସହିତ ତା'ର ବାହାଘର ବିଷୟରେ ମା' କଥା ହୋଇ ନ ଥିଲେ ସେ ବି ସେଦିନ କୋଉ ଆସିଥାନ୍ତାକି! ସେମିତି କିଛି ବିଚାର ତା' ମନରେ ନ ଥିଲା ସେତେବେଳେ। ଏବେ ସେ ଭାବୁଥିଲା ଯେମିତି ଧଡ଼ାଟା ମରାମତି କରିଦେବା ତା'ର କର୍ତ୍ତବ୍ୟ। ହତା ଭିତରେ କେତେଗୁଡ଼ିଏ ବତା କେବେଠାରୁ ପଡ଼ିରହିଥିଲା। ତହିଁରୁ ଗୋଟିଏ ଦୁଇଟି ବତା ଆଣି ତାକୁ ଖଣ୍ଡ ଖଣ୍ଡ କରି ଧଡ଼ା ଉପରେ କଣ୍ଟା ପିଟି ମାରିଦେଲେ କାମ ଶେଷ। ଗୋରୁଗାଈ ଆଉ ହତା ଭିତରକୁ ପଶିପାରିବେ ନାହିଁ।

ଘର ଭିତରକୁ ପଶିଆସିବା ପରେ ଅରକ୍ଷିତ ଗୋଟିଏ ପିଟଣା ଖୋଜିଲା। ଘରର ଝରକା, କବାଟ ବନ୍ଦ ଥିଲା। ଭିତରେ ଝାପ୍‌ସା ଆଲୋକ। ସେ ପିଟଣା ଖୋଜିବାରେ ଲାଗିଲା। ସେତିକିବେଳେ ତା'ର ସ୍ୱପ୍ନା କଥା ମନେପଡ଼ିଲା। ଛି ଛି! ଭାରି ବେଫିକର ଝିଅଟା! ଛାତି ଉପରେ ଲୁଗା ରଖୁନାହିଁ। ମୁଁ କାହିଁକି ଆଜି ଏଠାକୁ ଆସୁଥିଲି କେଜାଣି! ଏମିତି ଭାବୁଭାବୁ ତା'ର ତ ରୁମ ଟାଙ୍କୁରି ଉଠିଲା। ବୁଦ୍ଧି ଭିତରେ ଅଜବ ରକମର ଗୋଳମାଳ ବୋଧ ହେଲା। ଆଉ ତା'ର ମନେପଡ଼ିଲା ନାହିଁ ଯେ ସେ କାହିଁକି ଏଠାକୁ ଆସିଥିଲା।


ହଠାତ୍ ତା'ର ମନେପଡ଼ିଲା ଯେ ସେ ଧଡ଼ା ମରାମତି କରିବାକୁ ଆସିଥିଲା। ଆରେ ଆରେ! ମୋର ଭୁଲାମନକୁ ନିଆଁ ଲାଗୁ। କେମିତିକା ଭୁଲାମନର ଲୋକ ମୁଁ! ସେ ଭାବିଲା ଆଉ ତାକୁ ଲାଗିଲା ଯେମିତି ସ୍ୱପ୍ନାକୁ ଦେଖିବାପରେ ଯାହା ଭାବିଥିଲା ଅଜାଣତରେ ସେସବୁ ବଦଳିଯାଇଛି। ଏମିତି ଭାବୁଭାବୁ ଘର ଭିତରେ ଗୋଟିଏ ବଖରାର କବାଟ ଖୋଲିଲା ସେ। ଘରର ଧୂଆଁଳିଆ ଅନ୍ଧାର ଭିତରୁ ଡେଣା ଫଡ଼ଫଡ଼ କରି ଗୋଟିଏ ଚେମେଣିଆ ତା' ଦିହକୁ ଘଷିହୋଇ ଉଡ଼ିଗଲା। ପିଉସୀ ଯେଉଁ ଘରେ ମରିଥିଲେ, ସେଇ ଘରଟାକୁ ପାରିହେବାବେଳେ କେମିତିକା ଦୁର୍ଗନ୍ଧରେ ତା'ର ଅନ୍ତବୁଜୁଳା ଯାକେ ଚହଲାଇ ଦେଉଥିଲା। ସେ ଶୀଘ୍ର ଶୀଘ୍ର ଗୋଡ଼ ଉଠାଇ ରୋଷେଇଘର ଆଡ଼କୁ ଚାଲିଗଲା। ପୂଜା ଘରେ ବି ଅନ୍ଧାର ଭର୍ତ୍ତି ହୋଇଥିଲା। ସେ ଜାଗାଟା ପାରି କଲାବେଳେ ଗୋଡ଼ ଉପରେ ଗୋଟେ ମୂଷା ଚଢ଼ି ଚାଲିଗଲା। ସେ ଡରିଯାଇ ଡେଇଁପଡ଼ିଲା। ତେବେ ପିଟଣାଟା ତାକୁ କେଉଁଠି ମିଳିପାରିବ ମନେମନେ ଭାବୁଥିଲା ସେ।

**ସେତିକିବେଳେ ତା'ର ସ୍ୱପ୍ନା କଥା ମନେପଡ଼ିଲା। ଛି ଛି! ଭାରି ବେଫିକର ଝିଅଟା! ଛାତି ଉପରେ ଲୁଗା ରଖୁନାହିଁ।**

ଶିବ ପଣ୍ଡିତଙ୍କୁ ଜାତକ ଦେଖାଇ କ'ଣ ପଚାରୁଥିବ ମା'! ତା'ର ବାହାଘର ଚିନ୍ତାଟା ଯେମିତି ଭୂତ ହୋଇ ମା'ର ମୁଣ୍ଡରେ ପଶିଛି। ଏପଟେ ସ୍ୱପ୍ନା ତାକୁ ବାହାହେବାକୁ ଚାହୁଁଛି ନା କ'ଣ! ତା'ର ହାବଭାବ ଓ କଥାବାର୍ତ୍ତାରୁ ତ ସେମିତି ଜଣାପଡୁଛି। ବଡ଼ ବିଷମ ପରିସ୍ଥିତିରେ ପଡ଼ିଲା ମଣିଷ। କୋଉ ଗୋଟେ ଝିଅକୁ ବାହା ହୋଇଗଲେ ଆଉ ଅଡୁଆ ରହନ୍ତା

ନାହିଁ ବୋଧେ ! ଏମିତି ଭାବିଭାବି ସେ ଥରିଉଠିଲା । ତା'ର ତା' ମା' ଉପରେ ରାଗ ଆସିଲା । ଶିବ ପଣ୍ଡିତଙ୍କୁ ଆଜି ତା'ର ଘରକୁ ଡାକିବାର ଥିଲା ! ସେ ମନକୁମନ କହିଲା ।

– 'ତୋର ବୟସଟା କିଛି କମ୍ ହେଲାଣି ? ସାଙ୍ଗମାନେ ବାହାହୋଇ ଦୁଇ ଦୁଇଟା ପିଲାଙ୍କର ବାପା ହୋଇସାରିଲେଣି । ଯେତେବେଳେ କହିଲେ ତୁ କହୁଛୁ ମୁଁ ବ୍ରହ୍ମଚାରୀ ହିଁ ରହିବି । ମୋର ବାହାହେବା ଦରକାର ନାହିଁ । ଆଗଆଗ ତ ତୋ'ର ଏଇକଥାକୁ ମୁଁ ଥଟ୍ଟା ବୋଲି ଭାବୁଥିଲି । ଏବେ ସତ ଭାବିବାକୁ ବାଧ ହେଲିଣି । କେଜାଣି କାହା ପ୍ରଭାବରେ ତୁ ଏପରି କହୁଛୁ । କେଉଁଠି ଗୋଟିଏ ଝିଅ ତୋତେ ବାହାହେବାକୁ ଅପେକ୍ଷାରେ ଥିବ ଜାଣିପାରୁନୁ ବୋଧେ । ବୋହୂ ଆଉ ନାତିର ମୁହଁ ଦେଖିବାକୁ କେତେ ଆଶାକରି ତୋ' ବାପା ଆଖି ବୁଜିଲେ । ମୁଁ ଭାବୁଛି ମୋର ବୋଧହୁଏ ସେଇ ଅବସ୍ଥା ହେବ ।'



ମା'ର ଏଇସବୁ କଥା ଏବେ ଅରକ୍ଷିତର ମନେପଡୁଥିଲା । କେବେକେବେ ମା' ତାକୁ କହିଥିଲା । ଏସବୁ କଥା କହିଲାବେଳେ ମା'ର ସ୍ୱରରେ ଟିକିଏ କାନ୍ଦଣା ବି ରହିଥିଲା । ତେବେ ସେଇ ଝିଅଟି ସ୍ୱପ୍ନା ନୁହେଁ ତ ! ସେ ମନକୁମନ କହିଲା । ଅନ୍ଧାର ହେବାବେଳ ହେଲାଣି । ଏତେବେଳେ ସେ ଏହି ପରିତ୍ୟକ୍ତ ଘରେ ଆସି ଫାଶରେ ପଡ଼ିଛି । ବାହାରେ ସ୍ୱପ୍ନା ବୋଧହୁଏ ଥିବ ତଥାପି । ବାହାରକୁ କିପରି ବାହାରିବ ସେ ? ଯେଉଁଥିପାଇଁ ଆସିଛି ତାହା କ'ଣ କରିପାରିବନି ! ଧଡ଼ା ମରାମତି ନ କରି ଫେରିଯାଇ ମା'କୁ କହିବ କ'ଣ !ଏ କ'ଣ ତା' କାମ ନୁହେଁ ! ନା, ସେ ଯେମିତି ହେଲେ ପଦାକୁ ଆସିବ ଆଉ ଧଡ଼ା ମରାମତି କରିବ । ସ୍ୱପ୍ନାକୁ ଡରି ଘର ଭିତରେ ଅଟକିଗଲେ ହେବନାହିଁ ।

ଏତିକି ଭାବିବା ପରେ ଅରକ୍ଷିତର ମନରୁ ଟିକିଏ ଡର କମିଲା । ମା' ପ୍ରତି ତା'ର ହୃଦୟ ବି ଟିକେ କୋମଳ ହୋଇଗଲା । ଏତିକିବେଳେ ସ୍ୱପ୍ନା ତାକୁ ବାହାରୁ କିଛି କହୁଥିବାର ସେ ଶୁଣିପାରିଲା । କିନ୍ତୁ ତା'ର ସ୍ୱର ଏତେ ଅସ୍ପଷ୍ଟ ଥିଲା ଯେ ସେ ଭିତରେ ଥାଇ କିଛି ଶୁଣିପାରୁ ନ ଥିଲା । ସେ ଗୋଟିଏ ଲମ୍ବ ନିଃଶ୍ୱାସ ପକାଇଲା । ବାହାରକୁ ଆସିବାକୁ ନିଜକୁ ପ୍ରସ୍ତୁତ କଲା । ହଠାତ୍ ତା'ର ମନେହେଲା ଧଡ଼ା ମରାମତି କରିବାକୁ ହେଲେ କେହିଜଣେ ତାକୁ ସହଯୋଗ କରିବା ଦରକାର । ନ ହେଲେ ବତା ଖଣ୍ଡକୁ ସେ ଏକାଏକା ଧଡ଼ା ଉପରେ ଧରି ରଖିପାରିବ କିପରି ! ସେତିକିବେଳେ ପୁଣି ବାହାରୁ ସ୍ୱପ୍ନା କିଛି କରୁଥିବାର ଶୁଭିଲା । ତା' ପଛକୁ ତା'ର କାଶିବା ଶବ୍ଦ ମଧ୍ୟ ଶୁଭିଲା । ସେ ନିଆଁଲାଗିଟା ଏଇଠି କୋଉଠି ଅଛି ନା କ'ଣ ? ଅଲାଜୁକିଟା । ସେ ମନକୁମନ କହିଲା ।

ଏବେ ସ୍ୱପ୍ନା ଉପରେ ଅରକ୍ଷିତର ମନରେ ଭାରି ରାଗ ଆସିଗଲା । ତା'ର ମନେହେଲା ଯେପରି କୌଣସି ପ୍ରସଙ୍ଗକୁ ମନରେ ଧରି ବେଶ୍ ଉତ୍ସାହିତ ଅଛି ସେ । କ'ଣ ଭାବୁଛି ? ମୋତେ ବାହାହେବା କଥା ଭାବୁଛି ନା କ'ଣ ? ମୋତେ ବ୍ରହ୍ମଚାରୀ ଜାଣି ମଧ୍ୟ କାହିଁକି ଏପରି ହେଉଛି ସେ ? ତା'ର ରୂପ ଦେଖିଲେ ତ ଆଖି ଲାଖିଯାଉଛି । ହେଲେ ମୁଁ କାହିଁକି ତାକୁ ବାହାହେବି ଯେ ? ମୁଁ ତ ବ୍ରହ୍ମଚାରୀ ହିଁ ରହିବି ।

ଏମିତି ଭାବୁଥିଲା ଅରକ୍ଷିତ । ସ୍ୱପ୍ନା ପ୍ରତି ତା'ର ସାମାନ୍ୟତମ ଆଗ୍ରହ ମଧ୍ୟ ନ ଥିଲା । ସରିଆସୁଥିଲା ଦିନ । କମି ଆସୁଥିଲା ଦିନର ଆଲୋକ । ସେ କବାଟ ପାଖକୁ ଆସିଲା । କବାଟ ଫାଙ୍କାଦେଇ ଦେଖିଲା ବାରଣ୍ଡା ତଳେ ସ୍ୱପ୍ନା ଠିଆ ହୋଇଛି । 'ଏ ବ୍ରହ୍ମଚାରୀର ବହୁତ ଧୈର୍ଯ୍ୟ । ସେତିକିବେଳୁ ଏ ପରିତ୍ୟକ୍ତ ଘରଟା ଭିତରେ ପଶି ଯେ କରୁଛି କ'ଣ ?' ସ୍ୱପ୍ନାର ଏଇକଥା ତା' କାନ ପର୍ଯ୍ୟନ୍ତ ଭାସିଆସିଲା । ତା'ର ବ୍ରହ୍ମଚାରୀ ଶବ୍ଦଟା ସତେ ଯେମିତି ତା' ଦେହରେ ନିଆଁ ଲଗାଇଦେଲା । ହେଲେ ସେ ରାଗିପାରିବନି ଭାବିଲା । ବରଂ ସ୍ୱପ୍ନାକୁ ଦେଖିବା ପରେ ତା' ଦେହରେ ସାହସ ଆସିଲା । କବାଟ ସେକଡ଼େ ହେଉ ପଛକେ ଅଛି ତ ସେ । ସେ ଜଣେ ମଣିଷ । ଏମିତି ଭାବିଲାରୁ ତାକୁ ଟିକେ ଆଶ୍ୱସ୍ତି ଲାଗିଲା । କ'ଣ କରିବ ସେ ବିଚାରକଲା ।

– 'ଆରେ ସେ ପରିତ୍ୟକ୍ତ ଘର ଭିତରେ କିଏ ଅଛି ନା କ'ଣ ? ତୁ କାହା ସାଙ୍ଗରେ କଥା ହେଉଛୁ ?' ଘର ଭିତରେ ଥାଇ ଝରକା ବାଟେ ସ୍ୱପ୍ନାକୁ ପଚାରିଲେ ସନ୍ତୋଷ ମହାନ୍ତି ।

– 'ହଁ, ବ୍ରହ୍ମଚାରୀ ଆସିଛନ୍ତି । ପହରିଦିନ ଗୋଟେ ଗାଇ ଧଡ଼ା ଭାଙ୍ଗି ହତା ଭିତରକୁ ପଶିଯାଇଥିଲା କିନା, ତାକୁ

ହିଁ ମରାମତି କରିବାକୁ ଆସିଥିବେ। ଦେଖୁନାହାନ୍ତି ଧଡ଼ାଟି କେମିତି ଭାଙ୍ଗିପଡ଼ିଛି।' ବଡ଼ ପାଟିରେ ଉତ୍ତର ଦେଲା ସ୍ୱପ୍ନା। ଉତ୍ତର ଶେଷରେ ଫିକକିନା ହସିଦେଲା।

ରାଗିବାକୁ ଇଚ୍ଛା ନ ଥିଲେ ବି ଏଥର ସ୍ୱପ୍ନା ଉପରେ ଅରକ୍ଷିତ ରାଗିଲା। ଭାରି ତ ବଡ଼ିବଡ଼ି କଥା କହୁଛୁ। ନିଃସଙ୍କୋଚରେ ବ୍ରହ୍ମଚାରୀ ବୋଲି କହିବାଟା ତା'ର ଆଦୌ ପସନ୍ଦ ନ ଥିଲା। କିନ୍ତୁ ତା'ର ଏ କଥାର ବିରୋଧ କରିବାକୁ ମଧ୍ୟ ଅବସର ବର୍ତ୍ତମାନ ନ ଥିଲା। ଯାହା ହେଉ ସ୍ୱପ୍ନାଟା ଅଲାଜୁକି ଝିଅଟାଏ। ତା' ସାଙ୍ଗରେ ମୁହଁ ଲଢ଼ାଇବାର ନିର୍ଲଜତା ବା ସେ କାହିଁକି କରିବ? ହଠାତ୍ ଦୁଇ ଦିନ ତଳର ଗୋଟିଏ ଘଟଣା ତା'ର ମନେପଡ଼ିଲା। କୂଅ ପାଖକୁ ପାଣି ନେବାକୁ ଆସିଥିଲା ସେ। ସେଇଠି ସ୍ୱପ୍ନା ଗୋଟେ ଓଦାଲୁଗାକୁ ଗୋଡ଼ ଦେଇ ଚକଟୁଥିଲା। ଶାଢ଼ି କାଳେ ତିନ୍ତିଯିବ ସେହି ଡରେ ଆଣ୍ଠୁର ଖୁବ୍ ଉପରକୁ ଲୁଗା ଉଠାଇ ଦେଇଥିଲା। ତାକୁ ଏପରି ବେଶରେ ସେ ଆଗରୁ କେବେ ଦେଖି ନ ଥିଲା। ମୁକୁଳା ଚିକ୍କଣ ଓ ମାଂସଳ ଜଂଘକୁ ସେ ଅପଲକ ଭାବରେ ଚାହିଁରହିଥିଲା। ତା'ର ହୋସ୍ ଆସିଲା ଯେତେବେଳେ ସେ କହିଦେଲା– 'ଏ କ'ଣ ମୋତେ ଏମିତି ଚାହିଁଛ ଯେ?'

ସ୍ୱପ୍ନା ତ ସବୁବେଳେ ଏଇଭଳି। କିଛି ଆଗପଛ ବିଚାରେନା। ଆଜି କଥା ନୁହେଁ, ବହୁଦିନରୁ ଅରକ୍ଷିତ ତାକୁ ଜାଣେ। ସେ ସନ୍ତୋଷ ମହାନ୍ତିଙ୍କ ଘରେ ହିଁ ତ ବଡ଼ ହୋଇଛି। ଏବେ ତ ଯୁବତୀ ହୋଇଗଲାଣି। ଏମିତି ଏବେ ଭାବିଲା ଅରକ୍ଷିତ। ସ୍ୱପ୍ନା ଉପରେ ତା'ର କ୍ରୋଧକୁ ଅନାବଶ୍ୟକ ମନେକରି ନିଜ ମନକୁ ବୁଝାଇଦେଲା। ବାହାରକୁ ବାହାରି ଆସିବାକୁ ଚାହିଁଲା।

ଠିକ୍ ସେତିକିବେଳେ ବାରଣ୍ଡା ଉପରକୁ ଉଠିଆସିଲା ସ୍ୱପ୍ନା। ଏକୁଟିଆ ଘର ଭିତରେ ଇଏ କ'ଣ କରୁଥିବେ?ଏହା ଭାବୁଭାବୁ କବାଟକୁ ଆସ୍ତେକରି ଠେଲିଦେଲା। କବାଟଟୋ ଏତେ ଜୋରରେ ଭିତରକୁ ଠେଲି ହୋଇଗଲା ଯେ ନିଜକୁ ସମ୍ଭାଳି ନ ଥିଲେ ସେ ଅରକ୍ଷିତ ସହିତ ପିଟି ହୋଇଯାଇଥାନ୍ତା। ତା' ମୁହଁରୁ 'ଓଃ' ବାହାରିଗଲା। ଅରକ୍ଷିତ ତାକୁ କହିଲା –



'ଦେଖ୍ ତୋର ଏମିତି ଚିତ୍କାର କରିବା ଠିକ୍ ନୁହେଁ। ମୁଁ କବାଟ ଖୋଲି ବାହାରକୁ ଆସୁଥିଲି। ତୁ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିଲୁ ନା କ'ଣ?'

ସ୍ୱପ୍ନା କହିଲା – 'ଏତେବେଳଯାଏ ଘର ଭିତରେ ତୁମେ ଏକୁଟିଆ କ'ଣ କରୁଛ ଜାଣିବାକୁ ଚାହୁଁଥିଲି। ତୁମେ ଠିକ୍ ଅଛ ତ? ପରିତ୍ୟକ୍ତ ଘରଟାରେ ଥିଲ।'

– 'ମୁଁ ଠିକ୍ ଅଛି। ହେଲେ ତୁ ସେମିତି ଭାବୁଛୁ କାହିଁକି?' ସାଧାରଣ ସ୍ୱରରେ କହିଲା ଅରକ୍ଷିତ।

– 'ବାରିପଟ ବାଉଁଶ ବଣରେ ସାପ ବୁଲୁଛନ୍ତି। ସେଥିଭିତରୁ କେହି କାଳେ ଘର ଭିତରେ ପଶିରହିଥିବେ! ପିଉସୀ ଏଇଠି ମରିଥିଲେ। ପୁଷ୍କର ଶାନ୍ତି ହୋଇ ନ ଥିଲା। ବାପା ବି ଏଇଠି ମରିଥିଲେ। ତୁମ ଭଉଣୀ ବି। ସେମାନଙ୍କ ଅତୃପ୍ତ ଆତ୍ମା ଘର ଭିତରେ ଘୂରୁଥାଇପାରେ। ତୁମେ ସେମାନଙ୍କ ହାବୁଡ଼ରେ ପଡ଼ିନାହଁ ତ?' ସ୍ୱପ୍ନା କହିଲା।

– 'ଦେଖୁଛି ତୋର ତ ଭାରି ମୋ ଚିନ୍ତା।' ଅରକ୍ଷିତ ଗମ୍ଭୀର ସ୍ୱରରେ କହିଲା।

– 'ହଁ, ହେବନି କେମିତି? କାହିଁକି ହେବନି କୁହ? ତୁମେ କ'ଣ ସତରେ ବ୍ରହ୍ମଚାରୀ ରହିବ ନା କ'ଣ? ପୁଷ୍କର ଶାନ୍ତି କେବେ କରିବ କି? ତୁମେ ଆସି ଏଇ ଘରେ କେବେ ରହିବ?' ସ୍ୱପ୍ନା ଅତି ଆପଣାର ମଣିଷଟେ ପରି କହିଲା।

ଅରକ୍ଷିତକୁ ଆଉ ବୁଝିବାକୁ ବାକି ନ ଥିଲା ଯେ ସ୍ୱପ୍ନା ତା' ସହିତ ସମ୍ପର୍କ ଯୋଡ଼ିବାକୁ ଚାହୁଁଛି। ସେ ବ୍ରହ୍ମଚାରୀ ରହିବାକୁ ପସନ୍ଦ କଲେ କ'ଣ ହେବ ସ୍ୱପ୍ନା ତା'ର ପସନ୍ଦର ଝିଅ ଥିଲା। ହେଲେ ସ୍ୱପ୍ନାକୁ ସେ ବାହାହେବାକୁ କହିପାରିବନି। କ'ଣ କରିବ, କ'ଣ ନାହିଁ ଭାବି ସେ ଅଡୁଆରେ ପଡ଼ିଲା। ଚୁପ୍ ରହି ଟିକେ ଅନ୍ୟମନସ୍କ ହୋଇଗଲା।

କରୁଣ ଚାହାଣିରେ ତାକୁ ଚାହିଁରହିଥିଲା ସ୍ୱପ୍ନା। ତା'ର ଅକୃତ୍ରିମ ଶ୍ରଦ୍ଧା ଓ ମମତା ଅରକ୍ଷିତକୁ ଅଭିଭୂତ କରିଦେଲା। ତା' ଠାରୁ ସେ ଯେ ଦୂରେଇ ରହିପାରିବ, ସେମିତି ଆଉ ଭାବିପାରିଲାନି। ବରଂ ତା'ର ମନେହେଲା ତା' ଭିତରେ ଥିବା ଗୋଟିଏ ସମସ୍ୟାକୁ ସ୍ୱପ୍ନା ସମାଧାନ କରିଦେଇଛି। ବାହା

ହେବାପାଇଁ ତା' ଭିତରେ ଆଗ୍ରହ ସୃଷ୍ଟି କରିଦେଇଛି। ପରିଚିତ ଝିଅଟା। ରୂପରେ ଗୁଣରେ କମ୍ ନୁହେଁ। ତେଣୁ ତାକୁ ନିଜର କରିନେବାକୁ ମନସ୍ଥିର କରିନେଲା ସେ ଓ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହୋଇଗଲା। ସେ ଆଉ ବ୍ରହ୍ମଚାରୀ ରହିବ ନାହିଁ। ବିବାହ କରିବ। ସ୍ୱପ୍ନାକୁ ହିଁ ବିବାହ କରିବ। କେବଳ ସ୍ୱପ୍ନାକୁ ହିଁ ବିବାହ କରିବ।

> **"ନା'ରେ ପୁଅ। ତୁ କାହିଁକି ବାହାହେବୁ? ତୁ ବ୍ରହ୍ମଚାରୀ ରହିବା ଭଲ।"**

ଅରକ୍ଷିତର ନିରବତା ସ୍ୱପ୍ନାକୁ କଷ୍ଟ ଦେଲା। ତଥାପି ସେ କହିଲା - 'ହଉ, ଛାଡ଼ ସେକଥା। ପହରିଦିନ ଧଡ଼ା ଭାଙ୍ଗି ହତା ଭିତରକୁ ଗାଇଟେ ପଶିଯାଇଥିଲା। ଆସ ଧଡ଼ାଟାକୁ ମରାମତି କରିଦେବା। ମୁଁ ତୁମକୁ କାମରେ ସାହାଯ୍ୟ କରିବି।'

- 'ନା, ବେଳ ନାହିଁ। ଆଜି ଆଉ ସେ କାମ କରିହେବନି। କାଲି କରିବା। ତୁ ଟିକେ ଗାଈଗୋରୁଙ୍କ ଉପରେ ନଜର ରଖିଥିବୁ। ଆଉ ଯେପରି ସେମାନେ ହତା ଭିତରକୁ ନ ପଶନ୍ତି।' ଅରକ୍ଷିତ କହିଲା।

ଅରକ୍ଷିତର ଏଇକଥାରେ ସ୍ୱପ୍ନା ପ୍ରତି ଶ୍ରଦ୍ଧା ରହିଥିଲା। ସ୍ୱପ୍ନା ବୋଧହୁଏ ବୁଝିପାରିଲା। ମୁର୍କି ହସିଲା।

ଚଉରା ମୂଳରେ ସଞ୍ଜବତି ଜାଳିବାର ବେଳ ହୋଇସାରିଥିଲା। ଘରକୁ ଫେରିଆସିଲା ଅରକ୍ଷିତ। ଶିବ ପଣ୍ଡିତ ଫେରିଯାଇଥିଲେ। ସେ ମା' ପାଖରେ ପହଞ୍ଚି କହିଲା - 'ମା'! ଶିବ ପଣ୍ଡିତ କ'ଣ କହିଲେ? ମୋର ବାହାଘର ଏବେ ହୋଇଯିବ ବୋଲି କହିଛନ୍ତି ନା? ଭାବୁଛି ମନେମନେ ତୁ ବି ମୋ' ପାଇଁ ଝିଅ ଦେଖିସାରିବୁଣି।'

ମା'କୁ ଏପରି କଥା ପ୍ରଥମକରି କହୁଥିଲା ଅରକ୍ଷିତ। ମା' ଭାବିଲେ ଯେପରି ସେ ତାଙ୍କୁ ଥଟ୍ଟା କରୁଛି। ଶିବ ପଣ୍ଡିତ କହିଥିଲେ ସେହିପରି। ଅରକ୍ଷିତର ବାହାଘର ଶୀଘ୍ର ହୋଇଯିବା କଥା କହିଥିଲେ। ହେଲେ ତାଙ୍କ କଥାକୁ ପେଟ ଭିତରେ ରଖି ମା' ମୁହଁ ଶୁଖାଇ କହିଲେ - 'ନାଇଁରେ ପୁଅ! ମୋର ଦୁର୍ଭାଗ୍ୟ। ପଣ୍ଡିତେ କହିଲେ ତୋ ଜାତକରେ କୁଆଡ଼େ ବ୍ରହ୍ମଚାରୀ ହେବାର ଯୋଗ ଅଛି। ତୁ ବ୍ରହ୍ମଚାରୀ ହିଁ ହୋଇରହିବୁ।'

ହସିଦେଇ ଅରକ୍ଷିତ କହିଲା - 'କ'ଣ ପାଇବୁ ସେ ଜାତକ ଗଣନାରୁ? ମୁଁ ଏବେ ବାହାହେବି। ସ୍ୱପ୍ନାକୁ ବାହାହେବି। ସେ ଭାରି ଭଲଝିଅଟା।'

ମା' ମନେକଲେ ଯେମିତି ସେ ଆକାଶରୁ ଛିଣ୍ଡି ଭୂଇଁରେ ଗଳିପଡ଼ିଛନ୍ତି। ପଡ଼ୋଶୀଙ୍କ ଚାକରାଣୀ ତାଙ୍କର ବୋହୂ ହେବ! ନା, ସେମିତି ଆଦୌ ହୋଇପାରିବନି। ଛିଃ ଛିଃ! ଗମ୍ଭୀର ସ୍ୱରରେ କହିଲେ - 'ନା'ରେ ପୁଅ। ତୁ କାହିଁକି ବାହାହେବୁ? ତୁ ବ୍ରହ୍ମଚାରୀ ରହିବା ଭଲ।'

ଛାତିରେ ଛୁରୀ ପଶିଯିବାର ଅନୁଭବ କଲା ଅରକ୍ଷିତ। ଦୁଃଖୀ ହେଲା ସେ ତା'ର ମାଆଙ୍କ କଥାଶେଷରେ। କୁଆଡ଼େ ଫେରିଗଲେ ମାଆର ଇଚ୍ଛାମାନେ? କାହିଁକି ସେମାନେ ମୁହଁ ଫେରାଇନେଲେ? ନିଜକୁ ନିଜେ ପଚାରିଲା ସେ। ଘରଟା ତାକୁ ଆଉ ଘର ନୁହେଁ, ବରଂ ଗୋଟେ ପରିତ୍ୟକ୍ତ ପାନ୍ଥଶାଳା ଭଳି ଲାଗୁଥିଲା।

ପରିତ୍ୟକ୍ତ ପାନ୍ଥଶାଳା!

□□

ଲେଖକଙ୍କ ଇ-ମେଲ ଠିକଣା:
sachidanandakar62@gmail.com

*ଲେଖକ -ବନ୍ଧୁମାନଙ୍କୁ ଅନୁରୋଧ*




**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com**

**କିମ୍ବା ହ୍ୱାଟସ୍ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**

**ବିଶେଷ ସୂଚନା ପାଇଁ ଏହି ଲିଙ୍କ୍ ଦେଖନ୍ତୁ:**

www.sahityacharcha.com/submit-articles

**ସାକ୍ଷାତକାର**

# ପ୍ରବୀଣ କଥାକାର ରବି ସ୍ୱାଇଁଙ୍କ ସହିତ ସାରସ୍ୱତ ଆଳାପ

**କଥାକାର ରବି ସ୍ୱାଇଁ ଜଣେ ବରିଷ୍ଠ ସ୍ରଷ୍ଟା ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ସୁପରିଚିତ। ୧୯୫୦ ମସିହାରେ ଜନ୍ମିତ ଏହି ପ୍ରତିଭାଧର ଗଳ୍ପ ବ୍ୟତୀତ ଉପନ୍ୟାସ, ସାହିତ୍ୟ- ସମାଲୋଚନା ଓ କବିତା ଆଦିର ସୃଜନରେ ମଧ୍ୟ ସିଦ୍ଧହସ୍ତ। ତାଙ୍କ ଦ୍ୱାରା ରଚିତ ବହୁ ସଂଖ୍ୟକ ପୁସ୍ତକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ସେ ପାରାଦୀପ ଅଞ୍ଚଳରେ ଦୀର୍ଘକାଳ ଶିକ୍ଷକତା କରିବା ପରେ ଅବସର ଗ୍ରହଣ କରିଛନ୍ତି। ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**



**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଦ୍ୱାରା ଲିଖିତ ପୁସ୍ତକର ସଂଖ୍ୟା ୩୫ରୁ ଅଧିକ। କିନ୍ତୁ ସେଥିମଧ୍ୟରୁ କବିତା ସଂକଳନ ମାତ୍ର ତିନୋଟି। ଅର୍ଥାତ୍ ଆପଣଙ୍କର ଗଦ୍ୟରଚନା ତୁଳନାରେ କବିତାର ସଂଖ୍ୟା ନଗଣ୍ୟ ବୋଲି କହିଲେ ଚଳେ। ଏହାର କାରଣ କ'ଣ ?

**ରବି ସ୍ୱାଇଁ:** ପ୍ରକୃତରେ ପ୍ରଥମେ ମୁଁ କବିତା ହିଁ ଲେଖୁଥିଲି; ଏବଂ ମୋର ଆଗ୍ରହ ଥିଲା ଜଣେ କବି ହେବି ବୋଲି। କିନ୍ତୁ ସମୟକ୍ରମେ ଯୁବଲେଖକ ସମ୍ମିଳନୀ ଏକଦା ବହୁତ ସକ୍ରିୟ ହେଲା। ସେମାନେ ଆଭାସ ଗପ ଓ ମିନି ଗପକୁ ଉତ୍ସାହିତ କଲେ। ଏଣୁ ଆଭାସ ଗପର ପ୍ରେମରେ ପଡ଼ି ମୁଁ କବିତାଠାରୁ ଧ୍ୟାନ ହଟାଇନେଲି।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆମେ ଯେତେବେଳେ ଏହି ପ୍ରଥମ ପ୍ରଶ୍ନଟି ପଚାରିଲୁ, ଏହାର ଉତ୍ତରରେ ଆପଣଙ୍କଠାରୁ ଆଉ କିଛି ଶୁଣିବୁ ବୋଲି ଆଶା କରିଥିଲୁ। ଏହାର ସମ୍ପର୍କ ଅଛି ଆଜିକୁ ୪୭ ବର୍ଷ ତଳେ, ଅର୍ଥାତ୍ ୧୯୭୯ ମସିହାରେ କଟକଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆୟୋଜିତ ଗୋଟିଏ ତିନିଦିନିଆ ଗଳ୍ପଲେଖକ କର୍ମଶାଳା ସହିତ, ଯେଉଁଥିରେ ଆପଣଙ୍କ ସହିତ ଆମେ ମଧ୍ୟ ଥିଲୁ। ଏହା ଆପଣଙ୍କର ମନେ ଅଛି କି ?

**ରବି ସ୍ୱାଇଁ:** ହଁ, ନିଶ୍ଚୟ।

**ସାହିତ୍ୟ ଚର୍ଚ୍ଚା:** ଆପଣ କବିତା ନ ଲେଖିବା ପଛରେ ବୋଧହୁଏ ଏହି କର୍ମଶାଳାର ଏକ ଭୂମିକା ଅଛି। କାରଣ ଆମେ ମଧ୍ୟ ସେହି କର୍ମଶାଳା ପରେ କବିତା ଲେଖିବା ଏକ ପ୍ରକାର ଛାଡ଼ିଦେଲୁ।

**ରବି ସ୍ୱାଇଁ:** ଏହା ମଧ୍ୟ ଗୋଟିଏ କାରଣ; ତେବେ ଏହା ପୂର୍ବରୁ ମଧ୍ୟ ମୁଁ କବିତା ଲେଖିବା ଛାଡ଼ିଦେଇଥିଲି। କାରଣ ମୁଁ ଯେଉଁ ଆଭାସ ଗଳ୍ପସବୁ ଲେଖୁଥିଲି ତାହା କବିତାର ପାଖାପାଖି ହିଁ ଥିଲା।

**ସାହିତ୍ୟ ଚର୍ଚ୍ଚା:** ଆଭାସ ଗଳ୍ପ ଲେଖିବା ପରେ ଆପଣ ଯେ କବିତାପ୍ରତିମ ଗଳ୍ପ ଲେଖିବା ପାଇଁ ଗୋଟିଏ ବିକଳ୍ପ

ପାଇଗଲେ, ସେ ତ ଭିନ୍ନ କଥା। କିନ୍ତୁ ଆପଣଙ୍କର ମନେଥିବ ଯେ ସେହି କର୍ମଶାଳାରେ ଓଡ଼ିଆ ସାହିତ୍ୟର ଧୁରୀଣ ସ୍ରଷ୍ଟାମାନେ ଆମକୁ ପରାମର୍ଶ ଦେଇ କହିଥିଲେ, 'ଓଡ଼ିଆ ସାହିତ୍ୟରେ କବିତା ବହୁତ ହୋଇଗଲା। ତୁମେମାନେ ଆଉ କବିତା ଲେଖିବ ନାହିଁ। ଏବେ ଗଳ୍ପ ଓ ପ୍ରବନ୍ଧ ଲେଖି ଆମର ଗଦ୍ୟସାହିତ୍ୟକୁ ସଫଳ କର।'

**ରବି ସ୍ୱାଇଁ:** ହଁ ସେମାନେ କହିଥିଲେ ଏ କଥା।

**ସାହିତ୍ୟ ଚର୍ଚ୍ଚା:** ସେତେବେଳେ ଆମକୁ ଲେଖିବାର କଳା ଶିଖାଇବା ପାଇଁ ସେହି କର୍ମଶାଳାକୁ ଆସି ଯେଉଁମାନେ ଆମକୁ ପରାମର୍ଶ ଦେଇଥିଲେ, ସେମାନଙ୍କ ମଧ୍ୟରେ ଥିଲେ ସେତେବେଳର ଦିଗ୍ଗଜ ଲେଖକଗଣ – ଗୋପୀନାଥ ମହାନ୍ତି, ଅଖିଳ ମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ରଥ...

**ରବି ସ୍ୱାଇଁ:** ଆହୁରି ଥିଲେ ମଧ୍ୟ ହରେକୃଷ୍ଣ ମହତାବ, ମହାପାତ୍ର ନୀଳମଣି ସାହୁ, କୃଷ୍ଣପ୍ରସାଦ ମିଶ୍ର ପ୍ରଭୃତି। ସେହି କର୍ମଶାଳାରେ ଭଲ ପରିବେଶଟିଏ ସୃଷ୍ଟି ହେଲା। ସେତେବେଳକୁ ମୋର ଗୋଟିଏ ଗଳ୍ପ ବହି ବାହାରିଗଲାଣି।

**ସାହିତ୍ୟ ଚର୍ଚ୍ଚା:** ଆଜି ଆମେ ଆପଣଙ୍କ ପାଖକୁ ଏହି ସାକ୍ଷାତକାର ପାଇଁ ଆସୁଥିବା ଶୁଣି, ଆପଣଙ୍କର ଜଣେ ପ୍ରଶଂସକ ଆପଣଙ୍କ ଦ୍ୱାରା ଲିଖିତ ସେତେବେଳର ଆଭାସ ଗଳ୍ପ ପୁସ୍ତିକାଟିଏ ଆମକୁ ଦେଇଛନ୍ତି, ଯାହା ଆମେ ଏବେ ନେଇକରି ଆସିଛୁ। ଏଥିରେ ଥିବା ପ୍ରତ୍ୟେକଟି ଗପ ସଂବିତ୍‌କୁ ଚହଲେଇ ହେବାପରି ଗୋଟିଏ ଗୋଟିଏ ସୃଷ୍ଟି। ଏପରିକି ଏଥିରେ ଆପଣଙ୍କର ମାତ୍ର ଦୁଇଧାଡ଼ିଆ ଆଭାସ ଗପଟିଏ ମଧ୍ୟ ଅଛି। ଏଇଟି ଦେଖି ଆମର ମନେହୁଏ ଯେପରି ଓଡ଼ିଆ ସାହିତ୍ୟରେ ଆପଣ ହିଁ ଆଭାସ ଗପର ଉନ୍ମେଷ ଘଟାଇଥିଲେ।

**ରବି ସ୍ୱାଇଁ:** ସେକଥା ତ ମୁଁ ନିଜେ କହିବା ଅନୁଚିତ। ଏହା ପୂର୍ବରୁ ଅବଶ୍ୟ ଛୋଟ ଛୋଟ ଗପସବୁ ମିନିଗପ ଭାବରେ ଲେଖା ହେଉଥିଲା। କିନ୍ତୁ ମୋର ଯେଉଁ ଗପ ସେତେବେଳେ ପାଠକମାନଙ୍କ ନିକଟରେ ପହଞ୍ଚିଲା, ତାହାସବୁ ଥିଲା ମିନିଗପଠାରୁ ଅଲଗା। ଏଥିରେ ପ୍ରାୟତଃ କାହାଣୀ ନାହିଁ; କିନ୍ତୁ ଅଛି ବକ୍ତବ୍ୟ, ଯାହା ବେଳେ ବେଳେ କାବ୍ୟିକ ହୋଇଉଠିଛି ମଧ୍ୟ।

**ମୋର ଆଭାସ ଗପରେ ପ୍ରାୟତଃ କାହାଣୀ ନାହିଁ; କିନ୍ତୁ ଅଛି ବକ୍ତବ୍ୟ, ଯାହା ବେଳେ ବେଳେ କାବ୍ୟିକ ହୋଇଉଠିଛି।**

**ସାହିତ୍ୟ ଚର୍ଚ୍ଚା:** ଆପଣ ମଝିରେ କବିତା ଲେଖିବାର ଯେଉଁ ବାଟଟା ଛୁଡ଼ି ଦେଲେ, ସେହି କବିତାର ଭାବସବୁ ପ୍ରକାଶ କରିବା ପାଇଁ ଆପଣ ବୋଧହୁଏ ଗପକୁ ଏକ ମାଧ୍ୟମ ଭାବରେ ବାଛିଲେ।

**ରବି ସ୍ୱାଇଁ:** ଏକ୍‌ଜାକ୍ଟଲି !

**ସାହିତ୍ୟ ଚର୍ଚ୍ଚା:** ତେଣୁ ତ ଆପଣଙ୍କ ଗଳ୍ପଗୁଡ଼ିକ କବିତାପ୍ରତିମ।

**ରବି ସ୍ୱାଇଁ:** ତାହାକୁ ଗଦ୍ୟ-କବିତା କୁହାଯାଇପାରିବ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ 'ଆଭାସ ଗପ' ନାମକ ଏହି ପୁସ୍ତିକାଟିରେ ଅତି ପ୍ରଣିଧାନଯୋଗ୍ୟ ଗପଟିଏ ଅଛି 'ଅମରି' ନାମରେ। ଏଥିରେ ଅଛି ମାତ୍ର ଚାରୋଟି ଛୋଟ ବାକ୍ୟ, ଯାହାକି ଦୁଇଟି ଧାଡ଼ି ମଧ୍ୟରେ ସରିଯାଇଛି। ଏଠାରେ ମନା ନାମକ ଚରିତ୍ରଟିଏକୁ ଆପଣ ଗପ ଭିତରକୁ ଆଣିଛନ୍ତି ଏବଂ ଏହି ଚରିତ୍ରର କଥା ଚାରିଗୋଟି ବାକ୍ୟରେ କହିଛନ୍ତି। 'ମନା ମରିଗଲା ଏବଂ ଆତତାୟିତ୍ୱ ମୋ' ଭିତରେ ପ୍ରବେଶ କଲା।' ଏହା କହି ଆପଣ ପ୍ରକୃତରେ କ'ଣ ସୂଚାଇଦେବାକୁ ଚାହିଛନ୍ତି ?

**ରବି ସ୍ୱାଇଁ:** ଏହାର ମୂଳ ସନ୍ଦେଶଟା ହେଉଛି, ଜଣେ ମାରିଲା ବୋଲି ମୁଁ ତା'କୁ ମାରିଦେଉଛି। ଜଣେ ଆତତାୟୀକୁ ମୁଁ ମାରୁଛି। କିନ୍ତୁ ଏଇଟା ଗୋଟିଏ ହିଂସା। ଅଥଚ ହିଂସା ମାଧ୍ୟମରେ କେବେହେଲେ ହିଂସାର ସମାଧାନ ହୋଇନପାରେ।

**ସାହିତ୍ୟ ଚର୍ଚ୍ଚା:** ଆତତାୟୀକୁ ମାରୁଥିବା ବ୍ୟକ୍ତି ମଧ୍ୟ ଜଣେ ଆତତାୟୀ !

**ରବି ସ୍ୱାଇଁ:** ହଁ, ସେ ମଧ୍ୟ ଜଣେ ଆତତାୟୀ ହୋଇଯାଇଛି।


**ସାହିତ୍ୟ ଚର୍ଚ୍ଚା:** ସତୁରି ଦଶକରେ ଯେତେବେଳେ ଆପଣ ଭୁବନେଶ୍ୱରର ରିଜିଓନାଲ୍ କଲେଜରେ ପଢୁଥିଲେ, ସେ ସମୟରେ ବାଣୀବିହାରରେ ସାହିତ୍ୟର ଏକ ବିଶେଷ ଧାରା ଜନ୍ମ ନେଇଥିଲା 'ନବତରଙ୍ଗ' ନାମରେ। ଏହାକୁ ଆଧାର କରି ସେତେବେଳେ 'ନବତରଙ୍ଗ' ନାମରେ

ପତ୍ରିକାଟିଏ ମଧ୍ୟ ପ୍ରକାଶ ପାଉଥିଲା ।

**ରବି ସ୍ୱାଇଁ:** ମୁଁ ପଢ଼ା ଶେଷ କରିବା ପରେ ଏହି ପତ୍ରିକାଟି ଆରମ୍ଭ ହେଲା ।

**ସାହିତ୍ୟ ଚର୍ଚ୍ଚା:** ହଁ, ୧୯୭୩ରୁ ୧୯୭୬ ପର୍ଯ୍ୟନ୍ତ ପୀତବାସ ରାଉତରାୟଙ୍କ ଉଦ୍ୟମରେ ବାଣୀବିହାରରୁ ଏହି ପତ୍ରିକା ପ୍ରକାଶ ପାଉଥିଲା । ଆପଣ ଥିଲେ ଏହି ଧାରାର ଅନ୍ୟତମ ପ୍ରେରଣା । ତେବେ ଏହି ଗୋଷ୍ଠୀର ନିଆରା ଦୃଷ୍ଟିଭଙ୍ଗୀ କ'ଣ ଥିଲା ?

**ରବି ସ୍ୱାଇଁ:** ସେତେବେଳେ ଆମ ସାହିତ୍ୟରେ ଦୁଇଟି ଧାରା ଥିଲା । ଗୋଟିଏ ଥିଲା ପ୍ରତିଷ୍ଠିତମାନଙ୍କର ଧାରା, ଯାହାର ପ୍ରତିନିଧିତ୍ୱ କରୁଥିଲା 'ଝଙ୍କାର' ପତ୍ରିକା । 'ଝଙ୍କାର'ରେ ଯେଉଁମାନେ ଲେଖୁଥିଲେ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ଢଙ୍ଗର ରଚନା ଲେଖୁଥିଲେ । ସେମାନେ ଲେଖୁଥିଲେ ପ୍ରୟୋଗବାଦୀ କବିତା, ବୌଦ୍ଧିକ ଗଳ୍ପ ଓ ତାହାକୁ ନେଇ ବିଭିନ୍ନ ଆଲୋଚନା । ତା'କୁ ବିରୋଧ କରି ଯୁବଲେଖକ ସମ୍ମିଳନୀ ଆରମ୍ଭ କରାଗଲା । କିନ୍ତୁ ଏହା ବେଶି ଭାବରେ ଗୋଟିଏ ସଂଗଠନ ହୋଇ ରହିଗଲା ।




**ସାହିତ୍ୟ ଚର୍ଚ୍ଚା:** ତେବେ ଯୁବ ଲେଖକ ସମ୍ମିଳନୀର ଏହି ଚିନ୍ତନକୁ କ'ଣ ପରିପ୍ରଚାର କରୁଥିଲା 'ନବତରଙ୍ଗ' ପତ୍ରିକା ?

**ରବି ସ୍ୱାଇଁ:** 'ନବତରଙ୍ଗ' ତାହାଠାରୁ ଆହୁରି ଅଧିକ ଉଚ୍ଚତାକୁ ମଧ୍ୟ ଯାଇଛି । ଏଥିରେ ଥିଲା ନୂଆ ଗୋଟିଏ କିଛି କରିବାର ମାନସିକତା ।

**ସାହିତ୍ୟ ଚର୍ଚ୍ଚା:** କିନ୍ତୁ ଆମେ ଶୁଣିଛୁ ଯେ ଯେତେବେଳେ ସୁବୋଧ ଓ ସାବଲୀଳ ସାହିତ୍ୟରୁ ମୋଡ଼ ବଦଳାଇ ଓଡ଼ିଆ ସାହିତ୍ୟ ଦୁର୍ବୋଧ ଓ ଅବୋଧ ହେବା ଆରମ୍ଭକଲା, ସେତେବେଳେ ତାହାକୁ ପାଠକଙ୍କ ମଧ୍ୟରେ ବୋଧଗମ୍ୟ କରାଇବା ଥିଲା 'ନବତରଙ୍ଗ'ର ପ୍ରୟାସ ।

**ରବି ସ୍ୱାଇଁ:** ମୁଁ ଏଥିରେ ସମ୍ପୃକ୍ତ ହେଲି, କାହିଁକି ନା ରିଜିଓନାଲ୍ କଲେଜରେ ସେତେବେଳେ ମୋର ଯିଏ ଶିକ୍ଷକ ଥିଲେ, ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ସାହୁ, ସେ ପୀତବାସ ବାବୁଙ୍କ ସହିତ ଏହି ପତ୍ରିକା ସମ୍ପାଦନାରେ ଜଡ଼ିତ ଥିଲେ ।

**ସାହିତ୍ୟ ଚର୍ଚ୍ଚା:** ଯେମିତି ଆଜି ଆରମ୍ଭରେ ଆମେ କହିଥିଲୁ, ଆପଣ କବିତା ଖୁବ୍ କମ୍ ଲେଖିଛନ୍ତି । ଆପଣଙ୍କର ମାତ୍ର ତିନୋଟି କବିତା ସଂକଳନ ପ୍ରକାଶ ପାଇଛି । କିନ୍ତୁ ସେଥିରେ ଆପଣ ନିଜର କବିତାକୁ 'ଅକବିତା' ବୋଲି କାହିଁକି କହିଛନ୍ତି ?

**ରବି ସ୍ୱାଇଁ:** ସେ ବି ଆଉ ଗୋଟିଏ କଥା । ପ୍ରକୃତରେ ମୁଁ କବିତା ଲେଖିବା ଛାଡ଼ିଦେଇଥିଲି । ୧୯୯୨ ମସିହାରେ ପାରାଦୀପରେ ଆମର ଗୋଟିଏ ସାମାଜିକ ଆନ୍ଦୋଳନ ଆରମ୍ଭ ହେଲା । ସେତେବେଳେ ମୋତେ ପାଞ୍ଚ ବର୍ଷ କାଳ ପାରାଦୀପ ସାକ୍ଷରତା ସମିତିରେ କାର୍ଯ୍ୟ କରିବାକୁ ପଡ଼ିଲା । ସେତେବେଳେ ଏତେ ବ୍ୟସ୍ତତା ଭିତରେ ରହିଲି ଯେ ମୁଁ ଆଉ ଗପ ଲେଖିପାରିଲି ନାହିଁ । କିନ୍ତୁ ମନ ବହୁତ ବ୍ୟାକୁଳ ହୁଏ ଏବଂ ବହୁତ ଚିନ୍ତା ଆସେ । ସେସବୁ କାଗଜରେ ଟିପିନିଏ । ଏସବୁକୁ ପରେ କବିତା ଆକାରରେ ପ୍ରକାଶ କଲି ଯାହାର ନାମ ଦିଆଗଲା 'ଅକବିତା' ।

**ସାହିତ୍ୟ ଚର୍ଚ୍ଚା:** ୧୯୭୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ଯେଉଁ କର୍ମଶାଳାର କଥା ଆମେ ଆଲୋଚନା କରିଥିଲେ ଟିକିଏ ଆଗରୁ, ସେଥିରେ ଆପଣ ଗୋଟିଏ ଗପ ପଢ଼ିଥିଲେ 'ନିଶବଦ' ନାମରେ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କ ଶ୍ରେଷ୍ଠ ଗଳ୍ପ ସଂକଳନରେ ପ୍ରକାଶ ପାଇଛି । ଏଥିରେ ଆପଣ ଗୋଟିଏ ଶିଶୁର କଥା କହିଛନ୍ତି ଯିଏ କି କାଗଜରେ ମଣିଷର ଚିତ୍ରଟିଏ ଆଙ୍କିଛି । ଶେଷରେ କିନ୍ତୁ ସେ ଚିତ୍ରଟିକୁ ଟିକି ଟିକି କରି ଚିରିଦେଇଛି । ଏଥିରେ ଆପଣ କେଉଁ ଥିମ୍ ଚିତ୍ରିବାକୁ ପ୍ରୟାସ କରିଛନ୍ତି ?

**ରବି ସ୍ୱାଇଁ:** ଏଥିରେ ମଣିଷର ନିଃସଙ୍ଗତାକୁ ବୁଝାଇବାକୁ ଚାହିଁଛି । ସେଥିରେ ଅଛନ୍ତି ଜଣେ ବୃଦ୍ଧ, ଯାହାଙ୍କର ସଂସାରରେ କେହି ନାହାନ୍ତି । ପିଲାଟି ଆଙ୍କିଥିବା

ଚିତ୍ରଟି ମାଧ୍ୟମରେ ମୁଁ ସୂଚାଇବାକୁ ଚାହିଁଛି ଯେ ମଣିଷ-ଜୀବନର ପ୍ରକୃତ ଅର୍ଥ କ'ଣ?

**ସାହିତ୍ୟ ଚର୍ଚ୍ଚା:** ଆପଣ ଟି.ଏସ୍ ଇଲିଅଟ୍‌ଙ୍କର କ୍ଲାସିକ୍ ଧାରା ଉପରେ ଏକ ସମାଲୋଚନାତ୍ମକ ଗ୍ରନ୍ଥ ଲେଖିଛନ୍ତି।

**ରବି ସ୍ୱାଇଁ:** ଏହା ତାଙ୍କର ସମାଲୋଚନା-ସାହିତ୍ୟର ଅନୁବାଦ ମାତ୍ର।

**ସାହିତ୍ୟ ଚର୍ଚ୍ଚା:** କେବଳ ଇଲିଅଟ୍ ନୁହନ୍ତି, ତାଙ୍କର ସମସାମୟିକ ଏଜ୍‌ରା ପାଉଣ୍ଡ, ଡବ୍ଲ୍ୟୁ. ବି. ୟିଟ୍‌ସ୍ ପ୍ରଭୃତିଙ୍କର ତତ୍‌କାଳୀନ ଓଡ଼ିଆ କବିତା ଉପରେ ଗଭୀର ପ୍ରଭାବ ପଡ଼ିଥିଲା ବୋଲି ଆମେ କହିପାରିବା କି?

**ରବି ସ୍ୱାଇଁ:** ହଁ, ତାଙ୍କର ପ୍ରଭାବ ପଡ଼ିଛି। ଟି.ଏସ୍. ଇଲିଅଟଙ୍କ ସାହିତ୍ୟର ତିନୋଟି ଦିଗ ଅଛି; ତାଙ୍କର କବିତା, ନାଟକ ଓ ଆଲୋଚନା। ତାଙ୍କର ନାଟକର କୌଣସି ପ୍ରଭାବ ଆମ ସାହିତ୍ୟରେ ପଡ଼ିନାହିଁ। କିନ୍ତୁ ଆଧୁନିକ ଓଡ଼ିଆ କବିତା ସମ୍ପୂର୍ଣ୍ଣ ଭାବରେ ଟି.ଏସ୍. ଇଲିଅଟଙ୍କୁ ଅନୁସରଣ କରିଛି। ଦ୍ୱିତୀୟଟି ହେଉଛି ଆଲୋଚନା। ଏଥିରେ ମଧ୍ୟ ତାଙ୍କର କିଛିଟା ପ୍ରଭାବ ପଡ଼ିଛି।

**ସାହିତ୍ୟ ଚର୍ଚ୍ଚା:** ଟି.ଏସ୍ ଇଲିଅଟଙ୍କ ନେତୃତ୍ୱରେ ସମାଲୋଚନା ସାହିତ୍ୟର ଗୋଟିଏ ନୂଆ ଧାରା ଆରମ୍ଭ ହୋଇଥିଲା 'ନିଉ କ୍ରିଟିସିଜମ୍' ନାମରେ। ଆମେ ଭାବୁ ଯେ ସେ ସମୟର ହେଉ ଅବା ଏବର, ଓଡ଼ିଆ ସମାଲୋଚନା ସାହିତ୍ୟରେ ତ କାହିଁ ଏହାର କାଣିଚାଏ ବି ପ୍ରଭାବ ପଡ଼ିନାହିଁ।

**ରବି ସ୍ୱାଇଁ:** ଗୋଟିଏ ଦୃଷ୍ଟିରୁ ଆପଣ ଠିକ୍ କହିଛନ୍ତି।

**ସାହିତ୍ୟ ଚର୍ଚ୍ଚା:** 'ନିଉ କ୍ରିଟିକ୍'ମାନେ କହିଥିଲେ ଯେ ଆମେ ବ୍ୟକ୍ତିକୁ ଦେଖିବୁ ନାହିଁ, କେବଳ କୃତିକୁ ଦେଖିବୁ।

**ରବି ସ୍ୱାଇଁ:** ଏହାକୁ ସେମାନେ ଅବଜେକ୍‌ଟିଭ୍ କ୍ରିଟିସିଜମ୍ ବୋଲି କହୁଥିଲେ।

**ସାହିତ୍ୟ ଚର୍ଚ୍ଚା:** ଏହାର ତ କାହିଁ କିଛି ପ୍ରଭାବ ପଡ଼ିବା ଭଳି ମନେହେଉ ନାହିଁ ଆମ ସାହିତ୍ୟରେ।

**ରବି ସ୍ୱାଇଁ:** ଆମ ସମାଲୋଚନା ସାହିତ୍ୟ ଦୁଇ ପ୍ରକାରର। ପ୍ରଥମଟି ହେଉଛି ଗୋଟିଏ ଐତିହାସିକ ଧାରା। ଦ୍ୱିତୀୟଟି ହେଲା ଲେଖକମାନଙ୍କୁ ଖୁସି କରିବା ଉଦ୍ଦେଶ୍ୟରେ ଲେଖାଯାଇଥିବା ସମାଲୋଚନା।

**ସାହିତ୍ୟ ଚର୍ଚ୍ଚା:** ଆମର ଏଠି ତ ସମାଲୋଚନା ନାମରେ ଲେଖକମାନଙ୍କର ଜୀବନୀ କେବଳ ଆଲୋଚନା ହୁଏ। ତାପରେ ସେଥିରେ ଲେଖକମାନଙ୍କର ମଧ୍ୟ ଅଯଥା ପ୍ରଶଂସା ମଧ୍ୟ କରାଯାଇଥାଏ। ଏହା ସମାଲୋଚନାର ଧର୍ମ ପାଳନ କରେ କି।

**ରବି ସ୍ୱାଇଁ:** ନା, କରେନାହିଁ; ଏପରି ହେବା ଉଚିତ ନୁହେଁ।

**ଆମକୁ ବିଶ୍ୱାସ ରଖିବାକୁ ପଡ଼ିବ ଯେ ନୂଆ ପିଢ଼ିର ଗାଳ୍ପିକମାନେ ଏବେଠାରୁ ଆହୁରି ଉନ୍ନତ ମାନର ଗଳ୍ପ ସୃଷ୍ଟିକରିବେ।**

**ସାହିତ୍ୟ ଚର୍ଚ୍ଚା:** ଶେଷରେ, ଆପଣଙ୍କ ଅନୁଭୂତିର ଆଧାରରେ ଟିକିଏ କହିପାରିବେ କି ଆମ ନୂଆ ପିଢ଼ିର କଥାକାରମାନଙ୍କ କଲମରେ ଆମର କଥାସାହିତ୍ୟ ଭବିଷ୍ୟତରେ କି ପ୍ରକାର ରୂପ ନେବାକୁ ଯାଉଛି!

**ରବି ସ୍ୱାଇଁ:** କଥା ସାହିତ୍ୟରେ ନିଶ୍ଚିତ ଭାବରେ ଗୋଟିଏ ନୂଆ ପିଢ଼ିର ଯୁଗ ଆସୁଛି। ଆମକୁ ବିଶ୍ୱାସ ରଖିବାକୁ ପଡ଼ିବ ଯେ ସେମାନେ ଏବେଠାରୁ ଆହୁରି ଉନ୍ନତ ମାନର ଗଳ୍ପ ସୃଷ୍ଟିକରିବେ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଉପଯୋଗୀ ବାର୍ତ୍ତାଳାପ ପାଇଁ ଆପଣଙ୍କୁ ଅନେକ ଧନ୍ୟବାଦ।

---




**ପଢ଼ନ୍ତୁ! ବୈଷ୍ଣବ ଚରଣ ସାମଲଙ୍କ**

**ରମ୍ୟରଚନା ସମଗ୍ର**

ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦

**ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର**


ଧାରାବାହିକ ବ୍ୟଙ୍ଗ



# ଘାସଟ୍ରଷ୍ଟ

ଅଜୟ କୁମାର ମିଶ୍ର

ଚୁପ୍.. ମାନେ ଚୁପ୍। ଗୁପଚୁପ୍ ନୁହେଁ- ପୂରା ଚୁପ୍ । ଏମିତି କାହିଁକି କହିଲ ? 'ଦେଖାଶିଖା ଓଡ଼ିଶା' -ହୟେ ଇଏ କି କଥା ? ମାନେ ଓଡ଼ିଶାବାସୀ କ'ଣ ଦେଖିକି ଶିଖନ୍ତି ? ସେ ଯୁଗ ଗଲାଣି, ଏବେ ଓଡ଼ିଆଙ୍କ ଭିତରେ ନାନା ଭିଆଣ । ଏମାନେ ଭିଆନ୍ତି, ଅନ୍ୟମାନେ ଦେଖନ୍ତି । ଏଠି କୁଆ ଉଡ଼ିଲେ ଛୁଆ ଖସେ । ଏଠି ଲୋକଙ୍କ ନାନା କଦର । କାହାକୁ ସମୟ କାହିଁ ଯେ ! ଯେ ଯାହା କହିଲା ସେଥିରେ ରାଜି । ବରଷସାରା କାତିଲଗା ଆଣି ଚରୁ, କାତିରେ ବି ଚଳେନି, ଦଶଗୋଡ଼ିଆକୁ ଅଗ୍ନିଚେଙ୍କ ଦେଇ ଗୋଡ଼ ସହିତେ ଦଫାରଫା । ଦାନାଖିଆ ବ୍ରଏଲରଙ୍କ ନାଲି ହଳଦୀ ପର ବି ଛୁଙ୍କ ହେଇଯାଏ । ପତରଖିଆ ମିଷ୍ଟର ଛେଳି, ଶ୍ରୀମତୀ ମେଣ୍ଢୀଙ୍କ ହାଡ଼, ପୁଟି ବି ସ୍ୱାହା ହେଇଯାଏ । ଅଣ୍ଡା ତ ଧଳା, ସେ ଉଷୁନା ନୁହେଁ, ପୂରା ଅରୁଆରେ ଯାଏ । ବର୍ଷସାରା ଏମନ୍ତ କାତିଲଗା, ପରଲଗା, ରୁମଲଗା ପାରାୟଣ କରୁଥିବା ଲୋକେ ଜାଗର ଅମାବାସ୍ୟା, ବଡ଼ଓଷା, କାର୍ତ୍ତିକ ରାଆସ ବେଳକୁ ଶୀତକାଳୁଆ ବେଳାରେ ଧଣ୍ଡ, ଡାମେଣା କାତି ଛଡ଼େଇବା ଭଳିଆ, ଖୋଳଣା ଧର୍ମୁଆ ଧର୍ମୁଆଣୀ ପାଲଟି ଯାଆନ୍ତି । ଖୋଜି ଲୋଡ଼ି ମଠ, ମନ୍ଦିର ଦୁଆରେ ହାଉଯାଉ । ପାହାନ୍ତାରୁ ହାଜର ହେଇ ଦିଅଁ, ଦିଆଁଣୀଙ୍କୁ ଘଣ୍ଟି ବାଡ଼େଇ ପାହାନ୍ତିଆ ନିଦ ହଡ଼ପ କରିନିଅନ୍ତି ।




**ଭଗତ ଭଗତାଣୀ**

ଲୋକତୁଣ୍ଡରେ ଭଗତ ଭଗତାଣୀ ବଡ଼, ଦିଅଁ ଦିଆଁଣୀମାନେ ସେମାନଙ୍କ କିଙ୍କର-କିଙ୍କରୀ । ଶାହାସ୍ତ ପରା କହିଛି, 'ମଦ୍ ଭକ୍ତାଃ ଯତ୍ର ଗାୟନ୍ତେ ତତ୍ର ତିଷ୍ଠାମି ନା ରଦ ।' ଥୋକେ ଅତି ଅନର୍ଥିଆ ଜିରାରୁ ଶିରା କାଢ଼ନ୍ତି । ସେମାନେ ଅର୍ଥ କଲେ ଯେଉଁଠି ମଦ ଭଗତା ଗାନ କରନ୍ତି, ସେଇଠି ତରତର ହୁଅନ୍ତି ନା ରଦ୍ଦେ । ଟୀକାକାର ଟିପ୍ପଣୀ କରନ୍ତି । ମଦ ଭକ୍ତା ହେଲେ ସବୁଠୁ ବଡ଼, ସେମାନେ ଗାୟନ କରନ୍ତି ସବୁ ଅବୁଝା ଅକ୍ଷରୀ ଭାଷା । 'ମାଆ'ରୁ ଶବଦ ଆରମ୍ଭ ହେଇ କୁଆଡ଼େ କୁଆଡ଼େ ବୁଲେ ଯେ, ନା ରଦିଆମାନେ କାନରେ ଠିପା ମାରି ତରତରରେ ଉଭାନ୍ ।

ବେଳ ବଦଳ, ବଳ ବଦଳ, ଦଳ ବଦଳ । ଆଗରୁ ଥିବା 'ଦଇବ ଦଉଡ଼ି ମଣିଷ ଗାଇ' କଥାଟା ଏବେ ଅଚଳପଇସା । କିଓ ଦଇବ କେମିତି ଦଉଡ଼ି ହେବ? ତାକୁ କ'ଣ ଗ୍ରହଦଶା ପଡ଼ିଲାକି? ପୁଣି ବାନ୍ଧିବ କାହାକୁ? ମଣିଷ ପୁଣି ଗାଇ କେମିତି? ଏସବୁ ଅତି ମୁଣ୍ଡବୁଲା ଭିଆଣ । ଦଇବ ଲାଗିଲେ ବି ମଣିଷର ପାହୁଲାଟାକର ହାନି କରିପାରିବନି । ମଣିଷ ଚାହିଁଲେ ଦଇବର ହାଲତ ବେହାଲ୍ କରିଦେଇପାରେ । ଦଇବଙ୍କ ପଥିପାଚନ ସବୁ ଭେଇଚି ମଣିଷ । ଯେଉଁ ଦଇବ ଦଇବାଣୀଙ୍କ ଥଇଥାନ କେନ୍ଦ୍ର ବା ମନ୍ଦିରକୁ ଯାଆ, ସେଠି ମଣିଷର କଟକଣାରେ ଦଇବ ଦଇବାଣୀଙ୍କ ଗାଧୁଆପାଧୁଆ, ବେଶପଟକା, ଚୁଟିଭୋଗ, ଖରାବେଳ ଭୋଗ, ଦି'ପହରିଆ ଶୁଆବସା, ଖଟଲାଗି, ଉପରବେଳା ପହଡ଼ ଖୋଲା, ମାଜଣାସାଜଣା, ବେଶପଟକା, ସଂଜବେଳିଆ ଧୂପଚେଙ୍କା, ଖୋଳକରତାଳ ନ ଥାଇ କଳାବଜା ବାଜା ବାଜଣା, ସଂଜବେଳିଆ ଜଳପାନ, ରାତିରେ ପୁଣି ରାତିଭୋଜନ - ଏମିତି କେତେ କଟକଣା । ସବୁ ମଣିଷ ସଂପାଦିଛି, ସବୁ ଦଇବ ଦଇବାଣୀଙ୍କ ସବୁ ଥଇଥାନ କେନ୍ଦ୍ରରେ ଟାଇମ୍ ଲେଖାମାନ ଝୁଲିଚି । ଦଇବ-ଦଇବାଣୀଙ୍କ ନିଦ ଭାଙ୍ଗିଲେ ବି ସମୟ ନିରିଘଣ୍ଟ ଆଗରୁ ଦୁଆର ଖୋଲେନାଇଁ । ଭୋକ କଲେ ବି ଭୋଗ ରନ୍ଧା ହେଇନଥିବାରୁ ପରସାଦ

ଲାଗି କରାଯାଏନି । କିଓ ରନ୍ଧା ସଇଲେ ସିନା ଭୋଗ, ଭୋକ ହେଉ, ପଡ଼ିଥିଆରେ ପଡ଼ିଖିଆ ଠାକୁର ଠାକୁରାଣୀ ।

## ଠାକୁର ଠାକୁରାଣୀଙ୍କ ଭେଦ

ଠାକୁର ଠାକୁରାଣୀଙ୍କର ପୁଣି ନାନା ଭେଦ । ପାବାରବାଲା, ହାଇପାବାରୁଆ, ସବ୍‌ପାବାରିଆ, ସରକାରିଆ, ହାଫ୍‌ସରକାରୀ, ପଞ୍ଚାୟତମୂଳିଆ, ସାଇମୂଳିଆ, ୱାର୍ଡମୂଳିଆ, ଗଛମୂଳିଆ, ବେସରକାରୀ, ପ୍ରାଇଭେଟିଆ, ଭଡ଼ାଟିଆ – ଏମିତି କେତେ ପ୍ରକାରରେ ଦୃଶ୍ୟ ହୁଅନ୍ତି । ପାବାର ନେଇ ପୁଣି ପୂଜାଉଜା, ଭୋଗ-ଭାଗ, ଯାନି-ଯାତରା, ଉଚ୍ଛବ ମଉଛବ । ପରିଚାଳିକିଆ ଓ ମ୍ୟାନେଜରିଆ ହାତରେ ଦଇବ ଦଇବୀମାନେ ଖେଳ କଣ୍ଢେଇ । ପୁଣି ମୁଣ୍ଡୁବୁହା ଦଇବ ବି ଅଛନ୍ତି । ଜଣକ ମୁଣ୍ଡରେ ବୁହା ହେଇ ବାରଦୁଆର ବୁଲନ୍ତି । ମୁଣ୍ଡବୁହାଳିଙ୍କ ପେଟନାଟ ଥୟ କରାନ୍ତି । ଆଉ ଦଇବ ଦଇବୀମାନଙ୍କ କାରନାମା ଲୋକ ତୁଣ୍ଡରେ ସୋସଆଲ୍ ମିଡ଼ିଆରେ ନିଆଁ ଚରିବା ଭଳି ବାଣ୍ଟି ହେଇଯାଏ ।

**ଦଇବ ଦଇବୀମାନଙ୍କ କାରନାମା ଲୋକ ତୁଣ୍ଡରେ ସୋସଆଲ୍ ମିଡ଼ିଆରେ ନିଆଁ ଚରିବା ଭଳି ବାଣ୍ଟି ହେଇଯାଏ ।**

ସପନୁଆଁ ସପନେଇଁଠାକୁର ଠାକୁରାଣୀ ବି ଅଛନ୍ତି । ହଠାତ୍ କେଉଁ କେଉଁ ଥାନ ଅଥାନ ଏମାନେ ମାନନ୍ତିନି । କେଉଁ ନଈପଠିଆ ଓସ୍ତମୂଳ, ବନ୍ଧକଡ଼ିଆ ସାହାଡ଼ାମୂଳରେ ଏମାନଙ୍କ ଆକସ୍ମିକ ଆବିର୍ଭାବ ଘଟେ । କେଉଁ ମଦଭକ୍ତଙ୍କ ମୁଣ୍ଡରେ ହୁରସ୍ତ ଆଇଡ଼ିଆ ଗଜୁରେ । ଗଂଜୋଡ଼ିଆଙ୍କ ଗଞ୍ଜେଇ ସେବା ପାଇଁ ଅତି ନିରୋଳା ଥାନ ପାଲଟିଯାଏ ଏଇ ଗଛମୂଳିଆ ଠାକୁରଥାନ । ଗଛକଟା ହେଲେ ଠାକୁରଙ୍କ ଟ୍ରାନ୍ସଫର ହୁଏ, ସରକାରୀ ସର୍ଭାଣ୍ଟଙ୍କ ଭଳିଆ । ମୁଣ୍ଡଥୁଆ ଠାକୁରଙ୍କ ଟ୍ରାନ୍ସଫର ନ ଥାଏ, ସେ ତ ଭ୍ରାମ୍ୟମାଣ ଠାକୁର, ମୁଣ୍ଡରେ ରଖାହେଇ ସବୁଆଡ଼େ ବୁଲନ୍ତି, ଜନଗଣନା ସୁମାରି କରୁଥିବା ଇସ୍କୁଲ ଦିଦିଏ ହୁଏତ ଜନ ସୁମାରି ବେଳରେ କାହା କାହା ଘର ଛାଡ଼ି ଦେଇପାରନ୍ତି; ମାତ୍ର ଏ ମୁଣ୍ଡଥୁଆ ଠାକୁର କିନ୍ତୁ ଗୋଟେ ବି ଘର ଛାଡ଼ିବାର ନଜିର ନାହିଁ ।

ଅଣୁବୀକ୍ଷଣିଆ ଆଖିରେ ଘଣ୍ଟୁ ଏସବୁ ଦେଖେ, ଠାକୁର ଠାକୁରାଣୀଙ୍କ ଆଦବକାଇଦାମାନ ଠଉରକରେ । ମଗଜ ଗ୍ରାଇଣ୍ଡର୍‌ରେ ନାନା ଆଇଡିଆ ଭର୍ତ୍ତିକରି ବାଲି-ଗୋଡ଼ି-ସିମେଣ୍ଟ ଫେଣ୍ଟା ଗ୍ରାଇଣ୍ଡର ମେସିନ୍ ଭଳିଆ ଘାଣ୍ଟି ପକାଏ । ଏମିତି ଘାଣ୍ଟୁ ଘାଣ୍ଟୁ ଘଣ୍ଟୁ ମଗଜ ମିକ୍ସରରୁ ଗୋଟାଏ ସାରଭାଗ ଆଇଡ଼ିଆ ଜୁଟିଲା । ଭାବିଲା ମନ୍ଦିର ବେଢ଼ାର ନିଲାମୀ ଭୋଗ ଦୋକାନରେ ଫି’ ବରଷ ନିଲାମୀ ଲାଗୁହୁଏ, ଏଠି ନିଲାମ ଟଙ୍କା ବାନ୍ଧିଦେଲେ, ବରଷସାରା ଭୋଗ ନାମରେ ଖାଲି ଭଗତ ଭଗତାଣୀଙ୍କୁ ଲୁଟିବା କଥା । ଏବକୁ ଏମିତି ହେଲାଣି ଯେ ଭୋଗ ଦୋକାନୀଏଁ ଗୋଟେ ଗୋଟେ ପଲିଥିନ୍ ପୁଡ଼ିଆ ଅଥବା କେଉଁ ପତ୍ର ଡାଲାରେ ଗଣି ଗଣି କରି ଉଖୁଡ଼ାଖଇ, ପିଲାଙ୍କ ତୁଣ୍ଡ ଚୁଚୁମା ପ୍ରକାର ଚୁଇଙ୍ଗମ୍ ବା ଚୁଚୁମା ପ୍ରକାର ଲଡୁ ଥୋଇ ମନଇଚ୍ଛା ରେଟ୍ ହାଙ୍କନ୍ତି । କେହି କେହି ଭଗତେ ରେଟ୍ କଥା କହୁ ନ କହୁଣୁ ସେମାନେ ଉତ୍ତର ଦିଅନ୍ତି – ‘ହଇଯେ ! ଠାକୁର ଠାକୁରାଣୀଙ୍କ ପାଇଁ ଭୋଗ ଲଗେଇବାକୁ ଆଇଚ ନାଁ, ମୋ ପାଖରେ ରେଟ୍ ଛିଡ଼େଇବାକୁ ଆଇଚ ? ବଜାର ଦର ଯାହା ହେଲାଣି ଜାଣୁନ କି ? ଇଚ୍ଛା ହେଲେ ନିଅ, ନ ହେଲେ ଯାଅ, ଏତେ ବଚରବଚର ହେବାକୁ ମୋର ବେଳ କାଇଁ । ଶେଷକୁ ବାଧ୍ୟରେ ଟଙ୍କାକ ଦେଇ, ଆଠଣାର ଭୋଗ ଧରି ଭଗତ ମୁଣ୍ଡ ଆଉଁଷି ଫେରିଆସେ । ଘଣ୍ଟୁ ସବୁଠି କିଛି ନୂଆ ଭିଆଣ କରିବାରେ ପୂରା ଗୁରୁ । ଉଫାନଉଠା ଘଟଣା ଘଟାଉଥିବାରୁ ସେ ତ ଘଣ୍ଟୁ ନା । ବିନା ମୂଳଧନରେ, ପର ଧନରେ ମଙ୍ଗଳବାର ଉଜେଇଁବାରେ ତା’ର ଓସ୍ତାଦୀ ।

ଭୋଗଦୋକାନ କରିବାକୁ ମୂଳଧନ ହେଲା ନିଲାମୀ ଟଙ୍କା । ଫୁଲ, ବେଲପତ୍ର-ତୁଳସୀ ବିକିବା ପାଇଁ ଏସବୁ ବାରଆଡୁ ସଂଗ୍ରହ କରିବାକୁପଡ଼ିବ । ହେଲେ ଏସବୁ ବାଆଦେ, ଆଉକିଛି କଲେ ଅଳପ ଖରଚରେ ବରାବର ଲାଭ ଥୟ । ଏଇ ବିଚାର ନେଇ ଘଣ୍ଟୁ ଗାଈ ବା ଷଣ୍ଢଖିଆ ଆଇଡିଆଟେ ନେଲା । ଗୋପାଳକଙ୍କ ଦୟାରୁ ତାଙ୍କ ପୋଷା ଗାଈବାଛୁରି ତ ସରକାରୀ ରାସ୍ତାରେ ଅବାଧରେ ବିହାର କରନ୍ତି । ଷଣ୍ଢଙ୍କ କଥା ଛାଡ଼, ସେ ତ ବୃଷଭ ମହାରାଜ, ଦେବଙ୍କ ଦେବ ମହାଦେବଙ୍କ ସମାନ ନିକଟତର ସେ । କେଉଁ ଉଚ୍ଚପଦିଆ ସରକାରୀ ବାବୁ ବାବୁଆଣୀଙ୍କ ପାଖରେ, କି ମନ୍ତ୍ରୀ ମୁତୁରୀଙ୍କ ପାଖରେ ହୁଏତ ତାଙ୍କ ପିଏସ୍‌ଙ୍କ ଦିନେ ଓଳିଆ ଅନୁପସ୍ଥିତି, ମାତ୍ର ମନ୍ଦିର ଆଖପାଖରେ ଷଣ୍ଢଙ୍କ ଅନୁପସ୍ଥିତି କେହି ଦେଖିନାହାନ୍ତି । ଚତୁଷ୍ପଦୀ ହେଲେ ବି ତା’ର ଦାୟିତ୍ୱଜ୍ଞାନ ଅଧିକ, ସେ ଫୁଲ୍ ରେଗୁଲାର । ତା’ର କେଉଁ ପିଲା ମାଇପ ଅଛନ୍ତି ଯେ, ପରିବାର

ବାହାନା ଦେଖାଇ ସେ ଛୁଟି ନେବ ? ମହାଦେବଙ୍କ ପାଖାପାଖି ପଇଁତରା ମାରେ, ଏଠି ସେଠି ମୁହଁମାରେ, ଭଗତ ହାତରୁ ଭୋଗ କଦଳୀ, ଫଳମୂଳ ବି ତା' ପାଟିରେ ମିଳେଇଯାଏ । ବେଳେବେଳେ ମାଗଣାରେ ପାହାର ବି ଆହାରରେ ମିଳେ ।

**ଘଣ୍ଟୁର ଘାସବିଡ଼ା**

ମହାଟିଙ୍ଗେଶ୍ୱର ଶିବ ମନ୍ଦିର ପାଖରେ ସେଦିନ ଘଣ୍ଟୁର ଘାସବିଡ଼ା ଦେଖି ତା' ବୋକାପଣକୁ ଥଟାରେ ଲୋକେ ଉଡ଼େଇଦେଲେ । ବେଢ଼ା ବାହାରେ ଚଞ୍ଚଳି ଦେଈର ଫୁଲ ଦୋକାନ, ଚକରାର ତୁଳସୀ ବେଲପତ୍ର ପଶରା ପାଖରେ ଘାସ ଦି'ବିଡ଼ା ଥୋଇ ଘଣ୍ଟୁ କିଛି ସମୟ ପଦାକୁ ବୋକାପଣ ଦେଖାଇ ଅପେକ୍ଷା କଲା । କେହି ବି ତାକୁ ଆଡ଼ଆଖିରେ ପୁନଶ୍ଚ ବି ଅନେଇଲେ ନାହିଁ । ଛନଛନିଆ ଘାସ ଦେଖି କନକନିଆ ଚାଲିରେ ମାଡ଼ି ଆସିଲା ଗୋଟେ ଜୁନିଅର୍ ବାଣ୍ଡୁଷଣ୍ଢ । ଘଣ୍ଟୁ ତା' ଘାସବିଡ଼ାରୁ ଆଠ / ଦଶ କେଣ୍ଡା ଘାସ ତା' ପାଟିକି ଦେଲା, ଭକ୍ତିରେ ତାକୁ ନମସ୍କାର କଲା, ଆଉ ତଳେ ଲୋଟିଯାଇ ସାଷ୍ଟାଙ୍ଗ ହେଲା । ପାଖଲୋକେ ଦେଖି କାବା, ଘଣ୍ଟୁ ମୁହଁରେ ଗଡ଼ ଜିଣିବାର ଗୋଟାଏ ସାହସିକ ହସ, ମୁହଁରେ ବିଜୟୋଲ୍ଲାସର ପ୍ରତିଛାୟା । ପାନଦୋକାନକୁ ଆସିଥିବା ମନ୍ଦିରର ମୁଖ୍ୟ ପୂଜକ ନାରେଣା ନନା ଘଣ୍ଟୁ ପାଖକୁ ଯାଇ,



ଏ କାଣ୍ଡ କ'ଣ ବୋଲି ଘଣ୍ଟୁକୁ ପଚାରିଲେ । ଦି'ପାଦକୁ ଛୁଇଁ ଘଣ୍ଟୁ ତାଙ୍କୁ ମୁଣ୍ଡିଆ ମାରିଲା । ପାନ ପାକୁଳା ଓଠରେ ନାରେଣା ନନା ଆଶୀର୍ବାଦ ନାଛିଦେଲେ 'ସର୍ବାରିଷ୍ଟ ଶାନ୍ତିରସ୍ତୁ' । ଘଣ୍ଟୁ ତିନି ଚାରିଖଣ୍ଡ ପାନଖିଲ ତାଙ୍କୁ ବଢ଼ାଇଦେଇ ନନାଙ୍କ କାନରେ କି ମନ୍ତ୍ର ଫୁଙ୍କିଲା କେଜାଣି, ନନାଙ୍କ ଓଠରେ ଦ୍ୱିତୀୟା ଚାନ୍ଦ ଉଇଁଲା ଯେମିତି !

ମନ୍ଦିର ଭିତରକୁ ଯାଇ ନନାଙ୍କ ସର୍ଟନୋଟିଆ ପ୍ରବଚନଟେ ଶୁଣିଲେ କିଛି ଭକ୍ତ । ନନା କହିଲେ – ଏଠି ଶିବ ମନ୍ଦିର, ମହାଟିଙ୍ଗେଶ୍ୱରଙ୍କୁ ତମେ ସବୁ ବେଲପତ୍ର ଚଢ଼ଉଚ, ନଡ଼ିଆ ଭୋଗ କରୁଚ, କ୍ଷୀର ଢ଼ାଳୁଚ ? ମାତ୍ର ଶିବଙ୍କ ବାହନ ବାସୁଆଙ୍କ କଥା କେହି ଭାବିଚ କି ? ଅଫିସରଙ୍କ ପି.ଏ. ଯାହା, ଶିବଙ୍କର ବାସୁଆ ତାହା । ପିଏ ସିନା ବାହାର ଘରେ ବସନ୍ତି, ଅଫିସର ଭିତର ଚାମ୍ବରରେ । କିନ୍ତୁ ଏଠି ବାସୁଆ ବେଢ଼ା ବାହାରେ ଲୋକଙ୍କ ହାବଭାବ ଠଉର କରନ୍ତି, ଭିଜିଲାନ୍ସିଆ ତାଙ୍କ ଆଖି । ଇଣ୍ଟେଲିଜେନିଆଙ୍କଠାରୁ ଆଉ ଚତୁର ସେ । କେହି ଜାଣନ୍ତିନି ସେସବୁ କଥା ମହାପ୍ରୁଙ୍କୁ ଜଣାଇଦିଏ । ପିଏଙ୍କୁ ସନ୍ତୋଷ୍ଟ କଲେ ତ ଅଫିସର୍ ସନ୍ତୋଷ୍ଟ ନା । ତେଣୁ ସେଇ ନ୍ୟାୟରେ ବୃଷଭଙ୍କୁ ସନ୍ତୋଷ୍ଟ କରାଇଲେ ବହୁ ପ୍ରକାରର ଫଳ ଅଛି, ତାଙ୍କୁ ତୋଷ କରି ଫଳ ନେଇପାରିଲେ ହେଲା ।

ପହିଲେ ବୃଷଭ ହେଲେ ଗୋ-ଜାତିର ମଉଡ଼ମଣି, ଗୋ-ଜାତିର ପୂଜ୍ୟ ପିତା ସେ । ତାଙ୍କରି ଯୋଗୁଁ ଗୋ-ସଂପଦ ବଢ଼େ, ଧେନୁ, ବଳିବର୍ଦ୍ଧ ବି ଉତ୍ପତ୍ତି ହୁଅନ୍ତି, ତେଣୁ ତାଙ୍କ ସେବା ହେଲା ପ୍ରକୃତ ଗୋ-ସେବା । ଶିବ ମାହାପ୍ରୁଙ୍କର ସେବକ ସେ । ତେଣୁ ଶିବେ ବି ଖୁସି । ତାଙ୍କୁ ଅତି ନିକୁଛରେ କିଛି ଘାସ ଖୋଇପାରିଲେ, ସେ ବି ପିଏଙ୍କ ଭଳି ଅଳ୍ପରେ ସନ୍ତୋଷ୍ଟ । ହେଇ ଦେଖୁନା ! ବେଢ଼ା ବାହାରେ ସେ ଲୋକଟା କେମିତି ବୃଷଭଙ୍କୁ ଘାସ ଖୋଇ ଗୋ ସେବା କରୁଛି । ଏ ରହସ୍ୟ ଅଳ୍ପ ଲୋକେ ଜାଣନ୍ତି, ତମମାନଙ୍କୁ ମୁଁ ଭଲପାଏ ବୋଲି ଏ ରହସ୍ୟ କହିଲି । ଏ କଥାକୁ ପଦାରେ ଫୁଟିଆରା କରିବନି । ମନ ପାଇଲେ ବୃଷଭଙ୍କୁ ଘାସ ଖୁଆଇ ପୁଣ୍ୟ ଅର୍ଜନ କର ।

ନାରେଣା ନନାଙ୍କ ତୁଣ୍ଡରୁ କଥା ନ ସରୁଣୁ ଅତି ଚତୁରା ଭଗତ ସତିଆ ବାରିକ ଯାଇ ବେଢ଼ା ବାହାରେ ଘଣ୍ଟୁ ପାଖରେ ହାଜର । ଘଣ୍ଟୁ କାଲକୁଲେଟରରେ କିଛି ଭୁଲ୍ ନଥାଏ । ସତିଆ ବାରିକ ତା' ପାଖକୁ ଆସୁଥିବା ଦେଖି ଘଣ୍ଟୁ ଜାଣିନେଲା, ନାରେଣା ନନାଙ୍କୁ ଦେଇଥିବା ପାନର କରାମତି ଏ । ସତିଆ ଆସି ଘଣ୍ଟୁ ପାଖରେ ଘାସ ମୂଲଚାଲ କଲା । ତରବରରେ ଦଶ ଟଙ୍କିଆଟେ ବଢ଼େଇ ଦେଇ ଘାସ ଦଶଗଛ କିଣିନେଲା । ସେଇଠି ନୁସୁରୁପୁସୁରୁ ହେଉଥିବା ଜୁନିଅର ବୃଷଭ ମୁହଁରେ ଘାସ ଖପେଇଦେଲା । ଘଣ୍ଟୁ କହିଲା – 'ଆଜ୍ଞା ! ତାଙ୍କୁ ନମସ୍କାର କରନ୍ତୁ ।' ଅଗତ୍ୟା ସତିଆ ବାରିକ ଘଣ୍ଟୁ କଥାରେ ଜୁନିଅର ବୃଷଭଙ୍କୁ ନମସ୍କାର କଲାବେଳର ଫଟୋ ଚୋଳିନେଲା ଘଣ୍ଟୁ । ସତିଆ ବାରିକ ମନ୍ଦିରର ଟାଣୁଆ ଭଗତ, ତା' ଦେଖାଦେଖି

ଆଉ ଦି'ତିନିଜଣ ଭଗତ ଭଗତା ବି ସେଇକାମ କଲେ । ଘାସ ବିକି ସାରିବା ପରେ ସବୁରି ଅଲକ୍ଷ୍ୟରେ ଘଣ୍ଟୁ ସେମାନଙ୍କ ଫଅଟ ଉଠେଇନେଇ ଗୋଟାଏ ଫ୍ଲେକ୍ସ ତିଆରି କରିଦେଲା । ଦିନ ଦି'ପହର ସରିକି ତା' ଘାସବିଡ଼ା ସଫା । ଫୁଲ, ବେଲପତ୍ର ବାଲାଏ ଚାହିଁ ଜଳକା ସାଜିଥିଲେ । ଟଙ୍କା ଚାରିଶହ ଧରି ଘଣ୍ଟୁ ସେଠୁ ଉଭାନ୍ ।

**ଘଣ୍ଟୁ ଶିବ ମନ୍ଦିର ବେଢ଼ା ବାହାରେ ଫ୍ଲେକ୍ସ ଟଙ୍ଗେଇ ଘାସ ବିକିଲା । ଦିନ ଏଗାରଟା ସରିକି ବିକା ଶେଷ ।**

**ବିକିଲା ଘାସ**

ତା'ପରଦିନ ଘଣ୍ଟୁ ଶଙ୍କରେଶ୍ୱର ଶିବ ମନ୍ଦିର ବେଢ଼ା ବାହାରେ ଫ୍ଲେକ୍ସ ଟଙ୍ଗେଇ ଘାସ ବିକିଲା । ଦିନ ଏଗାରଟା ସରିକି ବିକା ଶେଷ । ଏଥର ଘଣ୍ଟୁ ଭାବିଲା ଏଣିକି ନିଜେ ଏକାଟିଆ କେତେ କରିବ । ତା'ର ଲୋକ ଦରକାର, ତେଣୁ ଷ୍ଟାଣ୍ଡ୍ ମୂଲିଆଙ୍କୁ ହାତକରି ଚାରିଛଅ ଥାନରେ ଘାସ ବିକେଇଲା । ଉପରବେଳା ସେଇମାନଙ୍କ ଦ୍ୱାରା ଆସନ୍ତାକାଲି ପାଇଁ ଘାସ ବି ଯୋଗାଡ଼ କରିଦେଲା । ଏମିତି ଆଠଟି ମନ୍ଦିରର ବେଢ଼ା ବାହାରେ ତା'ର ଘାସବିକା ଚାଲିଲା ।

ଏବେ ଘଣ୍ଟୁର ଘାସଦୋକାନ ଆଠରୁ ବଢ଼ି ବଢ଼ି ଚାଳିଶିରେ ପହଞ୍ଚିଲାଣି । ଘଣ୍ଟୁ ଆଉ ସାଇକେଲ ଚଢୁନାଇଁ । ମନ୍ଦିର ନନାମାନଙ୍କୁ ଫଳେ ଫୁଲେ ସନ୍ତୋଷ୍ଟ କରାଇ, ଏ ଚାଳିଶି ଥାନ ପରିକ୍ରମା କରି ୩୦% ବଟିକରେ । ଚାଳିଶିରୁ ଶହେରେ ପହଞ୍ଚିବାକୁ ଉଦ୍ୟମ କରୁଥାଏ । ଘାସ ବିକୁଆ ସମସ୍ତେ ତା'ର ସବ୍‌ଡିଲର । କେହି କେହି ବଟି ଦେବାରେ ଉଣାକଲେ, ମନ୍ଦିର ନନାଙ୍କୁ କୁହାଇ ତାକୁ ସେଠୁ ଫୁଲ୍ ତଡ଼ିଦିଏ ।


ଦିନକରେ ଶହେ ଥାନ ବୁଲି ବଟି ଆଦାୟ କରିବାକୁ ତେଲ ଖର୍ଚ୍ଚ । ତେଣୁ ଘଣ୍ଟୁ ଏଣିକି ଫୋନ୍ ପେଏ କାରବାର କଲାଣି, ସହରରେ ଥାଇ ପଡ଼ିଆଟେ ଲିଜ୍ ନେଇ ଘାସ ଚାଷ କରାଉଚି, ସରକାରୀ ସହାୟତା ପାଇଁ ଉପର ମହଲରେ ହାତ କରି ଯୋଗାଡ଼ରେ ଲାଗିଛି । କେଇଟା ଅଧାପାଠୁଆଙ୍କୁ ବି ଏଥିରେ ଖପେଇଦେଇ ରୋଜଗାର ବାଟ ଦେଖାଇ ସାରିଲାଣି । ଏଣିକି ଗୋଟାଏ ଘାସ ଟ୍ରଷ୍ଟ ଗଢ଼ି, ଥାନୀୟ ଏମ.ଏଲ.ଏ.ଙ୍କୁ ଡାକି ଉଦ୍‌ଘାଟନ କରେଇ ନିଜ ପତିଆରା ବଢ଼େଇ ସାରିଲାଣି ।

ଏତିକିରେ ତା'ର ସନ୍ତୋଷ୍ଟି ନାହିଁ, ଆଗକୁ ବଢ଼ିବା ପାଇଁ ଗୋ-ସେବା ଦ୍ୱାହି ଦେଇ କେତେକେତେ ଇଚ୍ଛାସେବୀଙ୍କୁ ମନେଇଁମାନେଇଁ ଗଢ଼ିଚି 'ଘାସଟ୍ରଷ୍ଟ' ଭଳି ମହା ଅନୁଷ୍ଠାନ । ଲୋକେ ବି ତାଙ୍କ ଏରିଆରେ ଏମନ୍ତ ଟ୍ରଷ୍ଟ ଗଢ଼ିବାକୁ ଘଣ୍ଟୁଠାରୁ ଫ୍ରାଞ୍ଚାଇଜ୍ ନେବାକୁ ଧାଉଡ଼ି କରୁଥିବା ଘଟଣା କେଇଟା ଛୋଟମୋଟ କାଗଜରେ ବାହାରିଲାଣି ।

କେହି ଏମନ୍ତ ଟ୍ରଷ୍ଟ ଗଢ଼ିବାକୁ ଇଚ୍ଛା କଲେ, ଘଣ୍ଟୁଙ୍କ ସହିତ ନିରୋଳାରେ ଯୋଗାଯୋଗ କରିବାକୁ ବାରଣ ନାହିଁ ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com




## ଏ ସଂଖ୍ୟାର ମଲାଟ ଚିତ୍ର

ଚଳିତ ସଂଖ୍ୟାର ମଲାଟରେ ଥିବା ଫଟୋଚିତ୍ରଟିକୁ ଉଠାଇଛନ୍ତି ଆମେରିକାରେ ରହୁଥିବା ବିଶିଷ୍ଟ ଭାଷା ଓ ସାହିତ୍ୟପ୍ରେମୀ ଶ୍ରୀ ଧୀରେନ୍ଦ୍ର କର। ସେ ଏହି ଫଟୋଟିକୁ ସେଠାକାର ମୋରିସ୍‌ଭିଲ୍ ସହରରେ ନିଜର 'ଆଇ-ଫୋନ୍ ୧୬ପ୍ରୋ' ଦ୍ୱାରା ଉଠାଇଥିଲେ। ସେ କହନ୍ତି ଯେ ପଦ୍ମଫୁଲର ଏହି ଦୃଶ୍ୟଟି ଦେଖିବା ବେଳେ ତାଙ୍କ ମନରେ ଉଙ୍କିମାରିଥିଲା ଭକ୍ତକବି ମଧୁସୂଦନ ରାଓଙ୍କ ସୁବିଦିତ 'କୋଟି ଲାବଣ୍ୟନିଧିରେ ପଦ୍ମ ତୁହି' ନାମକ କବିତାର ଏହି ପଦଟି:

'କଲୁଷ ପଙ୍କେ ମୁହିଁ କେତେ ମଳିନ
କେମନ୍ତେ ସରି ତୋର ହେବି ନଳିନ।
ପଙ୍କଜ ଅଟୁ ତୁହି, ତେଣୁ ଭରସା
ତା ପରି ଶୁଭ୍ର ହେବି ଲଭି ସୁଦଶା।'



ପ୍ରବନ୍ଧ

# ଅଭିମନ୍ୟୁ ଓ ଭଞ୍ଜଙ୍କ କାବ୍ୟମାନସରେ କିଂବଦନ୍ତୀ

ନିଖିଳାନନ୍ଦ ପାଣିଗ୍ରାହୀ

ସାହିତ୍ୟିକମାନେ ନିଜ ସର୍ଜନାରେ କିଂବଦନ୍ତୀ ଓ ମିଥ୍ ଉପଯୋଗ କରିବା ପରିଲକ୍ଷିତ ହୁଏ । ଏହା ସେମାନଙ୍କ କୃତିକୁ ରୋଚକ, ଜୀବନ୍ତ ଓ ପ୍ରଭାବଶାଳୀ କରିଥାଏ । ଅବଶ୍ୟ କିଂବଦନ୍ତୀ ଓ ମିଥ୍ ମଧ୍ୟରେ ପ୍ରଭେଦ ରହିଛି । କିଂବଦନ୍ତୀ ଐତିହାସିକ ବ୍ୟକ୍ତିତ୍ୱ ବା ସ୍ଥାନ ସହ ସଂପର୍କିତ । ଏଥିରେ କିଛି କାଳ୍ପନିକ ବିଷୟ ଅତିରଞ୍ଜିତ ଭାବେ ସ୍ଥାନିତ ହୋଇଥାଏ । କିନ୍ତୁ ମିଥିରେ ମୁଖ୍ୟତଃ ଅଲୌକିକ ଘଟଣା, ଦେବାଦେବୀଙ୍କ ଉପସ୍ଥାପନା, ଦୈବୀ ଶକ୍ତିର ଅବିଶ୍ୱନୀୟ କ୍ଷମତା ପ୍ରାଧାନ୍ୟ ଲାଭ କରିଥାଏ ।

ଆମ ସାହିତ୍ୟରେ କୋଣାର୍କକୁ ଆଧାରକରି କେତେକ କିଂବଦନ୍ତୀ ପ୍ରଚଳିତ । ଶିବ ମହାରଣା ମନ୍ଦିର ନିର୍ମାଣରେ ବାରମ୍ବାର ବିଫଳ ହୋଇ ଚିନ୍ତିତ ଥିବା ସମୟରେ ଏକଦା ଗୋଟିଏ ବୃଦ୍ଧାଙ୍କ ଘରକୁ ଯାଇଥିଲେ । ଖାଇବା ସକାଶେ ତାଙ୍କୁ ଗୋଟିଏ ଥାଳିରେ ଗରମ ଖିରି ପରଷାଗଲା । ସେ ଖିରି ମଝିରେ ଆଙ୍ଗୁଠି ପୂରାଇ ଖାଇବା ଉଦ୍ୟମ କରିବା ବେଳେ ତାଙ୍କ ଆଙ୍ଗୁଠି ପୋଡ଼ିଗଲା । ସେତେବେଳେ ବିଜ୍ଞ ଓ ଅନୁଭବୀ ବୃଦ୍ଧା ତାଙ୍କୁ ଚେତାଇଦେଲେ ଯେ, ଗୋଟିଏ ପାଖରୁ ଖିରି ଖିଆଯାଏ । ଏହା ବୁଝିବା ପରେ ସେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ରରେ ପଥର ସଜାଇବା ପରିବର୍ତ୍ତେ ଚତୁଃପାର୍ଶ୍ୱରୁ କାମ ଆରମ୍ଭକଲେ । (ମାଦଳା ପାଞ୍ଜିରେ ଭିନ୍ନ ଭାବେ ଏତାଦୃଶ ବିବୃତି ଉଲ୍ଲେଖ କରାଯାଇଛି) । ଏହା ଗୋଟିଏ କିଂବଦନ୍ତୀ ବୋଲି ଜେ.ପି. ଦାସ ଉଲ୍ଲେଖ କରିଛନ୍ତି । (ଦ୍ରଷ୍ଟବ୍ୟ: ସର୍ଟ ଟେକ୍ସ, ଭାଗ-୧, ପୃ:୬୯) । ମହାରାଜା ଶିବାଜୀଙ୍କ କ୍ଷେତ୍ରରେ ମଧ୍ୟ ଏପରି ବିଷୟ ପ୍ରଚଳିତ ।

**"ଯଦି କିଂବଦନ୍ତୀର ମୃତ୍ୟୁ ଘଟେ, ତା' ସହ ସ୍ୱପ୍ନ ମଧ୍ୟ ମରିଯିବ । ଆଉ ମହାନତା ରହିବ ନାହିଁ ।"**

## କିଂବଦନ୍ତୀର ସ୍ୱରୂପ

ଏହି ପୃଷ୍ଠଭୂମିରେ ଗୋଟିଏ ଉଦ୍ଧୃତି ଉପାଦେୟ, 'କିଂବଦନ୍ତୀ, ଐତିହାସିକ ତଥ୍ୟ ଉପରେ ଆଧାରିତ ନୁହେଁ । ଅତିରଞ୍ଜନ, ଅତି ମାନବୀୟ ଘଟଣା ଓ ପରସ୍ପର ବିରୋଧୀ ମତ କିଂବଦନ୍ତୀରେ ରହିଥାଏ । ଏଣୁ ସତ୍ୟ ପରିବର୍ତ୍ତେ ଅନେକ ଅସତ୍ୟ ଏଥିରେ ରହିବା ସ୍ୱାଭାବିକ । ଏହାସତ୍ତ୍ୱେ ପ୍ରତ୍ୟେକ ଜାତିର ସାଂସ୍କୃତିକ ଇତିହାସରେ କିଂବଦନ୍ତୀର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । କବି ଏପରି କିଂବଦନ୍ତୀକୁ କଥାବସ୍ତୁ ରୂପେ ଗ୍ରହଣ କରି ଯେଉଁ କାବ୍ୟ ରଚନା କରିଥାଏ, ତାହା କିଂବଦନ୍ତୀମୂଳକ କାବ୍ୟ ।' (ସାହିତ୍ୟ କୋଷ, ପୃ:୪୧୧)

କିଂବଦନ୍ତୀର ଉପାଦେୟତା ସଂପର୍କରେ ଆମେରିକୀୟ ଯୋଦ୍ଧା, ସାମରିକ ନେତା ଓ ବକ୍ତା ଟେକୁମସେହ କହିଛନ୍ତି, 'ଯଦି କିଂବଦନ୍ତୀର ମୃତ୍ୟୁ ଘଟେ, ତା' ସହ ସ୍ୱପ୍ନ ମଧ୍ୟ ମରିଯିବ । ଆଉ ମହାନତା ରହିବ ନାହିଁ ।' ଏହି ଦୃଷ୍ଟିରୁ ମତ ଦିଆଯାଇଥାଏ ଯେ, ନାୟକମାନଙ୍କ ମୃତ୍ୟୁ ଘଟେ ଓ ପରେ ଅବଶ୍ୟ ସ୍ମରଣ କରାଯାଇଥାଏ; କିନ୍ତୁ ସେମାନଙ୍କ ସଂପର୍କିତ କିଂବଦନ୍ତୀର ଆଦୌ ମରଣ ନାହିଁ ।

ବାସ୍ତବିକ ଯେଉଁମାନଙ୍କୁ କେନ୍ଦ୍ରକରି କିଂବଦନ୍ତୀମାନ ଲିପିବଦ୍ଧ ହୋଇଛି, ସେମାନେ ଦୀର୍ଘ କାଳ ଧରାଧାମ ଛାଡ଼ି ସାରିଲେଣି । କିନ୍ତୁ ସେମାନଙ୍କ କିଂବଦନ୍ତୀମାନ କେବଳ ଜୀବିତ ନାହାନ୍ତି, ବିଭିନ୍ନ ସଂସ୍କରଣରେ ନବୀକରଣ ହେଉଛି । ନୂତନ ଢଙ୍ଗରେ ଏତାଦୃଶ ପରିବେଷଣ ଅଧିକ ରୋଚକ ଓ ବ୍ୟାପକ ହେଉଛି । ଏଥିରେ ଯେତେ ମିଛ ଥାଉ ପଛକେ, ଏହାର ମୃତ ନାୟକମାନେ ଅଧିକ ତେଜସ୍ୱାନ୍ ହେଉଛନ୍ତି ଏବଂ ତତ୍କାଳୀନ ସାଂସ୍କୃତିକ, ସାମାଜିକ ସ୍ଥିତି ଏଥିଦ୍ୱାରା ଅଧିକ ପ୍ରାଞ୍ଜଳ ଓ ସୁପରିଚିତ ହେଉଛି ।

## ଅଭିମନ୍ୟୁ ସାହିତ୍ୟରେ କିଂବଦନ୍ତୀ

ଆମ ସାହିତ୍ୟରେ କିପରି କିଂବଦନ୍ତୀ ପ୍ରୟୋଗ

ହୋଇଛି, ତାର ଦୃଷ୍ଟାନ୍ତ ଭାବେ ଦୁଇଜଣ ବିଖ୍ୟାତ କବିଙ୍କ ବିଭିନ୍ନ ଲେଖାରୁ ସ୍ପଷ୍ଟହୁଏ । ପ୍ରସଙ୍ଗକ୍ରମେ ନିମ୍ନରେ ଗୋଟିଏ ପଦ୍ୟାଂଶ ଉଦ୍ଧାର କରାଯାଇଛି:

'ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମ ଭେଦଇ
ନୁହଇ ତ ଜଳ ବୁଡ଼ାଏ କୂଳ,
ନୁହଇ ମାଦକ କରେ ବିହ୍ୱଳ
ନୁହଇ ବଡ଼ଶୀ ଗୋ,
ବଳେ ମନ-ମୀନ ନିଏ ଆକର୍ଷି ।'

ବିଭାବନା ଅଳଙ୍କାରରେ ମଣ୍ଡିତ ପ୍ରେମ ସମ୍ବନ୍ଧରେ ଏହି ସୁନ୍ଦର ରଚନାଟି 'ବିଦଗ୍ଧ ଚିନ୍ତାମଣି' କାବ୍ୟରୁ ଉଦ୍ଧୃତ । ଏହାର ରଚୟିତାଙ୍କ ଅନ୍ୟ ଏକ ବର୍ଣ୍ଣନା ରହିଛି ବିରହୋତ୍କଣ୍ଠିତା ସ୍ତ୍ରୀର ନାୟକ ଆସିବାରୁ ପ୍ରତୀକ୍ଷା ବେଳର ମନକଥାର ବ୍ୟଥା ନିମ୍ନ ପ୍ରକାରେ ପ୍ରକଟିତ:

ଶୁଣ ହେ ନିଷ୍ଠୁର ନିର୍ଦ୍ଦୟ ହରି,
ତୁମ୍ଭ ଲାଗି ବିରହିଣୀ କିଶୋରୀ,
କୋକ-ଉରଜା ଶୋକ କରେ ବସି,
ଥକ ଥକ ଲୁହ ନୟନୁ ଖସି
ବକ୍ଷ ଦେଶେ ପଡ଼ି
ଜଡୁଅଛି ନୀଳ ରୁଚିର ଶାଢ଼ି ।



ଯେଉଁ କବିଜଣକ ଏମିତି ଚମତ୍କାର ଶବ୍ଦ ସଂଯୋଜନା ସହ ନିଜ ଭାବକୁ ଲେଖନୀ ଦ୍ୱାରା ପରିସ୍ଫୁଟ କରିଛନ୍ତି, ସେ ହେଉଛନ୍ତି ଅଭିମନ୍ୟୁ ସାମନ୍ତସିଂହାର (ଜନ୍ମ: ୧୭୫୭ ଖ୍ରୀଷ୍ଟାବ୍ଦ, ମାଘ ସପ୍ତମୀ, ଜନ୍ମସ୍ଥାନ: ଯାଜପୁର ଜିଲ୍ଲା ବାଲିଆ ଗ୍ରାମ, ଦେହାନ୍ତ: ୧୮୦୭) । ମନରେ କୌତୂହଳ ଜାତହୁଏ ଯେ, ଉଲ୍ଲିଖିତ ଦ୍ୱିତୀୟ ଉଦ୍ଧୃତାଂଶରେ ଯେଉଁ ବିରହର ଚିତ୍ର ଉପସ୍ଥାପିତ, ତାହା ତାଙ୍କ ବାସ୍ତବ ଜୀବନ ସହ କ'ଣ ସତରେ ସଂପର୍କିତ ହୋଇପାରେ କି ?

## ବିଦଗ୍ଧ ଚିନ୍ତାମଣି ସମ୍ବନ୍ଧ ରେ କିଂବଦନ୍ତୀ

ପ୍ରକାଶଥାଉକି 'ବିଦଗ୍ଧ ଚିନ୍ତାମଣି'ର ରଚନା ସମ୍ବନ୍ଧରେ ଗୋଟିଏ କିମ୍ବଦନ୍ତୀ ପ୍ରଚଳିତ । ସାମନ୍ତସିଂହାରଙ୍କ ପତ୍ନୀ ଜଣେ ସତୀ ସାଧ୍ୱୀ ମହିଳା ଥିଲେ । ନିଜେ ରୋଷେଇ କରି ସ୍ୱାମୀଙ୍କ ପାଇଁ ଭୋଜନ ପରଷିବା ପରେ ପାଖରେ ବସିଥାନ୍ତି । ସ୍ୱାମୀ ଖାଇବା ପରେ ଅବଶିଷ୍ଟ ଖାଦ୍ୟକୁ ଅଧରାମୃତ ବୋଲି ବିବେଚନା କରୁଥାନ୍ତି । ତାଙ୍କର ସ୍ୱାମୀ ପତ୍ନୀର ପତିଭକ୍ତି ପ୍ରତି ଥରେ ମନ୍ତବ୍ୟ ଦେଲେ । 'ଦେଖ, ତୁମ୍ଭେ ମତେ ଦଣ୍ଡେ ନ ଦେଖିଲେ ବ୍ୟସ୍ତ ହେଉଛ । ମୁଁ ମରିଗଲେ ତୁମେ କ'ଣ ମରିଯିବ ?' ପତ୍ନୀଙ୍କ ଉତ୍ତର ଥିଲା, 'ମୁଁ ଯଦି ପ୍ରକୃତରେ ତୁମ୍ଭର ସ୍ତ୍ରୀ ହୋଇଥାଏ, ତେବେ ତୁମ୍ଭେ ମରିଯିବ, ମୁଁ ବଞ୍ଚିବି କିପରି ?'

କିଛିଦିନ ଅନ୍ତେ ସାମନ୍ତ ନିଜ ଜମିଦାରୀ ବାଲିଆକୁ ଗଲେ । ସାଙ୍ଗରେ ଗୋଟିଏ ପୁରାତନ ବାରିକ ଚାକରକୁ ନେଲେ । ନିଜ ଗ୍ରାମରୁ ବାଲିଆକୁ ଯିବାବେଳେ ରାସ୍ତାରେ ଗୋଟିଏ ଜଙ୍ଗଲ ପଡ଼େ । ସାମନ୍ତଙ୍କ ଅଣ୍ଟାରେ ସର୍ବଦା ଗୋଟିଏ କଟାରୀ ଥାଏ । କ୍ଷତ୍ରିୟ କୁଳରେ ଜନ୍ମିତ ସାମନ୍ତ ଏହି ହତିଆର ବ୍ୟବହାର କରିବା ଜାଣିଥାନ୍ତି । ପୁଣି ପାରିଧିକୁ ବେଳେ ବେଳେ ଯାଉଥିଲେ । ବାଲିଆରୁ ଗ୍ରାମକୁ ଫେରିବା ବେଳେ ପତ୍ନୀଙ୍କୁ ପରୀକ୍ଷା କରିବାକୁ ମନ ବଳାଇଲେ । ବାରିକକୁ ନିଜ ମୁଦି ଓ କଟାରୀ ଦେଇ ମନ୍ତ୍ରଣା ଦେଲେ, ତୁ ଯା, କାନ୍ଦି କାନ୍ଦି ସାନ୍ତାଣୀକୁ କହିଦବୁ ଯେ ସାମନ୍ତଙ୍କୁ ବାଘ ଖାଇଦେଲା ।

ଦୋଦୋପାଞ୍ଚ ହୋଇ ଚାକରଟି ମାଲିକଙ୍କ ଆଦେଶ ପାଳନକଲା । ନିଖୁଣ ଅଭିନୟ ସହ ମୁଦି ଓ କଟାରୀ ସାନ୍ତାଣୀଙ୍କ ହାତକୁ ବଢ଼ାଇଲା । ସେତେବେଳେ ସାନ୍ତାଣୀ ଚାଳକୁ ଧରି ସ୍ୱାମୀଙ୍କୁ ଅପେକ୍ଷା କରି ଠିଆ ହୋଇଥିଲେ । ଏହି ଖବର ସତ୍ୟ କି ନୁହଁ ବୋଲି ତିନିଥର ପଚାରିଲେ । ଚାକରଟି ପ୍ରତିଥର 'ସତ' ବୋଲି କହିଲା । ଚାଳର ବତାକୁ ଧରି ସେତେବେଳେ ଠିଆ ହୋଇଥିବା ଅବସ୍ଥାରେ ତାଙ୍କ ପ୍ରାଣବାୟୁ ଉଡ଼ିଗଲା ।

ମୁହୂର୍ତ୍ତକ ପରେ କୌତୂହଳୀ ସାମନ୍ତ ପହଞ୍ଚି ଦେଖିଲେ ଯେ, ପତ୍ନୀ ତାଙ୍କୁ ଦେଖିବା ପରେ କିଛି ନ କହି, ସେମିତି କାଠପରି ଠିଆ ହୋଇଛନ୍ତି । ଏହା ତାଙ୍କୁ ଆଚମ୍ବିତ କଲା । ସେ ସ୍ତ୍ରୀଙ୍କ ହାତକୁ ଚାଳରୁ ଓଟାରିବା ପରେ ସ୍ତ୍ରୀଙ୍କ ନିଃସ୍ପନ୍ଦ ଶରୀର ତଳେ ପଡ଼ିଗଲା ।

ଏହି ଦୁର୍ଘଟଣା ଉପରେ ଆଇନ ବ୍ୟବସାୟୀ, ଇତିହାସବିତ୍, ଗବେଷକ ଜଗବନ୍ଧୁ ସିଂହ ୧୮୭୬-

୧୯୪୯, ଜନ୍ମସ୍ଥାନ: ପୁରୀ ଜିଲ୍ଲା ଅନ୍ତର୍ଗତ ନିମାପଡ଼ା ନିକଟବର୍ତ୍ତୀ ଭୁବନପୁର) ମନ୍ତବ୍ୟ ଦେଇଛନ୍ତି, 'ପ୍ରିୟତମା ପତ୍ନୀର ଏପରି କରୁଣ ମୃତ୍ୟୁକୁ ଦେଖି ଅଭିମନ୍ୟୁ ସଂପୂର୍ଣ୍ଣ ଭାଙ୍ଗିପଡ଼ିଲେ ଏବଂ ପୂର୍ବରୁ ସେ ଯେଉଁ କାବ୍ୟ-କବିତା ରଚନାର ଧାରା ପ୍ରଚଳନ କରିଆସିଥିଲେ, ଏହିଠାରୁ ତାହା ପରିବର୍ତ୍ତିତ ହୋଇଗଲା । ପତ୍ନୀ ବିରହ ବିଧୁର ହୃଦୟର ଗଭୀର ପ୍ରେମ ଭାବକୁ ସେ ରାଧାକୃଷ୍ଣ ପ୍ରେମବୋଧ ମଧ୍ୟ ଦେଇ ରୂପାୟନ କଲେ ।' (ଦ୍ରଷ୍ଟବ୍ୟ: ବିଦଗ୍ଧ ଚିନ୍ତାମଣି, - ସମ୍ପାଦନା ଓ ସୁବିସ୍ତୃତ ଆଲୋଚନ ସହ - ସମ୍ପାଦନା; ଅଧ୍ୟାପକ ବୈଷ୍ଣବ ଚରଣ ସାମଲ ଓ ଡକ୍ଟର ରତ୍ନାକର ଚଇନି, ବୁକ୍ସ ଏଣ୍ଡ୍ ବୁକ୍ସ, କଟକ / ପୃ-୨୧୫-୨୧୮) ।

ପ୍ରକାଶଥାଉକି, ଜଗବନ୍ଧୁ ସିଂହ ଯେଉଁ କିଂବଦନ୍ତୀଟି ଏଥିରେ ବର୍ଣ୍ଣନା କରିଛନ୍ତି, ତା' ସହ ଗବେଷଣା ସୁଲଭ ଅନିସନ୍ଧିତ୍ସୁ, ସଂସ୍କୃତ ଭାଷାରେ ପାରଦର୍ଶୀ, ଓଡ଼ିଆ ଭାଷା ସାହିତ୍ୟ ପ୍ରେମୀ ତଥା ବାଣୀ ଭୂଷଣ ଉପାଧି ଦ୍ୱାରା ସମ୍ମାନିତ ମୃତ୍ୟୁଞ୍ଜୟ ରଥ (୧୮୮୨-୧୯୨୪, ଜନ୍ମସ୍ଥାନ: ପୁରୀ ଜିଲ୍ଲା ଭାର୍ଗବୀ ନଦୀ କୂଳସ୍ଥିତ ଦକ୍ଷିଣ ରାଡସ ନାମକ ଗୋଟିଏ କ୍ଷୁଦ୍ର ପଲ୍ଲୀ)ଙ୍କ ଅବତାରଣା ମେଳ ଖାଉଛି । ମୃତ୍ୟୁଞ୍ଜୟ ରଥଙ୍କ ପ୍ରକୃତ ମହତ୍ୱ ପରିଦୃଷ୍ଟ ହୁଏ ସେ ରଚନା କରିଥିବା ନିର୍ଭରଯୋଗ୍ୟ ଜୀବନୀ ସମ୍ବନ୍ଧୀୟ ପୁସ୍ତକମାନ, ଯେଉଁଥିରେ ସାମନ୍ତସିଂହାରଙ୍କ ସମେତ ସାରଳା, ରାଧାନାଥ, ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଅରକ୍ଷିତ ଦାସ ଇତ୍ୟାଦି ମନୀଷୀ ଅନ୍ତର୍ଭୁକ୍ତ ।

**"ସାଧୁଚରଣ ଦାସଙ୍କ ତୁଲ୍ୟ ଗୁରୁ ପାଇନଥିଲେ ଅଭିମନ୍ୟୁ କବି ରୂପରେ ଏତେ ପ୍ରସିଦ୍ଧି ଲାଭ କରିପାରି ନଥାନ୍ତେ ।"**


ଉଲ୍ଲେଖନୀୟ ଯେ, ମଧୁ ବାରିଷ୍ଟରଙ୍କ ଦ୍ୱାରା ଅନୁପ୍ରାଣିତ ଜଗବନ୍ଧୁ ସିଂହ ଓଡ଼ିଆ ସାହିତ୍ୟର ଏକ ନିର୍ଭରଯୋଗ୍ୟ ଇତିହାସ ରଚନା କରିବାକୁ ଏକାନ୍ତ ଆଗ୍ରହୀ ଥିବା ସତ୍ତ୍ୱେ ଉପାଦାନର ଅଭାବ ତାଙ୍କୁ ବ୍ୟଥିତ କରିଥିଲା । ତଥାପି ସେ ନିଷ୍ଠାପର ଭାବେ ଉଦ୍ୟମଶୀଳ ଥିଲେ । ଏହି ପୃଷ୍ଠଭୂମିରେ ମୃତ୍ୟୁଞ୍ଜୟ ରଥଙ୍କ କିଂବଦନ୍ତୀକୁ ତାଙ୍କ ସମର୍ଥନ ବିଚାର କରାଯାଇପାରେ । (କହିବା ବାହୁଲ୍ୟ ଯେ, ଜଗବନ୍ଧୁ ସେତେବେଳେ ଯେଉଁ ଉପାଦାନର ଅଭାବ କଥା ସୂଚାଇଛନ୍ତି, ତାହା ଇତ୍ୟବସରରେ ଶତାଧିକ ବର୍ଷ ବିତିଯାଇଥିଲେ ସୁଦ୍ଧା ସେମିତି ଦୟନୀୟ ଅବସ୍ଥାରେ ରହିଛି ।) ତେବେ ଏହି ପରିପ୍ରେକ୍ଷୀରେ ଅନ୍ୟ ଜଣେ ସୁଖ୍ୟାତ ସମାଲୋଚକଙ୍କ ମତ ପ୍ରଣିଧାନଯୋଗ୍ୟ । ନିଜ ପାଣ୍ଡିତ୍ୟ, ଅଧ୍ୟବସାୟ ଓ ସାଧନା ପାଇଁ ପଦ୍ମଶ୍ରୀ ଦ୍ୱାରା ସମ୍ମାନିତ ଏହି ସାହିତ୍ୟ ଗବେଷକ ଜଣକ ହେଉଛନ୍ତି ଆର୍ତ୍ତବଲ୍ଲଭ ମହାନ୍ତି (୧୮୮୬-୧୯୬୩, ଜନ୍ମସ୍ଥାନ: ପାଟକୁରାର ନାରଣପୁର) । ସେ ଜଗବନ୍ଧୁ ସିଂହଙ୍କ କିଂବଦନ୍ତୀକୁ ବିଶ୍ୱାସ କରିନାହାନ୍ତି । ତାଙ୍କର ବକ୍ତବ୍ୟ ହେଉଛି, 'ମୋ' ମତରେ ଯେ ଲୋକ ଉପର୍ଯ୍ୟୁକ୍ତ ଗ୍ରନ୍ଥମାନ ପାଠ କରିବ, ସେ ନିଶ୍ଚେ କହିବ, ସାଧୁଚରଣ ଦାସଙ୍କ ତୁଲ୍ୟ ଗୁରୁ ପାଇନଥିଲେ ଅଭିମନ୍ୟୁ କବି ରୂପରେ ଏତେ ପ୍ରସିଦ୍ଧି ଲାଭ କରିପାରି ନଥାନ୍ତେ । ସେ ଉପର୍ଯ୍ୟୁକ୍ତ ଗୁରୁଙ୍କର ଉପଯୁକ୍ତ ଶିଷ୍ୟ । ଅଭିମନ୍ୟୁ (ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା) ସାଧୁଚରଣଙ୍କୁ କବିତ୍ୱରେ ବଳି ପଡ଼ିଥିଲେ । ଏହା କହିବା ବାହୁଲ୍ୟ ମାତ୍ର ।'

**ଭକ୍ତିରସାମୃତ**

ଏହି ପ୍ରକାରେ ଭିନ୍ନ ଭିନ୍ନ ପ୍ରକାର ଅନୁଧ୍ୟାନରୁ ନିଷ୍କର୍ଷ ସାମନାକୁ ଆସୁଛି । ଜଗବନ୍ଧୁ ସିଂହଙ୍କ ମତାନୁସାରେ 'ଭକ୍ତିରସାମୃତରେ ପରିପୂର୍ଣ୍ଣ ବିଦଗ୍ଧ ଚିନ୍ତାମଣି କବିଙ୍କ ସର୍ବାପେକ୍ଷା ଉତ୍କୃଷ୍ଟ.... ବର୍ଣ୍ଣନାରେ କିଛି ମାତ୍ର ଅତିଶୟୋକ୍ତି ନାହିଁ ।' (ପ୍ରାଚୀନ ଉତ୍କଳ, ପୃ-୧୫୦) । ଏହି ଉତ୍କର୍ଷ ପାଇଁ ସେ ପତ୍ନୀ ବିଚ୍ଛେଦକୁ କିଛି ପରିମାଣରେ ଦାୟୀ କରିଛନ୍ତି । ତେବେ ଅନ୍ୟ କେତେକ ସମାଲୋଚକ ଅଭିମନ୍ୟୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କୁ ଶିକ୍ଷାଗୁରୁ ଓ ଦୀକ୍ଷାଗୁରୁ ଭାବେ ପାଇବା ପରେ ତାଙ୍କର କବିତ୍ୱ ଉଦ୍ରେକ ହେଲା । ଅବଶ୍ୟ ବାଲ୍ୟକାଳରୁ କବିତ୍ୱର ପ୍ରତିଭା ତାଙ୍କ ନିକଟରେ ବିଦ୍ୟମାନ ଥିଲା । କୃଷ୍ଣପ୍ରେମ ଭକ୍ତି ତାଙ୍କୁ ରାଜ ଐଶ୍ୱର୍ଯ୍ୟ ମଧ୍ୟରେ ବନ୍ଦି କରିପାରି ନଥିଲା । ତାଙ୍କର ଶ୍ରେଷ୍ଠ କାବ୍ୟ ବିଦଗ୍ଧ ଚିନ୍ତାମଣିରେ 'ପାଣ୍ଡିତ୍ୟ ଓ କବିତ୍ୱ, ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟ, ଲାଳିତ୍ୟ ଓ ସାରଲ୍ୟ ଏକାଧାରରେ ଠୁଳ ହୋଇଛି ।' (ପଣ୍ଡିତ ମୃତ୍ୟୁଞ୍ଜୟ ରଥ) । ଏହି ଗ୍ରନ୍ଥଟିକୁ କବି ୧୦୮ ଛାନ୍ଦରେ ସମାପ୍ତ କରିବାକୁ ଚାହୁଁଥିଲେ; ମାତ୍ର ଏଥିରେ ସର୍ବମୋଟ ଛୟାନବେଟି ଛାନ୍ଦ ରହିଛି । ଜଣାଯାଏ ଯେ କାବ୍ୟଟି ସଂପୂର୍ଣ୍ଣ କରିବା ପୂର୍ବରୁ ବୃନ୍ଦାବନ ଯାତ୍ରା ପଥରେ ସେ

ପରଲୋକ ଗମନ କରିଥିବାରୁ କାବ୍ୟଟି ଏମିତି ଅପୂର୍ଣ୍ଣ ରହିଲା । (ଓଡ଼ିଆ ସାହିତ୍ୟର ଇତିହାସ, ସୁରେନ୍ଦ୍ର କୁମାର ମହାରଣା) । ତେଣୁ ଏହି କାବ୍ୟଟି କବିଙ୍କ ଜୀବନର ଶେଷ ପର୍ଯ୍ୟାୟରେ ରଚିତ ବୋଲି ଜଣାଯାଏ ।

ସାମନ୍ତଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ରହିଥିବା ବାଦାନୁବାଦର ଊର୍ଦ୍ଧ୍ୱକୁ ଯାଇ ତାଙ୍କ ସାହିତ୍ୟିକ କୃତି ଆଲୋଚନା କରାଯାଉ । ରୀତିଯୁଗୀୟ କାବ୍ୟପରି ସେ 'ପ୍ରେମଲୀଳା' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ । ଏଥିରେ ଦେଖିବାକୁ ମିଳେ, ପ୍ରେମ-ପ୍ରଣୟ ଓ ମିଳନ-ବିଚ୍ଛେଦର ବର୍ଣ୍ଣନା । ଏହାର ବିଷୟବସ୍ତୁ ଅନୁସାରେ 'ପ୍ରେମକଳା-ଦେବୀ'ଙ୍କ ପ୍ରସାଦରୁ ନାୟିକାଟି ଶ୍ୟାମସୁନ୍ଦରଙ୍କୁ ପତି ଭାବେ ପାଇଛି, ଯାହାକି ପରେ ବିଚ୍ଛେଦ ପରି ବିପର୍ଯ୍ୟୟ ଭୋଗିଛି । ସେ ଯାହାହେଉ, କିଂବଦନ୍ତୀର ସତ୍ୟାସତ୍ୟ ଉପରେ ତର୍କବିତର୍କ ଲାଗି ରହିଥିଲେ ସୁଦ୍ଧା ତାଙ୍କ କୃତିରେ ମିଳନ ଓ ବିରହ ଅଗ୍ରାଧିକାର ପାଇଛି ।



**ଉପେନ୍ଦ୍ର ଭଞ୍ଜ**

ଅନ୍ୟ ଏକ ଉଦାହରଣ ଭାବେ ରୀତିଯୁଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଉପରେ ଆଲୋଚନା କରାଯାଇପାରେ । ତାଙ୍କ ବୈବାହିକ ସଂପର୍କ ବିଷୟରେ ସୂଚନା ମିଳେ ଯେ ନୟାଗଡ଼ର ରାଜା ତାଙ୍କ କବି ପ୍ରତିଭାରେ ମୋହିତ ହୋଇ ନିଜ କନ୍ୟା ସହ ତାଙ୍କର ବିବାହ କରାଇଥିଲେ । ଦୁର୍ଭାଗ୍ୟବଶତଃ କିଛିଦିନ ପରେ ଭଞ୍ଜଙ୍କ ପିତୃବିୟୋଗ ଓ ପରେ ପରେ ପତ୍ନୀଙ୍କ ଦେହାନ୍ତ ଘଟିଲା । ପରବର୍ତ୍ତୀ ସମୟରେ ସେ ବାଣପୁର ରାଜା ଅଚ୍ୟୁତ ହରିଚନ୍ଦନ ରାୟଙ୍କ ଜ୍ୟୋଷ୍ଠାକନ୍ୟାକୁ ପତ୍ନୀ ଭାବେ ଗ୍ରହଣ କରିଥିଲେ । କିନ୍ତୁ ଅକାଳରେ ଦ୍ୱିତୀୟ ପତ୍ନୀ ମଧ୍ୟ ପ୍ରାଣ ହରାଇଥିଲେ । ଏହା ହେଉଛି ଅନନ୍ତ ପଦ୍ମନାଭ ପଟ୍ଟନାୟକ ଓ ଆର୍ତ୍ତ ବଲ୍ଲଭ ମହାନ୍ତିଙ୍କ ମତ । କିନ୍ତୁ ଦାମୋଦର ଦାସ ପ୍ରଥମ ପତ୍ନୀର ଉପସ୍ଥାପନା ମିଥ୍ୟା ବୋଲି ଦାବି କରିଛନ୍ତି । ଏମିତି ମତ-ଅମେଳ ରହିଥିବାରୁ ଉଲ୍ଲେଖ କରାଯାଇଛି, 'ଏ ସଂପର୍କରେ ଅନେକ କାହାଣୀ, କାବ୍ୟ ଓ ନାଟକ ଉପେନ୍ଦ୍ରଙ୍କ ଜୀବନକୁ ନେଇ ଗଢ଼ି ଉଠିଥିବାରୁ ଐତିହାସିକ, ଅନୁଶୀଳନ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ବିପଜ୍ଜନକ । (ସାହିତ୍ୟ କୋଷ, ସମ୍ବାଦ ଆମ ଓଡ଼ିଶା, ପୃ: ୨୨୨) । କିନ୍ତୁ ଏହି ମନ୍ତବ୍ୟ କିଂବଦନ୍ତୀର ସଂଜ୍ଞା ବିରୋଧୀ ବୋଲି ମନେହୁଏ ।

ପ୍ରସଙ୍ଗକ୍ରମେ ଆଶୁକବି ଓ ସାହିତ୍ୟିକ କୃଷ୍ଣଚନ୍ଦ୍ର ତ୍ରିପାଠୀ (ଜନ୍ମ: ୧୯୪୮, ଜନ୍ମସ୍ଥାନ: ଲୁଣିଘାଟୀ ଗୋପୀନାଥପୁର ଶାସନ, ପୋଲସରା, ଗଞ୍ଜାମ)ଙ୍କ ଦ୍ୱାରା ରଚିତ ନାଟକ 'ମହାକବି ଉପେନ୍ଦ୍ର ଭଞ୍ଜ' (ଏଥେନା ବୁକ୍‌ସ, ଭୁବନେଶ୍ୱର, ୨୦୨୩) ଆଲୋଚ୍ୟ 'ନାଟକ ସମ୍ବନ୍ଧରେ ପଦେ ଅଧେ' ଭାବେ ଲେଖକ ଜଣାଇଛନ୍ତି:

'ପୂର୍ବରୁ ଭଞ୍ଜଙ୍କ ସମ୍ବନ୍ଧରେ ରଚନା କରିଥିବା ନାଟ୍ୟକାରମାନଙ୍କ କୃତି କୃତିତ୍ୱ ମୋର ମାନସ ଚକ୍ଷୁରେ ତେଜୋଦୀପ୍ତ ହୋଇଉଠିଲା । ପ୍ରଖ୍ୟାତ ନାଟ୍ୟକାର ଦେବେନ୍ଦ୍ର କୁମାର ସିଂହ ମହୋଦୟ 'ଭଞ୍ଜକବି' ନାଟକରେ ଉପେନ୍ଦ୍ରଙ୍କ ପତ୍ନୀ 'ମାଳବିକା', 'କସ୍ତୁରୀକା' ବୋଲି ଗ୍ରହଣ କରିଛନ୍ତି । ଯଶସ୍ୱୀ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଭଞ୍ଜ ନାଟକରେ ପତ୍ନୀ 'ହେମମାଳା' ନାମ ରଖିଛନ୍ତି ।

ବୋଇଲେ ରଘୁନନ୍ଦନରେ ରାମାବର<br>
ବ୍ରତ ଆଚରଣ ଏକ ପତ୍ନୀ ମୋହର ।

ଆରାଧ୍ୟ ପ୍ରତିଭା ଶ୍ରୀରାମଙ୍କ କରୁଣା ତଥା ନୀତି ଆଦର୍ଶକୁ ସର୍ବସାର ମନେ କରୁଥିବା ଉପେନ୍ଦ୍ର ଭଞ୍ଜଙ୍କ ଏକ ପତ୍ନୀବ୍ରତକୁ ହିଁ ମୁଁ ସମ୍ମାନ ଦେଇ ଉପେନ୍ଦ୍ରଙ୍କ ଏକମାତ୍ର ପତ୍ନୀ 'ମାଳବିକା' ବାଣପୁର ରାଜନନ୍ଦିନୀ ବୋଲି ବିଚାରରେ ଏହି ନାଟକ ରୂପ ଦେଇଛି ।'

ଏଥିରୁ ସ୍ପଷ୍ଟ ହୁଏ ଯେ ନାଟ୍ୟକାର ନିଜ ବିଚାର ଅନୁଯାୟୀ ଲେଖନୀ ଚାଳନା କରିଛନ୍ତି । ଏହି ଲେଖକୀୟ ସ୍ୱାଧୀନତା ସର୍ବସମ୍ମତ ହେବା ଆଶା କମ୍ । ଏହି ମର୍ମରେ ଉପେନ୍ଦ୍ରଙ୍କ ବୈବାହିକ ଜୀବନ ସମ୍ବନ୍ଧରେ ନିମ୍ନ ବିବରଣୀ ପ୍ରଣିଧାନଯୋଗ୍ୟ ।

'ଅଠର ବର୍ଷ ବୟସରେ ଉପେନ୍ଦ୍ରଙ୍କର ବିବାହ ନୟାଗଡ଼ ରାଜା ପୁରୁଷୋତ୍ତମ ମାନ୍ଧାତାଙ୍କ ଭଉଣୀ ଲାବଣ୍ୟବତୀଙ୍କ ସହ

ହୋଇଥିଲା । ଲାବଣ୍ୟବତୀ ସଂସ୍କୃତ ସାହିତ୍ୟରେ ନିପୁଣା ଥିଲେ । କୁଲାଡ଼ଗଡ଼ ପାଖରେ ଅନ୍ଧାରଗଡ଼ ବୋଲି ପାହାଡ଼ ଓ ଜଙ୍ଗଲଘେରା ଦୁର୍ଗଟିଏ ରହିଥିଲା । କିଂବଦନ୍ତୀ ଅନୁସାରେ ଉପେନ୍ଦ୍ର ଭଞ୍ଜ ସେହି ସ୍ଥାନକୁ ସବୁବେଳେ ଏକୁଟିଆ ଚାଲିଯାଉଥିଲେ ଏବଂ କିଛିଦିନ ସେଠାରେ ରହିବା ପରେ ଫେରି ଆସୁଥିଲେ । ଥରେ ଉପେନ୍ଦ୍ର ଭଞ୍ଜ ସେହି ସ୍ଥାନକୁ ଯାଇ ବହୁଦିନ ପର୍ଯ୍ୟନ୍ତ ରାଜଉଆସକୁ ଫେରିଲେ ନାହିଁ । ରାଜପ୍ରାସାଦରେ ଲାବଣ୍ୟବତୀ ବ୍ୟସ୍ତ ହୋଇପଡ଼ିଲେ ଓ ପତିଙ୍କୁ ଖୋଜି ଆଣିବା ପାଇଁ ଦୂତଟିଏ ପଠାଇଲେ । ଦୂତଟି ଗଡ଼ ଭିତରକୁ ନଯାଇ ଅଳ୍ପ ବାଟରୁ ଫେରି ଆସିଲା ଓ କହିଲା ଯେ ସେ ଗୋଟିଏ ମହାବଳ ବାଘ ଦେଖିଲା । ତା’ ପାଖରେ ମଣିଷର ରକ୍ତାକ୍ତ ଶବ ପଡ଼ିଥିବାର ଦେଖି ଭୟରେ ଫେରିଆସିଲା । ଦୂତଠାରୁ ଏପରି ଖବର ଶୁଣି ଲାବଣ୍ୟବତୀ ଧୈର୍ଯ୍ୟଧରି ରହିପାରିଲେ ନାହିଁ । ତାଙ୍କର ସଂଗେ ସଂଗେ ଚେତା ବୁଡ଼ିଗଲା ଓ ଚାହୁଁ ଚାହୁଁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । କିଛିଦିନ ପରେ ଭଞ୍ଜ ରାଜପୁରକୁ ଫେରିଲା ପରେ ପତ୍ନୀ ଲାବଣ୍ୟବତୀଙ୍କ ସ୍ୱର୍ଗବାସ କଥା ଜାଣି ମର୍ମାହତ ହେଲେ । ଉପେନ୍ଦ୍ରଙ୍କ ଶଳା ଭାଉଜ ଶୋଭାବତୀଙ୍କର କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ବୋଲି ଜଣେ ଭଉଣୀ ଥିଲେ । ତାଙ୍କ ସହିତ ଭଞ୍ଜଙ୍କର ଦ୍ୱିତୀୟଥର ବିବାହ ହେଲା । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଉପେନ୍ଦ୍ରଙ୍କୁ କାବ୍ୟ ଲେଖିବାରେ ସାହାଯ୍ୟ କରୁଥିଲେ । ତାଙ୍କ ପରାମର୍ଶରେ ଭଞ୍ଜ ମଧ୍ୟ ନିଜର କାବ୍ୟ କବିତାକୁ ସଂଶୋଧନ କରି ଆହୁରି ଉନ୍ନତ କରିବାରେ ସମର୍ଥ ହେଉଥିଲେ ।

**କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଉପେନ୍ଦ୍ରଙ୍କୁ କାବ୍ୟ ଲେଖିବାରେ ସାହାଯ୍ୟ କରୁଥିଲେ ।**

(ଉତ୍ସ: ଉପେନ୍ଦ୍ର ଭଞ୍ଜ, ରୀତିଯୁଗୀୟ କବି ଓ ଓଡ଼ିଶୀ ସଂଗୀତଜ୍ଞ, ଉଇକିପିଡ଼ିଆ, ୨୦୨୫) ।

**ଦୁଇଟି ବିବରଣୀ**

ଉପେନ୍ଦ୍ର ଭଞ୍ଜଙ୍କ ବିବାହ ସମ୍ବନ୍ଧରେ ଉପରୋକ୍ତ ଦୁଇଟି ବିବରଣୀ ମଧ୍ୟରେ ତାଳମେଳ ନାହିଁ । ତେଣୁ କେଉଁଟି ବିଶ୍ୱାସଯୋଗ୍ୟ, ତାହା ସମସ୍ୟାମୂଳକ । କିନ୍ତୁ ଯଦି ଧରି ନିଆଯାଏ ଯେ ଏହା କିଂବଦନ୍ତୀ, ତାହାହେଲେ ଏହା ଗ୍ରହଣୀୟ ହେବ । କାରଣ କିଂବଦନ୍ତୀ ହେଉଛି ଗୋଟିଏ ପୁରୁଣା କଥା, ଯାହା ଅଧେ ସତ ଓ ଅଧେ କଳ୍ପନା ଦ୍ୱାରା ମିଶ୍ରିତ । ଏପରିକି ଏହା ସଂପୂର୍ଣ୍ଣ କାଳ୍ପନିକ ହୋଇପାରେ । ସାଧାରଣତଃ ଏହା ଖ୍ୟାତି ସଂପନ୍ନ ବ୍ୟକ୍ତି ସହ ଯୋଡ଼ା ଯାଇଥାଏ । ତେଣୁ ସାହିତ୍ୟରେ ଏହାର ପ୍ରୟୋଗ ସମୟରେ ଯଥେଷ୍ଟ ଲେଖକୀୟ ସ୍ୱାଧୀନତା ପରିଲକ୍ଷିତ ହୋଇଥାଏ, ଯାହା ସହ ସ୍ରଷ୍ଟାର ଭାବାବେଗ ଜଡ଼ିତ, ଯଦିଚ ଏହା ପରୀକ୍ଷଣ ଦ୍ୱାରା ସିଦ୍ଧ କରିବା ଏକ ଦୁରୂହ ବ୍ୟାପାର । ତେଣୁ ବିଭିନ୍ନ ବ୍ୟକ୍ତିଙ୍କ ଉପସ୍ଥାପନା ଓ ବିବରଣୀରେ ଭିନ୍ନତା ପରିଲକ୍ଷିତ ହେବା ସ୍ୱାଭାବିକ ।

ଏହି ପୃଷ୍ଠଭୂମିରେ କୃଷ୍ଣଚନ୍ଦ୍ରଙ୍କ ନାଟକ ପ୍ରତି ଆଲୋକପାତ କରାଯାଇପାରେ । ସେଥିରେ ଲିପିବଦ୍ଧ ହୋଇଛି ଯେ ଉପେନ୍ଦ୍ର ଅନ୍ଧାରୀକୋଟ ବଣକୁ ଶିକାର ପାଇଁ ଯାଇଥିବା ଅବସରରେ ଗୋଟିଏ ନିର୍ଜନ ସ୍ଥାନରେ ଗଛରେ ଘୋଡ଼ା ବାନ୍ଧି ନିକଟସ୍ଥ ଅନ୍ୟ ଏକ ଗଛତଳେ ଧ୍ୟାନରେ ବସିଥିବା ବିଷୟ ଜଣେ ସର୍ଦ୍ଦାର ଦେଖିଥିଲେ । ପରେ ସର୍ଦ୍ଦାର ଦେଖିଲେ ଯେ ଉପେନ୍ଦ୍ର ସେଠାରେ ନଥିଲେ । କିନ୍ତୁ ଗୋଟିଏ ଯୁବକର ରକ୍ତ ଜୁଡୁବୁଡୁ କ୍ଷତବିକ୍ଷତ ଶରୀର ସେହି ସ୍ଥାନରେ ପଡ଼ିଥିଲା । ସର୍ଦ୍ଦାର ଏହି ଦୁଃସମ୍ବାଦ ଉପେନ୍ଦ୍ରଙ୍କ ଜେଜେ ରାଜା ଧନଞ୍ଜୟଙ୍କୁ ଦେଲେ । ରାଜା ଶୋକାକୁଳ ହୋଇ ବିଷଣ୍ଣ ହେଲେ । ଉପେନ୍ଦ୍ରଙ୍କ ପତ୍ନୀ ମାଳବିକା ଯେମିତି ଏହା ନ ଜାଣନ୍ତି, ସେଥିପାଇଁ ମନ୍ତ୍ରୀଙ୍କୁ ପରାମର୍ଶ ଦେଲେ । କିନ୍ତୁ ମାଳବିକା କୌଣସିମତେ ଏହି ମର୍ମନ୍ତୁଦ ଘଟଣା ଜାଣିବା ପରେପରେ ପ୍ରାଣତ୍ୟାଗ କଲେ । ପରେ ଜଣାପଡ଼ିଲା ଯେ, ସର୍ଦ୍ଦାରଙ୍କ ଖବର ମିଥ୍ୟା । ଉପେନ୍ଦ୍ର ସକୁଶଳେ ଫେରିବା ପରେ ପତ୍ନୀ ବିୟୋଗ ତାଙ୍କୁ ମର୍ମାହତ କଲା । ତେବେ ମାଳବିକାଙ୍କ ସ୍ମୃତି ତାଙ୍କ ଲେଖନୀକୁ କାବ୍ୟ ରସରେ ରସାଣିତ କଲା । ନାଟକର ସଂଳାପ ଅନୁଯାୟୀ:- ‘ମାଳବିକା ଆସିବେ ମୋ କାବ୍ୟମାନଙ୍କରେ, ମୋ ସଂଗୀତରେ, ମୋ ଚଉପଦୀ ଚଉତିଶାରେ, ପାଠକଙ୍କୁ ରସାନନ୍ଦରେ ବୁଡ଼ାଇବ - ମୋ’ କାବ୍ୟକୃତି ଧାରାରେ । ...... ମୁଁ ସିନା ପତ୍ନୀହରା ହେଲି, କିନ୍ତୁ ମୋ’ କାବ୍ୟରେ ଦମ୍ପତି ସୁଖ, ସମ୍ପତ୍ତି ଶ୍ରେଷ୍ଠ ସମ୍ପତ୍ତି ବୋଲି ବାର୍ତ୍ତା ଦେବି ।

ପତିପତ୍ନୀ ସଂପର୍କର ନିବିଡ଼, ପବିତ୍ର, ନିର୍ମଳ ଚିତ୍ରକୁ ପାଠକଙ୍କୁ ଉପହାର ଦେବି - ଆଗାମୀ ତରୁଣ ତରୁଣୀ ଯେପରି ସ୍ୱକୀୟାରେ ଅତୁଳ ସୁଖ ପାଇବେ, ପରକୀୟାକୁ ଘୃଣା କରିବେ ।’ (ପୃ-୧୦୮)

ଉପେନ୍ଦ୍ରଙ୍କ ଦାମ୍ପତ୍ୟ ସଂପର୍କରେ ଯଦି ଜଣେ କୌତୂହଳବଶତଃ ତୁଳନାତ୍ମକ ସମାନତା ଜାଣିବାକୁ ଚେଷ୍ଟା କରିବ, ସେ ନିଶ୍ଚିତ ଭାବେ ନିରାଶ ହେବ । ସାହିତ୍ୟ କୋଷ ଅନୁସାରେ: ପ୍ରଥମ ପତ୍ନୀ-ନୟାଗଡ଼ର, ଦ୍ୱିତୀୟ ପତ୍ନୀ - ବାଣପୁରର, (ବାଘ କିଂବଦନ୍ତୀ ନାହିଁ) । ନାମୋଲ୍ଲେଖ ନାହିଁ ।

କୃଷ୍ଣଚନ୍ଦ୍ର: ଏକମାତ୍ର ପତ୍ନୀ । ନାମ: ମାଳବିକା (ବାଘ ଦୁଃସମ୍ବାଦରେ ଦେହାନ୍ତ । ଉଇକିପିଡ଼ିଆ: ପ୍ରଥମ ପତ୍ନୀ : ନୟାଗଡ଼ (ନାମ: ଲାବଣ୍ୟବତୀ) (ବାଘ-ଦୁଃସମ୍ବାଦରେ ଜୀବନାବସାନ)

ଦ୍ୱିତୀୟ ପତ୍ନୀ : ଉପେନ୍ଦ୍ରଙ୍କ ଶାଳକ ପୁରୁଷୋତ୍ତମଙ୍କ ପତ୍ନୀ ଶୋଭାବତୀଙ୍କ ଭଗିନୀ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (ଅର୍ଥାତ୍ ଲାବଣ୍ୟବତୀଙ୍କ ସଂପର୍କୀୟା) ।

**ଉପେନ୍ଦ୍ରଙ୍କ ବିବାହକୁ ଭିତ୍ତିକରି ଯେମିତି ବହୁ ମତ ଓ ବିଭିନ୍ନ ରସାଣିତ କଥା ଉପସ୍ଥାପିତ ହୋଇଛି, ଏହା ଗ୍ରହଣ କରିବାକୁ ହୁଏତ ଜଣେ ବିଚଳିତ ହେବ ।**

ଉଇକିପିଡ଼ିଆରେ ଉପେନ୍ଦ୍ରଙ୍କ ଲାବଣ୍ୟବତୀ କାବ୍ୟ ବିଷୟରେ ରୋଚକ ତଥ୍ୟ (କିଂବଦନ୍ତୀ ?) ଉପଲବ୍ଧ । ଉପେନ୍ଦ୍ରଙ୍କ ପତ୍ନୀ (ପ୍ରଥମ) ଲାବଣ୍ୟବତୀଙ୍କର ଭାଇ ପୁରୁଷୋତ୍ତମ ଜଣେ ପ୍ରସିଦ୍ଧ କବି ଓ ଭାଉଜ ଶୋଭାବତୀ ଜଣେ ବିଦୂଷୀ ନାରୀ ଥିଲେ ।

## ଉପେନ୍ଦ୍ରଙ୍କ ବିବାହ

ଉପେନ୍ଦ୍ରଙ୍କ ବିବାହ ପ୍ରସଙ୍ଗ ପ୍ରତି ଦୃଷ୍ଟି ଦିଆଯାଉ । ସୁରେନ୍ଦ୍ର କୁମାର ମହାରଣାଙ୍କ ‘ଓଡ଼ିଆ ସାହିତ୍ୟର ଇତିହାସ’ରୁ ଜଣାଯାଏ ଯେ ଉପେନ୍ଦ୍ର ନୟାଗଡ଼ର ତତ୍କାଳୀନ ରାଜା ପୁରୁଷୋତ୍ତମ ସିଂହ ମାନଧାତାଙ୍କ କନ୍ୟାକୁ ପ୍ରଥମେ ବିବାହ କରିଥିଲେ । କିନ୍ତୁ କିଛିଦିନ ପରେ ପିତୃ ଏବଂ ପରେ ପରେ ପତ୍ନୀ ବିୟୋଗର ଯନ୍ତ୍ରଣା ଭୋଗିଥିଲେ । ପରବର୍ତ୍ତୀ ସମୟରେ ନିଜ ପରିବାରବର୍ଗଙ୍କ ପରାମର୍ଶକ୍ରମେ ବାଣପୁରର ରାଜା ଅଚ୍ୟୁତ ହରିଚନ୍ଦନ ରାୟଙ୍କ ଜ୍ୟେଷ୍ଠାକନ୍ୟାଙ୍କ ପାଣିଗ୍ରହଣ କରିଥିଲେ । କିନ୍ତୁ ଏହି ଦ୍ୱିତୀୟା ପତ୍ନୀଙ୍କ ମଧ୍ୟ ଅକାଳ ବିୟୋଗ ଘଟିଥିଲା । (ପୃଷ୍ଠା-୨୮୨) । କିନ୍ତୁ ଏହି ପ୍ରସଙ୍ଗରେ ବାଘ-ଖାଇବା କଥା ସେଥିରେ ଉଲ୍ଲେଖ ହୋଇନାହିଁ ।

ତେବେ ପ୍ରାୟ ସମସ୍ତ ସମୀକ୍ଷକଙ୍କ ମତ ଯେ ଉପେନ୍ଦ୍ରଙ୍କ ଦାମ୍ପତ୍ୟ ସୁଖ କମ୍ ଅବଧିର ଥିଲା । ତଥାପି ତାଙ୍କ କବିତ୍ୱର ଉତ୍ସ କେତେକାଂଶରେ ତାଙ୍କ ବୈବାହିକ ମିଳନ ଓ ବିଚ୍ଛେଦ ପରି ଘଟଣାରେ ନିବିଷ୍ଟ । ଅବଶ୍ୟ ସର୍ବୋପରି ଓଡ଼ଗାଁର ରଘୁନାଥଙ୍କ ପୀଠରେ ‘ରାମତାରକ’ ମନ୍ତ୍ର ଜପକରି ସେ ଅପୂର୍ବ କବିତ୍ୱ ଲାଭ କରିଥିଲେ ।

ଉପେନ୍ଦ୍ରଙ୍କ ବିବାହକୁ ଭିତ୍ତିକରି ଯେମିତି ବହୁ ମତ ଓ ବିଭିନ୍ନ ରସାଣିତ କଥା ଉପସ୍ଥାପିତ ହୋଇଛି, ଏହା ଗ୍ରହଣ କରିବାକୁ ହୁଏତ ଜଣେ ବିଚଳିତ ହେବ । କିନ୍ତୁ ମୂଳତଃ ଅଣଐତିହାସିକ ହୋଇଥିବାରୁ ଏହା ହିଁ ହେଉଛି କିଂବଦନ୍ତୀର ମୂଳପିଣ୍ଡ । ଏହି କାରଣରୁ ଉପେନ୍ଦ୍ରଙ୍କ ଦାମ୍ପତ୍ୟ ଜୀବନ କିଂବଦନ୍ତୀର ବଳିଷ୍ଠ ଲକ୍ଷଣ ଦ୍ୱାରା ଉତ୍ତମ ରୂପେ ପ୍ରତିଭାତ ହୋଇଛି । କିଂବଦନ୍ତୀର ସବୁ ଗୁଣ ଏଥିରେ ଅନ୍ତର୍ନିହିତ, ଯାହା ବୁକର୍ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ସଲମାନ ରୁଶଡି (ଜନ୍ମ: ୧୯୪୭, ଜନ୍ମସ୍ଥାନ: ବମ୍ବେ)ଙ୍କ ଉଦ୍ଧୃତିରେ ଦେଖିବାକୁ ମିଳେ । ‘ବେଳେ ବେଳେ କିଂବଦନ୍ତୀମାନେ ବାସ୍ତବ ରୂପ ନିଅନ୍ତି ଏବଂ ସତ୍ୟ ଅପେକ୍ଷା ଅଧିକ ଉପଯୋଗୀ ହୋଇଥାନ୍ତି ।’ ହୁଏତ ଉପେନ୍ଦ୍ରଙ୍କ ଅସାଧାରଣ କବିତ୍ୱର ଉତ୍ସ ଉଦ୍‌ଘାଟନ କରିବାକୁ ଏହି କିଂବଦନ୍ତୀମାନ ବଳିଷ୍ଠ ପ୍ରମାଣ ଦେବାରେ ଅଲୋଡ଼ା ବା ଗୌଣ ସାବ୍ୟସ୍ତ ହେବେନାହିଁ ।

କିଂବଦନ୍ତୀ ‘ବିପଦ’ ନୁହେଁ । ଯଦି କୌଣସି କାରଣରୁ କେଉଁ ଏକ ବିଷୟକୁ ନେଇ କେହି ଏହାକୁ ବିପଜ୍ଜନକ ବୋଲି ଭାବେ, ତେବେ ତାହା ହେବ ଏମିତି ଏକ ବିପଦ, ଯାହାର ଗୁଣ ଆଶ୍ଚର୍ଯ୍ୟଜନକ ହେବ । ଯଥା: ଅନଳ ହୋଇ ଦେହ ଦହିବ ନାହିଁ, ଅସ୍ତ୍ର ହୋଇ ମରମ ଭେଦିବ ନାହିଁ, ଜଳ ହୋଇ କୂଳ ବୁଡ଼ାଇବ ନାହିଁ, ମାଦକ ହୋଇ ବିହ୍ୱଳ କରିବ ନାହିଁ, ବନଶୀ ହୋଇ ମନ-ମୀନ ଆକର୍ଷିବ ନାହିଁ !

□□

ଲେଖକଙ୍କ ଇ-ମେଲ ଠିକଣା:
nikhilanand.panigrahy@gmail.com




ଅନୁବାଦ

# ମର୍ଣ୍ଣିଙ୍ଗ୍ ୱାକ୍

ମୂଳ ହିନ୍ଦୀ- ମୁହମ୍ମଦ ନସୀରୁଦ୍ଦିନ ଅନୁବାଦ- ଅଶୋକ କୁମାର ସା



ମୁଁ ସକାଳୁ ଉଠି ପ୍ରତିଦିନ ପାର୍କକୁ ମର୍ଣ୍ଣିଙ୍ଗ୍ ୱାକ୍ ଚାଲିଯାଏ । ଅନ୍ୟଲୋକେ ବି ଯାଆନ୍ତି । ଗଛଲତା, ଫୁଲରେ ଭରା ପାର୍କ ଆଉ କିଚିରିମିଚିରି ଚଢ଼େଇର ମଧୁର ସ୍ୱର, ଗଛରେ ଦଉଡୁଥିବା, ଗୁଣ୍ଡୁଚି, ଏଣ୍ଡୁଅ ତଥା ଫୁଲରେ ଘୂରୁଥିବା ପ୍ରଜାପତି ଓ ଭଅଁର ଆଖିକୁ ଶୀତଳ କରୁଥିବା ସବୁଜିମା, ପ୍ରକୃତି-ଶୋଭାର ପ୍ରତୀକ ଥିଲା ସେହି ପାର୍କଟି । ସେ ଭିତରେ ଥିଲା 'ୱକିଙ୍ଗ୍ ଟ୍ରେକ୍' - ତା' ଉପରେ ଲୋକେ ଚାଲନ୍ତି ଆଉ ଥକିଯାଇଥିବା ଲୋକଙ୍କ ବସିବା ପାଇଁ ସିମେଣ୍ଟବେଞ୍ଚର ପ୍ରାବଧାନ ରହିଛି । ସହର ଭିତରେ ଥାଇ ବି ସେ ପାର୍କ ଶୀତଳ ପବନ ଦେଇଥାଏ । ବାହାରୁ ଦେଖୁଥିବା ଲୋକଙ୍କୁ ପାର୍କ ଭିତରକୁ ଆସିବା ପାଇଁ ଆକର୍ଷିତ କରିଥାଏ ।



ମୋର ସେ ପାର୍କରେ ଚଲାବୁଲା କରିବା ୧୦ ବର୍ଷ ପୂରା ହୋଇଗଲାଣି । ସମୟ କିପରି ଚାଲିଯାଇଛି ଜଣାପଡ଼ିଲାନାହିଁ । ଯେତେବେଳେ ମୁଁ ପ୍ରଥମଥର ଏ ସହରକୁ ବଦଳି ହୋଇ ଆସିଥିଲି, ମୋତେ ଏ ସହର ଆଉ ଏ ଜାଗାର ଲୋକେ ନୂଆ ଲାଗୁଥିଲେ । ଧୀରେ ଧୀରେ ଏ ସହର ଆଉ ଏଠାକାର ଲୋକଙ୍କ ସହିତ ମୋର ପରିଚୟ ବଢ଼ି ଚାଲିଲା ।

ପ୍ରତିଦିନ ପରି ଆଜି ବି ସକାଳେ ୱାକିଙ୍ଗ୍ ପାଇଁ ପାର୍କକୁ ଆସିଗଲି । ପୁଣି ମୁଁ ୱାକିଙ୍ଗ୍ ଟ୍ରେକ୍‌ରେ ଚାରି ରାଉଣ୍ଡ୍ ଚାଲିଲି । ଗୋଟିଏ ଗୋଟିଏ ରାଉଣ୍ଡ୍ ଅଧା କିଲୋମିଟର୍ । ୩୦ ମିନିଟର ଚାରି ରାଉଣ୍ଡ୍ ଅର୍ଥାତ୍ ଦୁଇ କିଲୋମିଟର । ପୁଣି ମୁଁ ବସିବାକୁ ବେଂଚ ପାଖକୁ ଗଲି । ସେ ବେଂଚ୍‌ରେ ଆଗରୁ ଜଣେ ଯୁବତୀ ବସି ରହିଥଲା । ସେ ମୋତେ ଦେଖି ଧୀରେ ହସିଲା । ମୁଁ ପଚାରିଲି, 'କ'ଣ ମୁଁ ବସିପାରେ ? ସେ ଝିଅଟି ହଁ ଜବାବରେ ମୁଣ୍ଡ ହଲାଇଲା । ପୁଣି ମୁଁ ସେ ଯୁବତୀକୁ ଧନ୍ୟବାଦ ଦେଇ ବେଂଚ୍‌ରେ ବସିଗଲି ଆଉ ବିଚାର କରିବାକୁ ଲାଗିଲି ଯେ, ଏ ଝିଅଟି ନିଜ ପତି ସହିତ ଆସିଥିବ । ଆଉ ତା'ର ପତି ୱାକିଙ୍ଗ୍ କରୁଥିବ । ପୁଣି ମୁଁ ତା ଆଡ଼କୁ ଚାହିଁ ହସି ହସି ପଚାରିଲି, 'କ'ଣ ଆପଣଙ୍କ ପତି ୱାକିଙ୍ଗ୍ କରୁଛନ୍ତି ?'

ସେ କହିଲା, 'ନା... ।'

'ତାହେଲେ ଆପଣ କାହା ସାଥିରେ ଆସିଛନ୍ତି ।' ମୁଁ ପ୍ରଶ୍ନକଲି । ସେ ହସି ହସି କହିଲା.'ସାର୍‌ଙ୍କ ସାଥିରେ ।'

'କେଉଁଠି ଅଛନ୍ତି ଆପଣଙ୍କ ସାର୍... ?'

'ମର୍ଣ୍ଣିଙ୍ଗ୍ ୱାକ୍ କରୁଛନ୍ତି ।'

'ଆପଣ କରିବେ ନାହିଁ ?'

'ନା... ।'

ଯୁବତୀ ଝିଅ ଆଡ଼କୁ ଚାହିଁ ମୁଁ ଅନୁମାନ କଲି, ମୋତେ ଲାଗିଲା ଝିଅର ବୟସ ୩୦ ବର୍ଷ, ଉଚ୍ଚତା ୫'.୫", ସାଲୱାର୍ ସୁଟ୍‌ରେ ସେ ଅତି ସୁନ୍ଦର ଦେଖାଯାଉଥିଲା । ଆଖିରେ ପ୍ରେମ ଭାବନା, ଲାଲ ଓଠରେ ହସ, ଗୋରାଗୋରା ଗାଲ, ଠିଆ ଚେହେରା, କଳା ଆଉ ଘନ କେଶରେ ସେ ଆକର୍ଷକ ଦେଖାଯାଉଥିଲା । ପୁଣି ମୁଁ କଥା ଆଗକୁ ବଢ଼ାଇ କହିଲି 'ଆପଣ କେଉଁଠି ରହୁଛନ୍ତି ?'

ସେ କହିଲା, 'ସାଇନ୍ସ ସିଟିରେ ।'

'ସେଠାରେ କେଉଁ କାମ କରନ୍ତି ?'

'ରିସର୍ଚ୍ଚ'

'କ'ଣ ହେଷ୍ଟେଲରେ ରହନ୍ତି ?'

'ନା'

'ତା'ହେଲେ ପତିଙ୍କ ସହିତ ନା ମାତାପିତାଙ୍କ ସହିତ ?'

'ନା', ନିଜ 'ସାର୍'ଙ୍କ ସହିତ, ଯିଏ ମୋତେ ଜନ୍ମ

ଦେଇଛନ୍ତି । ସେ ହସିବାକୁ ଲାଗିଲା । ତା' ହସରେ ଏକ ଅଦ୍ଭୁତ ମଧୁରତା ରହିଥିଲା । ତାହା ତା' ଓଠରେ, ଗାଲରେ ସ୍ପଷ୍ଟ ଦେଖାଯାଉଥିଲା । ପୁଣି ମୁଁ ଆଶ୍ଚର୍ଯ୍ୟ ପ୍ରକଟକରି କହିଲି, 'ଜନ୍ମ ଦେଇଥିବା ପିତାଙ୍କୁ 'ସାର୍' କାହିଁକି କହ, ସେ ତ ତୁମର ପିତା ।'

ଯୁବତୀଟି କହିଲା, 'ନା ସାର୍, ସେ ମୋର ସାର୍...।'

ମାମଲାଟା କ'ଣ ମୋତେ ବୁଝାପଡ଼ିଲା ନାହିଁ । ସେ ଝିଅଟି ତା' ପିତାଙ୍କୁ କାହିଁକି ସାର୍ କହୁଛି । ମୁଁ କିଛି ସମୟ ବିଚାରରେ ବୁଡ଼ିଗଲି । ପୁଣି ଭାବିଲି ଛାଡ଼ ସେ ବିଷୟକୁ, ଆଗକୁ ଅନ୍ୟ କଥା ହେବା । ସେ ଝିଅ ଆଡ଼କୁ ଚାହିଁ ମୁଁ ପୁଣି ପଚାରିଲି, 'ଚାଲ ବାହାର କେଣ୍ଟିନ୍‌କୁ ଚା' ପିଇ ଆସିବା । ସେ ଝିଅ ପୁଣି ହସି କହିଲା, 'ନା' ।

'କ'ଣ ତୁମେ ଲାଜ କରୁଛ, କି ଡରୁଛ ? ମୁଁ ପୁଣି ପଚାରିଲି ।

'ନା, ମୁଁ ଲାଜ କରୁଛି, ନା, ମୁଁ ଡରୁଛି ।'

'କ'ଣ ତୁମକୁ ଭୋକ ଲାଗିନାହିଁ ?'

'ନା, ମୋତେ ଭୋକ ଲାଗୁନାହିଁ, ନା' ମୋତେ ଶୋଷ ।'

ଝିଅର ଏ ଜବାବରେ ମୁଁ ଆହୁରି ଆଶ୍ଚର୍ଯ୍ୟ ହୋଇଗଲି । ପୁଣି ମୁଁ ପଚାରିଲି- 'ତୁମ ନାମ କଣ ?'

'ସୁନୀତା'

'ବହୁତ ସୁନ୍ଦର ନାମ । ଆପଣଙ୍କ ପିତାମାତା ଭଲ ନାଆଁ ରଖିଛନ୍ତି ।'.

'ନା, ସାର୍ ମୋର ନାଆଁ ରଖିଛନ୍ତି ।'

ପୁଣି ମୁଁ ହସି ହସି କଥା ଆଗକୁ ବଢ଼ାଇଲି ।, 'ସୁନୀତା, ଆପଣ କେତେ ଯାଏ ପାଠ ପଢିଛନ୍ତି ?'

ମୋର ପଚାରିବାର ଅର୍ଥ ହେଲା, 'ଆପଣଙ୍କର ଏଜୁକେସନାଲ୍ କ୍ୱାଲିଫିକେଶନ୍ 'କ'ଣ ?'

ସେ ହସିଦେଲା ଗୋଟିଏ ଛୋଟ ବାଳିକା ପରି । ତା'ର ହସକୁ ୱାକିଙ୍ଗ୍ ଟ୍ରେକରେ ଚାଲୁଥିବା ଲୋକେ ବି ନିଜର ମଥା ଘୂରାଇ ଦେଖୁଥିଲେ ଆଉ ଶୁଣୁଥିଲେ । ପୁଣି ନିଜ ହସ ରୋକି ସୁନୀତା କହିଲା । 'ମୁଁ ପାଠପଢ଼ି ନାହିଁ । 'ଏବେ ମୁଁ ଗୋଟିଏ ବର୍ଷର ଝିଅ' । ଏକଥା ଶୁଣି ମୁଁ ହତପ୍ରଭ ହୋଇଗଲି । ମୋର ମନରେ ଅନେକ ବିଚାର ଆସିଲା । ଏ ଝିଅ ପାଗଳୀ ତ ନୁହେଁ । ଝିଅଟି 'ଡିମେଂସିଆ' ପୀଡ଼ିତ ତ ନୁହେଁ ? ଝିଅକୁ 'ଆଲଜିମର୍' ଆରମ୍ଭ ହୋଇନାହିଁ ତ ? କିମ୍ବା କୌଣସି ଏକ୍ସିଡେଣ୍ଟ ହୋଇଥିବା କାରଣରୁ ନିଜ ସ୍ମରଣ ଶକ୍ତି ହରାଇ ବସିଛି । ଏପରି ଅନେକ ପ୍ରଶ୍ନ ମୋର ମନକୁ ଘାରିବାକୁ ଲାଗିଲା । ପୁଣି ମୁଁ ସେ ଝିଅ ଆଡ଼କୁ ବାରମ୍ବାର ଦେଖିବାକୁ ଲାଗିଲି । ସୁନୀତା ମୋର ମନର ପ୍ରଶ୍ନକୁ ବୁଝି ହସିବାକୁ ଲାଗିଲା । ପୁଣି କହିବାକୁ ଲାଗିଲା, 'ମୋର ସାର୍ ମୋତେ ଜନ୍ମ ଦେବାପରେ ମୋର ଏକ ବର୍ଷ ପୂରା ହୋଇଯାଇଛି । ଏବେ ମୁଁ ସାଇନ୍ସ ସିଟିରେ ଖଗୋଳ ଶାସ୍ତ୍ର ଉପରେ ଅଧ୍ୟୟନ କରୁଅଛି ।'

ଏହା ଶୁଣି, ମୋତେ ବିଶ୍ୱାସ ହୋଇଗଲା ଯେ ଏ ଝିଅ ନିଜର ସ୍ମରଣ ଶକ୍ତି ହରାଇଛି । କେଉଁ ସ୍ଥାନରୁ ବାଟଭୁଲି ଏଠାକୁ ଆସିଯାଇଛି । ପୁଣି ବିଚାର କରିବାକୁ ଲାଗିଲି ଏ ଝିଅ ବାବଦରେ କାହାକୁ ଜଣାଇବା କିମ୍ବା ପୋଲିସକୁ ସୂଚିତ କରିଦେବା କଥା, ଯାହା ଫଳରେ ଏହାକୁ ତା' ଘର ପରିବାର ପାଖକୁ ଠିକ୍ ଭାବରେ ପହଞ୍ଚାଇ ଦିଆଯାଇପାରିବ । ଏଣେ ମୁଁ ସୁନୀତା ସହ କଥା ହେଉଛି, ଆଉ ତେଣେ ୱାକିଙ୍ଗ ଟ୍ରେକ୍‌ରୁ ଲୋକେ ବୁଲି ବୁଲି ଦେଖୁଛନ୍ତି । କେତେକ ଯୁବକ ତା' ସମୀପକୁ ଆସିବାକୁ ପ୍ରୟତ୍ନ କରୁଥିଲେ । ମୋତେ ଦେଖି, ତା'ର ପିତା ମନେକରି ଚୁପ୍‌ଚାପ୍ ଚାଲି ଯାଉଥିଲେ । ମୋତେ କିଛି ଦୂରରୁ ଜଣେ ଲୋକ ଦେଖାଯାଉଥିଲା, ଯିଏକି ମୋର ଆଉ ସୁନୀତାର ମଧ୍ୟରେ ହେଉଥିବା କଥାଦୃଶ୍ୟକୁ 'ଭିଡ଼ିଓଗ୍ରାଫି' କରୁଥିଲା । ସାମନାରେ ଜଣେ ଲୋକ ବି ମୋର ଓ ସୁନୀତାର ଉପରେ ନଜର ରଖୁଥିଲା । ମୁଁ ଭାବିଲି, ଏ ଝିଅକୁ ଏକୁଟିଆ ଛାଡ଼ିଦେବା ଆଦୌ ବିପଦ ମୁକ୍ତ ନୁହେଁ । ମୁଁ ମୋବାଇଲ୍‌ରେ ପୋଲିସକୁ ସନ୍ଦେଶ ପଠାଇଦେଲି । କିଛି ହିଁ ଡେରିରେ ପୋଲିସର ଗାଡ଼ି ପାର୍କ ସାମନାରେ ଆସି ଠିଆହୋଇଗଲା । ସେଥିରୁ ତିନି ଜଣ ମହିଳା ପୋଲିସ କର୍ମୀ ଆଉ ଜଣେ ପୋଲିସ ଅଧିକାରୀ ଓହ୍ଲାଇ ଆସିଲେ ।

**ମୋତେ ବିଶ୍ୱାସ ହୋଇଗଲା ଯେ ଏ ଝିଅ ନିଜର ସ୍ମରଣ ଶକ୍ତି ହରାଇଛି । କେଉଁ ସ୍ଥାନରୁ ବାଟଭୁଲି ଏଠାକୁ ଆସିଯାଇଛି ।**

ସେ ପୋଲିସବାଲା ପାର୍କ ଭିତରକୁ ପ୍ରବେଶ କରି ସିଧା ମୋ' ପାଖକୁ ଆସି ଠିଆ ହେଲେ, ଯେଉଁ ସ୍ଥାନରେ ମୁଁ ବସିଥିଲି । ଏ ସ୍ଥାନର ଲୋକେଶନ୍ ମୁଁ ପଠାଇଥିଲି । ସେମାନଙ୍କ

ଆସିବାପରେ ମୁଁ ଠିଆହେଲି ଆଉ ପୋଲିସ ଅଧିକାରୀଙ୍କୁ ପୂରା ମାମଲା ଜଣାଇଦେଲି । ଅଧିକାରୀ ସୁନୀତା ସମୀପକୁ ଆସି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରି ଚାଲିଥିଲେ । ସୁନୀତା ସେ ଅଧିକାରୀଙ୍କୁ ଜବାବ୍ ଦେଇ ଚାଲିଥିଲା । ଆଉ ୱାକିଙ୍ଗ୍ ଟ୍ରେକ୍‌ରେ ଚାଲୁଥିବା କିଛି ବ୍ୟକ୍ତି ତମାସା ଦେଖିବାକୁ ଆସି ଜମାହୋଇଗଲେ । ପୋଲିସ ଅଧିକାରୀ ଆଉ ଅଧିକ ଅଧିକ ପ୍ରଶ୍ନ ପଚାରିବାରେ ଲାଗିଥିଲେ । ଝିଅ ସୁନୀତା ଜବାବ ଦେଉ ଦେଉ ବସିଥିବା ବେଂଚରେ ପଡ଼ିଗଲା । ଏହା ଦେଖି ପୋଲିସ ଅଧିକାରୀ ଘାବରେଇ ଗଲେ ।

ସେ ଲୋକଙ୍କ ଭିତରୁ କେହି ପାଟିକରି ଡାକ ଦେଲେ, 'ଏଠି କିଏ ଡାକ୍ତର ଅଛନ୍ତି ?' ଆସନ୍ତୁ । ୱାକିଙ୍ଗ୍ ଟ୍ରେକ୍‌ରେ ଜଣେ ଡାକ୍ତର ଏ ଡାକରା ଶୁଣି ସେଠାରେ ଆସି ପହଞ୍ଚିଗଲେ । ସେ ସୁନୀତାର ହାତ ଧରି ନାଡ଼ି ଚେକ୍‌କଲେ । ନାଡ଼ିର ଗତି ସାଇଲେଣ୍ଟ ଥିଲା । ପୁଣି ସେ ନାକ ପାଖରେ ଅଙ୍ଗୁଳି ରଖି ଶ୍ୱାସ ଚେକ୍‌କଲେ । ତା ବି ବନ୍ଦଥିଲା । ଡାକ୍ତର ମହାଶୟ କହିଦେଲେ, 'ସି ଇଜ୍ ଡେଡ୍'।

ଏହା ଶୁଣି ସେଠାରେ ଥିବା ସମସ୍ତଙ୍କର ହୋସ୍ ଉଡ଼ିଗଲା । ସେମାନେ ଘାବରେଇ ଗଲେ । ଆମେ ଆଶଙ୍କାର ଘେରରେ ରହିଲୁ । ପୋଲିସ ଅଧିକାରୀଙ୍କ ହୋସ୍ ଉଡ଼ିଗଲା । ତାଙ୍କ ମଥାରୁ ଝାଳ ବାହାରି ଆସିଲା । ଏଣେ ମୁଁ ବି ଘାବରେଇ ଗଲି । ଆମେ ଡରିଗଲୁ । ମୋର ବି ଝାଳ ବାହାରି ଆସଲା । କାହିଁକି ନା ମୁଁ ହିଁ ପୋଲିସ୍‌କୁ ସୂଚନାଦେଇ ଏ ସ୍ଥାନକୁ ଡକାଇଥିଲି । ମୋତେ ଭାରି ଦୁଃଖ ଲାଗିଲା । ମୋ' ଆଖିରୁ ଲୁହ ବାହାରି ଆସିଲା । ଆଉ ମୁଁ ସୁନୀତା ଆଡ଼କୁ ଚାହିଁ ବିଚାର କରିବାକୁ ଲାଗିଲି । ଏତେବେଳ ଯାଏ ମୋ' ସାଥୀରେ କଥା ହେଉଥିଲା । ଏ ସୁନ୍ଦରୀ ଝିଅ ଅଚାନକ କେମିତି ମରିଯାଇପାରେ । ମୋ' ମନରେ ଅନେକ ପ୍ରଶ୍ନ ଉଠିବାକୁ ଲାଗିଲା ।

କିଛି ସମୟ ପରେ ପାଂଚଜଣ ଭିଡ଼କୁ ହଟାଇ ସୁନୀତା ସମୀପକୁ ଆସିଲେ । ଚାରିଜଣ ହୃଷ୍ଟ ପୁଷ୍ଟ ଥିଲେ । ସେମାନେ ଜମା ହୋଇଥିବା ଲୋକଙ୍କୁ ଚାଲି ଯିବାକୁ କହିଲେ । ତାଙ୍କ ଭିତରେ ଜଣେ ବୟସ୍କ ବ୍ୟକ୍ତି ଥିଲେ । ସେ ଜଣେ ବୈଜ୍ଞାନିକ ପରି ଦେଖାଯାଉଥଲେ । ସେ ପୋଲିସ ଅଧିକାରୀଙ୍କ ସହ କିଛି ସିକ୍ରେଟ୍ କଥା ହେଉଥଲେ । ମୁଁ ଏକା ଠିଆହୋଇ ସବୁକିଛି ଦେଖୁଥିଲି । ସେମାନେ ମୋତେ ସେଠାରୁ ଯିବାକୁ କହିଲେ ନାହିଁ । ସେ ବୟସ୍କ ଲୋକଟି ମୋ' ସମୀପକୁ ଆସି ମୋତେ ଧନ୍ୟବାଦ ଦେବାକୁ ଲାଗିଲା ।

ମୁଁ ପଚାରିଲି, ସାର୍ ଆପଣ କାହିଁକି ମୋତେ ଧନ୍ୟବାଦ ଦେଉଛନ୍ତି । ବୟସ୍କ ଲୋକଟି କହିଲା, 'ଆପଣ ଏତେ ସମୟ ଏ ଝିଅଟି ସହିତ କଥା ହେଉଥିଲେ । ଏଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି ।' 'ଝିଅର ଦେହାନ୍ତ ହେଲା, ଅଥଚ ଆପଣ ମୋର ପ୍ରଶଂସା କରୁଛନ୍ତି ?' ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି । ସେ କହିଲେ, 'ଝିଅଟି ମରିନାହିଁ ।' ଏ ବାକ୍ୟଟି ଜଣେ ବୟସ୍କ ଲୋକଠାରୁ ଶୁଣି ମୋର୍ ହୋସ୍ ଉଡ଼ିଗଲା । ତାହେଲେ ମାମଲାଟା କ'ଣ ? ! ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲି । ପୁଣି ସେ ବୟସ୍କ ବ୍ୟକ୍ତି ଜଣକ ନିଜର ପରିଚୟ ଦେଇ ମୋତେ କହିଲେ, 'ମୁଁ ସାଇନ୍‌ଟିଷ୍ଟ୍ ରାଜନ୍ । ସୁନୀତା କୌଣସି ଜୀବନ୍ତ ଝିଅ ନୁହେଁ । ସେ ଗୋଟିଏ ଆର୍ଟିଫିସିଏଲ୍ ଇଣ୍ଟେଲିଜେନସ୍ (ଏ.ଆଇ.) ରବୋ ।'

**ପୋଲିସ ଅଧିକାରୀଙ୍କ ହୋସ୍ ଉଡ଼ିଗଲା । ତାଙ୍କ ମଥାରୁ ଝାଳ ବାହାରି ଆସିଲା । ଏଣେ ମୁଁ ବି ଘାବରେଇ ଗଲି ।**

ଏହା ଶୁଣି ମୁଁ ହତବାକ୍ ହୋଇଗଲି । ମୁଁ ପୁଣି ଚକିତ ଆଖିରେ ସୁନୀତା ଆଡ଼କୁ ଚାହିଁ ରହିଲି । ସେଠାରେ ଥିବା ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ହୃଷ୍ଟପୁଷ୍ଟ ବ୍ୟକ୍ତି ବାହାରକୁ ଚାଲିଗଲେ । ସେଠାରେ ତାଙ୍କର କାର୍ ଠିଆହୋଇଥିଲା । କାର୍ ପଛରୁ ଡିକ୍କି ଖୋଲି ସେମାନେ ଗୋଟିଏ ବାକ୍ସ ବାହାର କଲେ । ଆଉ ସିଧା ସୁନୀତା ସମୀପକୁ ଆସିଲେ । ବାକ୍ସ ଖୋଲି ଜଣେ ଚାର୍ଜର୍ ବାହାର କଲା ଆଉ ସେ ସୁନୀତାକୁ ଚାର୍ଜ କରିବା ଆରମ୍ଭକଲା । ଚାର୍ଜ ହେବାପରେ ସୁନୀତା ଉଠି ବସିଲା । ତା' ଚେହେରାରେ ପୁଣି ସ୍ମିତହସ ଦେଖାଗଲା । ସେ ମୋତେ ଦେଖି ଅଳପ ହସୁଥିଲା । ମୁଁ ବି ହସମୁଖର ହୋଇ ତା' ଆଡ଼କୁ ଚାହିଁ ରହିଲି ।

ଏଣେ ସାଇନ୍‌ଟିଷ୍ଟ୍ ରାଜନ୍ ମୋ' କାନ୍ଧରେ ତାଙ୍କ ଡାହାଣ ହାତ ସ୍ପର୍ଶକରି କହିଲେ, 'ମିଷ୍ଟର୍ ଆପଣ ନିଜର ନାମ ଓ ପରିଚୟ ଦେଇପାରିବେ ?' 'ହଁ, କାହିଁକି ନୁହେଁ ?' 'କହୁ କହୁ ମୁଁ ନିଜ ନାମ 'ଅଶୋକ' ବୋଲି ଜଣାଇଲି ଓ ନିଜର ପରିଚୟ ବି ତାଙ୍କୁ ଦେଲି । ରାଜନ୍ ସାହେବ ମୋର

ନାମରେ ସମ୍ବୋଧନ କରି କହିଲେ, 'ଅଶୋକ ଜୀ' ! ସୁନୀତା ନାମର ଏ 'ରବୋ'କୁ ପାର୍କକୁ ଆଣି ବସାଇ ରଖିବା ଏକ 'ରିସର୍ଚ୍ଚ' ଥିଲା । ଆମେ ଜାଣିବାକୁ ଚାହୁଁଥିଲୁ, ଏ ରବୋ ଝିଅକୁ ଦେଖି ଲୋକଙ୍କ ହାବଭାବ କେମିତି କ'ଣ ହେବ ? ଆଉ ଲୋକଙ୍କ ସହିତ ରବୋର ହାବଭାବ ପ୍ରତିକ୍ରିୟା କେମିତି କ'ଣ ରହିବ ? ଏ କେମିତି କଥା କହିବ, ଆଉ ଲୋକେ କେମିତି କଥା କହିବେ, ତାକୁ କି ପ୍ରକାର ବ୍ୟବହାର ଦେଖାଇବେ । ଆମେ ରିସର୍ଚ୍ଚକରି ଚାଲିଥିଲୁ । ପୁଣି ରାଜନ୍ କହିଲେ, ଅଶୋକ ଜୀ, ଆପଣଙ୍କୁ ଧନ୍ୟବାଦ । ଆପଣ ଏ.ଆଇ ରବୋକୁ ଝିଅଟିଏ ମନେକରି ଯାହା ସବୁ କଥା ହେଲେ

**ଆପଣ ଏହି ଏ.ଆଇ. ରବୋକୁ ଝିଅଟିଏ ମନେକରି ଯାହା ସବୁ କଥା ହେଲେ ତାହା ଆମେ ରେକର୍ଡ କରିଛୁ ।**

ତାହା ଆମେ ରେକର୍ଡ କରିଛୁ । ଆଜି ଆମର 'ଅପରେସନ୍' ସକ୍‌ସେସ୍ ହୋଇଗଲା । ଆପଣଙ୍କୁ ଆଉ ଥରେ ଧନ୍ୟବାଦ ଦେଉଛି । ଏହା କହି ସାଇଣ୍ଟିଷ୍ଟ ରାଜନ୍‌ର ରିସର୍ଚ୍ଚ ଟିମ୍ ସୁନୀତା ନାମ୍ନୀ (ଏ.ଆଇ) ରବୋକୁ ନେଇ ଯିବାକୁ ବସିଲେ ।

ଯାଉ ଯାଉ ସୁନୀତା ମୋ' ଆଡ଼କୁ ଚାହିଁ ହାତ ହଲାଇ ହସି ଚାଲିଗଲା । ମୋତେ ଲାଗୁଥିଲା,ଏହା କୌଣସି ରବୋ ନୁହେଁ, ଜୀବନ୍ତ ଝିଅ ଚାଲି ଯାଉଛି, ମୋ' ଆଗରେ ମୋ' ପାଖରୁ ।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashoksa057@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ଯେକୌଣସି ସଂଖ୍ୟାରେ ଗୋଟିଏ କିମ୍ବା ଦୁଇଟି ମାତ୍ର କବିତା ପ୍ରକାଶ ପାଏ। କବିତାରେ ଆତ୍ମମୁଖୀ, ଅର୍ଥାତ୍ 'ମୁଁ' କିମ୍ବା 'ମୋର' ଭଳି ପ୍ରଥମ ପୁରୁଷ ଏକବଚନଯୁକ୍ତ ଶବ୍ଦ ଥିଲେ ତାହା ପ୍ରକାଶ ପାଏନାହିଁ।

୪. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୫. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୬. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୭. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୮. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୯. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।


୧୦. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୧. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୨. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୩. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୪. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।



# ଓଡ଼ିଆ ସାହିତ୍ୟରେ ବିବର୍ତ୍ତିତ ନାରୀର ସ୍ୱର

ପ୍ରବନ୍ଧ

ଗୀତାରାଣୀ ବିଶୋୟୀ


'ଯତ୍ର ନାର୍ଯ୍ୟସ୍ତୁପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ ।'

ଅର୍ଥାତ୍, ଯେଉଁଠାରେ ନାରୀମାନେ ପୂଜା ପାଆନ୍ତି, ସେଠାରେ ଦେବତାମାନେ ବାସ କରିଥାନ୍ତି । ନାରୀ, ସେ କେତେବେଳେ ଜାୟା, କେତେବେଳେ ଭଗିନୀ ପୁଣି କେତେବେଳେ ସଂହାରକାରିଣୀ । କେଉଁ ଆବହମାନ କାଳରୁ ପ୍ରମାଣିତ ହୋଇସାରିଛି ଯେ ଯେବେ ଯେବେ ଧରା ଉପରେ ବିପଦର କଳା ବାଦଲ ଘନେଇ ଆସେ ସେତେବେଳେ ନାରୀରୂପୀ ବଜ୍ର ସେ ବାଦଲକୁ ସଂହାର କରି ପୃଥିବୀର ମଙ୍ଗଳ ସାଧନ କରିଥାଏ। ଅତଏବ, ସମାଜରେ ନାରୀର ଗୁରୁତ୍ୱ ରହିଥିଲା, ରହିଛି ଏବଂ ଆଗକୁ ମଧ୍ୟ ରହିଥିବ।

"ଲିଟରେଚର୍ ଇଜ୍ ଦି ମିରର୍ ଅଫ୍ ସୋସାଇଟି ।" ସାହିତ୍ୟ ହେଉଛି ସମାଜର ଦର୍ପଣ ସଦୃଶ । ସମାଜର ପ୍ରତ୍ୟେକଟି ଦୁଃଖ-ସୁଖ, ଦୈନ୍ୟ ପ୍ରତିଫଳିତ ହୋଇଥାଏ ସାହିତ୍ୟରେ। ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ନାରୀମାନଙ୍କ ସ୍ୱାଧିକାର ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉନଥିଲେ ସୁଦ୍ଧା ଏହାର ପରବର୍ତ୍ତୀ କାଳରେ ନାରୀ ତା' ମହତ୍ୱକୁ ବୁଝିଛି ଏବଂ ଆମର ଲେଖକମାନେ ମଧ୍ୟ ନାରୀ ମନରେ ଥିବା ଅକୁହା କଥାଗୁଡ଼ିକ ତଥା ଯନ୍ତ୍ରଣାବୋଧ, ସ୍ୱାଭିମାନ ପ୍ରତି ନିଜ ଲେଖା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଛନ୍ତି । ଯେଉଁ ନାରୀ ଦିନେ ଲାଞ୍ଛନା, ଅପମାନ, ଅତ୍ୟାଚାର ଓ ଶୋଷଣର ବଶବର୍ତ୍ତୀ ହୋଇ ପୁରୁଷ ପ୍ରଧାନ ସମାଜରେ ନିଜର ଅସ୍ତିତ୍ୱକୁ ବଜାୟ ରଖିନପାରି ଚାରିକାନ୍ଥ ଘେରା କୋଠରି ଏବଂ ହାତେ ଓଢ଼ଣା ମଧ୍ୟରେ ଅସୂର୍ଯ୍ୟଂପଶ୍ୟା ପରି ରହୁଥିଲା, ସେହି ନାରୀ ଆଜି ସମାଜର ମାନଚିତ୍ରରୂପୀ ତା'ର ଜୀବନଶୈଳୀ ପରିବର୍ତ୍ତନ ହେବା ସହ ପୁରୁଷମାନଙ୍କଠାରୁ ଢେର ଆଗରେ । ସେହି ପରିବର୍ତ୍ତନ ଧାରା ଆମ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ।

ଯଦି ଆମ୍ଭେ ପ୍ରାଚୀନ ସାହିତ୍ୟ କଥା ଆଲୋଚନା କରିବା ତେବେ ସେହିଠାରୁ ଲକ୍ଷ୍ୟ କରିପାରିବା ନାରୀମାନେ କିପରି ନିର୍ଭରଶୀଳ ଥିଲେ । 'କଳସା ଚଉତିଶା'ରେ ବଚ୍ଛା ଦାସ ଉଲ୍ଲେଖ କରିଛନ୍ତି -

'କହନ୍ତି କାମିନୀ ଶୁଣ ହେମନ୍ତ ଦୁଲଣୀ
କାହୁଁ ବରେ ବରିଲେ ତୁମ୍ଭର ପିତାମଣି'
(କଳସା ଚଉତିଶା - ବଚ୍ଛା ଦାସ)


କଳସା ଚଉତିଶା
ବଚ୍ଛା ଦାସ
କହନ୍ତି କାମିନି ଶୁଣ ହେମନ୍ତଦୂଳଣି,
କାହ୍ନୁଁ ବରେ ବରିଲେ ତୁମ୍ଭର ପିତାମଣି ।
ଗୁଣ ମୂଳ ଗୋତ୍ର ଆଦ ନାହିଁ ଜାଣ ତା'ର
କନକ କେଶରେ ବୁଢ଼ା ବସିଛୁ ମଧ୍ୟର । ।

ଏଠାରେ ଆମେ ଲକ୍ଷ୍ୟ କରିପାରିବା ଯେ ସେ ସମୟରେ ଝିଅମାନଙ୍କ ପାଇଁ ନିଜ ଯୋଗ୍ୟତର ବର ଚୟନର ଅଧିକାର ନଥିଲା । ସେମାନଙ୍କ ଉପରେ ଜୋର୍‌ଜବରଦସ୍ତ ଗୁରୁଜନଙ୍କ କଥାକୁ ଗ୍ରହଣ କରିବାର ଚାପ ଥିଲା ଏବଂ ସେମାନେ ସେଥିପାଇଁ ବାଧ୍ୟ ହୋଇପଡୁଥିଲେ। କିନ୍ତୁ ଆଧୁନିକ ଯୁଗ ଆସିବା ଫଳରେ ଧ୍ୱଂସ ପରବର୍ତ୍ତୀ ପୃଥିବୀରେ ଏକ ନୂତନ ବାର୍ତ୍ତା ପ୍ରତିଫଳିତ ହୋଇଛି। ନାରୀମାନେ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ହୋଇପଡ଼ିଛନ୍ତି । ଏହାର ଫଳସ୍ୱରୂପ ଆମେ ସଚ୍ଚି ରାଉତରାୟଙ୍କ 'ପ୍ରତିମା ନାୟକ' କବିତାରେ ଲକ୍ଷ୍ୟ କରିପାରିବା -

'ହଠାତ୍ ଯେ ଦେଖାହେଲା ବହୁଦିନେ ପ୍ରତିମା ନାୟକ
ମୁଖ ତାର ବ୍ରଣଦୁଷ୍ଟ ହାତରେ ତା ଚମଡ଼ାର ବ୍ୟାଗ୍
ଶୀର୍ଣ୍ଣ ସାଧା ଗାଲେ ଫୁଟେ ବ୍ୟର୍ଥତାର ଅକପଟ ଦାଗ ।
ତନୁ ତା'ର ରୋଗଜୀର୍ଣ୍ଣ, ବ୍ରଣେ ତା'ର ମ୍ଳାନ ମୁହଁଯାକ,
ଶ୍ଳଥ ରଜ୍ଜୁ ଦେହ-ଶିଖା ଢଙ୍କିଅଛି ଖାକିର ପୋଷାକ
ଜାପାନୀ କାଗଜ ଫୁଲ ପରି ଦେହେ ବୟସର ଧୂଳି,
ପଚାରିଲି - 'ଭଲଅଛ ? ' କଂଠେ ମୋର ବିଷଣ୍ଣ ଗୋଧୂଳି।'

(ପ୍ରତିମା ନାୟକ - ସଚ୍ଚି ରାଉତରାୟ )

**ଅଗଣିତ ପ୍ରତିମା**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୃଥିବୀର ଅଭିଶପ୍ତ ଅବସ୍ଥା ଭିତରେ ଅସହାୟ ମଣିଷର ଚିତ୍ର - ପ୍ରତିମା ନାୟକମାନଙ୍କ ଭିତରେ କବି ଅଗଣିତ ପ୍ରତିମା ଦେଖିଛନ୍ତି । ପ୍ରତିମା ନାୟକ ଜଣେ ନୁହେଁ, ଅଗଣିତ ପ୍ରତିମା ନାୟକଙ୍କର ପ୍ରତିନିଧି । ପ୍ରତିମା ନାୟକମାନେ ଯୁଦ୍ଧୋତ୍ତର ପୃଥିବୀରେ ବଞ୍ଚିବା ପାଇଁ ଅହରହ ଜୀବନ ସଂଗ୍ରାମରେ ରତ । ବହୁଦିନ ପରେ କବିଙ୍କର ହଠାତ୍ ଦେଖାହୋଇଛି ପ୍ରତିମା ନାୟକଙ୍କ ସହିତ । ଏ ପ୍ରତିମା ନାୟକ ଯୁଦ୍ଧ ପୂର୍ବର ପ୍ରତିମା ନାୟକ ନୁହେଁ । ସେ ରୂପସୀ ତରୁଣୀର ହାଡୁଆ ମୁହଁ, ବ୍ରଣପୂର୍ଣ୍ଣ ଗାଲ ଓ ରୋଗଣା ଚେହେରା ଭିତରେ କବି ଖୋଜୁଛନ୍ତି ସେଦିନର ପ୍ରତିମା ନାୟକଙ୍କୁ । ଯାହାର ଆଖିରେ ଥିଲା ଅସୁମାରିସ୍ୱପ୍ନ । ପ୍ରେମ, ପ୍ରଣୟର ରକ୍ତିମ ଆଭା ଗାଲରେ ଚହଟି ଉଠୁଥିଲା । କିନ୍ତୁ, ଆଜି ତା'ର ଏ କି ଅବସ୍ଥା ? ତା' ନାରୀତ୍ୱର ସକଳ କୋମଳତା ଓ ମାତୃତ୍ୱର ସକଳ ସହଜାତ ସମ୍ଭାବନା ସମୟର ପ୍ରତିଘାତରେ ବିପର୍ଯ୍ୟସ୍ତ । ସତେଯେପରି ସେ ଯୁଦ୍ଧ ପରବର୍ତ୍ତୀ ସମୟର ଏକ ଉଚ୍ଛିଷ୍ଟ ବିଶେଷ ।


'ଯାଜ୍ଞସେନୀ' ଉପନ୍ୟାସ ଲେଖିଛନ୍ତି ପ୍ରତିଭା ରାୟ । ସେ ଦ୍ରୌପଦୀଙ୍କ ଦୈନ୍ୟ ଅବସ୍ଥାର ସୂଚନା ଦେବା ଏ ଉପନ୍ୟାସର ଅନ୍ୟ ଏକ ଲକ୍ଷଣୀୟ ଦିଗ । ପୁରୁଷ ପ୍ରଧାନ ସମାଜରେ ନାରୀ ନିର୍ଯ୍ୟାତିତା, ଅବହେଳିତା । ତା'ର ଆତ୍ମସମ୍ମାନ ଓ ସ୍ୱାଧିକାର ରକ୍ଷାର ପ୍ରୟୋଜନୀୟତା ଏ ସମାଜ କେବେ ହେଲେ ଅନୁଭବ କରେନାହିଁ । ତେଣୁ ପଞ୍ଚସ୍ୱାମୀ ଓ ଗୁରୁସ୍ଥାନୀୟ ବରିଷ୍ଠ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଦ୍ରୌପଦୀଙ୍କ ବସ୍ତ୍ରହରଣ କରାଯାଏ । କୁଳବଧୂର ନିର୍ଯାତନା ଏମାନଙ୍କୁ ଲଜ୍ଜା ଦିଏ ନାହିଁ । କିନ୍ତୁ ଯାଜ୍ଞସେନୀ ନୀରବରେ ତାହାକୁ ମୁଣ୍ଡପାତି ସହ୍ୟ କରିନାହାନ୍ତି । ନାରୀ ବସୁଧା ପରି ସହନଶୀଳା ଜାଣି ମଧ୍ୟ ସେ ସତୀ ସୀତାଙ୍କ ପରି ମା' ବସୁଧାଙ୍କର ବିଦୀର୍ଣ୍ଣ ବକ୍ଷରେ ସ୍ଥାନ ପାଇବା ପାଇଁ ପ୍ରାର୍ଥନା କରିନାହାନ୍ତି । ସେ ଯାଚଜ୍ଞା କରିଥିଲେ ଅବା ପ୍ରାର୍ଥନା କରିଥିଲେ ତାଙ୍କ ପ୍ରାର୍ଥନା ଅନ୍ୟଥା ହୋଇନଥାନ୍ତା । କିନ୍ତୁ, ଲେଖିକା ତାଙ୍କୁ ପ୍ରତିକ୍ରିୟାଶୀଳ ଏକ ଚରିତ୍ର ଭାବରେ ଚିତ୍ରଣ କରିଥିବାରୁ ଯାଜ୍ଞସେନୀ ଚିନ୍ତା କରିଛନ୍ତି, ଏହାଦ୍ୱାରା ନାରୀର ଲଜ୍ଜା ନିବାରଣ ହୋଇପାରେ, ମାତ୍ର ତାହା କ'ଣ ଆଗାମୀ ନାରୀ ସମାଜର କାମ୍ୟ ? ସହିଷ୍ଣୁତା ନାରୀର ଭୂଷଣ ହେଲେ ହେଁ ଅନ୍ୟାୟକୁ ମୁଣ୍ଡପାତି ସହ୍ୟ କରିବା ନାରୀର ଧର୍ମ ନୁହେଁ । ଧରାପୃଷ୍ଠରେ ତାଙ୍କର ଆବିର୍ଭାବ ଧର୍ମରକ୍ଷା ପାଇଁ । ସେ ଯଦି ବସୁଧା ଗର୍ଭରେ ଲୀନ ହୋଇଯାଆନ୍ତି ତେବେ ତାଙ୍କର ଏହି ମହତ୍ ଉଦ୍ଦେଶ୍ୟଟି ସାଧିତ ହୋଇପାରିବ ନାହିଁ । ମାନବ ସମାଜର ବିପୁଳ କ୍ଷତି ହେବ । ସେ ଗୁରୁଜନମାନଙ୍କୁ ଦୃଢ଼ତାର ସହ ପ୍ରଶ୍ନ କରିଛନ୍ତି ମୁଁ ଏଠାରେ କାହାର ଦୟା ଭିକ୍ଷା କରୁନାହିଁ । ମୁଁ ନ୍ୟାୟ ଭିକ୍ଷା କରୁଛି । ନାରୀର ସମ୍ମାନରକ୍ଷା ରାଜାର ଧର୍ମ । ନିଜ ବଂଶର କୁଳବଧୂକୁ ସଭାସ୍ଥଳରେ ଅମର୍ଯ୍ୟାଦା କରିବା କ'ଣ କୁରୁରାଜାର ଧର୍ମ ? ମୁଁ ଜାଣିବାକୁ ଚାହେଁ ମୋର ସ୍ୱାମୀ ନିଜକୁ ହାରି ସାରିବା ପରେ ମୋତେ ପଣ ରଖିବା ନ୍ୟାୟ ସଂଗତ କି ? ଲେଖିକା ଯାଜ୍ଞସେନୀଙ୍କୁ ନ୍ୟାୟନିଷ୍ଠା, ନିର୍ଭୀକା ଓ ସ୍ୱାଭିମାନୀ କରି ଗଢ଼ିବାରେ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି ।

**ସହିଷ୍ଣୁତା ନାରୀର ଭୂଷଣ ହେଲେ ହେଁ ଅନ୍ୟାୟକୁ ମୁଣ୍ଡପାତି ସହ୍ୟ କରିବା ନାରୀର ଧର୍ମ ନୁହେଁ ।**

ଆଧୁନିକ ସାହିତ୍ୟ ଜଗତରେ ପ୍ରସିଦ୍ଧି ଅର୍ଜନ କରିଥିବା ଅନ୍ୟତମ ଲେଖିକା ହେଉଛନ୍ତି ବୀଣାପାଣି ମହାନ୍ତି । ଅଶୀ ପରବର୍ତ୍ତୀ ସମୟରେ ନାରୀମାନଙ୍କର ଅଧିକାରକୁ ନେଇ ସେ ଲେଖନୀ ଚାଳନା କରିଛନ୍ତି । ଶିକ୍ଷା ନାରୀ ପାଇଁ ଏକାନ୍ତ ଜରୁରି ଓ ଶିକ୍ଷାରୁ ମିଳୁଥିବା ସଚେତନତା ହିଁ ନାରୀ ମୁକ୍ତି ପାଇଁ ବାଟ ଫିଟାଇବାର ଏକମାତ୍ର ପନ୍ଥା ବୋଲି ଲେଖିକାଙ୍କର ବିଶ୍ୱାସ । ସେଥିପାଇଁ ତାଙ୍କ ରଚନାର ଅଧିକାଂଶ ନାରୀଚରିତ୍ର ହୋଇଥାନ୍ତି ଶିକ୍ଷିତା କିମ୍ବା ଶିକ୍ଷା ପାଇଁ ଇଚ୍ଛୁକ ଏବଂ ସ୍ୱର ଉତ୍ତୋଳନକାରୀ । ତାଙ୍କର 'କୁନ୍ତୀକୁନ୍ତଳା ଶକୁନ୍ତଳା' ଉପନ୍ୟାସଟି ପ୍ରକାଶ ପାଏ ୧୯୮୯ ମସିହାରେ । ଏହା ପୁରୁଷପ୍ରଧାନ ସମାଜରେ ନାରୀର ଦୁଃସହ ଯନ୍ତ୍ରଣା ତଥା ତା'ର ଚଳନ୍ତି ସମସ୍ୟାକୁ ନେଇ ଆଧାରିତ । କୁନ୍ତୀରୁ କୁନ୍ତଳା ପୁଣି ଶକୁନ୍ତଳା ଭାବରେ ଜୀବନର ବିଭିନ୍ନ ମୋଡ଼ଦେଇ ଗତି କଲାବେଳେ ଉପନ୍ୟାସର ନାୟିକା କୁନ୍ତୀ, ରାଧୁ ମହାଜନ, ମନୁଆ ଭଳି ପୁରୁଷମାନଙ୍କ ଦ୍ୱାରା ନିର୍ଯାତିତା ହୋଇଛି । ତା'କୁ ନୂଆ ଜୀବନ ଦେଇଥିବା ସୁମିତ୍ରା ଦେବୀଙ୍କ ବିଦେଶ ଫେରନ୍ତା ପୁଅ ସତ୍ୟବ୍ରତ ଓରଫ ଲାଲଟୁ ଦ୍ୱାରା ଧର୍ଷିତା ହୋଇଛି । କିନ୍ତୁ

ପରିଶେଷରେ ସମସ୍ତଙ୍କୁ ଉଚିତ୍ ଶାସ୍ତି ଦେବାରେ ସଫଳ ହୋଇଛି । ଲାଲ୍‌ଟୁକୁ ହତ୍ୟାକରି କୁନ୍ତୀ ପାଇଛି ମୁକ୍ତିର ମାର୍ଗ । କ୍ଳାନ୍ତ ଅବସନ୍ନ ହୋଇ କୁନ୍ତୀ ଯେତେବେଳେ ଆମ୍ବଗଛ ମୂଳରେ ବସିପଡ଼ିଛି ଓ ଉଠିପାରିନି, ସେତେବେଳେ ତା' ସଂପର୍କରେ ଲେଖିକା କହନ୍ତି – 'କୁନ୍ତୀ ତ ଉଠିପାରିବନି । ତା'ର ଦେହ ଯେ ତିନୋଟି ଶବ ଏକା ସାଙ୍ଗରେ ବୋହି କ୍ଳାନ୍ତ ହୋଇପଡ଼ିଛି ! କିଏ ଆସି ସେମାନଙ୍କୁ ତା' କାନ୍ଧରୁ ଉଠାଇ ନେଲେ ସିନା ସେ ତଳକୁ ଯିବ, ବାଟ ଚାଲିବ, କଥା କହିବ ! ଏବେ ତା' ଆଖିପତା ଗଭୀର କ୍ଳାନ୍ତିରେ ମୁଦି ହୋଇଯାଇଛି ! କିଏ ଜାଣେ କେତେବେଳେ କ୍ଳାନ୍ତି ତା'ର ତୁଟିବ ଆଉ ସେ ଉଠିପଡ଼ିବ ।' (୧)

## ଚର୍ଚ୍ଚିତ ଚେହେରା




ନାରୀବାଦ ଓ ନାରୀବାଦୀ କଥା ସାହିତ୍ୟରେ ଜଣେ ଚର୍ଚ୍ଚିତ ଚେହେରା ହେଲେ ସରୋଜିନୀ ସାହୁ । ତାଙ୍କ ଦ୍ୱାରା ୨୦୦୬ରେ ପ୍ରକାଶିତ ଏକ ଲୋକପ୍ରିୟ ଉପନ୍ୟାସ ହେଲା – 'ଗମ୍ଭୀରି ଘର' । 'ଗମ୍ଭୀରି ଘର' ଇଂରାଜୀରେ ଅନୁଦିତ 'ଦି ଡାର୍କ ଏବୋଡ୍' ନାମରେ । ସରୋଜିନୀ ସାହୁ କହନ୍ତି– 'ନାରୀବାଦ ମୋ' ପାଇଁ ଗୋଟେ ସ୍ଲୋଗାନ୍ ନୁହେଁ, ଗୋଟେ ଅନୁଭବ। କୌଣସି ବାଦ ସୃଷ୍ଟି କରିବା ପାଇଁ ବା ପକ୍ଷଭୁକ୍ତ ହେବା ଉଦ୍ଦେଶ୍ୟ ନେଇ ମୁଁ କେବେ କଲମ ଚଳେଇ ନାହିଁ । ମୋ' ଅଲକ୍ଷ୍ୟରେ ଏସବୁ ଅବଲୀଳା କ୍ରମେ ମୋ' ଗଳ୍ପ, ଉପନ୍ୟାସରେ ଉତୁରି ଆସିଛି।' (୨) ମାନବୀୟ ଆବେଦନ, ସମ୍ବେଦନଶୀଳତା, ଅନ୍ତର୍ଦର୍ଶନ ଦ୍ୱାରା ଋଦ୍ଧିମନ୍ତ ହୋଇଥିବା ଲେଖିକାଙ୍କ ଉପନ୍ୟାସ 'ଗମ୍ଭୀରି ଘର' । ନାୟିକା କୁକି ତା'ର ମନର ନିବୁଜ କୋଠରୀରେ ଏକା ଏକା ନିଃସଂକୋଚରେ ନିର୍ବସ୍ତ୍ର ହୁଏ । ଅନ୍ତର୍ମନର ଆଇନାରେ ନିଜକୁ ଦେଖେ । ନିଜେ ନିଜର ପାପ – ପୁଣ୍ୟର ନୀରବ ଦର୍ଶକ ସାଜେ। କୁକିର ଗୋଟେପଟେ ସ୍ୱାମୀ ଓ ଅନ୍ୟପଟେ ପ୍ରେମିକ ସଫିକ୍ (ବହିର୍ଦ୍ଦେଶୀୟ ପ୍ରେମିକ)। ଉପନ୍ୟାସଟିରେ ବ୍ୟକ୍ତିମାନଙ୍କର ନିଃସଙ୍ଗତାର କଥା ରହିଛି । ଲେଖିକାଙ୍କ ଭାଷାରେ, 'ମଣିଷ ଏମିତି ହିଁ, କୌଣସି ପରିସ୍ଥିତିରେ ଖୁସି ହୋଇପାରେନା, ନା ଦୁଧ ଭାତରେ ନା ମାଂସ ଭାତରେ, ନା ଜହ୍ନରେ ନା ପାଣି ଭିତର ଉଆସରେ । ସବୁବେଳେ ଗୋଟେ ଅପ୍ରାପ୍ତି ଘାରି ରଖିଥାଏ ମନକୁ ।' (୩)

ଯେଉଁ ନାରୀ ଦିନେ ପରମ୍ପରାର ଚାରିକାନ୍ଥ ଭିତରେ ଆବଦ୍ଧ ରହୁଥିଲା ସେ ଆଜି, ପାପ-ପୁଣ୍ୟ ଭିତରେ ନିବୁଜ କୋଠରୀରେ ନିଜକୁ ଖୋଜେ, ଯେଉଁଠି ଦେହରୁ ଊର୍ଦ୍ଧ୍ୱକୁ ଉଠିପାରିଛନ୍ତି କୁକି ଓ ସଫିକ୍ । ନ ଦେଖି ମଧ୍ୟ ସେମାନେ ଭଲପାଇ ପାରିଛନ୍ତି ପରସ୍ପରକୁ । ଦେହ ସେମାନଙ୍କ ନିକଟରେ ମୂଲ୍ୟହୀନ ହୋଇପଡ଼ିଛି ।

ଜୀବନରେ ସଫଳତାର ପାହାଚ ସବୁ ଅତିକ୍ରମ କରୁଥିବାବେଳେ ନାରୀ ଜୀବନର ଯେଉଁ ସବୁ ବାଧା ଓ ସମସ୍ୟାର ସମ୍ମୁଖୀନ ହୋଇଥାଏ ଏବଂ ସାହସର ସହିତ ସେହି ସମସ୍ତ ସମସ୍ୟାକୁ ଲଘିଯିବାର ପ୍ରୟାସ କରିଥାଏ, ସେ ସମସ୍ତର ମାର୍ମିକ ପରିପ୍ରକାଶ ରହିଛି ସୁସ୍ମିତା ବାଗଚୀଙ୍କ 'ସ୍ରୋତପର୍ଣ୍ଣା' ଉପନ୍ୟାସରେ। ଲେଖିକା ତାଙ୍କର ଉପନ୍ୟାସ ରଚନା ସଂପର୍କରେ କହନ୍ତି, 'କାହାଣୀର ପାଦେ ପାଦେ ଆଗେଇ ଯିବାବେଳେ ଚରିତ୍ରମାନେ ଆବିର୍ଭୂତ ହୁଅନ୍ତି । ଏଇ ଚରିତ୍ରମାନଙ୍କୁ ସୁନ୍ଦର ଭାବ ପରିସ୍ଫୁଟ କରିବା ପାଇଁ ମୁଁ ଚେଷ୍ଟା କରେ, କିନ୍ତୁ ବିନା କାରଣରେ କାହାକୁ ଅଧିକ ଗୁରୁତ୍ୱ ଦେବାର ପକ୍ଷପାତୀ ମୁଁ ନୁହଁ। ତେବେ ମୁଁ ନାରୀ । ପୁରୁଷ ଅପେକ୍ଷା ନାରୀର ଭାବନା, ଚିନ୍ତାଧାରା, ଅନ୍ତର୍ଦ୍ୱନ୍ଦ୍ୱକୁ ମୁଁ ଅଧିକ ଉପଲବ୍ଧି କରିପାରେ।' (୪)

'ସ୍ରୋତପର୍ଣ୍ଣା' ଉପନ୍ୟାସରେ ଅନେକ ନାରୀଚରିତ୍ର ମଧ୍ୟରେ ମୁଖ୍ୟ ନାରୀଚରିତ୍ର ଅନୁପମା ହୋଇଥିଲେ ମଧ୍ୟ ଅନ୍ୟ ଗୌଣ ଚରିତ୍ର ମଧ୍ୟ ଦେଇ ସମାଜରେ ନାରୀର ଯେଉଁ ଅବସ୍ଥା ରହିଛି ତାହା ଅତି ନିଖୁଣ ଭାବରେ ଫୁଟି ଉଠିଛି । ଏହି ଉପନ୍ୟାସରେ ପୁରୁଷର ଦୃଷ୍ଟିଭଙ୍ଗୀକୁ ନେଇ ସ୍ଥାନେ ସେ ପ୍ରଶ୍ନ କରିଛି – 'ଏଠି ଗୋଟେ ଆଇନ୍ ପୁରୁଷମାନଙ୍କ ପାଇଁ ଆଉ

ଗୋଟେ ଆଇନ୍ ଆମ ଝିଅମାନଙ୍କ ପାଇଁ? କାହିଁକି ଦି' ରକମର ଆଇନ୍ ?' ଏହି ନାରୀସ୍ରଷ୍ଟାଙ୍କର ବ୍ୟକ୍ତିତ୍ୱର ଛାପ ତାଙ୍କ ଉପନ୍ୟାସରେ ନାରୀର ଚରିତ୍ର ଅବତାରଣା ଓ ମନୋବିଶ୍ଳେଷଣ ଜରିଆରେ ପ୍ରତିଫଳିତ ହୋଇଛି ।

ସାଂପ୍ରତିକ କବିତା ଜଗତରେ ନାରୀ ସ୍ୱାଭିମାନର ତଥା ଅଧିକାରର ସ୍ୱର ବହନ କରୁଥିବା କବି ହେଲେ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର । ନାରୀର ଭାଗ୍ୟ ନାରୀ ନିଜେ ଲେଖିପାରେ ବୋଲି ସେ ସ୍ୱୀକାରୋକ୍ତି ବାଢ଼ନ୍ତି । ତାଙ୍କ କବିତା ଭିତରେ ଅଗ୍ନିର ସ୍ଫୁଲିଙ୍ଗ ତଥା ନୀରବ ବିଦ୍ରୋହ ଉକୁଟି ଉଠେ ।

**ଅଥର୍ବ ପୃଥିବୀ**

ଶୁଭସ୍ମିତା ମିଶ୍ରଙ୍କ 'ପୃଥିବୀର ଦେହ' କବିତାରେ ଆଲୁଅ, ଅନ୍ଧକାର ଖେଳ ଭିତର ଦେଇ ଅଥର୍ବ ପୃଥିବୀର ଦେହକୁ ପ୍ରତୀକାତ୍ମକ ଭାବେ ପ୍ରୟୋଗ କରିଛନ୍ତି । ମିଥ୍‌ର ପୁନର୍ବିନ୍ୟାସ ଦେଇ ଗଢ଼ିଛନ୍ତି ସାଂପ୍ରତିକ ସମସ୍ୟାର ସୌଧ । ସମସ୍ତେ ଆଲୁଅ ଖୋଜିବା ବେଳେ ଜାଣିପାରନ୍ତିନି ଯେ କେତେବେଳେ ଭାଗ୍ୟ ଓଲଟା ଖେଳ ଖେଳେ । ପୃଥିବୀ ଅନ୍ଧାରର ଭାଗ୍ୟକୁ ଆଦରି ନେଇ ପ୍ରେମ କରିବା ପାଇଁ ସୂର୍ଯ୍ୟଙ୍କୁ ଖୋଜେ, ସେତେବେଳେ ସୂର୍ଯ୍ୟ ଆଉ ଏକ ପୃଥିବୀର ମୋହରେ ଆଚ୍ଛନ୍ନ ହୋଇପଡ଼ନ୍ତି । ଗୋଡ଼ାନ୍ତି ଚନ୍ଦ୍ରଭାଗା ପଛରେ, ଋଷିକନ୍ୟା ଓ କୁନ୍ତୀଙ୍କ ଶୈଶବର ଆମନ୍ତ୍ରଣରେ । ଆଲୁଅର ଲୋଭରେ ପ୍ରଭାକର ମଧ ଧାବମାନ ହୁଅନ୍ତି । ଉକ୍ତ କବିତାରେ ନାରୀମାନଙ୍କର ଯୁଗ ଯୁଗର ଯନ୍ତ୍ରଣା, ଦାସତ୍ୱ, ପାଦରେ ଭିଡ଼ୁଥିବା ଶିକୁଳି, ଆଖିରେ ଅନ୍ଧପୁଟୁଳି ବାନ୍ଧି ଆଲୋକର ମୋହକୁ ପଥରୁଦ୍ଧ କରାଯାଉଛି ବୋଲି ବର୍ଣ୍ଣନା କରିଛନ୍ତି ।

> 'ମୁଁ ମନାକରି ଦେଲି, ଗୃହପାଳିତ ପଶୁ ନୁହେଁ ଯେ
> ପ୍ରଭୁତାର ଖାତିରରେ
> ଅମାନବିକତା, ଅପଶବ୍ଦ କି ଅତ୍ୟାଚାରକୁ
> ଆଗ୍ରହରେ ମୁଣ୍ଡ ପୋତି ଦେବି !'
> (ପୃଥିବୀର ଦେହ)

ନାରୀ ସ୍ୱରରୁ ବିବର୍ତ୍ତିତ ନାରୀର ସ୍ୱର ପାଲଟିବା ନିମନ୍ତେ ଯେଉଁ ମୁକ୍ତି ଲୋଡ଼ି ହୁଏ ସେହି ଲୋଡ଼ିବାପଣକୁ ମୁଠେଇ ଧରି ରଖିବା ପାଇଁ ପୁରୁଷତନ୍ତ୍ରର ଜଳାବାଟକୁ ରୁଦ୍ଧକରି ନିଜର ସ୍ୱାଧିକାର ପ୍ରତି ସଚେତନ ତଥା ଯୁଗଯୁଗର କାରାଗାରରେ ବନ୍ଦିନୀ ଥିବା ବନ୍ଦିନୀମାନଙ୍କୁ ମୁକ୍ତି ଦେବାପାଇଁ ଯା'ଠୁ ବଡ଼ ପ୍ରେରଣା କ'ଣ ହୋଇପାରେ?

ପରିଶେଷରେ, ଆମ ସାହିତ୍ୟରେ ନାରୀସ୍ୱରମାନ ପ୍ରାଚୀନରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିବର୍ତ୍ତନ ଧାରାରେ ପ୍ରବହମାନ ହୋଇ ବିବର୍ତ୍ତିତ ନାରୀର ସ୍ୱର ପାଲଟିଛି । ସେ ଆଉ ଲାଞ୍ଛିତା, ଅପମାନିତା କି ଜଡ଼ ନୁହେଁ, ସେ ଆଜି ତା'ର ସ୍ୱାଧିକାର ନିମନ୍ତେ ଯୋଜନଯୋଜନ ବ୍ୟାପୀ ଅତୀତର ବନ୍ଧକୁ ଭଗ୍ନ କରିବାରେ ମଧ ଚେଷ୍ଟିତା । ସେ ବିବର୍ତ୍ତିତ ହେଉଥାଉ, ସ୍ୱରକୁ ଦୃଢ଼ କରୁଥାଉ, ସମାଜର ପ୍ରତ୍ୟେକଟି ସ୍ତରରେ ନିଜ ସ୍ୱାଧିକାରକୁ ବଜାୟ ରଖିଥାଉ । ଏହି ସ୍ୱର କେବଳ ନାରୀ ସମାଜର ନୁହେଁ, ସାହିତ୍ୟରେ ମଧ ଏହା ରୂପାୟିତ ହେଉଥାଉ ।

**ଆମ ସାହିତ୍ୟରେ ନାରୀସ୍ୱରମାନ ପ୍ରାଚୀନରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିବର୍ତ୍ତନ ଧାରାରେ ପ୍ରବହମାନ ହୋଇ ବିବର୍ତ୍ତିତ ନାରୀର ସ୍ୱର ପାଲଟିଛି ।**

**ପ୍ରାନ୍ତଟୀକା**

୧) ମହାନ୍ତି, ବୀଣାପାଣି: କୁନ୍ତୀକୁନ୍ତଳା ଶକୁନ୍ତଳା, ୨୦୦୧, ପୃ- ୩୦୨ ।

୨) ସାହୁ, ସରୋଜିନୀ: ମୋ ଦୃଷ୍ଟିରେ ନାରୀବାଦ, ସାମ୍ନା , ଫେମିନିଜମ୍ ବିଶେଷାଙ୍କ, ଅକ୍ଟୋବର ୨୦୧୦, ପୃ- ୨୭୩ - ୭୪ ।

୩) ସାହୁ, ସରୋଜିନୀ: ଗମ୍ଭୀରି ଘର, ଟାଇମ୍ ପାସ ପବ୍ଲିକେଶନ୍ , ୧ମ ପ୍ରକାଶନ ୨୦୦୬ ।

୪) ବାଗଚୀ, ସୁସ୍ମିତା : ସ୍ରୋତପର୍ଣ୍ଣା , ୨୦୦୦, ପୃ- ୨୫୧

**ସହାୟକ ପୁସ୍ତକ ସୂଚୀ: -**

୧) ମହାନ୍ତି, ବୀଣାପାଣି : ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ପ୍ରଥମ ପ୍ରକାଶନ ୧୯୮୯ ।

୨) ରାଉତରାୟ, ଡ. ସଚ୍ଚିଦାନନ୍ଦ: ପାଣ୍ଡୁଲିପି , ଗ୍ରନ୍ଥମନ୍ଦିର, କଟକ, ୧୯୪୭ ଓ

୩) ରାୟ, ପ୍ରତିଭା : ଯାଜ୍ଞସେନୀ, ଆଦ୍ୟା ପ୍ରକାଶନୀ, ତୁଳସୀପୁର, କଟକ, ପ୍ରଥମ ପ୍ରକାଶନ, ୧୯୮୫ ।

□□

ଲେଖିକାଙ୍କ ଇ-ମେଲ ଠିକଣା:
geetaranibisoyi77@gmail.com


ଗଳ୍ପ



# ମାଟିର ମାୟା

ନିର୍ମଳ କୁମାର

ସଞ୍ଜ ନଇଁଲେ ଗାଁ ମୁଣ୍ଡ ବରଗଛର ଛାଇଟା ଯେମିତି ଲମ୍ବିଯାଏ, କୁମାରର ଛାତି ଭିତରଟା ସେମିତି କେଉଁ ଏକ ଅଜଣା ଭୟରେ ସଙ୍କୁଚିତ ହୋଇଯାଏ । ବାହାଘରକୁ ମାତ୍ର ମାସେ ହୋଇଛି । ଘରର ଚାରିକାନ୍ଥ ଭିତରେ ଏବେ ବି ନୂଆ ଶାଢ଼ିର ବାସ୍ନା ଆଉ ଚୁଡ଼ିର ଝଙ୍କାର ଭରି ରହିଛି । କିନ୍ତୁ ସେଇ ଝଙ୍କାର ଭିତରେ କେଉଁଠି ଗୋଟେ ଅସମାହିତ ପ୍ରଶ୍ନର ଗୁଞ୍ଜରଣ ଶୁଭୁଛି । କୁମାର ତା'ର ଝରକା ପାଖରେ ଠିଆ ହୋଇ ଦୂରକୁ ଚାହିଁଥିଲା । ଅନ୍ଧାର ଭିତରେ ଗାଁର ସେଇ ସରୁ ରାସ୍ତାଟା ଦେଖାଯାଉଥିଲା, ଯେଉଁ ରାସ୍ତାରେ ମାତ୍ର ତିନି କିଲୋମିଟର ଗଲେ ତା'ର ଅଫିସ । ସବୁକିଛି ତ ପାଖରେ, ହାତ ପାହାନ୍ତାରେ । ହେଲେ ମନଟା କାହିଁକି ଏତେ ଦୂରକୁ ଘୋଷାରି ହୋଇଯାଉଛି ?



ନିଶା ଆସି ପଛରେ ଠିଆ ହେଲା। ତା' ଆଖିରେ ସହରର ସେଇ ଚିକ୍କଣ ରାସ୍ତା, ଉଚ୍ଚ କୋଠା ଆଉ ମଲ୍‌ର ଆଲୁଅ ନାଚୁଛି। ସେ ଧୀରେ କରି କହିଲା, 'ଏଇଠି କେତେ ଦିନ? ସହରରେ ଗୋଟେ ଘର ଭଡ଼ା ନେଇଗଲେ ଆମର ନିଜସ୍ୱ ଦୁନିଆଟେ ହୁଅନ୍ତା । ସେଠି ସବୁ ସୁବିଧା, ସବୁ ସୁଯୋଗ। ଏଇ ଗାଁ ଗହଳିରେ ଜୀବନଟା ଯେମିତି ଅଟକି ଗଲା ଭଳି ଲାଗୁଛି ।' କୁମାର କିଛି କହିପାରିଲାନି । ସେ କେବଳ ନିଶାର ମୁହଁକୁ ଚାହିଁ ରହିଲା । ନିଶାର ସ୍ୱପ୍ନରେ କିଛି ଭୁଲ ନଥିଲା । ପ୍ରତିଟି ନାରୀ ଚାହେ ତା'ର ସଂସାରକୁ ନିଜ ଢଙ୍ଗରେ ସଜାଇବାକୁ । କିନ୍ତୁ ସେଇ ସଜାଇବା ଭିତରେ କାଳେ କିଛି ଭାଙ୍ଗିଯିବ, ସେଇ ଆଶଙ୍କା କୁମାରକୁ ଘାରୁଥିଲା।

କୁମାର ବାହାରକୁ ଆସିଲା । ବାରଣ୍ଡାରେ ବାପା ବସିଛନ୍ତି । ବୟସର ଭାରରେ ନଇଁ ପଡ଼ିଥିବା ସେଇ କାନ୍ଧ ଦୁଇଟାକୁ ଦେଖିଲେ କୁମାରର ପିଲାଦିନ ମନେପଡ଼ିଯାଏ । ଏଇ ହାତ ଦୁଇଟା ଦିନେ ମୂଲ ଲାଗି ଲାଗି କେତେ ପଥର ବୋହିଛି, କେତେ ମାଟି ତାଡ଼ିଛି, କେବଳ ପୁଅକୁ ମଣିଷ କରିବା ପାଇଁ । ମା'ର ସେଇ ପାଦ ଦୁଇଟା, ଯାହା ଶୀତ କାକରରେ ବିଲ ବଣରେ ଧାଇଁଛି କେବଳ କୁମାରର ଭବିଷ୍ୟତ ଗଢ଼ିବା ପାଇଁ । ସେମାନଙ୍କର ଇଚ୍ଛା ବହୁତ ସାମାନ୍ୟ । ପୁଅ ଆଖି ଆଗରେ ରହୁ । ପାଖରେ ଚାକିରି, ଘରୁ ଖାଇପିଇ ବାହାରିଲେ ଦଶ ମିନିଟ୍‌ର ବାଟ । ଏଇ ସୁଖକୁ ଛାଡ଼ି ପୁଅ କାହିଁକି ଦୂରକୁ ଯିବ?

ବାପା ଖୁସିରେ କହୁଥିଲେ, 'ରେ କୁମାର, ଆମ ବାଡ଼ି ପଛପଟେ ଯେଉଁ ଜାଗାଟା ଅଛି, ସେଇଠି ଆଉ ଦୁଇଟା ବଖରା କରିଦେବା । ବୋହୂ ପାଇଁ ଅଲଗା ରୋଷେଇ ଘର କରିଦେବି, ସେ ତା' ହିସାବରେ ରହିବ । ଆମେ ତ ବୁଢ଼ାବୁଢ଼ୀ, ଆଉ କେତେ ଦିନ? ଆଖି ଆଗରେ ତୁମେମାନେ ଥିଲେ ଆତ୍ମାଟା ଶାନ୍ତି ପାଇବ।' ବାପାଙ୍କ ସେଇ ନିରୀହ କଥାଗୁଡ଼ା କୁମାରର କାନରେ ସୀସା ଭଳି ଗଳି ଯାଉଥିଲା । ଗୋଟେ ପଟେ ଜନ୍ମଦାତାଙ୍କର ଆଶା ଆଉ ଅନ୍ୟପଟେ ସହଧର୍ମିଣୀର ଆକାଂକ୍ଷା। କାହାକୁ ବାଛିବ ସେ ? ବାପା-ମା'ଙ୍କୁ ଛାଡ଼ିଗଲେ ସେମାନେ ନିଃଶ୍ୱାସ ନେବାକୁ ବି ଭୁଲିଯିବେ। ଆଉ ନିଶାକୁ ବୁଝାଇ ନପାରିଲେ ଜୀବନର ନୂଆ ଆରମ୍ଭଟା ତିକ୍ତ ହୋଇଯିବ ।

କୁମାରର ଅଫିସ୍ ଯିବା ବେଳ ହେଲେ ମା' ପଛରୁ ଧାଇଁ ଆସେ ପାଣି ଗ୍ଲାସଟେ ଧରି । ସେଇ ସ୍ନେହର ବନ୍ଧନକୁ କାଟି ସହରର କଂକ୍ରିଟ୍ ଜଙ୍ଗଲକୁ ଯିବା ତା' ପାଇଁ ସହଜ ନଥିଲା । କିନ୍ତୁ ରାତି ହେଲେ ନିଶାର ଅଭିମାନ ଭରା ମୁହଁ ତାକୁ ଅସ୍ଥିର କରି ପକାଉଥିଲା । ନିଶା କହୁଥିଲା, 'ମୁଁ କ'ଣ

ଏଇଠି କେବଳ ଗୋରୁଗାଈ ଆଉ ଧାନ ବିଲ ଦେଖିବାକୁ ଆସିଛି ? ସହରରେ ରହିଲେ ମୋର ବି କିଛି ସ୍ୱାଧୀନତା ରହନ୍ତା ।' ଏହି ଦୋଛକିରେ ପଡ଼ି କୁମାର ଶୋଇପାରୁ ନଥିଲା । ସେ ଭାବୁଥିଲା, କେମିତି ଏଇ ଦୁଇଟି କୂଳକୁ ଯୋଡ଼ି ହେବ ?

**କୁମାରକୁ ଲାଗିଲା, ସହରର ସବୁ ସୁବିଧା ଏଇ ସେବା ଆଉ ତ୍ୟାଗ ପାଖରେ ହାର ମାନିଯିବ ।**


ଦିନେ ବର୍ଷା ହେଉଥିଲା । ଟାଇଲ୍ ଘରର ଚାଳରୁ ପାଣି ଟୋପା ଟୋପା ହୋଇ ପଡୁଥିଲା । ବାପାଙ୍କୁ ଜ୍ୱର ହୋଇଥାଏ । ନିଶା ରୋଷେଇ ଘରେ ବସି ବିରକ୍ତ ହେଉଥିଲା କାରଣ ଚୁଲି ଜଳୁ ନଥିଲା । କୁମାର ଦେଖିଲା, ମା' ଅସୁସ୍ଥ ଦେହରେ ବି ବାପାଙ୍କ ପାଖରେ ବସି ତାଙ୍କ ମୁଣ୍ଡରେ ପାଣିପଟି ଦେଉଛି । ସେଇ ମୁହୂର୍ତ୍ତରେ କୁମାରକୁ ଲାଗିଲା, ସହରର ସବୁ ସୁବିଧା ଏଇ ସେବା ଆଉ ତ୍ୟାଗ ପାଖରେ ହାର ମାନିଯିବ । ଯଦି ସେ ସହରରେ ରୁହେ, ତେବେ ଏଇ ଅସହାୟ ବୟସରେ ଏମାନଙ୍କ ପାଖରେ କିଏ ଠିଆ ହେବ ? ତିନି କିଲୋମିଟର ରାସ୍ତା କ'ଣ ଏତେ ବଡ଼ ଯେ ସେଥିପାଇଁ ସେ ନିଜର ମୂଳକୁ କାଟିଦେବ ?

ସେଦିନ ରାତିରେ କୁମାର ନିଶାକୁ ପାଖକୁ ଡାକିଲା । ବହୁତ ସମୟ ଧରି ନୀରବରେ ବସିବା ପରେ ସେ କହିଲା, 'ନିଶା, ସହରକୁ ଆମେ ଯାଇପାରିବା, କିନ୍ତୁ ବାପା-ମା'ଙ୍କୁ ଆମେ କେଉଁଠୁ ପାଇବା ? ସେମାନେ ମୋ ପାଇଁ ଯେଉଁ ଦୁଃଖ ସହିଛନ୍ତି, ତାହା କେଉଁ ସହରୀ ସୁଖ ଶୁଝିପାରିବନି । ମାତ୍ର ତିନି କିଲୋମିଟର ରାସ୍ତା... । ତୁମେ ମୋ ଉପରେ ଭରସା କର, ମୁଁ ଗାଁରେ ରହି ମଧ୍ୟ ତୁମକୁ ସେଇ ସବୁ ଖୁସି ଦେବି ଯାହା ତୁମେ ସହରରେ ଖୋଜୁଛ । କିନ୍ତୁ ଏଇ ବୁଢ଼ାବୁଢ଼ୀଙ୍କୁ ଏକୁଟିଆ ଛାଡ଼ି ମୁଁ ଶାନ୍ତିରେ ଶୋଇପାରିବିନି ।'

ନିଶା କିଛି ସମୟ ଚୁପ୍ ରହିଲା । ସେ କୁମାରର ଆଖିରେ ଥିବା ସେଇ ଆତୁରତାକୁ ଦେଖିଲା । ତାକୁ ଅନୁଭବ ହେଲା ଯେ, ଯେଉଁ ପୁଅ ନିଜ ବାପା-ମା'ଙ୍କୁ ଏତେ ଭଲ ପାଏ, ସେ କେବେ ବି ନିଜ ସ୍ତ୍ରୀକୁ ଅସନ୍ତୁଷ୍ଟ ରଖିବ ନାହିଁ । ସେଇ ରାତିରେ ଦ୍ୱନ୍ଦ୍ୱର ସବୁ କଳା ବାଦଲ କେଉଁଆଡ଼େ ହଜିଗଲା । କୁମାର ବୁଝିପାରିଲା ଯେ, ସମ୍ପର୍କର ସୁଯୋଗ କେବଳ ଜାଗାରେ ନଥାଏ, ତାହା ରହିଥାଏ ପରସ୍ପରକୁ ବୁଝିବାରେ । ବାପା-ମା'ଙ୍କ ସେଇ ମୂଳ ଲାଗିଥିବା ହାତ ଆଜି ଆଶୀର୍ବାଦ ହୋଇ ତାଙ୍କ ମୁଣ୍ଡ ଉପରେ ରହିଲା ।

□□

ଲେଖକଙ୍କ ଇ-ମେଲ ଠିକଣା:
nirmalkumbhar8@gmail.com



**ପ୍ରକାଶ ପାଇଲା !**

**ଲୋପାମୁଦ୍ରା ମହାନ୍ତିଙ୍କ କଲମରେ, ତାଙ୍କର ପିତା, କଥାସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କର ଏକ ମର୍ମସ୍ପର୍ଶୀ ସ୍ମୃତିଚାରଣ**

**ଲୋକାପୁଅ ସୁରିଆ**

**ଲେଖିକା: ଲୋପାମୁଦ୍ରା ମହାନ୍ତି**

ସମସ୍ତ ପୁସ୍ତକ ବିକ୍ରୟ କେନ୍ଦ୍ର ଓ ଆମାଜନରେ ଉପଲବ୍ଧ । ମୂଲ୍ୟ: ଟ.୧୯୯

**ବି.କେ. କ୍ଲାସିକ୍ସ**

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**

କବିତା



# କବିତା ଲେଖା ସରିନାହିଁ

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ

ଆକାଶରେ ଅସଂଖ୍ୟ ତାରା
ଦିନ ସରିକି ରାତି
ଋତୁ କେବେ ଅଳସୀ ଫୁଲର
ତ କେବେ ପୁଣି ଡହଡହ ତାତି !
ସମୁଦ୍ରର ଆଇନାରେ
ଢଳଢଳ ଜହ୍ନର ଛବି,
ପ୍ରେମ ଟିକିଏ ଜାଣେ ବୋଲି ସିନା
କଇଁ ମରୁଛି ଏଠି
ବିରହରେ ପ୍ରେମ ଭୋଗି !
ଯେଯାଏଁ ସମ୍ପର୍କ ପ୍ରେମର ଠିକଣା ଖୋଜିନାହିଁ,
ଶୂନ୍ୟତାକୁ ଆବୋରି ବସିଛି
ଗୋଟାଯାକ ମନ
ମିଳନର ମହୁ ଫିଙ୍ଗିଦେଇ
ସେଯାଏଁ କବିତା ଲେଖା ସରିନାହିଁ !

ଫୁଲ ହେଇ ମହକେଇ ପାରିନି ଆଖପାଖ
ଏକଥା ଷୋଳଅଣା ସତ
ଫଳ ଦେବାର ଆସ୍ପର୍ଦ୍ଧା ବି କାଇଁ,
ତଥାପି କାହା ନଥିବାର ନିଷିଦ୍ଧବନରେ
ଝୁଲିଛି ତ କେଉଁକାଳୁ ଛାଇଟିଏ ହେଇ !
ଦେହ ବୁଝୁ କି ନ ବୁଝୁ ଦରଜ
ଶତ ସହସ୍ର କଣ୍ଟା ମାଡୁ ପାଦ
କୁହୁଡ଼ିର କାନ୍ଥ ଚିରି
ସମୟର ବିଗୁଲକୁ ଫୁ କରି
ଚାଲିଛି ଚାଲିଥିବି
ଯେଯାଏଁ ଦେହରେ ପ୍ରାଣ ଖଞ୍ଜିଛି ବିହି
ସେଯାଏଁ କବିତା ଲେଖା ସରିନାହିଁ !



ଆଦର୍ଶର ରାମରାଜ୍ୟ ନ ହେଲା ନାଇଁ
ଅଧର୍ମର ଅମାରଘର ନୀତିବାଣୀରେ
ନ ଫିଟିଲା ନାଇଁ,
ଅବିଶ୍ୱାସରେ ହାରିଯାଉ ପଛେ
ଲକ୍ଷେ ପ୍ରତିଶ୍ରୁତିର ଫେବ୍ରୁଆରି
ଏବେ ଶବ୍ଦମାନେ ଓହ୍ଲେଇଆସ
ବିନା ମନ୍ତ୍ର ଅବା ଆୟୋଜନରେ
ମାନବତାର ପ୍ରତିଷ୍ଠା ପାଇଁ,
ପବନରେ ବାଙ୍ଗଉଠା ଟା'ର
ନିଃଶ୍ୱାସ ଖେଳୁଥିବା ଯାଏଁ
ସେ ଦେଖୁଥିବ ସ୍ୱପ୍ନ
ଫରଦେ କାଗଜରେ
କବିତା ଲେଖା ପରା ଏଯାଏଁ ସରିନାହିଁ.. !

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
priyankapdas9@gmail.com

ଗଳ୍ପ

# ଦୁଇଟି ଅଣୁଗଳ୍ପ



ଲକ୍ଷ୍ମୀଧର ସାହୁ

## ପ୍ରେସର

ତାକୁ ପଚାଶ ବର୍ଷ ହେଇଥିଲା । କିନ୍ତୁ ସେ ସବୁଦିନ ମର୍ଣ୍ଣିଙ୍ଗ ୱାକରେ ଯାଉଥିଲା । ଶାଗ ମୁଗ ଶାନ୍ତିରେ ଖାଉଥିଲା ଆଉ ମୋଟାମୋଟି ସୁସ୍ଥ ଥିଲା ଆଉ ଖୁସିଥିଲା । ଦିନେ ସିଏ ତା' ସାଙ୍ଗ ଘରକୁ ଯାଇଥିଲା, ତା' ସାଙ୍ଗର ପ୍ରେସର ଥାଏ । ସାଙ୍ଗଟା ବ୍ଲଡ଼ ପ୍ରେସର ମାପୁଥିଲା । ୧୫୬/୯୬, ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକ। ସେ ବି କୌତୂହଳରେ ନିଜର ପ୍ରେସର ମାପିଲା । ୧୫୬/୯୬, ଆଶ୍ଚର୍ଯ୍ୟ! ତାର ଏତେ ଅଧିକ କେମିତି ! ତା ସାଙ୍ଗ କହିଲା, 'ମେସିନଟା ବେଳେବେଳେ ରିଡିଙ୍ଗ ଭୁଲ ଦେଖାଏ ।' ସେ ହସିଦେଲା ।

କିନ୍ତୁ ସେଇଦିନୁ ତା'ର କ'ଣ ହେଲା କେଜାଣି । ସେ ପୁଳାଏ ମେଡ଼ିସିନ ଆଣି ଖାଇଲା । ଜଡ଼ିବୁଟି ବାବାଙ୍କ ପାଖକୁ ଗଲା । ଟିକେ ଟିକେ କଥାରେ ରାଗିଲା । ଖାଲି ଗୁମାନ ହୋଇ ଶୋଇ ରହିଲା । ପ୍ରେସର ମେସିନ ଘରକୁ ଆଣିଲା । ଘଣ୍ଟାକୁ ଘଣ୍ଟା ଖାଲି ମାପିଲା । ସବୁବେଳେ ହାଇ ପ୍ରେସର୍ । ସୁଗାର ବି ବଢ଼ିଗଲା । ଆଖି କୋରଡ଼ କଳା ପଡ଼ିଗଲା । ଦିନେ ଆସିଲା ହାର୍ଟ ଆଟାକ୍‌ର ପ୍ରଥମ ଝଟକା । ପରିବାର ଚିନ୍ତାରେ ପଡ଼ିଲେ, ଡାକ୍ତର କିଛି ସୁରାକ ପାଇଲେନି, ଏମିତି ଲୋକର ଏମିତି ଅବସ୍ଥା କେମିତି ହେଲା ?



## ଅନ୍‌ଲାଇନ ମାଉସୀ

ସେପଟୁ, 'ଅଜସ୍ର ଅଭିନନ୍ଦନ ପୁଅ ! ଖୁବ୍ ସୁନ୍ଦର ଗପ ଲେଖ, ନାରୀକୈନ୍ଦ୍ରିକ ।'

ଏପଟୁ, 'ଧନ୍ୟବାଦ....'

ସେପଟୁ, 'ସମ୍ବୋଧନରେ ମାଉସୀ ଡାକିପାର, ମଧ୍ୟବୟସ୍କା ମୁଁ ତୁମ ଠୁ ଗୋଟେ ପିଢ଼ି ବଡ଼ ।'

ଏପଟୁ, 'ଓଃ'

ସେପଟୁ, 'କେଉଁଠି ରୁହ ? କେଉଁଠି ପଢ଼ ?'



ଏପଟୁ, 'କେନ୍ଦ୍ରାପଡ଼ାରେ ୟୁ.ଜି ଚାଲିଛି, ଦ୍ୱିତୀୟ ବର୍ଷ ।'

ସେପଟୁ, 'ସାଇନ୍ସ ଛାତ୍ର ବୋଧେ ।'

ଏପଟୁ, 'ହଁ । ଆଚ୍ଛା କେଉଁଠି ରୁହନ୍ତି ?'

ସେପଟୁ, 'ଭୁବନେଶ୍ୱରରେ । ସ୍ୱାମୀଙ୍କ ସହ । ପୁଅ ରହୁଚି ନବୋଦୟରେ । ଝିଅ ବ୍ୟାଙ୍କିଙ୍ଗ୍ କୋଚିଂ ନେଉଛି ଏଇଠୁ ଦଶ କିମି ଦୂରରେ । ବେଳେବେଳେ ଆସେ ।'

ଏପଟୁ, 'ଆପଣ, ବିବାହିତା, ଦୁଇଟି ପିଲାର ମା', ଲେଖିକା ବି ।'

ସେପଟୁ, 'ହଁ ଯେ...'

ଏପଟୁ, 'ଆପଣଙ୍କ ସ୍ୱାମୀ କଣ କରନ୍ତି ?'

ସେପଟୁ, 'ମୁଁ କ'ଣ କରେ ନ ପଚାରି, ସ୍ୱାମୀ କ'ଣ କରୁଛନ୍ତି ପଚାରିଲେ ଯେ... ?'

□□

ଗାଳ୍ପିକଙ୍କ ଇ-ମେଲ ଠିକଣା:
Sahoolaxmidhar231@gmail.com



ଶିଶୁ ଗଳ୍ପ

# ତୋ'ର ବଳକୁ ମୋ'ର ବୁଦ୍ଧି

ପ୍ରେମାନନ୍ଦ ନାୟକ

ଏଁ, କ'ଣ କହିଲୁ? ଆଉଥରେ କହିଲୁ! ଆରେ କହ । ପାଟିରୁ ବଚନ ବାହାରିବା କ'ଣ ବନ୍ଦ ହେଇଗଲା? ହଇରେ, ତୁ କୋଉଦିନ ବୁଦ୍ଧିଆ ହେଇଗଲୁ? ମୁଁ ବଳୁଆ ବୋଲି ମୋ' ନାଁ ମହାବଳ । ଯାହାକୁ ପଚାରିଲେ ସିଏ କହିବ ମୁଁ ବଳବାନ୍ । ତୋତେ କିଏ ବୁଦ୍ଧିଆ ବୋଲି କହିଚି ନା କହିବ? କହିଲା କ'ଣ ନା, ତୋର ବଳକୁ ମୋର ବୁଦ୍ଧି! ମୋ ସାଙ୍ଗରେ ମିଶୁଚୁ ବୋଲି ଆଉ କିଛି କରୁନି । ଆଉ କିଏ ହେଇଥିଲେ ମାରିକି ତା' ଚଉଳି ଖସେଇ ଦେଇଥାନ୍ତି ।



ମହାବଳ କଥା ଶୁଣି ହନୁମାଙ୍କଡ଼ର ମୁଣ୍ଡ ଝାଇଁ ଝାଇଁ ହେଇଗଲା । କହିଲା - ତୋତେ ମୁଁ କୋଉ ମାନହାନି କଥାଟା କହିଦେଲି? ସେଥିରେ ତୁ ମୋତେ ଯାହାତ କହିଲୁ କହିଲୁ, ପୁଣି ମାରିକି ଚଉଳି ଖସେଇ ଦବା କଥା ବୁଲେଇ ବଙ୍କେଇ କହିଦେଲୁ । ହଉ କଥାଟାତ ମୁଁ କହିଦେଇଚି! ତୋ' କଥାର ଉତ୍ତର ଦେଲେ ତୁ ଏମିତି ଗର୍ଜନ କରିବୁ ଯେ ଆକାଶଟା ଏଇ ଜଙ୍ଗଲ ଉପରେ ଛିଡ଼ି ପଡ଼ିବ । ଆଉ ତୁ ଡିମାଡିମା ଆଖିକରି କହିବୁ, ତୋ'ର ମୋ'ର ସଙ୍ଗାତ ଏଇଠି ଥାଉ । ଜାଣିଚୁନା, ବନ୍ଧୁ ଯୋଡ଼ିବାକୁ ବହୁତଦିନ ଲାଗେ, ହେଲେ ଛିଡ଼େଇବାକୁ ଜମା ସମୟ ଲାଗେନି । ଛାଡ଼, ତୁ ଯାହା କହିଲୁ, ମୁଁ ସହିନେଲି ।

ମହାବଳ ହନୁମାଙ୍କଡ଼ କଥାକୁ ଏ କାନରେ ପୂରେଇ ସେ କାନରେ ବାହାର କରିଦେଲା । କୁଦାମାରି କୁଆଡ଼େ ଚାଲିଗଲା କେଜାଣି! ହନୁମାଙ୍କଡ଼ ମୁହଁ ଶୁଖେଇ ଗଛ ଉପରକୁ ଚଢ଼ିଗଲା । ଆସିଲା କାଠହଣା । ହନୁମାଙ୍କଡ଼ ପାଖକୁ ଯାଇ ପଚାରିଲା - କିରେ ହନୁଭାଇ, ତୋ'ର କ'ଣ ହେଇଚି? ମୁହଁ ଶୁଖେଇ ବସିଚୁ କାହିଁକି? କାହା ସାଙ୍ଗରେ କଳିକଜିଆ କରିଚୁ? କିଏ ତୋତେ ଗାଳି ଦେଇଚି? ହନୁମାଙ୍କଡ଼ କିଛି କହିଲାନି । ତା' ଆଖିରୁ ଟୋପାଟୋପା ଲୁହ ଖସିପଡ଼ିଲା । କାଠହଣା ପୁଣି କହିଲା - ତୁ ତ କାହା ସାଙ୍ଗରେ କଳିକଜିଆ କରୁନା! ତା'ଛଡ଼ା ମହାବଳ ତୋ' ସାଙ୍ଗ । କାହାର ସାହସ ହବନି ତୋତେ ଗାଳି ଦବାକୁ । ଦେହ ଭଲ ଲାଗୁନି କି? ହନୁମାଙ୍କଡ଼ କହିଲା - ମୋ' ଦେହ ଠିକ୍ ଅଛି । କାହା ସାଙ୍ଗରେ ମୁଁ କଳିକଜିଆ କରିନି କି କିଏ ମୋତେ ଗାଳିଗୁଲଜ କରିନି । ଆଉ କିଏ ମୋତେ ଗାଳିଗୁଲଜ କରିଥିଲେ ମୋ' ମନ ଜମା ଦୁଃଖ ହେଇନଥାନ୍ତା । ମୋ' ସାଙ୍ଗ ମହାବଳ ମୋତେ ଗାଳିଦେଇଚି । ଭାରି ବାଧୁଚି ମୋତେ ।

ହନୁମାଙ୍କଡ଼ ଗୋଟି ଗୋଟି କରି ସବୁକଥା କାଠହଣାକୁ କହିଲା । କାଠହଣା କହିଲା - ସିଏ ତ ମହାବଳ । ତା' ମୁହଁରେ କେହି କିଛି କହିବାକୁ ସାହସ କରିବେନି । ବୁଝିଲୁ ହନୁଭାଇ, ତୁ ଯୋଉ କହିଲୁ ତୋର ବଳକୁ, ମୋ'ର ବୁଦ୍ଧି, ତୋ' କଥାକୁ ସିଏ ଏୟା ବୁଝିଲା, ତା' ବଳଠାରୁ ତୋର ବୁଦ୍ଧି ସରସ । ଏଇକଥା ତା'କୁ ଖରାପ ଲାଗିଲା । ହନୁମାଙ୍କଡ଼ କହିଲା - ସିଏ ଓଲଟା ବୁଝିଲା । ସାଙ୍ଗ ହେଇ ସାଙ୍ଗକୁ କ'ଣ ଏମିତି ଛୋଟ ଭାବନ୍ତି? ମୋର କହିବାର ମାନେ, ତୋ'ର ବଳ ଆଉ ମୋ'ର ବୁଦ୍ଧି ମିଶିଗଲେ ଯେତେବଡ଼ କଠିନ କାମ ହଉ ପଛକେ, ଚୁଟ୍‌କି ମାରିବା କ୍ଷଣି ହେଇଯିବ ।

କାଠହଣା କହିଲା - ତୋ' କଥା ମୁଁ ବୁଝୁଚି । ତୁ କ'ଣ ଜାଣିନୁ ମହାବଳଟା ବଡ଼ ଗର୍ବୀ ଆଉ ଅହଂକାରୀ! ଯିଏ ଗର୍ବୀ ଆଉ ଅହଂକାରୀ ସିଏ ଆଉ କାହା କଥାକୁ ନବୁଝି ଭୁଲ୍ ଭାବେ । ନିଜର ବଡ଼ପଣ ଦେଖେଇ ଆତୁସାତୁ କରି କହିଦିଏ । ଥରୁଟିଏ ଚିନ୍ତାକରେନି ତା' କଥା ଶୁଣି ଜଣେ କେତେ କଷ୍ଟ ପାଇବ! ହନୁଭାଇ, ତୁ ଟିକେ ଅପେକ୍ଷା କର । ଦେଖିବୁ ଆଜି ନହେଲେ କାଲି ତୋ'ର ବୁଦ୍ଧି ପାଖରେ

ମହାବଳର ବଳ ହାର୍ ମାନିବ । ଆଉ ଗୋଟେ କଥା ମନେରଖ, ଗର୍ବ ଆଉ ଅହଂକାର କାହାକୁ ବଡ଼ କରାଏନି । ବରଂ ବଡ଼ରୁ ଛୋଟ, ଅତି ଛୋଟ କରିଦିଏ ।



ହନୁମାଙ୍କଡ଼ର କଥାକୁ ମହାବଳ ଏବେ ବି ହଜମ କରିପାରିନି । ସେ ତା' ସାଙ୍ଗରେ ବସାଉଠା କରୁଚି, ହେଲେ ଆଗଭଳି ମିଠାକଥା ପଦେ କହୁନି । ହନୁମାଙ୍କଡ଼ ଗୋଟାଏ କଥାକୁ ଦଶଥର ପଚାରିଲେ ଯାଇ ଉତ୍ତର ଦଉଚି । ମହାବଳର ଏମିତି ବ୍ୟବହାର ହନୁମାଙ୍କଡ଼କୁ ଭାରି କଷ୍ଟ ଦଉଚି ।

ଦିନେ ମହାବଳ ଆଉ ହନୁମାଙ୍କଡ଼ ଝରଣା କୂଳକୁ ଗଲେ ପାଣି ପିଇବାକୁ । ହନୁମାଙ୍କଡ଼ ଭାରି ହୁସିଆର । ସେ ଏଣିକି ତେଣିକି ଅନେଇ ପାଣିକୁ ନପଶି ପାଣି ପିଇଦେଇ ଆସିଲା । ପଛରେ ହଲି ହଲି ଆସିଲା ମହାବଳ । ଝରଣା ଭିତରେ ପଶି ପାଣି ପିଇଲା । ଫେରିଆସିଲା ବେଳକୁ କୁମ୍ଭୀରଟାଏ ଆସି ତା' ଲାଙ୍ଗୁଡ଼କୁ କାମୁଡ଼ି ଧରି ଝରଣା ଭିତରକୁ ଟାଣିଲା । କିଛି ସମୟ କୁମ୍ଭୀର ଆଉ ମହାବଳ ଭିତରେ ଟଣା-ଓଟରା ଚାଲିଲା । ହନୁମାଙ୍କଡ଼ ଜମା ସହିପାରିଲାନି । ସେ ଝରଣା କୂଳକୁ ଆସି କୁମ୍ଭୀରକୁ କହିଲା – ନାନୀ, ମହାବଳ ଲାଙ୍ଗୁଡ଼କୁ ଜମା କାମୁଡ଼ି ଧରନା । ତା' ରକ୍ତ ତୋ' ପେଟ ଭିତରକୁ ଗଲେ ତୁ ଅନ୍ଧୁଣୀ ହେଇଯିବୁ । ଆଜି ସକାଳେ ମହାବଳକୁ ପୂରା ଦେଖାଯାଉଥିଲା । କୋଉଠି କ'ଣ ଖାଇଲା କେଜାଣି, ଆସ୍ତେ ଆସ୍ତେ ଗୋଟାଏ ଗଛରେ ଢ଼ାଏକିନା ପିଟି ହେଇଗଲା । ମହାବଳ ଚିଲ୍ଲେଇକି କହିଲା – ମୋତେ କିଛି ଦେଖାଯାଉନି । ଦେଖିଲା ବେଳକୁ ତା' ମୁହଁସାରା ଘା' ହେଇଗଲାଣି । ଏବେ ତା'ର ରକତ ଯାହାର ପେଟକୁ ଯିବ ସିଏ ବି ଅନ୍ଧ ହୋଇଯିବ ।

ହନୁମାଙ୍କଡ଼ ଚାଲାକି କୁମ୍ଭୀର ବୁଝିପାରିଲାନି । ସେ ମହାବଳ ଲାଙ୍ଗୁଡ଼କୁ ଛାଡ଼ି ତା' ଆଗକୁ ଆସିଲା । ଏହି ମୌକାରେ ମହାବଳ ଡିଆଁ ମାରିଲା । ଯାଉ ଯାଉ ସେ ହନୁମାଙ୍କଡ଼କୁ କହିଲା – ସଙ୍ଗାତ, ବୁଦ୍ଧି ଖଟେଇ ତୁ କୁମ୍ଭୀରକୁ ମିଛ କଥା କହିଲୁ ବୋଲି ମୋ' ଲାଙ୍ଗୁଡ଼ଟା ରହିଗଲା । ନହେଲେ ମୁଁ ଲାଙ୍ଗୁଡ଼ ଖଣ୍ଡି ହେଇଯାଇଥାନ୍ତି । ସତରେ ତୋ' ବୁଦ୍ଧିକୁ ମାନିବାକୁ ପଡ଼ିବ । ମୋ'ର ବଳ, ତୋ'ର ବୁଦ୍ଧି ପାଖରେ ତୁଚ୍ଛ । ହନୁମାଙ୍କଡ଼ କହିଲା – ସେ ବଳ, ବୁଦ୍ଧି କଥା ଛାଡ଼ ସଙ୍ଗାତ । ଚାଲ, ତୋ' ଲାଙ୍ଗୁଡ଼ରେ ବିଶଲ୍ୟକରଣୀ ରସ ଲଗେଇଦେବି । ନହେଲେ ରକ୍ତ ବୋହିବା ବନ୍ଦ ହବନି ।

□□

ଗାଳ୍ପିକଙ୍କ ଇ-ମେଲ ଠିକଣା:
prema.nayak1959@gmail.com


PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com




**ପୁସ୍ତକ ସମୀକ୍ଷା**

# ସମୟ ସମୁଦ୍ର ସ୍ୱର୍ଗଦ୍ୱାର

ଲେଖକ : ଅଧ୍ୟାପକ ବିଶ୍ୱରଞ୍ଜନ

ପ୍ରକାଶକ: ବି.କେ. କ୍ଲାସିକ୍ସ୍

ପୃଷ୍ଠା: ୬୩୭, ମୂଲ୍ୟ: ଟ. ୭୪୯/-

ଏକ ପୃଥୁଳକାୟ ଓ ସୁଦୃଶ୍ୟ କଳେବର ନେଇ ପ୍ରକାଶ ପାଇଥିବା ଏହି ଆତ୍ମଜୀବନୀର ପଛ ମଲାଟ ପୃଷ୍ଠାରେ ପୁସ୍ତକଟିର ନିର୍ଯ୍ୟାସ ସମ୍ପର୍କରେ ଆଭାସ ଦେବାକୁ ଯାଇ ଲେଖକଙ୍କ କଲମରୁ ଝରିଆସିଛି ହୃଦୟସ୍ପର୍ଶୀ କବିତାଟିଏ। ସେ ଲେଖିଛନ୍ତି:

‘ସମୟ ଯାଉଛି ବହି
ସାଥେ ଜୀବନର ନଈ
ମିଶିଯିବ ଦିନେ ସମୁଦ୍ରରେ
ଜୀବନର ଯେତେ ସବୁ
ସ୍ୱପ୍ନ ଆଉ ସମ୍ପର୍କର କଥା
ବଦଳିବ ସ୍ମୃତି-ସଂଳାପରେ।’

ତେବେ ଏଠାରେ ଜୀବନର ଯେତେ ସବୁ ସ୍ୱପ୍ନ ଓ ସମ୍ପର୍କ ଏହି ‘ସ୍ମୃତି-ସଂଳାପ’ରେ ବଦଳି ଯାଇଥିବା କଥା ଯାହା କହିଛନ୍ତି ଅଧ୍ୟାପକ ବିଶ୍ୱରଂଜନ, ସେଥିସହିତ ଆମେ ଏକମତ ନୋହୁଁ। ଏଥିରେ ବରଂ ଜୀବନର ଯେତେ ସବୁ ସ୍ୱପ୍ନ ଓ ସମ୍ପର୍କର ଏକ ନିଛକ ଓ ନିଷ୍କାପଟ ପ୍ରତିଫଳନ ଗଢ଼ି ତୋଳିଛନ୍ତି ସେ।

ଜଣେ ସୁବକ୍ତା ଭାବରେ ବିଭିନ୍ନ ସଭାମଞ୍ଚରେ ଥାଇ ନିଜର ବକ୍ତୃତା କଳାରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିବାରେ ଅଧ୍ୟାପକ ବିଶ୍ୱରଂଜନ ବେଶ ନିପୁଣ। ଅନୁରୂପ ଭାବରେ ଆଲୋଚ୍ୟ ପୁସ୍ତକଟିରେ ଆମେ ପାଉ ଯେ ନିଜର ରଚନାକଳାରେ ମଧ୍ୟ ପାଠକମାନଙ୍କୁ ବିମୋହିତ କରି ରଖିବାରେ ମଧ୍ୟ ଲେଖକ କିଛି କମ୍ ଦକ୍ଷ ନୁହନ୍ତି।

ପିଲାଦିନରୁ ନେଇ ପରିଣତ ବୟସ ପର୍ଯ୍ୟନ୍ତ ନିଜ ଜୀବନର ବିଭିନ୍ନ ପର୍ଯ୍ୟାୟକୁ କ୍ରମାନ୍ୱୟରେ ବର୍ଣ୍ଣନା କରିଛନ୍ତି ଲେଖକ। ସେହି ଦୃଷ୍ଟିରୁ ପୁସ୍ତକଟିକୁ ମଧ୍ୟ ଛଅଟି ଭାଗରେ ବିଭକ୍ତ ମଧ୍ୟ କରିଦିଆଯାଇଛି; ଯଥା, (୧) ଉଷାର ଅରୁଣିମା (୨) ପଲ୍ଲବିତ ପ୍ରତ୍ୟୁଷ (୩) ମଧ୍ୟାହ୍ନର ମହକ (୪) ଅପରାହ୍ନର ଛାୟାଛବି (୫) ସମ୍ପର୍କର ସାରେଗାମା ଓ (୬)ସାୟାହ୍ନର ସବୁଜିମା।

‘ନିଜକୁ ଲେଖିବା ନୁହଁଇ ସହଜ’ ଶୀର୍ଷକ ମୁଖବନ୍ଧଟିରେ କହିଛନ୍ତି ଅଧ୍ୟାପକ ବିଶ୍ୱରଂଜନ, “ବେଳେବେଳେ ସତ୍ୟକୁ ବିଦ୍ୟାର ରଙ୍ଗରେ ଏବଂ ମିଥ୍ୟା କୁ ସତ୍ୟ ରୂପେ ବାଢ଼ିଦେବାରେ ନିଜର କଳ୍ପନା ଓ କଲମ ଚଳେଇବାରେ ଆଦୌ ଦ୍ୱିଧା ରଖି ନ ଥାଏ ଆତ୍ମଜୀବନୀର ଲେଖକ।” ଏହି ନୀତିରେ ବିଶ୍ୱାସ ରଖୁଥିବା ଲେଖକଙ୍କ ଲେଖନୀ ନିଃସୃତ ଆତ୍ମଜୀବନୀରୁ ତେଣୁ ଅନେକ କିଛି ଆଶା କରିପାରନ୍ତି ପାଠକମାନେ।

୫୦ଟି ଅଧ୍ୟାୟରେ ପରିବ୍ୟାପ୍ତ ଏହି ପ୍ରଣିଧାନଯୋଗ୍ୟ ଆତ୍ମଜୀବନୀର ଟିକିନିଖି ଆଲୋଚନା ଏହି କ୍ଷୁଦ୍ର ସମୀକ୍ଷାରେ ସମ୍ଭବ ନୁହେଁ। ତେବେ ରନ୍ଧାହାଣ୍ଡିରୁ ଗୋଟିଏ ଭାତ ଚିପିବା ପରି ଆମେ ଏଥିରେ ବର୍ଣ୍ଣିତ ସ୍ୱର୍ଗତ ପ୍ୟାରିମୋହନଙ୍କ ‘ଖବର’ ନାମକ ଖବରକାଗଜରେ ଲେଖକଙ୍କ ଅନୁଭୂତି ପ୍ରତି ଦୃଷ୍ଟିପାତ କରିପାରୁ। ସେ ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିବାର ତିନିବର୍ଷ ପରେ ପ୍ୟାରିବାବୁ ନୂଆ ହୋଇ ଆରମ୍ଭ ହୋଇଥିବା ‘ଖବର’ର ସମ୍ପାଦକ ଭାବରେ ଦାୟିତ୍ୱ ନେବାପାଇଁ ଆମନ୍ତ୍ରଣ ଦେଇଥିଲେ ଲେଖକଙ୍କୁ। ନିଜର ଏହି ସମ୍ପାଦକତ୍ୱ କାଳରେ ସେ ସାମନା କରିଥିବା ବିଭିନ୍ନ ଆହ୍ୱାନ ଓ ପ୍ରତିବନ୍ଧକର ଉଲ୍ଲେଖ ଦେଖିବାକୁ ମିଳେ ପୁସ୍ତକଟିରେ; ଯେମିତିକି “ପ୍ରତିଦିନ ସମ୍ପାଦକୀୟ ପୃଷ୍ଠାରେ କାହାର କ’ଣ ଲେଖା ପ୍ରକାଶ ପାଉଛି, ସେ ସମ୍ପର୍କରେ ପ୍ୟାରୀବାବୁଙ୍କୁ ପୂର୍ବରୁ ସୂଚନା ଦେବା ଥିଲା ସମ୍ପାଦକୀୟ ଦାୟିତ୍ୱ।”

ସର୍ବୋପରି, ଏକ ସାବଲୀଳ ଓ ସୁଖପାଠ୍ୟ ଆତ୍ମଜୀବନୀର ଶ୍ରେଣୀରେ ବର୍ଗୀକୃତ କରାଯାଇପାରେ ଏହି ଆତ୍ମଜୀବନୀକୁ।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ନୃସିଂହ ଷଡ଼ଙ୍ଗୀ ପାଇଲେ ଓଡ଼ିଶା ସରକାରଙ୍କ ବ୍ୟାସକବି ଫକୀରମୋହନ ଭାଷା ପୁରସ୍କାର



ଓଡ଼ିଶା ସରକାରଙ୍କ ମର୍ଯ୍ୟାଦାଜନକ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ପାଇବା ପାଇଁ ମନୋନୀତ ହୋଇଛନ୍ତି ବିଶିଷ୍ଟ ସାହିତ୍ୟ ସମାଲୋଚକ ନୃସିଂହ ଚରଣ ଷଡ଼ଙ୍ଗୀ। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଜାରି ହୋଇଥିବା ଏକ ବିଜ୍ଞପ୍ତିରୁ ଜଣା ପଡ଼ିଛି ଯେ ଶ୍ରୀ ଷଡ଼ଙ୍ଗୀ ୨୦୨୧ ମସିହା ପାଇଁ ଏହି ପୁରସ୍କାର ପାଇଛନ୍ତି। ଏହାର ପୂର୍ବ ବର୍ଷ ମଧ୍ୟ ଶ୍ରୀ ଷଡ଼ଙ୍ଗୀ ଅନ୍ୟ ଜଣେ ସାହିତ୍ୟିକଙ୍କ ସହ ଯୌଥ ଭାବରେ ଏହି ପୁରସ୍କାର ପାଇଁ ଚୟନିତ ହୋଇଥିଲେ; କିନ୍ତୁ ଶେଷ ମୁହୂର୍ତ୍ତରେ ଚୂଡ଼ାନ୍ତ ବିଚାର ହୋଇ ତାଙ୍କୁ ଏଥିରୁ ବଞ୍ଚିତ କରାଯାଇଥିଲା।

୨୦୧୮ ମସିହାରୁ ଏହି ପୁରସ୍କାର ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇ ଆସୁଛି। କିନ୍ତୁ ଗତ କିଛି ବର୍ଷ ହେଲା ଏହି ପୁରସ୍କାର ପ୍ରଦାନ ପ୍ରକ୍ରିୟା ନିତାନ୍ତ ଅନିୟମିତ ହୋଇଯିବା ଫଳରେ ୨୦୨୧ ମସିହାର ପୁରସ୍କାର ଦୀର୍ଘ ପାଞ୍ଚ ବର୍ଷ ପରେ, ଅର୍ଥାତ୍ ୨୦୨୬ ମସିହାରେ ଘୋଷଣା କରାଯାଇଛି। ଜାନୁଆରୀ ୧୪ ତାରିଖ ଦିନ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ସଭାଗାରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ବିତରିତ ହୋଇଥିଲା। ଏହି ପୁରସ୍କାର ବାବଦରେ ଶ୍ରୀ ଷଡ଼ଙ୍ଗୀଙ୍କୁ ପାଞ୍ଚ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଏକ ତାମ୍ରଫଳକ ଓ ଅଙ୍ଗବସ୍ତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବର୍ଷୀୟାନ କଥାକାର ଶାନ୍ତନୁ ଆଚାର୍ଯ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ଆମେରିକାରେ ଶୀତକାଳୀନ ସାହିତ୍ୟ ସଭା: 'ଆମ ଓଡ଼ିଆ ଉପନ୍ୟାସ'



ଜାନୁଆରୀ ୧୦ ତାରିଖ ସଂଧ୍ୟାରେ 'ଓସା' (ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍) ଅନୁଷ୍ଠାନ ତରଫରୁ ଆଭାସୀ ମାଧ୍ୟମରେ ଏକ ଶୀତକାଳୀନ ସାହିତ୍ୟ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଆଲୋଚନାର ବିଷୟବସ୍ତୁ ଥିଲା, "ଆମ ଓଡ଼ିଆ ଉପନ୍ୟାସ"। ଏହାକୁ 'ଓସା'ର ସାହିତ୍ୟ ଓ ସଂସ୍କୃତି ବିଭାଗର ସଦସ୍ୟ ପ୍ରଶାନ୍ତ ଭୂୟାଁ, ତାପସୀ ମହାପାତ୍ର ଓ ଗଗନ ପାଣିଗ୍ରାହୀ ପରିଚାଳନା କରିଥିଲେ।

କାନାଡ଼ା ଓ ଆମେରିକାରୁ ଯେଉଁମାନେ ବିଭିନ୍ନ ସ୍ୱାଦର ଉପନ୍ୟାସ ଉପରେ ଆଲୋଚନା କରିଥିଲେ ସେମାନେ ହେଲେ ଚନ୍ଦ୍ରା ମିଶ୍ର ('କାଳୀବୋହୂ'- କୁନ୍ତଳାକୁମାରୀ ସାବତ), ସଂଯୁକ୍ତା ଶତପଥୀଙ୍କ ଅନୁପସ୍ଥିତିରେ ତାଙ୍କ ପାଇଁ ଅଶୋକ ପାଣିଗ୍ରାହୀ ('ନିଜ ନିଜ ପାନିପଥ' -ଜଗଦୀଶ ମହାନ୍ତି), କନକ ହୋତା ('ପୁନର୍ନବା'-ଦୀନନାଥ ପାଠୀ), କୁକୁ ଦାଶ ('ପଗଡ଼ି ପୁରୁଷ'- ଦାଶ ବେନହୁର), ସଲୋନୀ ମହାନ୍ତି ('ଅପରିଚିତା'-ପ୍ରତିଭା ରାୟ), ଶ୍ୱେତପଦ୍ମା ଦାଶ ('ବୁନ୍ଦାଏ ପାଣି'- ଗୋପୀନାଥ ମହାନ୍ତି), ପ୍ରଦୀପ ମହାପାତ୍ର ('ଏଇଠି ଆକାଶ"-ରାମଚନ୍ଦ୍ର ବେହେରା), ସୁନନ୍ଦା ମିଶ୍ର ପଣ୍ଡା ('ଅମୃତର ସନ୍ତାନ'- ଗୋପୀନାଥ ମହାନ୍ତି), ସାନ୍ତ୍ୱନା ଦାଶ ('ମାମୁଁ'- ଫକୀର ମୋହନ ସେନାପତି), ସୁମିତ୍ରା ପାଢ଼ୀ ('ପ୍ରେମପଥେ'- ଗୋଦାବରୀଶ ମହାପାତ୍ର), ସୁବ୍ରତ ମହାନ୍ତି ('କଳାବତୀ'-ଅପର୍ଣ୍ଣା ପଣ୍ଡା) ଓ ଗଗନ ପାଣିଗ୍ରାହୀ ('ଅନ୍ଧ ଦିଗନ୍ତ'- ସୁରେନ୍ଦ୍ର ମହାନ୍ତି)।

# ଶେଷ ପୃଷ୍ଠା



ପ୍ରଶାନ୍ତ ଭୂୟାଁ

# ନ୍ୟାସାପହ୍ନୁତି*

ସମୟଧାରରେ ଆଉ ପାଦେ ଆଗକୁ ଯିବାବେଳେ ଏଇ ଆଖି ଅଦେଖା ଦେଖୁଛି, ଅଶୁଣା ଶୁଣୁଛି, ହେଲେ ଅକୁହା କହିବାକୁ ପରାଙ୍‌ମୁଖ। ତେବେ ଯାହା ସତ୍ୟ ଓ ଆଖ୍ୟେୟ; ତାହା କହିବାକୁ ଆମର ସଂକୋଚ ନାହିଁ ।

ସାମ୍ପ୍ରତିକ ସ୍ଥିତିରେ ଶଂସିତ ପ୍ରସଙ୍ଗ କେତେ ପ୍ରାସଙ୍ଗିକ ତାହାର ନିର୍ଣ୍ଣୟକର୍ତ୍ତା କେବଳ ସୁଧୀ ପାଠକକୁଳ। ପଦୁଟିଏ ପଢ଼ିଥିଲି କୃଷ୍ଣସିଂହ ମହାଭାରତରୁ,

ବ୍ରହ୍ମଘାତୀ ମଦ୍ୟପୀ ନ୍ୟାସ ଅପହାରୀ,
ମାତୃ ଅଗ୍ନି ଯେ ପିତୃତ୍ୟାଗୀ ପାପକାରୀ।

ମନ୍ତ୍ରସାଧନା କାଳରେ କରନ୍ୟାସ ତଥା ଅଙ୍ଗନ୍ୟାସ କରି ତତ୍ପରେ ଧ୍ୟେୟ ଦେବତାଙ୍କ ଧ୍ୟାନ କରି ଶେଷରେ ମନ୍ତ୍ର ଜପ କରାଯାଏ ବୋଲି କଥିତ ଅଛି। ଏହା ଦ୍ୱାରା ମନ୍ତ୍ର ଚୈତନ୍ୟ ପ୍ରାପ୍ତ ହୁଏ; ଏହା ହିଁ ବିଧେୟ। ସେହିମତେ ଏଇ ମନବୋଧ ଅଛି ଯେ ସାହିତ୍ୟ ସାଧନା ନିମିତ୍ତ ଭାଷାବୋଧ, ବନାନଶୁଦ୍ଧି, ବ୍ୟାକରଣଜ୍ଞାନ, ସାହିତ୍ୟପାଠ, ରସଭାବ ପ୍ରସଙ୍ଗ ମର୍ମରେ ପ୍ରଜ୍ଞାଦୀପ୍ତ ହେବା ଆବଶ୍ୟକ। ଜଣେ ଆଦର୍ଶ ସାହିତ୍ୟିକର କୃତି ପାଠ ବେଳେ ପାଠକକୁ ଏହି ଗୁଣବତ୍ତା ଅନୁଭୂତ ହୁଏ। ସେ ଏହି ରଚନାରେ ଲେଖକକୁ ସାହିତ୍ୟତତ୍ତ୍ୱ ନ୍ୟାସିକ ବୋଲି ଭାବେ। ତେଣୁ ତ ସେ ବିଶ୍ୱାସରେ ଲେଖକକୁ ବେଳେବେଳେ ଅବତାରୀ ଦ୍ୱିତୀୟ ବ୍ରହ୍ମା ବୋଲି ଅଭିହିତ କରିଥାଏ।

ଅପିତୁ, ନ୍ୟାସାପହ୍ନୁତି ହୁଏ। ପାଠକ ନିରାଶ ହୁଏ ତଥା ଏହି ଅବତାରୀର ମାନସମୂର୍ତ୍ତି ଭାଙ୍ଗି ଚୁରୁମାର୍ ହୋଇଯାଏ। ସାହିତ୍ୟ ସଂସାରରେ ଅନୁପ୍ରବେଶ ହୁଏ ଭାଷାବୋଧ ନଥିବା ବ୍ୟକ୍ତିବିଶେଷଙ୍କର, ଯେଉଁମାନେ ସାହିତ୍ୟକୁ ସାଧନା ନୁହେଁ ବରଂଚ ଏହାକୁ ସମ୍ମାନର ସହଜ ସିଢ଼ି ଭାବି ଆସିଥାନ୍ତି। ବନାନଶୁଦ୍ଧି ତ ଦୂରର କଥା; ବନାନର ବନାନ ମଧ୍ୟ ନିର୍ଭୁଲ ଭାବେ ଲେଖିପାରନ୍ତି ନାହିଁ। ବ୍ୟାକରଣ ସେମାନଙ୍କ ପାଇଁ ଏକ ଅବୁଝା ପ୍ରହେଳିକା ହୋଇ ରହିଥାଏ। ଅକ୍ଷର ପଣେ ଶିଖି ସେମାନେ ସିଧା ଲେଖକ ଆସନରେ ଉପବିଷ୍ଟ ହୁଅନ୍ତି। ଏଣୁ ସାହିତ୍ୟପାଠ ପାଇଁ ସେମାନେ ଅନାଗ୍ରହୀ ହୋଇ ରୁହନ୍ତି। ପୁସ୍ତକକ୍ରୟ, ଥାକସଜ୍ଜା ବୋଧରେ ପୁସ୍ତକକୁ ଏକ ସାଜସଜ୍ଜାର ବସ୍ତୁ ବୋଲି ସଂସାରକୁ ଦେଖାଇଥାଆନ୍ତି ଏହି ଛଦ୍ମବେଶୀ ଲେଖକକୁଳ। ସାହିତ୍ୟ ପାଠ, ଦର୍ଶନ, ଶ୍ରବଣ ଓ ଚିନ୍ତାରେ ଯେଉଁ ସ୍ଥାୟୀଭାବ ଜନ୍ମେ ସେହି ସ୍ଥାୟୀ ଭାବୋତ୍ପାଦିକା ଶକ୍ତି ହିଁ ରସ। ପ୍ରତ୍ୟେକ ରସର ସ୍ଥାୟୀଭାବ, ଆଲମ୍ବନ, ଉଦ୍ଦୀପନ, ବିଭାବ, ଅନୁଭାବ ଓ ବ୍ୟଭିଚାର ଭାବ ଅଛି। ଯେପରିକି, ଶୃଙ୍ଗାର ବା ଆଦିରସ, ହାସ୍ୟରସ, କରୁଣ ରସ, ରୌଦ୍ର ରସ, ବୀର ରସ, ଭୟାନକ ରସ, ବିଭତ୍ସ ରସ, ଅଦ୍ଭୁତ ରସ ଓ ଶାନ୍ତ ରସ। ପଣ୍ଡିତଗଣ ବତ୍ସଳ ରସକୁ ଦଶମ ରସ ବୋଲି ମଧ୍ୟ କୁହନ୍ତି। ସାହିତ୍ୟର ନବରସ ଭାବରେ ନିରସ ଏଇ ଅକୃତବୁଦ୍ଧିଗଣ। ଏଣୁ ଏମାନଙ୍କ ରଚନାକୁ ସାହିତ୍ୟ ପଦବାଚ୍ୟ କହିବା କେତେ ଦୂର ସମୀଚୀନ ତାହା ପାଠକକୁଳ ହିଁ ବିଚାର କରନ୍ତୁ।

ଏଣୁ ଏଇ ମନ କହେ; ଏଭଳି ଲେଖକଗଣ ହିଁ ସାହିତ୍ୟର ନ୍ୟାସାପହ୍ନୁତି କରିଥାନ୍ତି ଆଉ କୁଢ଼େଇ ଦିଅନ୍ତି ଏଭଳି ରଚନାସମଗ୍ର ଯାହା ବ୍ୟକ୍ତି, ସମାଜ ତଥା ଆଗାମୀ ପିଢ଼ି ନିମନ୍ତେ ଅଜାଗଳସ୍ତନ ପ୍ରାୟେକ ଅପ୍ରୟୋଜନୀୟ ହୋଇଥାଏ।

ସାହିତ୍ୟ ଶାଶ୍ୱତ, ପବିତ୍ର ଓ ନିତ୍ୟ – କେବଳ ଦୁଇଚାରି ପଦ ଲେଖା ଅକ୍ଷର ନୁହେଁ । ଓଡ଼ିଆ ସାହିତ୍ୟର ଯାତ୍ରା ଶବ୍ଦରୁ ସୃଷ୍ଟି, ସୃଷ୍ଟିରୁ ସଚେତନତା। ଏଣୁ ତ ଖୋଜା ଚାଲିଛି ମୌଳିକତା।

–ପ୍ରଭୂ

***ନ୍ୟାସାପହ୍ନୁତି-** ନ୍ୟସ୍ତ ବସ୍ତୁର ଅପବ୍ୟବହାର

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com


ଓମ୍‌ଫେଡ୍ ®
କ୍ଷୀର ଓଡ଼ିଶାର
ଇଂରାଜୀ ନବ ବର୍ଷ
୨୦୨୬ ର
ଅଭିନନ୍ଦନ
ନୂଆବର୍ଷରେ ଶୁଦ୍ଧତା ଓ ସ୍ୱାଦର ଗ୍ୟାରେଣ୍ଟି
ଆମ ଓମ୍‌ଫେଡ୍, ଆମ ଅସ୍ମିତା
omfed GHEE
omfed Plus+ Toned MILK
omfed PLAIN CURD
omfed Dairy Whitener
omfed A2 Binjarpuri COW GHEE
omfed Cow Ghee
omfed Paneer
ଛେନା ପୋଡ
Premium Milk
Toned milk
LASSI
PEDA
Butter
Rabidi
www.omfed.com




# ଓଡ଼ିଆ ଖାଦ୍ୟ ପରମ୍ପରାର ବିନମ୍ର ପ୍ରହରୀ



ଓଡ଼ିଆଣୀ
ODIANEE

**ଏକ ପ୍ରୟାସ ମାତ୍ର**

ଜାତୀୟ ରାଜପଥ -୧୬, ପାଣିକୋଇଲି, ଜିଲ୍ଲା: ଯାଜପୁର

ମୋବାଇଲ: ୯୪୩୭୦୭୮୩୬୧

SAHITYA CHARCHA ● February 2026 ● Rs.50 ● RNI No: ODIODI/2022/81590 ● Postal Regn. No.RMS 'N' Dn/004/202527




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy